ISSN: 2583-147X (P)
ISSN: 3048-8958 (O)

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ ପତ୍ରିକା



The Official Journal of
Prachee Centre for
Cultural Relations

Prachee Patrika

ମାର୍ଚ୍ଚ ୨୦୨୫
ମୂଲ୍ୟ : ୨୫ ଟଙ୍କା

Voice for Voiceless

# SARVODAYA SOCIETY GOALS

1. Stop Contaminating Water
2. Stop Polluting Air
3. Stop Plastic Use
4. Save Earth
5. Stop Drug Abuse and Alcoholism
6. Stop Untouchability
7. Help Dibyanga
8. Help Mentally Disable Person
9. Help Senior Citizens
10. Help Sick Person
11. Help Poor Children
12. Help Poor Women
13. Planting Tree
14. Protecting Animals and Birds
15. Spreading Basic Education
16. Women Empowerment
17. Cleanliness Campaign
18. Satya and Ahmisha
19. Health and Hygienic
20. Communal Harmony
21. Vocational Education
22. Cottage Industries
23. Village Economy
24. Self Help Groups
25. Feed the Need
26. Farming and Agriculture

Voice for Voiceless

SARVODAYA SOCIETY GOALS

For Positive Constrictive Programme

**Prachee Centre for Cultural Relations(PCCR)**
**Niladri Vihar**
**Naya Bazar, Cuttack-753004**

Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.



ପ୍ରେରଣାର ଉତ୍ସ
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ  ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିହ୍ନାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

# ଓଁ 'ପ୍ରାଚୀ'ର କଲମ ଓଁ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତ୍ତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସେଣ୍ଟର ଫର କଲଚରାଲ ରିଲେସନ୍ସ

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦୀପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ
ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବଭ୍ରୁବାହାନ ମହାପାତ୍ର**
ଓଡ଼ିଆ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର କମଳ ମାହୁନ୍ତ**
ଅଧ୍ୟାପକ
ଓଡ଼ିଆ ବିଭାଗ

**ଡକ୍ଟର ନାକୁ ହାଁସଦାଃ**
ସହାୟକ ପ୍ରଫେସର
ସ୍ନାତକୋତ୍ତର, ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧ୍ୟାପିକା
ଓଡ଼ିଆ ବିଭାଗ



# ପ୍ରାଚୀର ନିୟମାବଳୀ

1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ଟିକିଏ କଷ୍ଟ
## ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 10, March 2025, Issue No. XII
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2025-2027

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ଅଳଙ୍କରଣ :
**ବିଭୁପ୍ରସାଦ ନାୟକ**

ୱେବ ଡ଼ିଜାଇନର୍ :
ଶୁଭ୍ରାଂସୁ ଶତପଥି

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

୧. ଭର୍ଣ୍ଣାକୁଲାର ବ୍ୟବସ୍ଥାରେ ଓଡ଼ିଆ ଭାଷା: ରେଭେନ୍ସା ଶିକ୍ଷାନୁଷ୍ଠାନ ଓ କଲିକତା ବିଶ୍ୱବିଦ୍ୟାଳୟ
ସଂଘମିତ୍ରା ବେହେରା ... ୦୯

୨. ପରିବେଶ ନାରୀବାଦ: ଲିଙ୍ଗ ଏବଂ ପରିବେଶ ସମ୍ପର୍କ ଚର୍ଚ୍ଚା
ପଲ୍ଲୀଶ୍ରୀ ପଟ୍ଟନାୟକ ... ୧୪

୩. ରାମଦାସ ହଠାତ୍ ବଦଳିଗଲା କାହିଁକି ?
ଚିନ୍ମୟ ସାମଲ ... ୨୫

୪. ଗଞ୍ଜାମ ଜିଲ୍ଲାର ସାହିତ୍ୟିକ ପରଂପରାରେ: ଓଡିଆ ନାଟକର ଭୂମିକା
କୁନା ଜେନା ... ୨୯

୫. ଆଧ୍ୟାତ୍ମିକ ଚେତନାର ଉତ୍ତରଣ : କବି ହରିହର ମିଶ୍ର
ପ୍ରାଚୀପ୍ରଭା ସାଏନ୍ତ ... ୩୫

୬. ଗୌରହରି ଦାସଙ୍କ ଗଳ୍ପରେ ଗ୍ରାମୀଣ ଚରିତ୍ର
**ସରଳା ସ୍ୱାଇଁ... ୪୦**

୭. ବିକଶିତ ରାଷ୍ଟ୍ର ନିର୍ମାଣରେ ଲେଖକର ବୈଜ୍ଞାନିକ ଅନୁଚିନ୍ତା : ପ୍ରସଙ୍ଗ ଗୋକୁଳାନନ୍ଦ ମହାପାତ୍ରଙ୍କ ଉପନ୍ୟାସ
**ଅମରେଶ ସେନାପତି... ୪୬**

୮. ଜୀବନର ସୂକ୍ଷ୍ମ ବିଶ୍ଳେଷଣ – 'ତଟନିରଞ୍ଜନା' ଏକ ଅନୁଶୀଳନ
ମମତା ରାଣୀ ବାରିକ ... ୫୪

୯. କବି ଦାଶରଥି ଦାସ ଓ 'ବ୍ରଜବିହାର' କାବ୍ୟ : ଏକ ଅନୁଶୀଳନ
ପ୍ରଦ୍ୟୁମ୍ନ ସାହୁ ... ୫୭

୧୦. ମହାପାତ୍ର ନୀଳମଣି ସାହୁଙ୍କ ରମ୍ୟରଚନାରେ ହାସ୍ୟରସ
କାମାକ୍ଷା ବେହେରା ... ୬୬

VOICE FOR VOICELESS SOCIETY, INDIA
Regd. No. : 23717/65



# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ଆପଣଙ୍କର ମୁଠାଏ ଦାନା
# ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**

# ଓଡ଼ିଆ ଭାଷା ପାଇଁ ଆହ୍ୱାନ



'ଏକଟି ସ୍ୱତନ୍ତ୍ର ଭାଷା ନଏ' ପରି କାନ୍ତିଚନ୍ଦ୍ରୀୟ ଚକ୍ରାନ୍ତର ଶୀକାର ହୋଇ ନିଜର ସ୍ୱତନ୍ତ୍ର ପରିଚିତି ହରାଇବାର ଦ୍ୱାରଦେଶରୁ ସଦର୍ପେ ଉଠି ନିଜକୁ ପ୍ରତିପାଦିତ କରିପାରିଥିବା ଓଡ଼ିଆ ଭାଷା ଅନେକ ଦୃଷ୍ଟିରୁ ଏକ ବିଶିଷ୍ଟ ବର୍ଗୀୟ ଭାଷା । ବହୁଭାଷୀ ଭାରତରେ ଭାଷାଭିତ୍ତିକ ଏକ ରାଜ୍ୟ ଗଠନରେ ସହାୟତା କରିଥିବା ପ୍ରଥମ ଭାଷା ହିଁ ଓଡ଼ିଆ । ପୁରାତନ ଭାଷା ସଂସ୍କୃତକୁ ବାଦ ହେଲେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ପ୍ରଥମ ଆର୍ଯ୍ୟଭାଷା ହିଁ ଓଡ଼ିଆ । ଏହି ଭାଷା କେବଳ ଓଡ଼ିଶାର ସରକାରୀ ଭାଷା ନୁହେଁ; ଏହା ମଧ୍ୟ ଝାଡ଼ଖଣ୍ଡର ଦ୍ୱିତୀୟ ସରକାରୀ ଭାଷା । ଏହି ଭାଷାର ପ୍ରସାର ନିମନ୍ତେ ଗୁଗୁଲ୍ ଓ ମାଇକ୍ରୋସଫ୍ଟ ପରି କମ୍ପାନୀ ସେମାନଙ୍କ ସ୍ୱତଃ ଅନୁବାଦ ପଦ୍ଧତି ମାଧ୍ୟମରେ ଡିଜିଟାଲ ପ୍ଲାଟଫର୍ମର ସୁଯୋଗ ଉପଲବ୍ଧ କରାଇ ଦେଇଛନ୍ତି । ଓଡ଼ିଆ ଭାଷାର ସାହିତ୍ୟ ସମ୍ଭାର ବେଶ୍ **ଗରିମାମୟ** ଓ ସମୃଦ୍ଧ । ଅନ୍ୟ ଯେ କୌଣସି ଆଞ୍ଚଳିକ ଭାଷା ସହ ଏହା ତୁଳନୀୟ । ଏବେ ଆଉ ଆତ୍ମରକ୍ଷା ନୁହେଁ; ପକ୍ଷ ବିସ୍ତାର କରି ଜାତୀୟ, ଆନ୍ତର୍ଜାତୀୟ ଗଠନରେ ଛାଇଯିବା ପରି ଦକ୍ଷତା ଦେଖାଇଛି ଓଡ଼ିଆ ଭାଷା । ଏହାକୁ ବଳିଷ୍ଠ ଓ ଋଦ୍ଧିମନ୍ତ କରିବା ନିମନ୍ତେ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ଅନୁଷ୍ଠାନ ଓ ସଂଗଠନ କାର୍ଯ୍ୟ କରୁଛନ୍ତି । ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା ବ୍ୟତୀୟ ବେସରକାରୀ ସ୍ତରରେ କାର୍ଯ୍ୟକରୁଥିବା ସାହିତ୍ୟ ସଂଗଠନ ଗୁଡ଼ିକର ମାନ ଅନ୍ୟ ଯେକୌଣସି ଆଞ୍ଚଳିକ ସଂଗଠନ ତୁଳନାରେ ଆଗରେ ରହିପାରିବ । ପ୍ରତିଯୋଗିତା କଳାପରି ରାଜ୍ୟସ୍ତରୀୟ, ଜିଲ୍ଲା ସ୍ତରୀୟ- ଏପରିକି ଛୋଟ ସହରମାନଙ୍କରେ ସାହିତ୍ୟ ମହୋତ୍ସବ, କବିତା ପାଠୋତ୍ସବ, ସମ୍ବର୍ଦ୍ଧନା ସଭା, ପୁସ୍ତକ ମେଳା ଆଦିର ଆୟୋଜନ କରାଯାଉଛି ।

ମାତୃଭାଷାରେ ଶିକ୍ଷାଦାନ ଦ୍ୱାରା ଆଞ୍ଚଳିକ ଭାଷା ପରିପୁଷ୍ଟ ହୋଇପାରେ । ମହାତ୍ମାଗାନ୍ଧୀ ସ୍ୱାଧୀନତା ଆନ୍ଦୋଳନ ସମୟରୁ ବିଦେଶୀ ଭାଷା ବର୍ଜନ କରି, ଆତ୍ମାସହ ଜଡ଼ିତ ମାତୃଭାଷାକୁ ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ତାଙ୍କ ମତରେ ଆମ ଭାଷା ହିଁ ଆମର ପରିଚୟ । ଚିନ୍ତାଧାରାର ପରିପ୍ରକାଶ ନିମେନ୍ତେ ନିଜ ଭାଷାକୁ ଦୁର୍ବଳ ବୋଲି କହିବା ଅର୍ଥ ଖୁବ୍ ଶୀଘ୍ର ବିଲୁପ୍ତି ଆଡ଼କୁ ଗତି କରିବା । ଇଂରେଜ ଭାଷାକୁ ଆନ୍ତର୍ଜାତିକ ବାଣିଜ୍ୟ ଓ ବିଭିନ୍ନ ରାଷ୍ଟ୍ର ମଧ୍ୟରେ କୁଟନୈତିକ ସଂପର୍କ ସ୍ଥାପନାର ଆବଶ୍ୟକତା ମଧ୍ୟରେ ସୀମିତ ରଖିବାକୁ ସେ ପରାମର୍ଶ ଦେଇଥିଲେ । ନିଜ ମାତୃଭାଷାର ଉପେକ୍ଷା ଆଉ ଅନାଦର ଅର୍ଥ ଦେଶକୁ କ୍ଷତି ପହଞ୍ଚାଇବା । ଗାନ୍ଧିଜୀ ତାଙ୍କ 'ଆତ୍ମଜୀବନୀ', 'ହିନ୍ଦ୍ ସ୍ୱରାଜ' ପୁସ୍ତକ ସମେତ ଜନ ରସ୍କିନଙ୍କ 'ଅନ୍ ଟୁ ଦିସ୍ ଲାଷ୍ଟ' ପୁସ୍ତକର ଅନୁବାଦ ଗୁଜୁରାଟୀ ଭାଷାରେ କରିଥିଲେ । ସ୍ୱରାଜ ଶବ୍ଦର ଅର୍ଥକୁ ପ୍ରତ୍ୟେକ ଦେଶବାସୀ ନିଜ ମାତୃଭାଷାରେ ଭଲଭାବରେ ବୁଝିପାରିବେ ବୋଲି ସେ କହୁଥିଲେ । ନିଜ ମାଆ ପରି ମାତୃଭାଷା ପ୍ରତି ପ୍ରତ୍ୟେକ ବ୍ୟକ୍ତିଙ୍କର ଶ୍ରଦ୍ଧା ଓ ଭଲପାଇବା ରହିବା ଉଚିତ୍ । ଇଂରେଜ ଭାଷାକୁ ନକଲ କରୁଥିବା ଜନସାଧାରଣଙ୍କୁ ନେଇ କୌଣସି ଦେଶ ଏକ ଜାତିରେ ପରିଣତ ହୋଇପାରିବ ନାହିଁ । ରୁଷିଆର ଉଦାହରଣ ଦେଇ ସେ କହିଥିଲେ ଯେ ଇଂରାଜୀ ଭାଷା ନ ଜାଣି ନିଜ ମାତୃଭାଷାରେ ଜ୍ଞାନ ଆହରଣ କରି ବିଜ୍ଞାନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରାଯାଇପାରେ । ମାନସିକ ହୀନମନ୍ୟତାର ଶିକାର ବ୍ୟକ୍ତିମାନେ ଧରି ନେଇ ଥାଆନ୍ତି ଯେ ଇଂରାଜୀ ଭଷା ବିନା କିଛି ହାସଲ କରାଯାଇ ପାରିବ ନାହିଁ । କେବଳ ଗାନ୍ଧିଜୀ ନୁହଁନ୍ତି, ଶିକ୍ଷାର ବିକାଶ ନିମନ୍ତେ ଗଠିତ ପ୍ରତିଟି କମିଟି ଓ କମିଶନ ଛାତ୍ରଛାତ୍ରୀଙ୍କ ବୋଧଶକ୍ତିର ବିକାଶ ନିମନ୍ତେ ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନ ସପକ୍ଷରେ ମତବ୍ୟକ୍ତ କରିଛନ୍ତି । ୨୦୨୦ ର ଜାତୀୟ ଶିକ୍ଷାନୀତିରେ ବୈଷୟିକ ସମେତ ସମସ୍ତ ଶିକ୍ଷା ମାତୃଭାଷାରେ କରାଯିବା ନିମନ୍ତେ ନିର୍ଦ୍ଦେଶ ରହିଛି । ଅନ୍ୟ ରାଜ୍ୟମାନଙ୍କ ପରି ଓଡ଼ିଶାରେ ତ୍ରିଭାଷୀ ସୂତ୍ର ଲାଗୁ ହେବା ସହ ମାଧ୍ୟମିକ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନ କରାଯାଉଛି ।

ଏହା ସତ୍ୟ ଯେ ଜଗତିକରଣ ପ୍ରଭାବିତ ବିଶ୍ୱରେ ଇଂରାଜୀ ଭାଷା ହିଁ ଉପାର୍ଜନ ଓ ଆର୍ଥିକ ସଶକ୍ତିକରଣର ଏକ ବଳିଷ୍ଠ ମାଧ୍ୟମ ରୂପେ ସ୍ୱୀକୃତ । ସ୍ୱାଧୀନତାର ଏତେବର୍ଷ ପରେ ମଧ୍ୟ ଭାରତୀୟ ସାମାଜିକ ଓ ସାଂସ୍କୃତିକ ଜୀବନକୁ ଇଂରାଜୀ ଭାଷା ବିଶେଷ ରୂପରେ ପ୍ରଭାବିତ କରିପାରିଛି । ଅନେକ ବୁଦ୍ଧିଜୀବି, ସାହିତ୍ୟ ଅନୁରାଗୀ ଏବେ ଓଡ଼ିଆ ଭାଷାର ଭବିଷ୍ୟତ ନେଇ ସନ୍ଦୀହାନ । ଅବିଭାବକଙ୍କ ପାଇଁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ଅପେକ୍ଷା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପ୍ରଥମ ପସନ୍ଦ ହୋଇଥିବାରୁ, ଏହି ସନ୍ଦେହ ଅଧିକ ଘନୀଭୂତ ହେବାରେ ଲାଗିଛି ।

ଏହି ଆଶଙ୍କା କେବଳ ଓଡ଼ିଆ ଭାଷା ନିମନ୍ତେ ପ୍ରଯୁର୍ଯ୍ୟ ନୁହେଁ; ଅନ୍ଷେ ବହୁତେ ସବୁ ଆଞ୍ଚଳିକ ଭାଷା ଏବେ ବିପନ୍ନତାର ଶୀକାର ହୋଇଛନ୍ତି । ଜଳବାୟୁ ପରିବର୍ତ୍ତନ ସମସ୍ୟା ପରି ଏହାର କୌଣସି ତତ୍‌କାଳୀକ ପ୍ରଭାବ ଅନୁଭୂତ ହେଉନଥିବାରୁ ଅନେକ ହୁଏତ ଏହାର ଗୁରୁତ୍ୱ ବୁଝିପାରୁ ନାହାନ୍ତି ।


ଓଡ଼ିଆ ଭାଷାର ପ୍ରାଚୁର୍ଯ୍ୟ ଆଉ ଐତିହ୍ୟ ଅଥବା ଶାସ୍ତ୍ରୀୟ ମାନ୍ୟତା ଯଥେଷ୍ଟ ନୁହେଁ । ବିଜ୍ଞାନ ଓ ବୈଷୟିକ ଶିକ୍ଷା ନିମନ୍ତେ ମାତୃଭାଷାରେ ଯଥେଷ୍ଟ ପାଠ୍ୟ ଉପକରଣ ଉପଲବ୍ଧ ନୁହେଁ । ଇଂରାଜୀ ଭାଷାକୁ ବିଜ୍ଞାନ ଓ ବୈଷୟିକ ବିଦ୍ୟାର ଭାଷା ରୂପେ ଗଣାଯାଉଛି । ଇଲେକଟ୍ରନ ପରି ଶହ ଶହ ବୈଜ୍ଞାନିକ ଶବ୍ଦର ସଠିକ ଓଡ଼ିଆ ପ୍ରତିଶବ୍ଦ କରାଯାଇପାରି ନାହିଁ । ଭିନ୍ନ ଭିନ୍ନ ଓଡ଼ିଆ ଭାଷାବିତ୍ ଗୋଟିଏ ଇଂରାଜୀ ଶବ୍ଦର ଅଲଗା ଅଲଗା ଅର୍ଥ ବାହାର କରୁଛନ୍ତି । ଅନେକ ସମୟରେ ଇଂରାଜୀ ଅପେକ୍ଷା ଓଡ଼ିଆରେ ତାହା ଅଧିକ କଷ୍ଟକର ଆଉ ଜଟିଳ ହୋଇପଡୁଛି । ବୈଜ୍ଞାନିକ ଶବ୍ଦଗୁଡିର ଓଡିଆ ଭାଷାନ୍ତର ନକରି ମୂଳ ଇଂରାଜୀରେ ଭାଷାରେ ଗ୍ରହଣ କରାଯାଇପାରେ। ତଦ୍ୱାରା ମାତୃଭାଷାରେ ବୈଷୟିକ ଶିକ୍ଷା ଅଧିକ ଆଦୃତ ହେଇପାରିବ।

ବୈଷୟିକ ଜ୍ଞାନ କୌଶଳ ସହ ସାମାଜିକ ଗଣମାଧ୍ୟମରେ ସଦର୍ପେ ଉଭା ନହେଲେ, ଓଡ଼ିଆ ଭାଷା ଧୀରେ ଧୀରେ ଆଦୃତି ହରେଇ ବସିବ । ବିଭିନ୍ନ ବିଷୟ, ପ୍ରସଙ୍ଗ, ଘଟଣା, ତତ୍ତ୍ୱ, ଦୃଶ୍ୟପଟ, ସ୍ଥାନ, ସମସ୍ୟା, ବ୍ୟକ୍ତିବିଶେଷ ଆଦି ଉପରେ ଉଚ୍ଚମାନର ଓଡ଼ିଆ ଡିଜିଟାଲ ଟିପ୍ପଣୀ ବା କଣ୍ଟେଣ୍ଟ ନାହିଁ । ଓଡ଼ିଆ ଲିପିର ଯୁକ୍ତାକ୍ଷର ବନାନ ବା ବ୍ୟାକରଣଗତ ଶୁଦ୍ଧତାର ପରୀକ୍ଷଣ ନିମନ୍ତେ ବୈଷୟିକ କୌଶଳ ବିକଶିତ ହୋଇପାରି ନାହିଁ । କମ୍ପ୍ୟୁଟରରେ ପ୍ରକ୍ରିୟାକରଣ ପାଇଁ ଶବ୍ଦ ବା ତଥ୍ୟର ନିବେଶ (ଇନ୍‌ପୁଟ୍) ନିମନ୍ତେ ଏକ ଉନ୍ନତମାନର କି-ବୋର୍ଡ଼ର ଆବଶ୍ୟକତା ରହିଛି । ଓଡ଼ିଆ ଭାଷାର ସ୍ୱାଭାବିକ ପ୍ରକ୍ରିୟାକରଣରେ ଇଂରାଜୀ ଭାଷା ପରି ଆଭାଷୀ ସହାୟତା (ଭର୍ଚୁଆଲ୍ ଆସିଷ୍ଟାଣ୍ଟ) ମଧ୍ୟ ବିକଶିତ ହେବା ଆବଶ୍ୟକ । ଓଡ଼ିଆ ସାହିତ୍ୟରେ ଚୋରି (ପ୍ଲେଜରିଜମ୍) ଧରିବା ନିମନ୍ତେ ଅନୁସନ୍ଧାନ କୌଶଳ ଓଡ଼ିଆ ଭାଷା କ୍ଷେତ୍ରରେ ନାହିଁ । ଫଳରେ ଅନ୍ୟର ଭାଷା, ବିଚାର ଆଉ ଶୈଳୀକୁ ନକଲ କରି ନିଜର ମୌଳିକ କୃତି ରୂପେ ଦର୍ଶାଇବା ଏକ ସାଧାରଣ ଘଟଣା ହୋଇଯାଇଛି । ଓଡ଼ିଆ ଭାଷାରେ କୌଣସି ରଚନା ନିମନ୍ତେ ନିଆଯାଉଥିବା ସହାୟକ ପୁସ୍ତକର ଉଦ୍ଧୃତି ନିମନ୍ତେ ଏକ ସାଧାରଣ ମାନଦଣ୍ଡ ମଧ୍ୟ ବିକଶିତ ନ ହୋଇପାରିବା କ୍ଷୋଭର ବିଷୟ । ଇଂରାଜୀ ଭାଷାରେ ଲିଖିତ ଯେ କୌଣସି ବିଷୟର ସନ୍ଦର୍ଭ ନିମନ୍ତେ ଆମେରିକାନ ସାଇକୋଲୋଜିକାଲ ଆସୋସିଏସନ ଦ୍ୱାରା ନିର୍ଦ୍ଧାରିତ ସଙ୍କେତ ବା ଉଦ୍ଧୃତି ନିୟମ ଅନୁସରଣ କରାଯାଏ । ଓଡ଼ିଆ ଭାଷା ସାହିତ୍ୟର ଗବେଷଣା କ୍ଷେତ୍ରରେ ସହାୟତା ନିଆଯାଉଥିବା ମୂଳ ଉତ୍ସର ସ୍ୱୀକୃତି ନିମନ୍ତେ ଏକ ଗ୍ରହଣୀୟ ମାନଦଣ୍ଡ **ନିର୍ଦ୍ଧାରିତ** ହୋଇପାରି ନାହିଁ ବୋଲି ଜଣେ ସାହିତ୍ୟ ଅନୁରାଗୀ କ୍ଷୋଭର ସହ ପ୍ରକାଶ କରିଛନ୍ତି ।

ଇଂରାଜୀ ଭାଷା ସହ ଓଡ଼ିଆ ଭାଷାର ପ୍ରତିଦ୍ୱନ୍ଦିତା ନାହିଁ । ଉଭୟ ଭାଷାରେ ବ୍ୟୁତ୍ପତ୍ତି ହାସଲ କରିପାରିଲେ, ଅନେକ କାଳଜୟୀ ଓଡ଼ିଆ ସାହିତ୍ୟର ଇଂରାଜୀ ଅନୁବାଦ ହୋଇପାରିବ ଓ ବିଶ୍ୱ ଦରବାରରେ ଓଡ଼ିଆ ଭାଷା ସାହିତ୍ୟର ଗୌରବ ବୃଦ୍ଧି ଘଟି ପାରିବ । ଏଥିନିମନ୍ତେ ବୈଷୟିକ ଜ୍ଞାନ ସଂପନ୍ନ ସାହିତ୍ୟ କର୍ମୀଙ୍କ ସହାୟତା, ସରକାରୀ ପ୍ରୋତ୍ସାହନ, ଓଡ଼ିଆ ଜନସାଧାରଣଙ୍କ ଆଗ୍ରହ ଏକାନ୍ତ ଆବଶ୍ୟକ । କେତେଜଣ ଭାଷାପ୍ରେମୀଙ୍କ ଉଦ୍ୟମ ଓ ଚିକାଗୋ ବିଶ୍ୱବିଦ୍ୟାଳୟର ସହାୟତାରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ୱେବସାଇଟରେ ଉପଲବ୍ଧ ହୋଇପାରିଛି । ଓଡ଼ିଆ ଆମ ଜୀବନର ଭାଷା । ଇଂରାଜୀ ପରି ଜୀବିକା ଭାଷାର ଗୁରୁତ୍ୱ ରହିଛି ସତ, କିନ୍ତୁ ଆତ୍ମମର୍ଯ୍ୟାଦାର ସହ ବଞ୍ଚି ରହି ନିଜ ସାମାଜିକ ଓ ସାଂସ୍କୃତିକ ଜୀବନକୁ ସମୃଦ୍ଧ କରିବା ନିମନ୍ତେ ଓଡ଼ିଆ ଭାଷାକୁ ପାଥେୟ କରିବାକୁ ପଡ଼ିବ । ଲେଖକ / ପ୍ରକାଶକଙ୍କ ଅନୁମତିରେ ଅଥବା ମୁଦ୍ରାଧିକାର (କପିରାଇଟ) ସମସ୍ୟା ନଥିବା ଓଡ଼ିଆ ପୁସ୍ତକମାନ ଇଣ୍ଟରନେଟ୍‌ରେ ମିଳି ପାରିଲେ ବୃହତ୍ତର ପାଠକ ଗୋଷ୍ଠୀ ତିଆରି ହୋଇପାରିବେ । ପରିବର୍ତ୍ତିତ ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମ ମାତୃଭାଷାକୁ ବୈଷୟିକ ଜ୍ଞାନ କୌଶଳ ଦ୍ୱାରା ପରିମାର୍ଜିତ କରିବାର ସମୟ ଆସିଯାଇଛି ବୋଲି ଆମ ସମସ୍ତଙ୍କୁ ମାନି ନେବାକୁ ହେବ ।

**ପ୍ରଫେସର (ଡକ୍ଟର) ମନ୍ଦାକିନୀ ଦାସ**
ମୁଖ୍ୟ ସମ୍ପାଦିକା

**ଖୁସିର ସହିତ ଜଣାଉଛୁ ଯେ,**
**ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ**
**ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।**







## PRACHEE SAHITYA SAMAJ PUBLICATION

At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

DOI :https://doi.org/10.5281/zenodo.15253199 ମୂଳ ପ୍ରବନ୍ଧ

# ଭର୍ଣ୍ଣାକୁଲାର ବ୍ୟବସ୍ଥାରେ ଓଡ଼ିଆ ଭାଷା: ରେଭେନ୍ସା ଶିକ୍ଷାନୁଷ୍ଠାନ ଓ କଲିକତା ବିଶ୍ୱବିଦ୍ୟାଳୟ

**ସଂଘମିତ୍ରା ବେହେରା**

**ଅଭିପ୍ରାୟ ବା ଉଦ୍ଦେଶ୍ୟ::**

ଏହି ନିବନ୍ଧକୁ ନେଇ ପୂର୍ବରୁ ଆଖିଦୃଶିଆ ବା ଜାଣତରେ କୌଣସି ଚର୍ଚ୍ଚା ହୋଇନାହିଁ। ଭାଷା ପ୍ରଥମେ ଲୋକର ଭାଷା, କ୍ରମଶଃ ସର୍ଜନଶୀଳତାର ଭାଷା ପୁନଶ୍ଚ ଶିକ୍ଷାନୁଷ୍ଠାନ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକର ଭାଷା। ତେଣୁ ଓଡ଼ିଆ ଭାଷାର ସ୍ଥିତି ମୁଖନିଃସୃତ ଭାଷା ସାହିତ୍ୟ ଅପେକ୍ଷା ଶିକ୍ଷାନୁଷ୍ଠାନର ଭାଷା କ୍ଷେତ୍ରରୁ ଏଠାରେ ସନ୍ଧାନ କରାଯାଇଛି। ଏହାର ସମୟକୁ ଜାତୀୟ ବିଦ୍ୟାଳୟ ଅର୍ଥାତ୍ ୧୯୧୯-୨୦ ସମୟଖଣ୍ଡରୁ ସ୍ୱାଧୀନତା ପର୍ଯ୍ୟନ୍ତ ନିରୂପଣ କରାଯାଇଛି।

**ସଂକ୍ଷିପ୍ତସାର :**

ଓଡ଼ିଶାର ଉଚ୍ଚଶିକ୍ଷାରେ ଓଡ଼ିଆ ବିଭାଗ କେବେ ଖୋଲାଯାଇଥିଲା ଅନୁସନ୍ଧାନରୁ ମିଳିଥିଲା। ପୁନଶ୍ଚ ଔପନିବେଶବାଦ ପ୍ରତିଷ୍ଠା ଶିକ୍ଷା କ୍ଷେତ୍ରରେ ଭର୍ଣ୍ଣାକୁଲାର ବ୍ୟବସ୍ଥାରୁ କିଭଳି ଓଡ଼ିଶାରେ ଓଡ଼ିଆ ଭାଷା ସାହିତ୍ୟକୁ ରକ୍ଷା ଓ ପ୍ରତିଷ୍ଠା କରିଛି ତାହା ଭବିଷ୍ୟତ ଜିଜ୍ଞାସାଧାରୀଙ୍କ ନିକଟରେ ପହଞ୍ଚାଇବା, ଓଡ଼ିଆ ଭାଷାକୁ ଉଚ୍ଚଶିକ୍ଷାରେ ବାଧ୍ୟତାମୂଳକ, ସମ୍ମାନ, ଇଚ୍ଛାଧୀନ ବିଷୟରେ ରଖିବା, ଏହାକୁ ନେଇ ଉଚ୍ଚଶିକ୍ଷାରେ ପାଠ୍ୟପୁସ୍ତକ ନିର୍ଦ୍ଧାରଣ ହେଉଛି ଏହି ନିବନ୍ଧର ଉପସ୍ଥାପିତ ବିଷୟସାର।

**ପ୍ରମୁଖ ଶବ୍ଦାବଳୀ :**

ଭର୍ଣ୍ଣାକୁଲାର, ହାର୍ଡିଞ୍ଜଙ୍କ ଶିକ୍ଷା, ଉଡ୍ସ ଡେସ୍ପାଚ, ଶିକ୍ଷାନୀତି, ଓଡ଼ିଆ ଭାଷା, ଇଂରାଜୀ ଶିକ୍ଷା।

**ପ୍ରାପ୍ତ ଉତ୍ସ:**

ନିବନ୍ଧଟି ପାଇଁ ନଟବର ସାମନ୍ତରାୟଙ୍କ ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦), ରେଭେନ୍ସାଭିଆନ୍ର ୧୯୨୯, ୧୯୩୪, ୧୯୩୫, ୧୯୪୧,୧୯୪୨, ୧୯୪୩ ପତ୍ରିକା, Typical Selections from Oriya literature (B.C. Mazumdar)ଙ୍କ ପୁସ୍ତକ ସହାୟ ହୋଇଥିଲା। ଏହା ଓଡ଼ିଆ ଭାଷାର ଇତିହାସ ପରିକଳ୍ପନାର ଅନ୍ୟତମ ସହାୟକ ସୂତ୍ର। ଏଥିରେ ପତ୍ରପତ୍ରିକାଗୁଡ଼ିକ ମୂଳଉତ୍ସ। ଗୌଣ ଉତ୍ସ ହେଉଛି ଫକୀରମୋହନ ସେନାପତିଙ୍କ ଜୀବନଚରିତ, କୁଞ୍ଜବିହାରୀ ତ୍ରିପାଠୀଙ୍କ 'ଅଭିନନ୍ଦନ ଗ୍ରନ୍ଥ', ଗୋଲୋକ ବିହାରୀ ଧଳଙ୍କ ସ୍ମୃତି ଗ୍ରନ୍ଥକୁ ଆଧାର ରୂପେ ଗ୍ରହଣ କରାଯାଇଛି।

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253199

Article No - BPP00272

**ଅନୁସୃଜନ ପଦ୍ଧତି:** ବର୍ଣ୍ଣନାତ୍ମକ, ଐତିହାସିକ, ବ୍ୟାଖ୍ୟାନ ପଦ୍ଧତି ସହ ନଥିପତ୍ର ରେକର୍ଡ, ସାକ୍ଷାତକାର ପଦ୍ଧତିକୁ ଗ୍ରହଣ କରାଯାଇଛି।

**ଯୋଗାଯୋଗ :**
ସଂଘମିତ୍ରା ବେହେରା , ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**Email-** sanghamitraoriya@gmail.com
**ORCID ID:** https://orcid.org/0009-0009-4988-9406

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୧.୨୦୨୪ | ୧୦.୦୧.୨୦୨୫ | ୨୫.୦୨.୨୦୨୫ | ୧.୦୩.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ସଂଘମିତ୍ରା; ୨୦୨୫। ଭର୍ଣ୍ଣାକୁଲାର ବ୍ୟବସ୍ଥାରେ ଓଡ଼ିଆ ଭାଷା: ରେଭେନ୍ସା ଶିକ୍ଷାନୁଷ୍ଠାନ ଓ କଲିକତା ବିଶ୍ୱବିଦ୍ୟାଳୟ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ୦; ପୃଷ୍ଠା :୯-୧୩।

## ଆଲୋଚନା :

ଆଜିର ଶିକ୍ଷାନୁଷ୍ଠାନର ଓଡ଼ିଆ ଭାଷା ଊନବିଂଶ ଶତାବ୍ଦୀର ଶିକ୍ଷାଭିତ୍ତିକ ଶାସନ ବ୍ୟବସ୍ଥାରେ ଭର୍ଣ୍ଣାକୁଲାର ଭାଷାର ଆଦ୍ୟ ପ୍ରୟାସ। ଏହାର ଅର୍ଥ 'ଅଞ୍ଚଳର ଭାଷା'କୁ ବୁଝାଇଥାଏ। ଏହାର ଇଂରାଜୀ ରୂପ (ଭର୍ଣ୍ଣାକୁଲାର) ଯାହା ହେଉ; କିନ୍ତୁ ମୂଳ ଆଞ୍ଚଳିକ ଶବ୍ଦରୁ ଏହି 'ବର୍ଣ୍ଣ' ଶବ୍ଦଟିକୁ ଗ୍ରହଣ କରାଯାଇଥିବା କଥା ଅସ୍ୱୀକାର କରାଯାଇପାରେନା। ମେକ୍‌ଲ ଓ ତାଙ୍କ ପରେ ହାର୍ଡିଞ୍ଜଙ୍କ ଶିକ୍ଷା ନିୟମାବଳୀରେ ଭର୍ଣ୍ଣାକୁଲାରକୁ ଗୁରୁତ୍ୱ ଦିଆଯାଇନଥିଲା। ଫକୀରମୋହନ ସେନାପତିଙ୍କ 'ଆତ୍ମଚରିତ' ରଚନାରେ ଭର୍ଣ୍ଣାକୁଲାର ବିଷୟରେ କୁହାଯିବା ସହିତ ବାଲେଶ୍ୱରର ବାରବାଟୀ ବଙ୍ଗୋକ୍‌ଳ ବିଦ୍ୟାଳୟରେ ଓଡ଼ିଆ ପାଠ ସଂପର୍କରେ ଉଲ୍ଲେଖ ରହିଛି। ସେତେବେଳେ 'ବର୍ଣ୍ଣବୋଧକ', 'ଲୀଳାବତୀ ସୂତ୍ର', 'ନୀତିକଥା' ଓ 'ହିତୋପଦେଶ' ଇତ୍ୟାଦି କେତୋଟି ବିଷୟକୁ ପାଠ୍ୟପୁସ୍ତକ ରୂପେ ପଢ଼ାଯାଉଥିଲା। ଭର୍ଣ୍ଣାକୁଲାର ପାଠ ପାଇଁ ଇଂରେଜୀ ଶିକ୍ଷାରୀତିରେ ନିୟମମାନ ପ୍ରସ୍ତୁତ ହେଉଥିଲା। ନିଯୁକ୍ତି ପାଉଥିଲେ ସଂସ୍କୃତ ଓ ବଙ୍ଗାଳୀ ଶିକ୍ଷକ। ଏହିଭଳି ଶୋଚନୀୟ ଅବସ୍ଥାରେ ଓଡ଼ିଆ ଭର୍ଣ୍ଣାକୁଲାରର ସ୍ଥିତି। କେଉଁ ବହି, କେଉଁ ଭାଗ, କେଉଁ ଶ୍ରେଣୀରେ ପଢ଼ାଯିବ ତାହା ସରକାରୀ ସୂତ୍ରରୁ ନିରୂପିତ ହେଉଥିଲା। କେବଳ ଜଗତସିଂହପୁର, ଝଙ୍କଡ଼ ପୀଠରୁ ମାଟିବଂଶ ଅବଧାନ ଭାବେ ପରିଚିତ କିଛି ବ୍ୟକ୍ତି ଗାଁ ଚାଟଶାଳୀରେ ପଢ଼ାଉଥିଲେ।(ଫକୀରମୋହନ ସେନାପତି, ଆତ୍ମଚରିତ) ଓଡ଼ିଆ ଭାଷାକୁ ପ୍ରସାର କରିବା ପାଇଁ ସରକାରୀ ନିୟମ ପ୍ରଣୟନର ଆବଶ୍ୟକ ହେଲା। ଗୁରୁକୁଳ ଶିକ୍ଷା କ୍ରମଶଃ ଗାଁ ଅବଧାନୀ ପାଠ ଓ ସରକାରୀ ଭର୍ଣ୍ଣାକୁଲାରମୁଖୀ ହେଲା। ୨୯ ଜୁନ ୧୯୧୮ ମସିହାରେ ଭର୍ଣ୍ଣାକୁଲାର ସଂପର୍କରେ କୁହାଯାଇଛି – "The time has long passed away when elaborate arguments were needed to make even Indian scholars realize the vital importance of a critical and scientific, historical and comparative study of the great Indian vernaculars. During the last twelve years, fortunately, the opinion has steadily gained ground that the intellectual activity of a corporation of scholars in this country may be most profitably directed towards a systematic investigation of the language and literature of our chief vernaculars."(Outline of a scheme for the advanced study of the Indian vernaculars by Asutosh Mookerjee) ୧୯୨୯ ଅକ୍ଟୋବର 'ରେଭେନ୍ସାଭିଆନ ପତ୍ରିକା'ରୁ ଜଣାଯାଏ ଓଡ଼ିଶାରେ ଭର୍ଣ୍ଣାକୁଲାରର ସ୍ଥିତି। ସେତେବେଳେ ରେଭେନ୍ସା ମହାବିଦ୍ୟାଳୟର ଅଧକ୍ଷ ଟି.ସି. ଅର୍ଗିଲ (T.C. Orgill) ଥିଲେ। ସମଗ୍ର ଭାରତବର୍ଷ ଭଳି ରେଭେନ୍ସାରେ ଶିକ୍ଷାନୀତିରେ ଉଡ୍ସ ଡେସ୍ପାଚ ନୀତିକୁ ଗ୍ରହଣ କରିଥିଲେ। ପୂର୍ବ ଶିକ୍ଷାନୀତି ୧୮୧୧-୫୩ ହାର୍ଡିଞ୍ଜ ସ୍କୁଲ ଶିକ୍ଷା ଭାଷା ନୀତିର ପ୍ରତିପକ୍ଷରେ ଛିଡ଼ା ହେଲା। ପୂର୍ବାପେକ୍ଷା ଉଡ୍ସ ଡେସ୍ପାଚ ନୀତିରେ ଆଞ୍ଚଳିକ ଭାଷାକୁ ଗୁରୁତ୍ୱ ଦିଆଯାଇଥିଲା। (ଓଡ଼ିଆ ସାହିତ୍ୟର ଇତିହାସ ୧୮୦୩-୧୯୨୦, ନଟବର ସାମନ୍ତରାୟ, ପୃଷ୍ଠା ୬୭, ବାଣୀଭବନ, ସାମନ୍ତରାପୁର, ଭୁବନେଶ୍ୱର, ୨ୟ ସଂସ୍କରଣ, ଅକ୍ଟୋବର, ୧୯୮୩) ୧୮୫୪ ଜୁଲାଇ ୧୯ତାରିଖ ଠାରୁ ଏହି ଶିକ୍ଷାଦାନ ନୀତି ପୂର୍ବ ଶିକ୍ଷାନୀତିର ଅସଂପୂର୍ଣ୍ଣତାକୁ ଯେପରି ଦୂର କଲା ସେପରି ଜନସନ୍ତୋଷ ଲାଭ କଲା। ଏହି ଡେସ୍ପାଚରେ ଦେଖାଯାଏ "ଯେଉଁଠାରେ ଇଂରାଜୀ ଶିକ୍ଷାପାଇଁ ଲୋକମାନଙ୍କ ପକ୍ଷରୁ ଦାବି କରାଯିବ ସେଠାରେ ଇଂରାଜୀ ଶିକ୍ଷା ଦେବା ଉଚିତ। ଏ ଶିକ୍ଷା କ୍ଷେତ୍ରରେ ମଧ୍ୟ ସ୍ଥାନୀୟ ଭାଷା ଶିକ୍ଷା ପ୍ରତି ସମୁଚିତ ଦୃଷ୍ଟି ଦେବା ଦରକାର। ଇଂରାଜୀ ସହିତ ସେ ସ୍ଥାନର ଭାଷା ମାଧ୍ୟମରେ ଶିକ୍ଷାଦେବା ବିଧେୟ।'(ତତ୍ରୈବ,ପୃଷ୍ଠା ୬୮) ଏଥିରେ ଶିକ୍ଷାର ଲକ୍ଷ୍ୟ, ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନ ପ୍ରସାରଣ, ଶିକ୍ଷାର ମାଧ୍ୟମ ଭାବେ ଉଭୟ ଇଂରାଜୀ ଓ ଦେଶୀ ଭାଷାକୁ ସମାନ ଆସନ ଦେବାକୁ ବେଶ୍ ଦୃଷ୍ଟିରେ ରଖାଯାଇଥିଲା। ଏଥିରେ ସ୍ୱତନ୍ତ୍ର ଶିକ୍ଷାବିଭାଗ ଗଠନ, ବିଶ୍ୱବିଦ୍ୟାଳୟ ସୃଷ୍ଟି, ବିଭିନ୍ନ ଶ୍ରେଣୀର ବିଦ୍ୟାଳୟ ପ୍ରତିଷ୍ଠା ଓ ବିଦ୍ୟାଳୟକୁ ସହଯୋଗ ଗ୍ରାଣ୍ଟ୍-ଇନ୍-ଏଡ୍', ଶିକ୍ଷକ ତାଲିମକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରିବାକୁ ନୀତି ନିର୍ଦ୍ଧାରଣ କରାଯାଇଥିଲା। ଏହି ଉତ୍ସରୁ ଭର୍ଣ୍ଣାକୁଲାରର ଉନ୍ମେଷ।

ଊନବିଂଶ ଶତାବ୍ଦୀର ଷାଠିଏ ଦଶକରୁ ବିଂଶ ଶତାବ୍ଦୀର ତୃତୀୟ ଦଶକରେ ଏହି ଭର୍ଣ୍ଣାକୁଲାରର ସ୍ଥିତି ପରଖିବା ଉଚିତ। ୧୯୨୯ ଡିସେମ୍ବର 'ରେଭେନ୍ସାଭିଆନ' ପତ୍ରିକାର ନୋଟ୍ସରେ ଉଲ୍ଲେଖ ଅଛି – "We are glad to note that the Government of Bihar & Orissa in the Ministry of Education have decided to establish in Academy under the designation of 'The Bihar and Orissa Academy' whose aims and objects will be "to preserve, foster and develop the language and literature of Hindi, Urdu and Oriya".It is indeed a very important decision. ଏହି ବର୍ଷ ୧୪ ସେପ୍ଟେମ୍ବର ତାରିଖରେ ବାବୁ ବିରାଜମୋହନ ସେନାପତି, L.Ag. ଉଦ୍ଭିଦ ବିଜ୍ଞାନ (ବୋଟାନି)ର ଅଧାପକ 'ଖାଦ୍ୟରେ ଜୀବସାରର ଅବସ୍ଥିତି' (The presence of vitamins in our food) ସଂପର୍କରେ ଓଡ଼ିଆରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ସଭାଟି ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର ପ୍ରାଣକୃଷ୍ଣ ପରିଜା ଅଧକ୍ଷତା କରିଥିଲେ। ଅଧକ୍ଷଙ୍କ ଓଡ଼ିଆ ମନ୍ତବ୍ୟରେ

ଅନେକ ଦର୍ଶକ ଆପ୍ୟାୟିତ ହୋଇଥିଲେ। ଏହି ବର୍ଷ ଛାତ୍ରମାନେ ସଫଳତାର ସହ ଗଣେଶ ଉତ୍ସବ ପାଳନ କରି ଦୁଇରାତି ସେପ୍ଟେମ୍ବର ୭ ଓ ୮ ତାରିଖରେ ଓଡ଼ିଆ 'କଳାପାହାଡ଼' ନାଟକ ପରିବେଷଣ କରିଥିଲେ। ସେଥିରେ ଅଂଶଗ୍ରହଣକାରୀଙ୍କୁ ଉଚ୍ଚତର ନାଟ୍ୟ ପରିବେଷଣ ପାଇଁ ପୁରସ୍କୃତ କରାଯାଇଥିଲା। ଏହି ସମୟରେ 'ଓଡ଼ିଆ ବିଭାଗ ଡିବେଟିଂ କ୍ଲବ' ଗଠନ ହୋଇସାରିଥିଲା। ରେଭେନ୍ସାରେ 'ଇଂରାଜୀ ଡିବେଟିଂ କ୍ଲବ' ଭଳି ବଙ୍ଗାଳି ବିଭାଗ (Bengali Section), ଓଡ଼ିଆ ବିଭାଗ (Oriya Section)ତର୍କରେ ୨ଟି ସିଟିଂ ବସୁଥିଲା। ଏହି ସମୟରେ ଓଡ଼ିଆ ବିଭାଗ(Oriya Section)ରେ ତାହା ପାଠକଙ୍କୁ ପ୍ରୋତ୍ସାହନ ଦେବା ସହ ପ୍ରସାରିତ ହେବାକୁ ଲାଗିଥିଲା। ଏହାକୁ ପ୍ରଫେସର ରତ୍ନାକର ପତି ଓ ପ୍ରଫେସର ଘନଶ୍ୟାମ ଦାସ ପରିଚାଳନା କରୁଥିଲେ। ପ୍ରତିଟି ସଭାରେ ପ୍ରିନ୍ସିପାଲ ଅର୍ଗିଲ ଉପସ୍ଥିତ ରହୁଥିଲେ। ଏହିବର୍ଷ ଦୁଇଟି ସିଟିଂରେ ଓଡ଼ିଆ ତର୍କ ଦିବସ ଯଥାକ୍ରମେ ୨୦ ଜୁଲାଇ ୧୯୨୯ ଓ ୩୧ ଅଗଷ୍ଟ ୧୯୨୯ରେ ବସାଯାଇଥିଲା। ପ୍ରଥମ ସିଟିଂର ବିଷୟ ଥିଲା – 'Animal food is not conductive to health and moral' (ଆମିଷ ଖାଦ୍ୟ ସ୍ୱାସ୍ଥ୍ୟଗତ ଓ ବୌଦ୍ଧିକତା ଦୃଷ୍ଟିରୁ ହାନିକାରକ)। ଏହି ତର୍କ ସପକ୍ଷରେ ବାବୁ ଡମ୍ବରୁଧର ପରିଡ଼ା ଓ ବିପକ୍ଷରେ ବାବୁ ଦୀନବନ୍ଧୁ ବେହେରା କହିଥିଲେ। ଦ୍ୱିତୀୟ ସିଟିଂରେ ବିଷୟ ଥିଲା – 'A sense of humour does not help man in life (ବ୍ୟଙ୍ଗ ଚିନ୍ତାଧାରା ମନୁଷ୍ୟ ଜୀବନକୁ ପ୍ରଭାବିତ କରେନାହିଁ)। ଏଥିରେ ବାବୁ ପୂର୍ଣ୍ଣଚନ୍ଦ୍ର ଦାସ ସପକ୍ଷରେ ଓ ବାବୁ ଚନ୍ଦନେଶ୍ୱର ମିଶ୍ର ବିପକ୍ଷରେ ମତ ରଖିଥିଲେ। ଓଡ଼ିଆ ଡିବେଟିଂ କ୍ଲବ୍‌ର ଯୁଗ୍ମ ସେକ୍ରେଟାରୀ ଥିଲେ ଶ୍ୟାମସୁନ୍ଦର ମିଶ୍ର ଓ ବ୍ରଜବିହାରୀ ପଟ୍ଟନାୟକ। ଏହି ସମୟରେ 'ରେଭେନ୍ସାଭିଆନ' ପତ୍ରିକା ବର୍ଷକୁ ୩ଥର (ଏପ୍ରିଲ, ସେପ୍ଟେମ୍ବର ଓ ଡିସେମ୍ବର ମାସରେ) ପ୍ରକାଶ ପାଉଥିଲା। ଏଥିରେ ଓଡ଼ିଆ, ଇଂରାଜୀ, ବଙ୍ଗଳା, ଉର୍ଦ୍ଦୁରେ ଗଳ୍ପ, ପ୍ରବନ୍ଧ ଓ କବିତାମାନ ପ୍ରକାଶିତ ହେଉଥିଲା। ଅକ୍ଟୋବର ମାସ 'ରେଭେନ୍ସାଭିଆନ' ପତ୍ରିକାରେ ଅଧ୍ୟାୟୀ ମାୟାଧର ମାନସିଂହଙ୍କର 'ରେଙ୍ଗୁନ ଚିଠି' ଓ ଶ୍ରୀ ମାଧବ ଚୌଧୁରୀଙ୍କ 'ସୁନ୍ଦର' ନାମକ ଓଡ଼ିଆ କବିତା ପ୍ରକାଶ ପାଇଥିଲା। ୧୯୧୯ରୁ ୧୯୨୦ ମଧ୍ୟରେ କେତୋଟି ଓଡ଼ିଆ ତର୍କର ନାମ ଓ ସେଥିରେ ଭାଗ ନେଇଥିବା ସପକ୍ଷ ଓ ବିପକ୍ଷକାରୀଙ୍କ ନାମ ପ୍ରଦାନ କରାଗଲା।

୧୬/୮/୧୯୧୯ – The world is advancing towards universal peace (ବିଶ୍ୱରେ ସାମୂହିକ ଶାନ୍ତିର ବାତାବରଣ) ସପପକ୍ଷରେ ଯଦୁମଣି ମହାପାତ୍ର (୩ୟବର୍ଷ) ଓ ବିପକ୍ଷରେ – ମାଧବାନନ୍ଦ ପାତ୍ର (୪ର୍ଥ ବର୍ଷ)

୬/୯/୧୯୧୯ – Dust thou art to dust returnest (ତୁମେ ମାଟିର ମଣିଷ ମାଟିକୁ ଫେରିବ) ସପକ୍ଷରେ – ହରିଶ୍ଚନ୍ଦ୍ର ବହିଦାର (୩ୟ ବର୍ଷ) ଓ ବିପକ୍ଷରେ – ଦିବ୍ୟସିଂହ ପଟ୍ଟନାୟକ( ୩ୟ ବର୍ଷ)

୮/୧୧/୧୯୧୯ – Cigarette smoking among school and college students should be punished by legislation (ଧୂମପାନ ହେତୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଙ୍କୁ ଆଇନାନୁଯାୟୀ ଦଣ୍ଡ ବ୍ୟବସ୍ଥା) ସପକ୍ଷରେ ଅନନ୍ତ ଚରଣ ଦାସ (୩ୟ ବର୍ଷ) ଓ ବିପକ୍ଷରେ – ଲାଲବିହାରୀ ଦାସ (୧ମ ବର୍ଷ)

୨୯/୧୧/୧୯୧୯ – Co-operative credit societies should be encouraged in India (ଭାରତରେ ସମବାୟ ଋଣ ସମିତିଗୁଡ଼ିକ ପ୍ରୋତ୍ସାହନ ଦେବା ଉଚିତ) ସପକ୍ଷରେ – ଆର୍ତ୍ତତ୍ରାଣ ପତି (୩ୟ ବର୍ଷ) ଓ ବିପକ୍ଷରେ – କେ.ସି.ସାମଲ(୩ୟ ବର୍ଷ)

୭/୨/୧୯୨୦=୧୭/୦୨/୧୯୨୦ – The indigenous Gurukul of ancient India had better educational success than modern colleges (ପ୍ରାଚୀନ ଭାରତୀୟ ଗୁରୁକୁଳ ଶିକ୍ଷା ଆଧୁନିକ ମହାବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଅପେକ୍ଷା ସଫଳପ୍ରଦ) ସପକ୍ଷରେ ଗିରୀଶ ଚନ୍ଦ୍ର ହୋତା(୨ୟ ବର୍ଷ), ବିପକ୍ଷରେ ଲୋକନାଥ ମହାପାତ୍ର (୪ର୍ଥ ବର୍ଷ)Our education should be given a religious basis (ଆମର ଶିକ୍ଷା ଧର୍ମଭିତ୍ତିକ ହେବା ଉଚିତ) ସପକ୍ଷରେ ବାମଦେବ ମିଶ୍ର (୩ୟ ବର୍ଷ) ଓ ବିପକ୍ଷରେ ଦୁର୍ଗାଚରଣ ବାନାର୍ଜୀ (୩ୟ ବର୍ଷ)। (ଏହି ତର୍କଟିର ତାରିଖ ମିଳିପାରିନି)

୨୦/୧୨/୧୯୧୯ – Intermarriage among the sub-castes should be encouraged in India (ଭାରତରେ ଉପଜାତିଙ୍କ ମଧ୍ୟରେ ଆନ୍ତଃ ବିବାହକୁ ପ୍ରୋତ୍ସାହନ କରିବା ଉଚିତ ) ଏହାର ସପକ୍ଷରେ ପୂର୍ଣ୍ଣଚନ୍ଦ୍ର ମହାନ୍ତି(୧ମ ବର୍ଷ ) ଓ ବିପକ୍ଷରେ ଗୁରୁଚରଣ ଜେନା (୩ୟ ବର୍ଷ) ଅଭିମତ ରଖିଥିଲେ। ଏହିପରି ବିଂଶ ଶତାବ୍ଦୀରେ ଆରମ୍ଭରେ ଓଡ଼ିଆ ଭାଷା ପ୍ରଣୟନର ଏକ ନୂତନ ଧାରାର ପ୍ରବାହ ଦେଖାଦେଇଥିଲା। ହଜିଲା ପୃଷ୍ଠାରୁ ଏହାକୁ ଦେଖିବା ବେଳେ ନିଜକୁ ଗର୍ବ ଅନୁଭବ ସହ ଉଡ୍ ଡେସପାଚ୍‌ଙ୍କ ନୀତିକୁ ସ୍ୱାଗତଯୋଗ୍ୟ ମନେହୁଏ। ସେତେବେଳେ ଓଡ଼ିଆ ଭାଷାକୁ ପାଠକମାନଙ୍କ ମଧ୍ୟରେ ପ୍ରଚାର ଓ ପ୍ରସାର କରିବା ପାଇଁ ଦର୍ଶନ ବିଭାଗର ପ୍ରଫେସର ରତ୍ନାକର ପତି, ସଂସ୍କୃତ ବିଭାଗର ରାୟବାହାଦୂର ଆ□ବଲ୍ଲଭ ମହାନ୍ତି (ପୋଥିପୁରୁଷ), ଇଂରାଜୀ ବିଭାଗର ପ୍ରଫେସର ଗିରିଜା ଶଙ୍କର ରାୟ

ଓ ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ଉଦ୍ୟମ ପ୍ରଶଂସନୀୟ। ଏଥିରୁ ଜଣାଯାଏ ଭର୍ଣ୍ଣାକୁଲାର ହେବାପରେ ରେଭେନ୍ସା ମହାବିଦ୍ୟାଳୟ ଉପରେ ପଡ଼ିଥିବା ପ୍ରଭାବ ଆଜି ଓଡ଼ିଆ ଭାଷାକୁ କେଉଁ କୋଣରୁ ଉପହସିତ କରିପାରିନାହିଁ। ସେଦିନର ପ୍ରଭାବ ଆଜିର ଭାଷାକୁ ଋଦ୍ଧିମନ୍ତ କରିପାରିଛି ନିଶ୍ଚିତ।

ଏହି ପରିପ୍ରେକ୍ଷୀରେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗ ମଧ୍ୟ ଖୋଲାଯାଇଥିଲା। ମାତ୍ର ଏହା 'ସୋନପୁର ଚେୟାର' ଭାବେ ପ୍ରଥମେ ଖୋଲା ଯାଇଥିଲା।୧୯୧୯ ମସିହାରେ ନୀଳକଣ୍ଠ ଦାସ କଲିକତାସ୍ଥିତ ଡଭାର ଦୁର୍ଭିକ୍ଷ ରିପୋର୍ଟ ମୁଦ୍ରଣ ପ୍ରସ୍ତୁତ ପାଇଁ ଯାଇଥିବା ସମୟରେ ସେଠାକାର କୁଳପତି ସାର୍ ଆଶୁତୋଷ ମୁଖାର୍ଜୀ ତାଙ୍କୁ ଡକାଇ ସେଠାରେ ନିଯୁକ୍ତି କରାଇଥିଲେ। ଏମ୍.ଏ ଖୋଲିବା ପାଇଁ ଛାତ୍ର ଲୋକନାଥ ମହାପାତ୍ରଙ୍କୁ ସଙ୍ଗରେ ନେଇ ସେ ଯାଇଥିଲେ। ସେଠାରେ ପ୍ରାଚ୍ୟଶିକ୍ଷା (ଓଡ଼ିଆ ସହିତ) ତୁଳନାତ୍ମକ ଭାଷାତତ୍ତ୍ୱ ଉପରେ ନୀଳକଣ୍ଠ ଗୁରୁତ୍ୱ ଦେଇଥିଲେ। ଦୁଇବର୍ଷ କଷ୍ଟ କରି ଉକ୍ତ ଚେୟାରର ସମ୍ମାନିତ ଅଧ୍ୟାପକ ପଦ ଗ୍ରହଣ କରିଥିଲେ ଏବଂ ଲୋକନାଥ ମହାପାତ୍ରଙ୍କୁ ତାଲିମ ଦେଇ ସେହି ବିଭାଗରେ ଶିକ୍ଷକ ପଦରେ ରଖି ଚଳାଇଥିଲେ। ବିଜୟଚନ୍ଦ୍ର ମଜୁମଦାରଙ୍କ ମତରେ "Readers will find the name of Maharaja Sri Sir Bir Mitrodaya Sing Deo, the Feudatory Chief of Sonepur State, inscribed on the title page of this work."×××It will not be out of place to mention here that in order to make the Oriya language a subject for the M.A. Examination the Maharaja has created a chair in his own name in the Post-graduate Arts Department of the Calcutta University.(Preface, Typical Selections from Oriya Literature) ଏଥିରୁ ଜଣାଯାଏ ରେଭେନ୍ସା ଶିକ୍ଷାନୁଷ୍ଠାନରେ ଓଡ଼ିଆ ବିଭାଗ ତର୍କାଶ୍ରିତ ଓ ଆଲୋଚନା ଦେଇ ଗଢ଼ି ଉଠିଥିବା ବେଳେ କଲିକତା ବିଶ୍ୱବିଦ୍ୟାଳୟରେ ସୋନପୁର ଚେୟାର ଗଠନ ଓଡ଼ିଆ ଭାଷାକୁ ସୁରକ୍ଷା ଦେଉଥିଲା। ଓଡ଼ିଆ ଭାଷା ପୂର୍ବ-ଭାରତୀୟ ଭାଷାମାନଙ୍କ ମଧ୍ୟରେ ପ୍ରାଚୀନତମ ଭାଷା ଭାବେ କଲିକତା ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ମୁକ୍ତ କଣ୍ଠରେ ସ୍ୱୀକାର କରିସାରିଥିଲେ। ଏହାବ୍ୟତୀତ ଓଡ଼ିଆ ଭାଷାର ପ୍ରାଚୀନ ଲେଖାମାନଙ୍କୁ ନେଇ ୧୯୨୧ ମସିହାରେ ବିଜୟଚନ୍ଦ୍ର ମଜୁମଦାରଙ୍କ Typical Selections from Oriya literature କଲିକତାର ବ୍ୟାପ୍ଟିଷ୍ଟ ମିଶନ ପ୍ରେସ, କଲିକତା ବିଶ୍ୱବିଦ୍ୟାଳୟରୁ ପ୍ରକାଶ ପାଇଥିଲା। ଏହାର ପ୍ରକାଶନରେ ସୋନପୁର ରାଜାଙ୍କ ଅବଦାନ ଥିଲା। କ୍ରମଶଃ ଏହା ପାଠ୍ୟପୁସ୍ତକର ସ୍ଥାନ ଭରଣା କରିଥିଲା।

୧୯୪୩ ମସିହାରେ ରେଭେନ୍ସା ଶିକ୍ଷାନୁଷ୍ଠାନରେ ଦେଖାଯାଏ ଓଡ଼ିଆ ଭାଷା ଓ ସାହିତ୍ୟ ୩ଟି ସ୍ତରରେ କଲେଜ ଶିକ୍ଷାଗ୍ରହଣରେ ପ୍ରଚଳନ ହୋଇଛି ଯଥା: ଓଡ଼ିଆ (ପ୍ରିନ୍ସିପଲ/ବାଧ୍ୟତାମୂଳକ), ଓଡ଼ିଆ(ଅନର୍ସ), ଓଡ଼ିଆ(ପାସ୍)। ୧୯୪୦-୪୧ ମସିହାରେ ଓଡ଼ିଆ ଓ ସଂସ୍କୃତ ସମ୍ମିଳିତ ବିଭାଗରେ ଆର୍ତ୍ତବଲ୍ଲଭ ମହାନ୍ତି, M.L (ପ୍ରଫେସର ସଂସ୍କୃତ ଓ ଓଡ଼ିଆ), କୁଞ୍ଜବିହାରୀ ତ୍ରିପାଠୀ, M.A., B.L.(ଅଧ୍ୟାପକ ସଂସ୍କୃତ ଓ ଓଡ଼ିଆ), ଡମରୁଧର ଦାସ, M.A, Dip.Ed.(ଓଡ଼ିଆ ଅଧ୍ୟାପକ), କରୁଣାକର କର, M.A. (ଆସିଷ୍ଟାଣ୍ଟ ପ୍ରଫେସର ସଂସ୍କୃତ)।୧୯୪୨-୪୩ ମସିହାରେ ରାମଚନ୍ଦ୍ର ମହାପାତ୍ର (ଓଡ଼ିଆ ଅଧ୍ୟାପକ) ପ୍ରମୁଖଙ୍କ ନାମ ଉଲ୍ଲେଖନୀୟ। ସେହି ସମୟରେ ଉଲ୍ଲେଖ ଅଛି – "Oriya as a principal subject. The college prepares students for the B.A &B.Sc. Honours examinations in the following subjects:-English, Sanskrit, Persian, Oriya, Philosophy, History, Economics, Physics, Chemistry, Botany, Mathematics. Those who take up Botany & Oriya for their B A. will not be allowed to do Honours in any subject". (The Ravenshavian, page-20) ୧୯୪୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାରେ ଓଡ଼ିଆ ଭାଷା ଉନ୍ନତିର ଶିଖରରେ ପହଞ୍ଚିବାର ଉଦ୍ୟମ କରିଛି।୧୯୪୩ ଅଗଷ୍ଟ ମାସରେ ରେଭେନ୍ସା ଶିକ୍ଷାନୁଷ୍ଠାନ ଓଡ଼ିଆ ବିଭାଗ ସଂସ୍କୃତ ବିଭାଗ ଠାରୁ ଅଲଗା ହେଲା।୧୯୪୭ ମସିହାରେ ଓଡ଼ିଆ ଭାଷାର ଇତିହାସ ଗବେଷଣା ଓ ସମାଲୋଚନାମୁଖୀ ହେଲା। ଓଡ଼ିଶାରେ ଏକକାଳୀନ ପ୍ରଥମ ଭାଷା(ନିଜ ଭୂମିଖଣ୍ଡ/ ରାଜ୍ୟର ଭାଷା), ଦ୍ୱିତୀୟ ଭାଷା(ଭାରତରେ ବୁଝିପାରୁଥିବା ଯୋଗାଯୋଗ ଭାଷା)ଓ ତୃତୀୟ ଭାଷା (ଔପନିବେଶବାଦ/ ଅନ୍ତର୍ଜାତୀୟ ଭାଷା (ପ୍ରାଚ୍ୟ-ପାଶ୍ଚାତ୍ୟ ଯୋଗାଯୋଗ)ର ପ୍ରୟୋଗ ହେଲା। ତେଣୁ ଓଡ଼ିଶାରେ ଓଡ଼ିଆ ଭାଷା ସହ ଆଉ ଦୁଇଟି ଭାଷାକୁ ଗ୍ରହଣ ଉପଯୋଗୀ କରାଗଲା। ଏହି ସମୟରେ ଓଡ଼ିଶାରେ ଓଡ଼ିଆ ଭାଷାକୁ ବଳିଷ୍ଠ କରିବା ପାଇଁ ଇଂରାଜୀ ପ୍ରଫେସର ଗିରିଜା ଶଙ୍କର ରାୟ ରେଭେନ୍ସା କଲେଜ ତରଫରୁ ଓଡ଼ିଆ ବ୍ୟାକରଣ ରଚନା ପାଇଁ ହାତକୁ ନେଇଥିଲେ। ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନରେ ପୋଥି, ଅଭିଲେଖ ଓ ବ୍ୟାକରଣକୁ ଖୁବ ଗୁରୁତ୍ୱ ଦିଆଯାଇଥିଲା। ଏହି ସମୟରେ ପାଠ୍ୟକ୍ରମରେ ଭାଗବତ, ବିଦଗ୍ଧ ଚିନ୍ତାମଣି, ରସକଲ୍ଲୋଳ, ଘୁମୁସର କାବ୍ୟ, ରହସ୍ୟ ମଞ୍ଜରୀ, ଉତ୍କଳ ଗାଥା, ମନେମନେ (ଉପନ୍ୟାସ), ଆର୍ଯ୍ୟଜୀବନ, Typical selections of Oriya literature, ପ୍ରବନ୍ଧ ସୋପାନ ଇତ୍ୟାଦି ପଢ଼ାଯାଉଥିଲା। ସ୍ୱାଧୀନତା ପୂର୍ବରୁ ପ୍ରାଚୀନତା ସହ

ନବଜାଗରଣ କାଳର ପ୍ରବନ୍ଧ ଓ ଉପନ୍ୟାସକୁ ପଠନଯୋଗ୍ୟ କରାଯାଇଛି ।

ସ୍ୱାଧୀନତା ପରବ□୍ତୀ ସମୟରେ ଭାଷା ରାଜନୀତି କବଳରେ କବଳିତ ହୋଇଛି । ୧୯୫୦-୫୧ ସମୟରେ ସମ୍ବିଧାନ ପ୍ରଣୟନ ଓ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହେଲା । ଏହାର ପ୍ରଭାବ ଭାଷା ଉପରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିଥିଲା । ଏହା ସଂପର୍କରେ 'ଅନ୍ୱେଷା' ପତ୍ରିକା ଅଗଷ୍ଟ ୧୯୬୬ ମସିହା ପୃଷ୍ଠପଟରେ ଦେଖିବାକୁ ମିଳିଥାଏ । "ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧି ପାଇଁ ଅଗ୍ରଗତି ପାଇଁ ବିପୁଳ ପ୍ରୟାସ ଏକ ପଞ୍ଚବାର୍ଷିକ ଯୋଜନା..୧-୧-୧୯୬୭ରୁ କାର୍ଯ୍ୟକାରୀ ହେବ ସମ୍ଭାବ୍ୟ ମୂଳଧନ- ପାଞ୍ଚଲକ୍ଷ ଟଙ୍କା 'ପୁନଶ୍ଚ'ଓଡ଼ିଆ ଭାଷାରେ ରାଜନୀତି, ଅର୍ଥନୀତି, ମନସ୍ତତ୍ତ୍ୱ, ଇତିହାସ, ନୃତତ୍ତ୍ୱ, ତୁଳନାତ୍ମକ ସାହିତ୍ୟ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଇତ୍ୟାଦି ବିଷୟରେ ବହି ମିଳିବ । ଭାରତୀୟ ରାଷ୍ଟ୍ରସଙ୍ଘ ଅନ୍ତର୍ଗତ ଓଡ଼ିଶା ରାଷ୍ଟ୍ରର ଓଡ଼ିଆ ହିଁ ରାଷ୍ଟ୍ରଭାଷା । ଏହି ଜାତୀୟ କାର୍ଯ୍ୟରେ ସରକାରୀ, ବେସରକାରୀ ପ୍ରତ୍ୟେକ କ୍ଷେତ୍ରରୁ ଅକୁଣ୍ଠ ସହଯୋଗ କାମନା କରୁଛୁ ।

ନିବେଦକ

ସାହିତ୍ୟ ସଂସଦ, କଟକ-୧

## ଉପସଂହାର :

ସରକାରଙ୍କ ନିୟନ୍ତ୍ରଣରେ ଭାଷାକୁ ଅନ୍ତର୍ଜାତୀୟ ସ୍ତରକୁ ନେବା ନିମନ୍ତେ ଯୋଜନାମାନ ଅଣାଗଲା । ଓଡ଼ିଶା ଶିକ୍ଷା ଆକ୍ଟ ଅନୁସାରେ ଓଡ଼ିଆ ପଢ଼ା ନିମନ୍ତେ ସରକାରଙ୍କ ପ୍ରସ୍ତାବମାନ ଗୃହିତ ହେଲା । ଆଜି ଓଡ଼ିଆ ଯେଉଁମାନେ ପଢ଼ିବେ ସେମାନେ ସେହି ନ୍ୟାୟରେ ମାଗଣାରେ ଓଡ଼ିଆ ଭାଷା ଅଧ୍ୟୟନ ଓ ପୁନଃ ପ୍ରବେଶ (Re-admission) ପିଲାମାନଙ୍କୁ ଦେୟମୁକ୍ତ କରାଯାଇଛି । ସ୍ୱାଧୀନତା ପୂର୍ବରୁ ପ୍ରାଚୀନ ଗ୍ରନ୍ଥମାନ ବହିରୂପରେ ପ୍ରକାଶ ପାଉଥିଲା । ଆଜି ତାହା ଉତ୍ତର ଷାଠିଏ ବା ଉତ୍ତର ଅଶୀରେ ପରିଣତ ହୋଇ ଗବେଷଣାର ହୁଙ୍କାର ପାଶ୍ଚାତ୍ୟ ଆମଦାନୀ କରି ଖୋଜୁଛି । ପାଠ୍ୟଖସଡାରେ ବିବିଧତା ଭାଗ ଗଳ୍ପ, ଉପନ୍ୟାସ, ନାଟକମାନ ପଢ଼ାଗଲାଣି । ମାତ୍ର ସାମ୍ପ୍ରଦିକ ଭଳି କେତେକ ଅଣପାରମ୍ପରିକ ବିଷୟରଖି ଆମେ ନିଜେ ନିଜର କଳାକୁ ହତ୍ୟା କରୁଛୁ । ଶେଷରେ କୁହାଯାଇପାରେ ସମସ୍ତେ ସାହିତ୍ୟରଚନା କରିପାରିବେ ମାତ୍ର କଳା ଫୁଟାଇପାରିବେନି । ତଥାପି ଓଡ଼ିଆ ଭାଷାକୁ ନେଇ ଶିକ୍ଷାନୁଷ୍ଠାନରେ ନିଜର ମାତୃଭାଷାକୁ ବଞ୍ଚାଇ ରଖିବାର ମୋହକୁ ଯେଉଁମାନେ ଜାଗରଣ କରିଯାଇଛନ୍ତି ସେମାନଙ୍କ ନିକଟରେ ଏ ଜାତି ଚିରଋଣୀ ।

## ସହାୟକ ଗ୍ରନ୍ଥସୂଚୀ :


୧. Typical Selections from Oriya literature, B.C. Mazumdar, Baptist Mission Press, Calcutta University,2021 ।


୨. ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦), ବାଣୀଭବନ, ସାମନ୍ତରାପୁର, ଭୁବନେଶ୍ୱର,୧୯୮୩ ।


୩. ଗାନ୍ଧିଜୀ ଓ ଭାଷା ସମସ୍ୟା, ଗୋଲୋକ ବିହାରୀ ଧଳ, ଲାର୍କ ବୁକ୍ସ, କଟକ,୧୯୬୯ ।

୪. ପ୍ରଫେସର କୁଞ୍ଜବିହାରୀ ତ୍ରିପାଠୀ: ଅଭିନନ୍ଦନ ଗ୍ରନ୍ଥ, (ସଂକଳନ), ୧୯୯୩ ।

୫. ପ୍ରଫେସର ଗୋଲୋକ ବିହାରୀ ଧଳ ସ୍ମାରକୀ ଗ୍ରନ୍ଥ (ସଂପାଦନା) ରମେଶ ଚନ୍ଦ୍ର ଧଳ, ଜନପଥ ପ୍ରକାଶନ, ଭୁବନେଶ୍ୱର ।

୬. ରେଭେନ୍ସା କଲେଜ କ୍ୟାଲେଣ୍ଡର ୧୯୨୯,୧୯୪୧,୧୯୪୩ (ସୌଜନ୍ୟ: କନିକା ପାଠାଗାର, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ)



CALENDAR

4

The College had been first affiliated to the Calcutta University and later, to the Patna University but with the incorporation of the Utkal University in August 1943, the College secured affiliation to it. M. A. and M. Sc. Classes have since been opened in Oriya, Economics, Chemistry, Mathematics, Botany and Physics. Intermediate Classes in Commerce started in June 1957 and B. Com. Classes in July, 1960. The Utkal University started its Post-graduate Department in History in October 1959 and the Government consequently discontinued their M. A. Classes in the College.

B. A. Pass and Honours Classes in Geology were opened in the College from July 1954 under the auspices of the Utkal University. Post-graduate Classes in Geology were started in July 1959.

The Utkal University uses our buildings for holding Post-graduate Classes in Zoology and for an Evening College for persons in employment. Government of Orissa have permitted the use of our buildings for the Wireless Training Class and for the Cost Accounts Training Centre.


୭. ପଣ୍ଡିତ ନୀଳକଣ୍ଠ ଦାସ (ଜୀବନୀ ଓ ସାଧନା), ବିକ୍ରମ ଦାସ, ବିଦ୍ୟାପୁରୀ, ୧ମ ପ୍ରକାଶ,୨୦୦୩ ।

୮. The Ravenshavian ୧୯୨୯, ୨୯୩୯,୧୯୪୨ ।

୯. 'ଅନ୍ୱେଷା' ମାସିକ ପତ୍ରିକା, ପ୍ରଥମ ବର୍ଷ, ଦ୍ୱିତୀୟ ସଂଖ୍ୟା,୧୯୬୬ ।


## ସାକ୍ଷାତକାର

୧. ନାରାୟଣ ପାତ୍ର,ବୟସ-୭୫, ସ୍ଥାନ- ବିରିବାଟି, କଟକ ।

୨. ସ୍ୱର୍ଗତ ଗଗନ ବିହାରୀ ବେହେରା, ବୟସ-୭୨,
ଗ୍ରାମ –ଗତିରାଉତ ପାଟଣା,କଟକ ।

❖ ❖ ❖

DOI :https://doi.org/10.5281/zenodo.15253207 ମୂଳ ପ୍ରବନ୍ଧ

# ପରିବେଶ ନାରୀବାଦ: ଲିଙ୍ଗ ଏବଂ ପରିବେଶ ସମ୍ପର୍କ ଚର୍ଚ୍ଚା

**ପଲ୍ଲୀଶ୍ରୀ ପଟ୍ଟନାୟକ**

**ସଂକ୍ଷିପ୍ତସାର :**

ଇକୋଫେମିନିଜିମ୍ ବା ପରିବେଶ ନାରୀବାଦ, ଏକ ବହୁମୁଖୀ ରାଜନୈତିକ ଓ ବୌଦ୍ଧିକ ଦର୍ଶନ ଯାହା ନାରୀବାଦ ଏବଂ ପରିବେଶ ସମ୍ବନ୍ଧୀୟ ଚିନ୍ତାଧାରାକୁ ଏକତ୍ର କରେ।ଲିଙ୍ଗ, ପରିବେଶ ଏବଂ ସାମାଜିକ ନ୍ୟାୟ ମଧ୍ୟରେ ଜଟିଳ ସମ୍ପର୍କର ଅନୁସନ୍ଧାନ କରେ। ଏହି ତତ୍ତ୍ୱ ସାମାଜିକ ଢାଞ୍ଚା ଓ ସଂରଚନାକୁ ସମାଲୋଚନା କରେ ଯାହା ଉଭୟ ମହିଳା ଏବଂ ପ୍ରକୃତି ଉପରେ ପ୍ରାଧାନ୍ୟ ଦେଇଥାଏ।ମହିଳା, ଦଳିତ ଗୋଷ୍ଠୀ ଏବଂ ପରିବେଶର ପରସ୍ପର ସହ ଜଡିତ ଅତ୍ୟାଚାରକୁ ସ୍ୱୀକୃତି ଦେଇଥାଏ । ଇକୋଫେମିନିଜିମର ଐତିହାସିକ ବିକାଶ, ପ୍ରମୁଖ ନୀତି, ଏବଂ ବ୍ୟବହାରିକ ପ୍ରୟୋଗକୁ ବିଶ୍ଳେଷଣ କରି, ଏହି ପ୍ରବନ୍ଧଟି ବିଭିନ୍ନ ପ୍ରସଙ୍ଗରେ ପରିବେଶର ଅବକ୍ଷୟ ଏବଂ ଲିଙ୍ଗଗତ ଅସମାନତା କିପରି ଅନ୍ତର୍ନିହିତ ଭାବରେ ଜଡିତ ତାହା ଅନୁସନ୍ଧାନ କରିଛି । ସ୍ଥାୟୀ ଜୀବନଯାପନ, ପରିବେଶ ନ୍ୟାୟ ଏବଂ ମହିଳା ସଶକ୍ତିକରଣ ପାଇଁ ଓକିଲାତି କରିବାରେ ପରିବେଶ ନାରୀବାଦର ଭୂମିକା ଉପରେ ଏହି ପ୍ରବନ୍ଧରେ ଦର୍ଶାଯାଇଛି। କିଛି ପ୍ରମୁଖ ଉଦାହରଣ ଏବଂ ବାସ୍ତବ ବିଶ୍ୱର ଉଦାହରଣ ମାଧ୍ୟମରେ, ଜଳବାୟୁ ପରିବର୍ତ୍ତନ, ସଂଶୋଧନର ଶୋଷଣ ଏବଂ ସାମାଜିକ ଅସମାନତା ଭଳି ସମସ୍ୟାର ମୁକାବିଲା କରିବାରେ ପରିବେଶ ନାରୀବାଦର ବିଶ୍ୱସ୍ତରୀୟ ପ୍ରାସଙ୍ଗିକତାକୁ ଦର୍ଶାଇଛି । ପ୍ରବନ୍ଧରେ ଜୋର ଦିଆଯାଇଛି ଯେ ମହିଳା ଏବଂ ପ୍ରକୃତିର ମୁକ୍ତି ଅବିଚ୍ଛେଦ୍ୟ, ସାମାଜିକ-ପରିବେଶ ନ୍ୟାୟର ଏକ ନୂତନ ସମ୍ପର୍କର ଆଲୋଚନା କରିବା ଏବଂ ଏହି ଗୁଡ଼ିକରେ ମନୋନିବେଶ କରିବା, ଭାରତରେ ପରିବେଶ ନାରୀବାଦ ର ବିଭିନ୍ନ ଦିଗ ଯାଞ୍ଚ କରିବା ଏବଂ ଏହି ଅନ୍ତର୍ନିହିତ ଆହ୍ୱାନ ର ସମାଧାନ ପାଇଁ ରଣନୀତି ପ୍ରସ୍ତାବ ଦେବା। ଏଠି ବାରମ୍ବାର ପରିବେଶ ନାରୀବାଦ ବଦଳରେ ଇକୋଫେମିନିଜିମ୍ ଶବ୍ଦ ବ୍ୟବହାର କରାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :**

ଇକୋଫେମିନିଜିମ୍, ପରିବେଶ ନାରୀବାଦ ପିତୃ ତାନ୍ତ୍ରିକ, ପରିବେଶ ନ୍ୟାୟ, ଲିଙ୍ଗ, ନାରୀବାଦ, ପ୍ରକୃତି, ସ୍ଥିରତା, ଅତ୍ୟାଚାର, ଜଳବାୟୁ ପରିବର୍ତ୍ତନ।

## ଇକୋଫେମିନିଜିମ୍ର ଆରମ୍ଭ

ଇକୋଫେମିନିଜିମ୍, ଏହାର ମୂଳତଃ, ପ୍ରକୃତିର ଶୋଷଣକୁ ମହିଳାଙ୍କ ଅଧୀନତା ସହିତ ଏକ ଦୁର୍ବଳ ବିଭାଗ ଭାବରେ ପରସ୍ପରକୁ ଯୋଡିଥାଏ । ଏହା ୧୯୭୦ ଦଶକରେ ଆରମ୍ଭ ଯାହା ବହୁ ଭାବରେ ନାରୀବାଦତଥା ପରିବେଶ ଗତିବିଧିକୁ ସମାନ ଭାବରେ ବିବେଚନା କରିଛି , ଇକୋଫେମିନିଜିମ୍ ଉଭୟ ଲିଙ୍ଗ ଏବଂ ପରିବେଶ ନ୍ୟାୟକୁ ସମ୍ବୋଧିତ କରେ । ଏହା ପିତୃତାନ୍ତ୍ରିକ ପ୍ରଣାଳୀକୁ ସମାଲୋଚନା କରେ, ଯାହା ଐତିହାସିକ ଭାବେ ଉଭୟ ମହିଳା ଏବଂ ପ୍ରକୃତିକୁ ନିୟନ୍ତ୍ରଣ କରିଆସୁଛି । ପରିବେଶ ଏବଂ ନାରୀବାଦୀ ସିଦ୍ଧାନ୍ତରେ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253207

Article No - BPP00273

**ଯୋଗାଯୋଗ :**

**ଡ. ପଲ୍ଲୀଶ୍ରୀ ପଟ୍ଟନାୟକ,** ବିଭାଗମୁଖ୍ୟ, ଓଡିଆ ବିଭାଗ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡି, ଓଡିଶା

**Email:** pallipriyanka20@gmail.com

**ORCID ID:** https://orcid.org/0009-0007-3467-3763

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୧୦.୨୦୨୪ | ୧୧.୧୧.୨୦୨୪ | ୨୫.୧୨.୨୦୨୪ | ୧.୦୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପଟ୍ଟନାୟକ, ପଲ୍ଲୀଶ୍ରୀ; ୨୦୨୫। : ପରିବେଶ ନାରୀବାଦ: ଲିଙ୍ଗ ଏବଂ ପରିବେଶ ସମ୍ପର୍କ ଚର୍ଚ୍ଚା । ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା :୦; ପୃଷ୍ଠା :୧୪-୨୪।

ଏହାର ମୂଳ ସହିତ, ଇକୋଫେମିନିଜିମ୍ ପରିବେଶ ଏବଂ ସାମାଜିକ ସମସ୍ୟାର ସମାଧାନ ପାଇଁ ଏକ ପରସ୍ପର ସହ ଜଡିତ ଆଭିମୁଖ୍ୟ ପାଇଁ ପରାମର୍ଶ ଦିଏ ।

ଇକୋଫେମିନିଷ୍ଟ ପରିବେଶ ନାରିବାଦୀ ମାନେ ଯୁକ୍ତି କରନ୍ତି ଯେ ପ୍ରକୃତିର ଦମନ ଏବଂ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ନିୟନ୍ତ୍ରଣ, ଶ୍ରେଣୀବଦ୍ଧ ଚିନ୍ତାଧାରା ଏବଂ ଶୋଷଣରଏକ ଅତ୍ୟାଚାରିତ ବିଭାଗ ଭାବରେ ଉଭୟ ସମାନ ଚିନ୍ତାଧାରାର ସମ୍ମୁଖୀନ ହୋଇଛି, ଯାହା ପିତୃତାନ୍ତ୍ରିକ ବିଶ୍ୱ ଦୃଷ୍ଟିକୋଣରେ ଗଭୀର ଭାବରେ ଏବେ ବି ରହିଛି । ଏହି ଦୃଷ୍ଟିକୋଣ ଶିଳ୍ପାୟନ, ଉପନିବେଶବାଦ ଏବଂ ଅସ୍ଥାୟୀ ବିକାଶ ମାଧ୍ୟମରେ ପରିବେଶର ଅବକ୍ଷୟକୁ ମହିଳାଙ୍କ ଉପେକ୍ଷା ସହିତ ଯୋଡିଥାଏ ।

ଇକୋଫେମିନିଜିମ୍, ଏକ ଆନ୍ତଃ ବିଭାଗୀୟ ପରିକଳ୍ପନା ଯାହା ନାରୀବାଦ ଏବଂ ପରିବେଶ ତତ୍ତ୍ୱକୁ କୁ ମିଶ୍ରଣ କରେ, ଲିଙ୍ଗ ଅତ୍ୟାଚାର ଏବଂ ପରିବେଶ ଅବନତି ମଧ୍ୟରେ ଅନ୍ତ ସଂଯୋଗକୁ ଅନୁସନ୍ଧାନ କରେ । ଭାରତରେ, ଏହି ଦୃଷ୍ଟିକୋଣ ଲିଙ୍ଗଗତ ଭୂମିକା ଏବଂ ପରିବେଶ ସମ୍ବନ୍ଧୀୟ ବିଷୟଗୁଡିକ କିପରି ଜଡିତ, ସେ ସମ୍ବନ୍ଧରେ ବହୁମୂଲ୍ୟ ଜ୍ଞାନ ପ୍ରଦାନ କରେ, ଯାହା ପିତୃତାନ୍ତ୍ରିକ ସମୟରେ ଉଭୟଙ୍କୁ କିପରି ଦମନ କରିଥାଏ ତାହା ପ୍ରକାଶ କରେ ।

## ଇକୋଫେମିନିଜିମର ଐତିହାସିକ ବିକାଶ

ଇକୋଫେମିନିଜିମର ଧାରଣା ୧୯୭୦ ଦଶକରେ ଉତ୍ପନ୍ନ ହୋଇଥିଲା ଯେତେବେଳେ ନାରୀବାଦୀ ଗତିବିଧି ଏବଂ ପରିବେଶ ଗତିବିଧି ଏକତ୍ର ହେବାକୁ ଲାଗିଲା । "ଇକୋଫେମିନିଜିମ୍" ଶବ୍ଦଟି ପ୍ରଥମେ ଫ୍ରାନ୍ସର ନାରୀବାଦୀ ଫ୍ରାଙ୍କୋଇଜ୍ ଡି'ଆଉବୋନ୍ ତାଙ୍କ ପୁସ୍ତକ ଲେ ଫେମିନିସ୍ମେ ଓ ଲା ମର୍ଟ (୧୯୭୪) ରେ ରଚନା କରିଥିଲେ, ଯେଉଁଠାରେ ସେ ଯୁକ୍ତି କରିଥିଲେ ଯେ ପ୍ରକୃତି ସହିତ ନିବିଡ଼ ସମ୍ପର୍କ ହେତୁ ପରିବେଶ ସଙ୍କଟ ଦୂର କରିବାରେ ମହିଳାମାନଙ୍କର ଏକ ଅନନ୍ୟ ଭୂମିକା ରହିଛି । ଡି'ଆଉବୋନ୍ (d'Eaubonne)ବିଶ୍ୱାସ କରୁଥିଲେ ଯେ ମହିଳାମାନଙ୍କର ମୁକ୍ତି ଏକ ପରିବେଶ ସମ୍ବନ୍ଧୀୟ ବିପ୍ଳବ ଆଣିପାରେ ।

୮୦ ଏବଂ ୯୦ ଦଶକରେ ଇକୋଫେମିନିଜିମ୍ ଅଧିକ ଆଲୋଚିତ ହେବାକୁ ଲାଗିଲା, ଯେଉଁଥିରେ ବନ୍ଦନା ଶିବ , ମାରିଆ ମିସ୍ ଏବଂ କାରୋଲିନ୍ ମର୍ଚାଣ୍ଟଙ୍କ ଭଳି ନାରୀବାଦୀ ଚିନ୍ତକମାନେ ମହିଳା ଏବଂ ମାତା ପୃଥିବୀ ମଧ୍ୟରେ ଥିବା ସମ୍ପର୍କକୁ ବିସ୍ତାର କରି ଏକ ମୁଦ୍ରାର ଉଭୟ ପାର୍ଶ୍ୱ ଭାବରେ ଗ୍ରହଣ କରିଥିଲେ । ପିତୃତାନ୍ତ୍ରିକ ସଂରଚନାର ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀକୁ ସେମାନେ ସମାଲୋଚନା କରିଥିଲେ ଯାହା ପରିବେଶର ଅବନତି ଏବଂ ଲିଙ୍ଗଗତ ଅତ୍ୟାଚାରକୁ ଇନ୍ଧନ ଯୋଗାଇ ଦେଇଥାଏ ।ପରିବେଶ ବିନାଶକୁ ପୁଞ୍ଜିବାଦ, ଉପନିବେଶବାଦ ଏବଂ ପିତୃତାନ୍ତ୍ରିକ ପ୍ରଣାଳୀ ସହିତ ଯୋଡିଥାଏ ।

ଭାରତୀୟ ପରିବେଶବିତ ବନ୍ଦନା ଶିବ ଉପନିବେଶବାଦ, ଜଗତୀକରଣ ଏବଂ ପ୍ରାକୃତିକ ସମ୍ପଦ ଉପରେ କର୍ପୋରେଟ୍ ନିୟନ୍ତ୍ରଣର ପ୍ରଭାବ ଉପରେ ବିଶେଷ କରି ବୈଶିକ ଦକ୍ଷିଣ ଦେଶ ( ଗ୍ଲୋବାଲ୍ ସାଉଥ)ଗୁଡିକରେ ଗୁରୁତ୍ୱାରୋପ କରିଥିଲେ । ଶିବ ଯୁକ୍ତି କରିଛନ୍ତି ଯେ ମହିଳାମାନେ ପ୍ରାଥମିକ ଯତ୍ନ ନେଉଥିବା ତଥା ସହାୟକ କୃଷକ ଭାବରେ ପରିବେଶ ପ୍ରକ୍ରିୟା ବିଷୟରେ ଏକ ଅନନ୍ୟ ବୁଝାମଣା ରଖିଛନ୍ତି ଏବଂ ପରିବେଶର ଅବକ୍ଷୟ ଦ୍ୱାରା ଅସଙ୍ଗତ ଭାବରେ ପ୍ରଭାବିତ ହେଉଛନ୍ତି । ତାଙ୍କର ଗବେଷଣାରେ ସେ ଦର୍ଶାଇଲେ ଯେ ଶିଳ୍ପ କୃଷିକୁ ଶିଳ୍ପ ଭାବେ ନେବା (industrialagriculture), ଜଙ୍ଗଲ ନଷ୍ଟ କରିବା ଏବଂ ଏକଚାଟିଆ ଅଧିକାର କିପରି ପାରମ୍ପାରିକତା ଓ ସ୍ଥାୟୀ ଅଭ୍ୟାସକୁ ବିସ୍ଥାପିତ କଲା, ଯାହା ପ୍ରାୟତଃ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ ।

୧୯୮୦ ରେ ପ୍ରକାଶିତ କାରୋଲିନ୍ ମର୍ଚାଣ୍ଟଙ୍କ ପ୍ରଭାବଶାଳୀ କାର୍ଯ୍ୟ, ' ପ୍ରକୃତିର ମୃତ୍ୟୁ '(The death of Nature)ରେ ଦର୍ଶଯାଇଛି

ଷୋଡଶ ଏବଂ ସପ୍ତଦଶ ଶତାବ୍ଦୀରେ ବୈଜ୍ଞାନିକ ଅନୁସନ୍ଧାନ ପାଶ୍ଚାତ୍ୟରେ ପ୍ରକୃତି ସମ୍ବନ୍ଧୀୟ ମନୋଭାବକୁ କିପରି ରୂପାନ୍ତରିତ କଲା, ଫଳସ୍ୱରୂପ ଯାନ୍ତ୍ରିକ ବିଶ୍ୱ ଦୃଷ୍ଟିକୋଣ ଯାହା ଉଭୟ ପରିବେଶ ଏବଂ ମହିଳାଙ୍କ ଶୋଷଣକୁ ଯଥାର୍ଥ କଲା । ସେ କହିଥିଲେ ଯେ ସ୍ତ୍ରୀ ଐତିହାସିକ ଭାବରେ ଜୀବନ ପ୍ରଦାନକାରୀ ଓ ସେହି ସମାନ ଗୁଣ ସହିତ ମହିଳା ଏବଂ ପ୍ରକୃତି ଜଡିତ , କିନ୍ତୁ ଶିଳ୍ପ ପୁଞ୍ଜିବାଦ ଏବଂ ଆଧୁନିକ ବିଜ୍ଞାନର ବୃଦ୍ଧି ସହିତ ଉଭୟ ଆପତ୍ତିଜନକ ଭାବେ ପରାଧୀନ ହୋଇଗଲେ ।

## ଇକୋଫେମିନିଜିମର ମୂଳ ସିଦ୍ଧାନ୍ତ

ଇକୋଫେମିନିଜିମ୍ ଅନେକ ମୂଳ ସିଦ୍ଧାନ୍ତ ରହିଛି, ଯାହା ପିତୃତାନ୍ତ୍ରିକ ସଂରଚନାକୁ ସମାଲୋଚନା କରିବା ଏବଂ ସାମାଜିକ ତଥା ପରିବେଶ ନ୍ୟାୟ ପାଇଁ ଓକିଲାତି ପାଇଁ ଏକ ମୂଳଦୁଆ ଭାବରେ କାର୍ଯ୍ୟ କରିଥାଏ ।

### ୧ । ଅତ୍ୟାଚାରର ଆନ୍ତଃସଂଯୋଗ:

ଇକୋଫେମିନିଜିମ୍ କହେ ଯେ ମହିଳା, ଦଳିତ ଗୋଷ୍ଠୀ ଏବଂ ମାତୃ ପୃଥିବୀର ଅତ୍ୟାଚାର ଏବଂ ଅସଦାଚରଣ ପରସ୍ପର ସହ ଜଡିତ । ଏହା ସମାନ ପ୍ରଣାଳୀ-ପିତୃତାନ୍ତ୍ରିକତା , ପୁଞ୍ଜିବାଦ, ଉପନିବେଶବାଦକୁ ଚିହ୍ନଟ କରେ ଯାହା ଉଭୟ ମହିଳା ଏବଂ ପ୍ରକୃତି ଉପରେ ପ୍ରାଧାନ୍ୟ ବିସ୍ତାର କରି ଏ ମାନଙ୍କୁ ଶୋଷଣ କରିଥାନ୍ତି । ଏମାନେ ପ୍ରକୃତି ଓ ନାରୀର ମଣିଷ ପ୍ରତି ସ୍ୱାଭାବିକ ଯତ୍ନ ଏବଂ ସହଯୋଗୀ ଗୁଣର ଫାଇଦା ଉଠେଇ ସେମାନଙ୍କୁ ନିୟନ୍ତ୍ରଣକୁ ନେଇଯାନ୍ତି, ଯାହା ପରିବେଶର ବିନାଶ ଏବଂ ସାମାଜିକ ଅନ୍ୟାୟକୁ ପ୍ରଶୟ ଦେଇଥାଏ ।

## ୨ । ମହିଳାଙ୍କ ଜ୍ଞାନର ମୂଲ୍ୟ:

ଇକୋଫେମିନିଜିମ୍ ମହିଳାଙ୍କ ଜ୍ଞାନକୁ ପ୍ରାଧାନ୍ୟ ଦେଇ ଥାଏ ବିଶେଷତଃ ସ୍ୱଦେଶୀ ଏବଂ ସ୍ଥାନୀୟ ଜ୍ଞାନ, ଯାହା ପ୍ରାୟତଃ ମୁଖ୍ୟସ୍ରୋତରେ ପରିବେଶ ଏବଂ ବିକାଶ ସମ୍ବନ୍ଧୀୟ ବକ୍ତବ୍ୟରେ ସୀମିତ ହିଁ ରହିଯାଏ । କୃଷି, ପ୍ରକୃତିର ଯତ୍ନ ନେବା ଏବଂ ଉତ୍ସ ପରିଚାଳନାରେ ମହିଳାମାନଙ୍କର ପାରମ୍ପାରିକ ଭୂମିକା ସେମାନଙ୍କୁ ପରିବେଶ ସନ୍ତୁଳନ ଏବଂ ସ୍ଥିରତା ବିଷୟରେ ଏକ ଗଭୀର ବୁଝାମଣାସ୍ୱତଃ ଯୋଗାଇଥାଏ। ପରିବେଶ ସଙ୍କଟ ଦୂର କରିବାରେ ଏହି ଜ୍ଞାନ ଅତ୍ୟନ୍ତ ଜରୁରୀ ଅଟେ। ବଡ ଚର୍ଚ୍ଚା ଓ ପରିବେଶ ସମ୍ବନ୍ଧୀୟ ବୈଠକ ସବୁରେ ଏମାନଙ୍କ ଜ୍ଞାନକୁ କେହି ପଚାରେ ନାହି ।

## ୩। ଦ୍ୱୈତବାଦ(Dualism) ର ସମାଲୋଚନା:

ଇକୋଫେମିନିଜିମ୍ ଦୋହରା ଚିନ୍ତା ପ୍ରକ୍ରିୟାକୁ ସମାଲୋଚନା କରେ ଯାହା ମଣିଷକୁ ପ୍ରକୃତି ଠାରୁ , ମନକୁ ଶରୀରରୁ ଏବଂ ପୁରୁଷକୁ ନାରୀଠାରୁ ଅଲଗା ଭାବେ ବିବେଚନା କରେ । ଏହି ଦ୍ୱୈତ ଚିନ୍ତାଧାରା (ବାଇନାରୀ)ଗୁଡିକ ଶ୍ରେଣୀବଦ୍ଧ ସଂରଚନାକୁ ଦୃଢ କରେ ଯାହା ନାରୀ ଏବଂ ପ୍ରକୃତିର ମୂଲ୍ୟକୁ ସଠିକ ଆସନ ଦେଇନଥାଏ । ଏହି ଅସନ୍ତୁଳନ ଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି, ଇକୋ'ମିନିଜିମ୍ ଜୀବନର ଏକ ସାମଗ୍ରିକ ଏବଂ ପରସ୍ପର ସହ ଜଡିତ ସମ୍ପର୍କକୁ ପ୍ରୋତ୍ସାହିତ କରେ ।

## ୪ । ନାରୀବାଦୀ ପରିବେଶ ନୈତିକତା

ଇକୋଫେମିନିଷ୍ଟମାନେ ପ୍ରାଧାନ୍ୟ ଏବଂ ଶୋଷଣ ଅପେକ୍ଷା ଯତ୍ନ ଏବଂ ସହଯୋଗର ଏକ ନୀତି ପାଇଁ ଯୁକ୍ତି କରନ୍ତି ।। ଏହି ନୈତିକ ଢାଞ୍ଚା ମାନବିକ ସମ୍ପର୍କ, ସମ୍ପ୍ରଦାୟ ଏବଂ ସମସ୍ତ ଜୀବଜନ୍ତୁଙ୍କ କଲ୍ୟାଣକୁ ଗୁରୁତ୍ୱ ଦେଇଥାଏ । ଏହା ନରକୈନ୍ଦ୍ରିକ ବିଶ୍ୱ ଦୃଷ୍ଟିକୋଣରୁ ଦୂରେଇ ଯିବାକୁ ଆହ୍ୱାନ କରେ ଯାହା ପ୍ରକୃତିକୁ ମାନବର ବ୍ୟବହାର ପାଇଁ କେବଳ ଏକ ଉତ୍ସ ଭାବରେ ଦେଖେ ।

## ୫ । ସ୍ଥାୟୀ ଜୀବନ ଏବଂ ସାମାଜିକ ନ୍ୟାୟ

ଇକୋଫେମିନିଜିମ୍ ସ୍ଥାୟୀ ଜୀବନଯାପନ ପାଇଁ ଓକିଲାତି କରେ ଓ ଏମିତି ଅଭ୍ୟାସ ଉପରେ ଗୁରୁତ୍ୱ ପ୍ରଦାନ କରେ ଯାହା ପୃଥିବୀର ପାରିବେଶିକ ସୀମା ଓ ସନ୍ତୁଳନକୁ ସମ୍ମାନ କରେ । ଏହା ସାମାଜିକ ନ୍ୟାୟ ସହିତ ପରିବେଶର ସ୍ଥିରତାକୁ ଯୋଡିଥାଏ, ଏହା ସ୍ୱୀକାର କରେ ଯେ ପରିବେଶର ଅବନତି ବିଶେଷ ଭାବରେ ମହିଳା, ଆଦିବାସୀ ଏବଂ ଗରିବ ଲୋକଙ୍କୁ ହିଁ ପ୍ରଭାବିତ କରିଥାଏ । ଇକୋଫେମିନିଜିମ୍ ବ୍ୟବସ୍ଥିତ ପରିବର୍ତ୍ତନ ପାଇଁ ଆହ୍ୱାନ କରେ ଯାହା ପରିବେଶ ସ୍ୱାସ୍ଥ୍ୟ, ସାମାଜିକ ସମାନତା ଏବଂସାମୂହିକ ସୁସ୍ଥତାକୁ ପ୍ରାଧାନ୍ୟ ଦେଇଥାଏ।

## ୬ । ଇକୋଫେମିନିଜିମ୍ ଏବଂ ବୈଶିକ ଦକ୍ଷିଣ ଦେଶ (ଗ୍ଲୋବାଲ୍ ସାଉଥ୍)

ଇକୋଫେମିନିଜିମ୍ ଗ୍ଲୋବାଲ୍ ସାଉଥ୍,(ଯାହାକୁ ତୃତୀୟ ଦେଶ ସମୂହ କୁହାଯାଇପାରେ )ରେ ମହତ୍ୱପୂର୍ଣ୍ଣ ପ୍ରତିକ୍ରିୟା ପାଇଛି, ଯେଉଁଠାରେ ମହିଳାମାନେ ପ୍ରାୟତଃପରିବେଶ ବିନାଶର ପ୍ରଭାବ ବହନ କରନ୍ତି ଓ କ୍ଷତିଗ୍ରସ୍ତ ହୁଅନ୍ତି । ଏହି ଅଞ୍ଚଳରମହିଳାମାନେ ନିଜ ପରିବାର ପାଇଁ ଖାଦ୍ୟ, ଜଳ ଏବଂ ଇନ୍ଧନର ବ୍ୟବସ୍ଥା କରିବା ପାଇଁ ଦାୟିତ୍ୱ ନେଇଥାନ୍ତି। ସେମାନଙ୍କ ଉପରେ ଜଙ୍ଗଲ ନଷ୍ଟ, ମରୁଭୂମି ଏବଂ ଜଳ ଅଭାବର ପ୍ରଭାବ ବିଶେଷ ଭାବରେ ପଡେ ।

କୃଷିକୁ ଶିଳ୍ପ ମାନ୍ୟତା ଦେବା ଉପରେ ବନ୍ଦନା ଶିବଙ୍କ ସମାଲୋଚନାରେ ଦର୍ଶାଯାଇଛି ଯେ ଅଧିକ ଉତ୍ପାଦନକାରୀ 'ସଲ କିସମ ଏବଂ ରାସାୟନିକ ସାର ପ୍ରବର୍ତ୍ତାଇଥିବା ସବୁଜ ବିପ୍ଲବ କିପରି ମହିଳାମାନଙ୍କର ପାରମ୍ପାରିକ କୃଷି ଜ୍ଞାନ ଏବଂ ଅଭ୍ୟାସକୁ ବିସ୍ଥାପିତ କଲା। ଭାରତରେ, ଜେନେଟିକ୍ ରୂପାନ୍ତରିତ ମଞ୍ଜି ପ୍ରଚଳନ ଏବଂ କୃଷିର ଶିଳ୍ପକରଣ (corporatisation) ମୃତ୍ତିକା ହ୍ରାସ, ଜଳ ଅଭାବ ଏବଂ ଜୈବ ବିବିଧତା ହରାଇବାରେ ସହାୟକ ହୋଇଛି । ପ୍ରାଥମିକ ଖାଦ୍ୟ ଉତ୍ପାଦକ ଏବଂ ବିହନ ସଞ୍ଚୟକାରୀ ଭାବରେ ମହିଳାମାନେ ନିରନ୍ତର କୃଷି, ଜୈବ ବିବିଧତା ସଂରକ୍ଷଣ ଏବଂ ଖାଦ୍ୟ ସାର୍ବଭୌମତ୍ୱ ପାଇଁ ପ୍ରଚାର କରୁଥିବା ଆନ୍ଦୋଳନରେ ମୁଖ୍ୟ ରହିଆସିଛନ୍ତି।

ଆଫ୍ରିକାରେ ମହିଳାମାନେ ଗ୍ରୀନ୍ ବେଲ୍ଟ ଆନ୍ଦୋଳନ ନାମକ ଏକ ପରିବେଶ ଆନ୍ଦୋଳନ ମ୍ଧ୍ଯମରେ ଜଙ୍ଗଲ ସୃଷ୍ଟି ଏବଂ ସମ୍ପ୍ରଦାୟ ଭିତ୍ତିକ ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରି ମହିଳାମାନେ ପରିବେଶ ସଂରକ୍ଷଣରଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଜନ ଆନ୍ଦୋଳନ ମ୍ଧ୍ଯମରେ ଗ୍ରୀନ୍ ବେଲ୍ଟ ଆନ୍ଦୋଳନର ପ୍ରତିଷ୍ଠାତା ୱାଙ୍ଗାରି ମାଥାଇ ଦର୍ଶାଇଥିଲେ ଯେ ପରିବେଶ ପୁନରୁଦ୍ଧାର କିପରି ଉଭୟ ପରିବେଶ ଏବଂ ଲିଙ୍ଗଗତ ଅନ୍ୟାୟ ଦୂର କରିବାର ମ୍ଧ୍ଯମ ହୋଇପାରିବ।

## ୭ ।ଇକୋଫେମିନିଜିମରେ ଅନ୍ତର୍ନିହିତ ସହଯୋଗିତା ।

ଇକୋଫେମିନିଜିମ୍ ଅନ୍ତର୍ନିହିତ ଭାବରେ, ଏହା ସ୍ୱୀକାର କରେ ଯେ ମହିଳା ଏବଂ ପ୍ରକୃତିର ଅତ୍ୟାଚାର ବିଭିନ୍ନ ପ୍ରକାରର ଅତ୍ୟାଚାର ଦ୍ୱାରା ଜଡିତ ହୋଇଛି, ଯେପରିକି ଗରିବ ମହିଳା, କଳାରଙ୍ଗ ଶ୍ରେଣୀର ମହିଳା, ଉପନିବେଶବାଦ, ଜାତି, ଶ୍ରେଣୀ, ଧର୍ମ, ଆଦିବାସୀ ମହିଳା ପ୍ରାୟତଃ ପରିବେଶ ଅବନତିର ସବୁଠାରୁ ବଡ ପ୍ରଭାବ ଅନୁଭବ କରନ୍ତିଏବଂ ସେମାନଙ୍କର ଅଭିଜ୍ଞତାକୁ ଇକୋଫେମିନିଷ୍ଟ ସମସ୍ତ ବିଶ୍ଳେଷଣରେ କେନ୍ଦ୍ରୀୟ ଭୂମିକା ପ୍ରଦାନ କରିଥାନ୍ତି । ଉପନିବେଶକରଣ ଏବଂ ପରିବେଶ ବିନାଶ ମଧ୍ୟରେ ଗୁପ୍ତସମ୍ପର୍କର ବୁଝାମଣା ସ୍ୱଦେଶୀ ଇକୋଫେମିନିଜିମ୍ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଆଦିବାସୀ ସମ୍ପ୍ରଦାୟ ଉପରେ ପରିବେଶ ପରିଚାଳନା ଦାୟିତ୍ୱ ଦୀର୍ଘ ଦିନର ପରମ୍ପରା ଭାବେ

ରହିଛି, ଉପନିବେଶବାଦଦ୍ୱାରା ଏହା କ୍ଷୁର୍ଣ୍ଣ ହୋଇଛି।ଜଙ୍ଗଲଜମିରୁ ସେମାନଙ୍କୁ ଉଚ୍ଛେଦ, ଏବଂ ଉତ୍ସ ଗୁଡିକର ଅତ୍ୟଧିକ ଉତ୍ତୋଳନ (ପାଣି, ଖଣିଜ ସମ୍ପଦ ଇତ୍ୟାଦି) ସେମାନଙ୍କ ଉପରେ ବୃହତ ପ୍ରଭାବ ପକେଇଛି ।ଏସବୁ ଷଡଯନ୍ତ୍ରକୁ ଅନୁଭବ କରି ଖଣି, ଖଦାନ ଏବଂ ଶିଳ୍ପ ବିକାଶର ପ୍ରଭାବରୁ ଜମି, ଜଳ ଏବଂ ସାଂସ୍କୃତିକ ପରିମଣ୍ଡଳକୁ ସୁରକ୍ଷା ଦେବା ପାଇଁ ଆଦିବାସୀ ମହିଳାମାନେ ସଂଘର୍ଷର ଅଗ୍ରଭାଗରେ ରହିଛନ୍ତି।

ଯୁକ୍ତରାଷ୍ଟ୍ରରେ, ୱିନୋନା ଲାଡୁକେଙ୍କ ପରି ସ୍ୱଦେଶୀ ଇକୋଫେମିନିଷ୍ଟମାନେ ଉତ୍ସ ଉତ୍ତୋଳନ ପ୍ରକଳ୍ପ ବିରୁଦ୍ଧରେ ସଂଗ୍ରାମରେ ଅଗ୍ରଣୀ ରହିଆସିଛନ୍ତି ଯାହା ଆଦିବାସୀ କ୍ଷେତ୍ର ତଥା ସେମାନଙ୍କ ଜୀବିକା ପ୍ରତି ବିପଦ ସୃଷ୍ଟି କରୁଛି। ସମାନ କାର୍ଯ୍ୟ କରୁଥିବା ବିଶ୍ୱ ସଂଗଠନ ସହିତ ଲାଡୁକେଙ୍କ କାର୍ଯ୍ୟ ପରିବେଶ ବିନାଶ ପ୍ରତି୍ଦ୍ୱାନ ଦେଇଛି ଏବଂ ପରିଶେଷରେ ଭୂତଳ ତୈଳ ପାଇପଲାଇନ,ଉତ୍ସ ଉତ୍ତୋଳନ ଗୁଡିକ କିପରି ଆଦିବାସୀ ସମ୍ପ୍ରଦାୟ ଉପରେ ଉପରେ ସାମାଜିକ ପ୍ରଭାବ ପକାଇଥାଏ ତାହା ଆଲୋଚନା କରିଛି । ତାଙ୍କର ସକ୍ରିୟତା ବିକାଶ ନାମରେ ବିଶ୍ୱରେ ଉପନିବେଶବାଦକୁ ବିଲୋପ କରିବା ଏବଂ ପରିବେଶ ଗତିବିଧିରେ ସ୍ୱଦେଶୀ ସ୍ୱରକୁ ମଜବୁତ କରିବାର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଏ ।

## ୮ ।ଇକୋଫେମିନିଜିମ୍: ଜଳବାୟୁ ପରିବର୍ତ୍ତନ ସହିତ ସମ୍ପର୍କ ।

ଜଳବାୟୁ ପରିବର୍ତ୍ତନ ହେଉଛି ଅନ୍ୟତମ ଚର୍ଚ୍ଚିତ ବିଷୟ ଏବଂ ଆମ ସମୟର ବିଶ୍ୱସ୍ତରୀୟ ଆହ୍ୱାନ । ଏହା ଇକୋଫେମିନିଜିମ୍ ଏକ ମାଇକ୍ରୋସ୍କୋପିକ୍ ଦୃଶ୍ୟ ପ୍ରଦାନ କରେ ଯାହା ମାଧ୍ୟମରେ ମହିଳାମାନଙ୍କ ଉପରେ ଏହାର ଲିଙ୍ଗଗତ ପ୍ରଭାବ ବୁଝିବା , ବିଶେଷତଃ ଗ୍ଲୋବାଲ୍ ସାଉଥରେ, ଯେଉଁମାନେ କୃଷି, ଜଳ ସଂଗ୍ରହ ଏବଂ କୃଷିକ୍ଷେତ୍ରର ଯତ୍ନ ନେବାରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସିଧାସଳଖ ଭାବରେ ପ୍ରଭାବିତ ହୁଅନ୍ତି । ମରୁଡ଼ି, ବନ୍ୟା, ଏବଂ ଖାଦ୍ୟ ଅଭାବର ପ୍ରଭାବକୁ ସେମାନେ ପ୍ରାୟତଃପ୍ରଥମେ ଅନୁଭବ କରନ୍ତି, ତଥାପି ସେମାନଙ୍କ ସ୍ୱର ପ୍ରାୟତଃଜଳବାୟୁ ନୀତି(climatepolicy) ଆଲୋଚନା ବେଳେ ବାଦ ପଡିଥାଏ ।

ଇକୋଫେମିନିଷ୍ଟ ଅନୁସନ୍ଧାନକାରୀମାନେ ଯୁକ୍ତି କରନ୍ତି ଯେ ଜଳବାୟୁ ପରିବର୍ତ୍ତନ ହେଉଛି ପିତୃତାନ୍ତ୍ରିକତା, ପୁଞ୍ଜିବାଦ ଏବଂ ଉପନିବେଶବାଦୀତାର ବୃହତ ବ୍ୟବସ୍ଥିତ ପ୍ରଭାବର ଏକ ଲକ୍ଷଣ, ଯାହା ଦୀର୍ଘମିଆଦୀ ପରିବେଶ ଆକ୍ରମଣ ଏବଂ ଅସନ୍ତୁଳନ ଉପରେ ସ୍ୱଳ୍ପ ମିଆଦି ଆର୍ଥିକ ଲାଭକୁ ପ୍ରାଧାନ୍ୟ ଦେଇଥାଏ । ପ୍ରାକୃତିକ ସମ୍ପଦର ଶୋଷଣ ଉପରେ ନିର୍ଭର କରୁଥିବା ଏକ୍ସଟ୍ରାକ୍ଟିଭିଷ୍ଟ ଅର୍ଥନୈତିକ ମଡେଲ (Extractivist Economic Model ) ଜଳବାୟୁ ପରିବର୍ତ୍ତନର ଏକ ପ୍ରମୁଖ କାରଣ ଅଟେ । ପୃଥିବୀର ପରିବେଶ ସନ୍ତୁଳନକୁ ସମ୍ମାନ ଦେଉଥିବା ସ୍ଥାୟୀ, ପୁନଃ ନିର୍ମାଣ ପାରମ୍ପରିକ ଅଭ୍ୟାସ ଆଡକୁ ପରିବର୍ତ୍ତନ କରିବାକୁ ଇକୋଫେମିନିଜିମ୍ ଆହ୍ୱାନ କରେ। ବର୍ତ୍ତମାନ ଜଳବାୟୁ ସଙ୍କଟ ଦୂର କରିବାରେ ମହିଳାଙ୍କ ସ୍ୱର (ବିଶେଷକରି ଗ୍ରାମାଞ୍ଚଳ ଏବଂ ଆଦିବାସୀ) ଶୁଣିବା ଜରୁରୀ ଅଟେ। ସମଗ୍ର ବିଶ୍ୱରେ ମହିଳାମାନେ ତୃଣମୂଳ ଜଳବାୟୁ ନ୍ୟାୟ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି, ଅକ୍ଷୟ ଶକ୍ତି, ନିରନ୍ତର କୃଷି ଏବଂ ପରିବେଶ (ରମକ୍ଷ୍ୱଙ୍କଷ୍ୱଷ୍ୱରଙ୍କ)ର ସୁରକ୍ଷା ପାଇଁ ଓକିଲାତି କରୁଛନ୍ତି। ଅନେକ ଆଦିବାସୀ ସମ୍ପ୍ରଦାୟରେ ମହିଳାମାନେ ପାରମ୍ପାରିକ ପରିବେଶ ଜ୍ଞାନର ରକ୍ଷକ ଅଟନ୍ତି, ଯାହା ପରିବେଶ ସହିତ କିପରି ସୁସମ୍ପର୍କରେ ଜୀବନଯାପନ କରିବେ ସେ ସମ୍ବନ୍ଧରେ ମୂଲ୍ୟବାନ ଜ୍ଞାନ ପ୍ରଦାନ କରେ ।

## ୯ ।ଇକୋଫେମିନିଜିମର ଆହ୍ୱାନ ଏବଂ ସମାଲୋଚନା ।

ଯଦିଓ ଇକୋଫେମିନିଜିମ୍ ଲିଙ୍ଗ (ପିତୃତାନ୍ତ୍ରିକ) ଏବଂ ପରିବେଶ ପ୍ରସଙ୍ଗର ଅନ୍ତର୍ନିହିତ ସମ୍ପର୍କକୁ ଏକ ଶକ୍ତିଶାଳୀ ସମାଲୋଚନା କରେ, ଏହା ମଧ ନିଜେ ସମାଲୋଚନାର ସମ୍ମୁଖୀନ ହୋଇଛି । ପ୍ରାରମ୍ଭିକ ଇକୋଫେମିନିଜିମର ଏକ ମୁଖ୍ୟ ସମାଲୋଚନା ହେଉଛି ଏହାର ପରିବେଶ ସହିତ ମହିଳାଙ୍କ ପ୍ରାକୃତିକ ସଂଯୋଗକୁ ଅତ୍ୟାବଶ୍ୟକ କରିବାର ପ୍ରବୃତ୍ତି,ମହିଳାମାନଙ୍କୁ ସେମାନଙ୍କର ସନ୍ତାନ ଧାରଣ (Biotic)ସମ୍ଭାବନା କିମ୍ବା ମାତାଙ୍କ ଭୂମିକା ହେତୁ ପରିବେଶର ଅନ୍ତର୍ନିହିତ ଭାବରେ ଅଙ୍ଗାଙ୍ଗି ଭାବେ ଜଡିତ ବୋଲି ଚିତ୍ରଣ କରିବା । ପାରମ୍ପାରିକ ଲିଙ୍ଗଗତ ଭୂମିକାକୁ ଦୃଢ କରିବା ଏବଂ ଲିଙ୍ଗଗତ ବୈଷମ୍ୟକୁ ଆହ୍ୱାନ କରିବାର ନାରୀବାଦୀ ଲକ୍ଷ୍ୟକୁ ଦୁର୍ବଳ କରିବା ଭଳି ଏହି ଅତ୍ୟାବଶ୍ୟକତା ଦେଖାଗଲା । ଏହି ସମାଲୋଚନାର ଉତ୍ତରରେ ସମସାମୟିକ ପରିବେଶ ନାରିବାଦୀ (Ecofeminist) ମାନେ ଗୁରୁତ୍ୱାରୋପ କରିଛନ୍ତି ଯେ ପରିବେଶ ସହିତ ମହିଳାଙ୍କ ସଂଯୋଗ ଜୈବିକ ନୁହେଁ କିନ୍ତୁ ସାମାଜିକ ତଥା ସାଂସ୍କୃତିକ ଭାବରେ ନିର୍ମିତ ଏବଂ ସମାଜରେ ସେମାନଙ୍କର ଭୂମିକା ଦ୍ୱାରାହିଁ ଆକୃଷ୍ଟ ହୋଇଛି ଯେଉଁଠାରେ ସେମାନଙ୍କୁ ମାତା ଭାବେ ପାଳିବା, ଖାଦ୍ୟ ଉତ୍ପାଦନ ଏବଂ ଉତ୍ସ ପରିଚାଳନା ଦାୟିତ୍ ସ୍ୱାଭାବିକ ଭାବେ ଦିଆଯାଇଛି। ମହିଳା ଏବଂ ପ୍ରକୃତି ମଧ୍ୟରେ ଏହି ସାମାଜିକ ଭାବରେ ନିର୍ମିତ ସମ୍ପର୍କ ପିତୃତାନ୍ତ୍ରିକତା ଏବଂ ପୁଞ୍ଜିବାଦର ସ୍ୱୟଂଶାସିତ ଭୂମିକାକୁ ପ୍ରତିଫଳିତ କରିଥାଏ, ଯାହା ପରିବେଶ ଅବନତି ସହିତ ଜଡିତ ଦାୟିତ୍ୱସହିତ ମହିଳାମାନଙ୍କୁ ଅଯୌକ୍ତିକ ଭାବରେ ଭାର ଦେଇଥାଏ । ଏକ ଅତ୍ୟାବଶ୍ୟକବାଦୀ ସଂଯୋଗ ପରିବର୍ତ୍ତେ, ଇକୋଫେମିନିଷ୍ଟମାନେ ମତ ଦିଅନ୍ତି ଯେ ମହିଳାମାନଙ୍କର ସାମାଜିକ ସ୍ଥିତି ସେମାନଙ୍କୁ ପରିବେଶଗତ ଆହ୍ୱାନର ମୁକାବିଲା ପାଇଁ ସ୍ୱତନ୍ତ୍ର ଅନ୍ତର୍ନିହିତ ଶକ୍ତି ଏବଂ ନେତୃତ୍ୱର ସମ୍ଭାବନା ଯୋଗାଇଥାଏ ।

ଇକୋଫେମିନିଜିମର ଅନ୍ୟ ଏକ ସମାଲୋଚନା ନିଜେ ନାରୀବାଦୀ ଏବଂ ପରିବେଶ ପରିସରରୁ ଆସିଥାଏ । କେତେକ ନାରୀବାଦୀ ଯୁକ୍ତି କରନ୍ତି ଯେ ଇକୋଫେମିନିଜିମ୍ ପରିବେଶ ପ୍ରସଙ୍ଗରେ ଅଧିକ ଧ୍ୟାନ ଦେଇ ନାରୀବାଦର ରାଜନୈତିକ ଲକ୍ଷ୍ୟକୁ ହ୍ରାସ କରିଥାଏ, ପରିବେଶବିତ ମାନେ ଲିଙ୍ଗ ଏବଂ ପରିବେଶ ନ୍ୟାୟକୁ ଏକତ୍ର କରିବା ପାଇଁ ଇକୋଫେମିନିଜିମକୁ ସମାଲୋଚନା କରନ୍ତି, ଯାହାଦ୍ୱାରା ପରିବେଶ ସକ୍ରିୟତାର ଧ୍ୟାନ ନିର୍ଦ୍ଦିଷ୍ଟତା ହରାଇଥାଏ। ଅବଶ୍ୟ, ଏହି ସମାଲୋଚକମାନେ ଲିଙ୍ଗ, ପରିବେଶ ସମସ୍ୟା ଏବଂ ସାମାଜିକ ନ୍ୟାୟ ମଧ୍ୟରେ ଅବିଚ୍ଛେଦ୍ୟ ସମ୍ପର୍କ କୁ ଅଣଦେଖା କରନ୍ତି, ଯାହା ଅନେକ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ନିଶ୍ଚିତ ଗଭୀର ଭାବରେ ଜଡିତ ।

## ଇକୋଫେମିନିଜିମର ପ୍ରକାର

ଇକୋଫେମିନିଜିମ୍ ଏକ ବୃହତ ଆନ୍ଦୋଳନ ନୁହେଁ କିନ୍ତୁ ବିଭିନ୍ନ ସ୍ତରରେ ଗଠିତ ହୋଇଛି, ପ୍ରତ୍ୟେକ ଲିଙ୍ଗ ଏବଂ ପରିବେଶ ସମସ୍ୟା ମଧ୍ୟର ସମ୍ପର୍କ ଉପରେ ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରାଯାଇଛି ।

କେତେକ ମୁଖ୍ୟ ପ୍ରକାରର ଇକୋଫେମିନିଜିମ୍ ଅନ୍ତର୍ଭୁକ୍ତ:

### ୧ ।ସାଂସ୍କୃତିକ ଇକୋଫେମିନିଜିମ

ଏହି ଶାଖା ମହିଳା ଏବଂ ପ୍ରକୃତି ମଧ୍ୟରେ ଆତ୍ମିକ ଏବଂ ପ୍ରତୀକାତ୍ମକ ସମ୍ପର୍କ ଉପରେ ଧ୍ୟାନ ଦେଇଥାଏ । ସାଂସ୍କୃତିକ ଇକୋଫେମିନିଷ୍ଟମାନେ ମହିଳାଙ୍କଭୂମିକାକୁ ଜୀବନ ପ୍ରଦାନକାରୀ, ଯତ୍ନ ନେଉଥିବା ଏବଂ ପାଳକ ଭାବରେ ଗଣନା କରନ୍ତି, ଏହି ଭୂମିକାକୁ ପ୍ରାକୃତିକ ଦୁନିଆର ପୁନର୍ନିର୍ମାଣ କ୍ଷମତା ସହିତ ଜଡିତ ବୋଲି ଦେଖନ୍ତି। ସେମାନେ ପ୍ରାୟତଃ ସ୍ୱଦେଶୀ ଆତ୍ମିକତା ଏବଂ ଦେବଦେବୀ ପୂଜାପାଠରୁ ଏହା ଚିତ୍ରିତ କରନ୍ତି, ପ୍ରକୃତିର ଚକ୍ର ଏବଂ ଶକ୍ତି ସହିତ ଏକ ସମନ୍ୱୟ ମାଧ୍ୟମରେ ମହିଳାଙ୍କ ଭୂମିକାକୁ ପୁନରୁଦ୍ଧାର ଏବଂ ସଶକ୍ତ କରିବାକୁ ଚେଷ୍ଟା କରନ୍ତି । ଅବଶ୍ୟ, ଏହି ଭୂମିକା ମହିଳାଙ୍କ ଭୂମିକାକୁ ଅତ୍ୟାବଶ୍ୟକ କରିବା ଏବଂ ଲିଙ୍ଗଗତ ବୈଷମ୍ୟକୁ ଚିରସ୍ଥାୟୀ କରି ସମାଲୋଚନାର ସମ୍ମୁଖୀନ ହୋଇଛି ।

### ୨ । ସମାଜବାଦୀ ଇକୋଫେମିନିଜିମ୍

ଇକୋଫେମିନିଜିମର ଏହି ଶାଖା ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥା ପାଇଁ ପ୍ରକୃତି ଓ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ଉପରେ ଧ୍ୟାନ ଦେଇଥାଏ ।। ମାର୍କ୍ସବାଦୀ ତତ୍ତ୍ୱକୁ ଆଧାରକରି ସମାଜବାଦୀ ଇକୋଫେମିନିଷ୍ଟମାନେ ଯୁକ୍ତି କରନ୍ତି ଯେ ପୁଞ୍ଜିବାଦ ଅଧିକ ଲାଭ ପାଇଁ ଉଭୟ ମହିଳାଙ୍କ ଶ୍ରମ ଏବଂ ପ୍ରାକୃତିକ ଉପଯୋଗ ଉପରେ ନିର୍ଭର କରେ ଯାହା ଏକ ଅସମାନ ଚିରସ୍ଥାୟୀ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦିଏ।। ପୁଞ୍ଜିବାଦକୁ ଭାଙ୍ଗିବା ଏବଂ ଅଧିକ ମାନବିକ ସମାନତା, ପରିବେଶଗତ ଭାବରେ ସ୍ଥାୟୀ ପ୍ରଣାଳୀ ସୃଷ୍ଟି କରିବାକୁ ସେମାନେ ଆହ୍ୱାନ ଦେଇଛନ୍ତି ଯାହା ସାମ୍ପ୍ରଦାୟିକ ସୁସ୍ଥତା ଏବଂ ଲାଭ ଉପରେ ପରିବେଶ ପରିଚାଳନାକୁ ପ୍ରାଧାନ୍ୟ ଦେଇଥାଏ।

### ୩। ବସ୍ତୁବାଦୀ ଇକୋଫେମିନିଜିମ୍

ସମାଜବାଦୀ ଇକୋଫେମିନିଜିମ୍ ସହିତ ଜଡିତ ବସ୍ତୁବାଦୀ ଇକୋ'ମିନିଜିମ୍ ବସ୍ତୁ ସହିତ ଜଡିତ ମହିଳାଙ୍କ ଜୀବନର ଅବସ୍ଥା ଏବଂ ପରିବେଶ ସହିତ ସେମାନଙ୍କର ପାରସ୍ପରିକ କ୍ରିୟା ଦ୍ୱାରା ଏହା କିପରି ରୂପ ଧାରଣ କରେ ତାହା ଉପରେ ଧ୍ୟାନ ଦେଇଥାଏ । ଏହି ଦୃଷ୍ଟିକୋଣ ଜୋର ଦେଇଥାଏ ଯେ ପରିବେଶର ଅବକ୍ଷୟ କିପରି ମହିଳାଙ୍କ ଦୈନନ୍ଦିନ ବଞ୍ଚିବା ଉପରେ ସିଧାସଳଖ ପ୍ରଭାବ ପକାଇଥାଏ, ବିଶେଷତଃ ବିଶୁଦ୍ଧ ଜଳ, ଖାଦ୍ୟ ଏବଂ ଶକ୍ତି ପାଇବାରେ ସେମାନେ କିପରି ଅସୁବିଧା ଭୋଗ କରନ୍ତି । ବସ୍ତୁବାଦୀ ଇକୋଫେମିନିଷ୍ଟମାନେ ଅର୍ଥନୈତିକ ଏବଂ ପରିବେଶ ସଂସ୍କାର ପାଇଁ ଓକିଲାତି କରନ୍ତି ଯାହା ବଞ୍ଚିତ ସମ୍ପ୍ରଦାୟର ଆବଶ୍ୟକତାକୁ ଦୃଷ୍ଟିରେ ରଖିଥାଏ, ପରିବେଶ ଶୋଷଣର ସହ ଲିଙ୍ଗଗତ ବୈଷମ୍ୟରେ ଅର୍ଥନୈତିକ ଭୂମିକାକୁ ଏହା ପ୍ରାଧାନ୍ୟ ଦେଇଥାଏ ।

### ୪ । ଆଧ୍ୟାତ୍ମିକ ଇକୋଫେମିନିଜିମ୍:

ଏହା ପୃଥିବୀ ସହିତ ମହିଳାମାନଙ୍କର ଆଧ୍ୟାତ୍ମିକ ସଂଯୋଗ ଉପରେ ଧ୍ୟାନ ଦେଇ ପରିବେଶବାଦ ଓ ନାରୀବାଦୀରେ ଆଧ୍ୟାତ୍ମିକତାକୁ ଓ ପ୍ରକୃତିର ପବିତ୍ରତାକୁ ଏକତ୍ର କରେ ।। ଆଧ୍ୟାତ୍ମିକ ଇକୋଫେମିନିଷ୍ଟମାନେ ଉଭୟ ମହିଳା ଏବଂ ପ୍ରକୃତିର ପ୍ରାଧାନ୍ୟକୁ ନ୍ୟାୟ ଦେବାରେ ସେମାନଙ୍କର ଭୂମିକା ପାଇଁ ପିତୃତାନ୍ତ୍ରିକ ଆଧିପତ୍ୟକୁ ସମାଲୋଚନା କରନ୍ତି । ଆଧ୍ୟାତ୍ମିକ ପରମ୍ପରାଗୁଡ଼ିକୁ ପୁନରୁଦ୍ଧାର କରି ପୃଥିବୀ ଏବଂ ନାରୀ ସମ୍ବନ୍ଧୀୟ ସିଦ୍ଧାନ୍ତ ସବୁକୁ ସମ୍ମାନ ଦେଇ ଆଧ୍ୟାତ୍ମିକ ଇକୋଫେମିନିଷ୍ଟମାନେ ମଣିଷ ଏବଂ ପରିବେଶ ମଧ୍ୟରେ ଅଧିକ ସୁସମ୍ପର୍କ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଥାନ୍ତି ।

### ୫ । ରାଡିକାଲ୍ ଇକୋଫେମିନିଜିମ୍

ରାଡିକାଲ୍ ଇକୋଫେମିନିଜିମ୍ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଭାବେ ପିତୃତାନ୍ତ୍ରିକତା ଉପରେ ଯାହା ଉଭୟ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର, ଦୁର୍ବଳତା ଏବଂ ପରିବେଶ ନଷ୍ଟ ହେବାର ମୂଳ କାରଣ ଅଟେ ବୋଲି କହନ୍ତି । ରାଡିକାଲ ଇକୋଫେମିନିଷ୍ଟମାନେ ଯୁକ୍ତି କରନ୍ତି ଯେ ପିତୃତାନ୍ତ୍ରିକ ପ୍ରଣାଳୀ ଅନ୍ତର୍ନିହିତ ଭାବରେ ହିଂସାତ୍ମକ, ଉପର ଶ୍ରେଣିଗତ ଏବଂ ଶୋଷଣକାରୀ, ଏବଂ ସେମାନେ ଏହି ସଂରଚନାରେ ଏକ ବାଇପ୍ଲବିକ ପରିବର୍ତ୍ତନ ପାଇଁ ଆହ୍ୱାନ କରନ୍ତି । ଏହି ଇକୋଫେମିନିଜିମର ଏହି ରୂପ ପ୍ରାୟତଃ ପରିବେଶର କ୍ଷତି ବିରୁଦ୍ଧରେ ପ୍ରତ୍ୟକ୍ଷ କାର୍ଯ୍ୟ ଉପରେ ଧ୍ୟାନ ଦେଇଥାଏ ଯେପରିକି କାଠକଟା ବିରୋଧୀ, ଆଣବିକ ବିରୋଧୀ ଏବଂ ପ୍ରଦୂଷଣ ବିରୋଧୀ ଆନ୍ଦୋଳନରେ ଅଂଶଗ୍ରହଣ କରିବା ।

## ବାସ୍ତବରେ ଇକୋଫେମିନିଜିମ୍: କିଛି ଘଟଣା ଏବଂ ପ୍ରମୁଖ ଆନ୍ଦୋଳନ

ଇକୋଫେମିନିଜିମ୍ ତୃଣମୂଳ ସ୍ତରର ପରିବେଶ ରକ୍ଷା ଆନ୍ଦୋଳନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି, ଗ୍ଲୋବାଲ୍ ସାଉଥରେ, ଯେଉଁଠାରେ ମହିଳାମାନେ ପରିବେଶ ସୁରକ୍ଷା ତଥା ସାମାଜିକ ନ୍ୟାୟ ପାଇଁ ସଂଗ୍ରାମ କରୁଛନ୍ତି। ଏହି ଆନ୍ଦୋଳନଗୁଡ଼ିକ ପରିବେଶ ଏବଂ ଲିଙ୍ଗଗତ ନ୍ୟାୟର ଅନ୍ତଃ ସଂଯୋଗକୁ ପ୍ରାଧାନ୍ୟ ଦେଇ ଇକୋଫେମିନିଷ୍ଟ ନୀତିର ବାସ୍ତବବୈଶିକ ପ୍ରୟୋଗକୁ ଆଖିଆଗରେ ରଖେ ।

ଇକୋଫେମିନିଜିମ୍ ହେଉଛି ଏକ ଆନ୍ତଃବିଭାଗୀୟ ଆନ୍ଦୋଳନ ଯାହା ପରିବେଶ ଏବଂ ନାରୀବାଦୀ ଚିନ୍ତାଧାରାକୁ ସଂଯୋଗ କରେ, ମାତୃ ପୃଥିବୀ ଓ ମହିଳାମାନଙ୍କର ଶୋଷଣ ମଧ୍ୟରେ ଥିବା ସମ୍ପର୍କ ଓ ସେମାନଙ୍କ ଅସହାୟତାକୁ ଗୁରୁତ୍ୱ ଦେଇଥାଏ ।। ଏହା ଶକ୍ତି ପ୍ରଣାଳୀ (powerdynamics), ବିଶେଷକରି ପିତୃତାନ୍ତ୍ରିକତାକୁ ଆହ୍ୱାନ (challenge )କରିବାକୁ ଚେଷ୍ଟା କରେ, ଯାହା ଉଭୟ ପରିବେଶ ଏବଂ ଦଳିତ ଗୋଷ୍ଠୀକୁ କ୍ଷତି ପହଞ୍ଚାଏ । ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଅଧ୍ୟୟନ ସମଗ୍ର ବିଶ୍ୱରେ ବାସ୍ତବରେ ରେ ଇକୋଫେମିନିଜିମ୍ ର କାର୍ଯ୍ୟଧାରାକୁ ବର୍ଣ୍ଣନା କରେ ।

### ୧ ।ଗ୍ରୀନ୍ ବେଲ୍ଟ ମୁଭମେଣ୍ଟ(କେନିଆ):

ନୋବେଲ ଶାନ୍ତି ପୁରସ୍କାର ବିଜେତା ୱାଙ୍ଗାରି ମାଥାଇ ୧୯୭୭ ରେ କେନିଆରେ ଗ୍ରୀନ୍ ବେଲ୍ଟ ମୁଭମେଣ୍ଟ ପ୍ରତିଷ୍ଠା କରିଥିଲେ, ଏହା ଇକୋଫେମିନିଜିମର ଅନ୍ୟ ଏକ ଉଦାହରଣ । ଏହି ଆନ୍ଦୋଳନ ଏକାସାଙ୍ଗରେ ବୃକ୍ଷରୋପଣ ଏବଂ ମହିଳା ସଶକ୍ତିକରଣର ପରିବେଶସୁରକ୍ଷା ତଥା ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଛି। ଜଙ୍ଗଲ ନଷ୍ଟ ହେବା, ମୃତ୍ତିକା କ୍ଷୟ ଏବଂ ଜଳ ଅଭାବ ହେତୁ ପରିବେଶ ସଙ୍କଟକୁ ଦୂର କରିବା ପାଇଁ ଏହା ଆରମ୍ଭ ହୋଇଥିଲା, ଯାହା କେନିଆର ଗ୍ରାମାଞ୍ଚଳର ମହିଳାମାନଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ବୃକ୍ଷରୋପଣ କାର୍ଯ୍ୟରେ ମହିଳାମାନଙ୍କୁ ଜଡିତ କରି ଏହି ଆନ୍ଦୋଳନ କେବଳ ପରିବେଶ ପୁନରୁଦ୍ଧାରକୁ ବୃଦ୍ଧି କରିନଥିଲା ବରଂ ମହିଳାମାନଙ୍କୁ ଆର୍ଥିକ ଏବଂ ସାମାଜିକ କ୍ଷେତ୍ରରେ ମଧ୍ୟ ସଶକ୍ତ କରିଥିଲା।ୱାଙ୍ଗାରି ମାଥାଇଙ୍କ ଦାୟିତ୍ୱରେ, ଗ୍ରୀନ୍ ବେଲ୍ଟ ଆନ୍ଦୋଳନ ପରିବେଶର ନଷ୍ଟ ଏବଂ ରାଜନୈତିକ ଦୁର୍ନୀତି ମଧ୍ୟରେ ସମ୍ପର୍କକୁ ଅଧିକ ଗୁରୁତ୍ୱ ଦେଇ ଗଣତନ୍ତ୍ର ଏବଂ ସାମାଜିକ ନ୍ୟାୟ ପାଇଁ ପ୍ରୋତ୍ସାହିତ କରିଥିଲା। ମହିଳାମାନେ ପରିବର୍ତ୍ତନର ପ୍ରମୁଖ ଏଜେଣ୍ଟ ହୋଇଥିଲେ, ଜଙ୍ଗଲ ସଂରକ୍ଷଣ ଉଦ୍ୟମକୁ ସେମାନେ ଆଗେଇ ନେଇଥିଲେ ଏବଂ ନିରନ୍ତର ଜୀବିକା ନିର୍ବାହ କରିଥିଲେ । ଏହା ପରେ ଜଳବାୟୁ ପରିବର୍ତ୍ତନ, ପରିବେଶର ସୁରକ୍ଷା ଏବଂ ପୁନରୁଦ୍ଧାର, ମହିଳା ଅଧିକାରର ସୁରକ୍ଷା ପାଇଁ ଓକିଲାତି, ପରିବେଶ ଏବଂ ଲିଙ୍ଗଗତ ନ୍ୟାୟ ହାସଲ ପାଇଁ ଇକୋଫେମିନିଷ୍ଟ ନୀତି କିପରି ପ୍ରୟୋଗ କରାଯାଇପାରିବ ତାହା ଦର୍ଶାଇ ଏହି ଆନ୍ଦୋଳନ ସମ୍ପ୍ରସାରିତ ହୋଇଛି।

### ୨ । ଷ୍ଟାଣ୍ଡିଂ ରକ୍ (ଯୁକ୍ତରାଷ୍ଟ୍ର ଆମେରିକା )

୨୦୧୬ ରେ ଷ୍ଟାଣ୍ଡିଂ ରକ୍ ସିଓକ୍ସ ଟ୍ରାଇବ ଏବଂ ସେମାନଙ୍କ ସହଯୋଗୀଙ୍କ ଦ୍ୱାରା ଡାକୋଟା ଆକ୍ସେସ୍ ପାଇପଲାଇନ (DAPL) ର ପ୍ରତିବାଦ ଇକୋ'ମିନିଜିମର ଅନ୍ୟ ଏକ ଉଦାହରଣ । ଏହି ପ୍ରତିରୋଧ ଆନ୍ଦୋଳନରେ ଆଦିବାସୀ ମହିଳାମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯାହା ଜଳ ଉତ୍ସ ଏବଂ ପବିତ୍ର ଜମିକୁ ପାଇପଲାଇନ ଦ୍ୱାରା ସମ୍ଭାବ୍ୟ ପ୍ରଦୂଷଣରୁ ରକ୍ଷା କରିବାକୁ ଚେଷ୍ଟା କରିଥିଲା। ଏହି ଆନ୍ଦୋଳନ ପରିବେଶ ଚିନ୍ତା, ସ୍ୱଦେଶୀ ଅଧିକାର ଏବଂ ଲିଙ୍ଗକୁ ସଂଯୋଗ କରିଥିଲା, କାରଣ ମହିଳାମାନେ ଉଭୟ ସଂଗଠନର ତଥା ସକ୍ରିୟତାର ଅଗ୍ରଭାଗରେ ଥିଲେ, ପ୍ରାୟତଃ ଜଳ ତଥା ଜମିର ସଂରକ୍ଷକ ଭାବରେ ସେମାନଙ୍କର ଭୂମିକା ଉପରେ ଗୁରୁତ୍ୱ ଦେଉଥିଲେ ।

### ୩। ଲଭ୍ କେନାଲ (ଯୁକ୍ତରାଷ୍ଟ୍ରଆମେରିକା )

୧୯୭୦ ଦଶକରେ ନ୍ୟୁୟର୍କର ନାଏଗ୍ରା ଜଳପ୍ରପାତ ନିକଟସ୍ଥ ଲଭ୍ କେନାଲ୍ ର ବାସିନ୍ଦା ଆବିଷ୍କାର କଲେ ଯେ ସେମାନଙ୍କ ସମ୍ପ୍ରଦାୟର ଗୃହ ଏକ ବିଷାକ୍ତ ରାସାୟନିକ ବର୍ଜ୍ୟବସ୍ତୁ ଉପରେ ନିର୍ମିତ ହୋଇଛି। ପରିବେଶ ନ୍ୟାୟ ପାଇଁ ସଂଗ୍ରାମରେ ଅନେକ ନେତ୍ରୀ ସ୍ଥାନୀୟ ମହିଳା ଥିଲେ, ଯେଉଁମାନେ ପ୍ରଦୂଷଣ ପ୍ରସଙ୍ଗକୁ ସେମାନଙ୍କ ପରିବାରର ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ସହିତ ଯୋଡିଥିଲେ। ଏହା ପ୍ରାୟତଃ ଯୁକ୍ତରାଷ୍ଟ୍ର ଆମେରିକାର ଇକୋଫେମିନିଜିମର ପ୍ରାରମ୍ଭିକ ଉଦାହରଣ ଭାବରେ ଦର୍ଶାଯାଇଥାଏ ।

ଯେହେତୁ ମହିଳା-ନେତୃତ୍ୱାଧୀନ ତୃଣମୂଳ ସ୍ତରରେ ପ୍ରଦୂଷକମାନଙ୍କୁ ଉତ୍ତରଦାୟୀ କରିବା ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ସ୍ୱଚ୍ଛ, ନିରାପଦ ପରିବେଶ ଦାବି କରିବାକୁ ଉଦ୍ୟମର ଆୟୋଜନ କରାଯାଇଥିଲା ।

### ୩ । ଆଦିବାସୀ ମହିଳା ଏବଂ ଜଳ ସୁରକ୍ଷା ଆନ୍ଦୋଳନ ।

ଉତ୍ତର ଆମେରିକାରେ ଇକୋଫେମିନିଷ୍ଟ କାର୍ଯ୍ୟକଳାପରେ ଆଦିବାସୀ ମହିଳାମାନେ ଆଗରେ ରହିଆସିଛନ୍ତି, ବିଶେଷକରି ଜଳକୁ ପ୍ରଦୂଷଣ ଏବଂ ଉତ୍ସ ଉତ୍ତୋଳନରୁ ରକ୍ଷା କରିବା ପାଇଁ। ଷ୍ଟାଣ୍ଡିଂ ରକ୍ରେ ଡାକୋଟା ଆକ୍ସେସ୍ ପାଇପଲାଇନ (DAPL) ବିରୋଧରେ ଲଢେଇ ହେଉଛି ଅନ୍ୟତମ ।

## ଭାରତୀୟ ପ୍ରସଙ୍ଗରେ ଲିଙ୍ଗ ଏବଂ ପରିବେଶ ସମ୍ପର୍କ : ତତ୍ତ୍ୱଗତ ଭିତ୍ତିଭୂମି ।

### ପିତୃତାନ୍ତ୍ରିକତା ଏବଂ ପରିବେଶ ଶୋଷଣ

ଇକୋଫେମିନିଜିମ୍ ସ୍ଥିର କରେ ଯେ ସମାନ ପିତୃତାନ୍ତ୍ରିକ ସଂରଚନା ଯାହା ଲିଙ୍ଗଗତ ଅତ୍ୟାଚାରରେ ସହାୟକ ହୁଏ ତାହା ମଧ୍ୟ ପରିବେଶର ଅବକ୍ଷୟକୁ ଇନ୍ଧନ ଦିଏ । ଭାରତରେ ପାରମ୍ପାରିକ ଲିଙ୍ଗଗତ ଭୂମିକା ମହିଳାମାନଙ୍କୁ ଏପରି ସ୍ଥିତିରେ ରଖେ ଯେଉଁଠାରେ ସେମାନେ ପରିବେଶ ସମସ୍ୟା ଦ୍ୱାରା ସିଧାସଳଖ ପ୍ରଭାବିତ ହୁଅନ୍ତି, ତଥାପି ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କର ସ୍ୱର ପ୍ରାୟତଃ ବଞ୍ଚିତ ହୁଏ । ଏହି ଦ୍ୱୈତ ଅତ୍ୟାଚାର ଏକ ନୀତିଗତ ଢାଞ୍ଚାର ଆବଶ୍ୟକତାକୁ ସୂଚିତ କରେ ଯାହା ଏକକାଳୀନ ଉଭୟ ଲିଙ୍ଗ ଏବଂ ପରିବେଶ ନ୍ୟାୟକୁ ସମାଧାନ କରିଥାଏ ।

## ପରିବେଶ ସମସ୍ୟାଗୁଡ଼ିକରେ ଲିଙ୍ଗଗତ ପ୍ରଭାବ

### ଜଳ ଅଭାବ:

ଜଳ ଅଭାବ ମହିଳାମାନଙ୍କୁ ଅଧିକ ଭାବରେ ପ୍ରଭାବିତ କରିଥାଏ, ବିଶେଷକରି ଗ୍ରାମାଞ୍ଚଳରେ ଯେଉଁଠାରେ ସେମାନେ ଜଳ ସଂଗ୍ରହ ପାଇଁ ଉତ୍ତର ଦାୟୀ ଥାନ୍ତି । ଏହି କାର୍ଯ୍ୟ ପ୍ରାୟତଃ ଦୀର୍ଘ ଘଣ୍ଟା ଏବଂ ମହତ୍ୱ ପୂର୍ଣ୍ଣ ଶାରୀରିକ ଚାପକୁ ଅନ୍ତର୍ଭୁକ୍ତ କରିଥାଏ, ଯାହା ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ ଏବଂ ଶିକ୍ଷା ଲାଭ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ସେମାନଙ୍କର ସହଯୋଗକୁ ସୀମିତ କରିଥାଏ । ଇକୋଫେମିନିଷ୍ଟ ଦୃଷ୍ଟି ମାଧ୍ୟମରେ ଜଳ ଅଭାବକୁ ଦୂର କରିବା କେବଳ ଜଳ ଭିତ୍ତିଭୂମିର ଉନ୍ନତି ନୁହେଁ ବରଂ ଜଳ ପରିଚାଳନା ନିଷ୍ପତ୍ତିରେ ମହିଳାଙ୍କ ଅଂଶଗ୍ରହଣକୁ ମଧ୍ୟ ସୁନିଶ୍ଚିତ କରେ ।

### କୃଷି ପରିଚାଳନା

କୃଷି କ୍ଷେତ୍ରରେ ମହିଳାମାନେ ଚାଷରେ ଯଥେଷ୍ଟ ସହଯୋଗ କରନ୍ତି କିନ୍ତୁ ପ୍ରାୟତଃ ମାତ୍ର ସମ୍ପତ୍ତିର ଅଧିକାର ଏବଂ ନିଷ୍ପତ୍ତି ନେବା କ୍ଷମତା ସେମାନଙ୍କର ନଥାଏ । କୃଷିକୁ ଶିଳ୍ପ ଆଡକୁ ପରିବର୍ତ୍ତନ କେବଳ ବାଣିଜ୍ୟିକ ଚାଷ ଦ୍ୱାରା ମୃତ୍ତିକାର ଉର୍ବରତା ହ୍ରାସ କରିଛି, ଯାହା ମହିଳାଙ୍କ ସହାୟକ ଚାଷ ଉପରେ ପ୍ରଭାବ ପକାଇଥାଏ । ଇକୋଫେମିନିଷ୍ଟମାନେ ଜୈବ ବିବିଧତାକୁ ପ୍ରୋତ୍ସାହିତ କରୁଥିବା, ପାରମ୍ପାରିକ ଜ୍ଞାନକୁ ସମର୍ଥନ କରୁଥିବା ଏବଂ ମହିଳା କୃଷକମାନଙ୍କୁ ସଶକ୍ତ କରୁଥିବା ପରିବେଶକୃଷି (agroecological) ପାଇଁ ପରାମର୍ଶ ଦିଅନ୍ତି ।

### ଜଙ୍ଗଲ କ୍ଷୟ

ଜୈବ ବିବିଧତା, ଜଳବାୟୁ ନିୟନ୍ତ୍ରଣ ଏବଂ ଅନେକ ଗ୍ରାମୀଣ ସମ୍ପ୍ରଦାୟର ଜୀବିକା ପାଇଁ ଜଙ୍ଗଲ ଜରୁରୀ । ଜଙ୍ଗଲ ପରିଚାଳନାରେ ମହିଳାମାନଙ୍କର ଭୂମିକା, କାଠକୁ ଛାଡି ଅନ୍ୟ ବନ୍ୟାଜାତ ସାମଗ୍ରୀ ସଂଗ୍ରହଠାରୁ ଆରମ୍ଭ କରି ସଂରକ୍ଷଣ ପ୍ରୟାସରେ ଅଂଶଗ୍ରହଣ କରିବା ଗୁରୁତ୍ୱପୂର୍ଣ୍ଣ । ଜଙ୍ଗଲର ଅବନତି ଏବଂ ଜଙ୍ଗଲ ନଷ୍ଟ ହେବା ଏହି ଉତ୍ସଗୁଡିକରେ ମହିଳାଙ୍କ ପ୍ରବେଶ ପ୍ରତି ବିପଦ ସୃଷ୍ଟି କରିଥାଏ, ଯାହା ସଂରକ୍ଷଣ ଦୃଷ୍ଟିକୋଣରେ ଆବଶ୍ୟକତାକୁ ଦର୍ଶାଇଥାଏ ଯେଉଁଥିରେ ମହିଳାଙ୍କ ଦୃଷ୍ଟିକୋଣ ଏବଂ ଜ୍ଞାନ ଅନ୍ତର୍ଭୁକ୍ତ ହେବା ଜରୁରୀ ।

### ବାୟୁ ପ୍ରଦୂଷଣ

ଭାରତରେ ସହରାଞ୍ଚଳ ଏବଂ ଓଦ୍ୟୋଗିକ ପ୍ରଦୂଷଣ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଥାଏ, ଯାହା ମହିଳା ଏବଂ ଶିଶୁମାନଙ୍କୁ ଅଧିକ ଭାବରେ ପ୍ରଭାବିତ କରିଥାଏ । ପାରମ୍ପାରିକ ଇନ୍ଧନ ସହିତ ଘର ଭିତର ରୋଷେଇ ରନ୍ଧନ ପାଇଁ ମହିଳାମାନେ ଦାୟୀ ଥିବାରୁ , ଘର ଭିତରର ବାୟୁ ପ୍ରଦୂଷଣର ଅଧିକ ସଂସ୍ପର୍ଶରେ ଆସିଥାନ୍ତି । ବାୟୁ ପ୍ରଦୂଷଣକୁ ଦୂର କରିବା ପାଇଁ କେବଳ ସଫା(cleaner technology) ନୁହେଁ, ନୀତି ମଧ୍ୟ ଆବଶ୍ୟକ ଯାହାକି ମହିଳାଙ୍କ ଉପରେ ସ୍ୱାସ୍ଥ୍ୟ ଉପରେ ପ୍ରଭାବକୁ ବିଚାରକୁ ନେଇ ଏବଂ ସ୍ୱଚ୍ଛ ଶକ୍ତି ବିକଳ୍ପ ପାଇଁ ସହାୟତା ଯୋଗାଇବ ।

### ଜଳବାୟୁ ପରିବର୍ତ୍ତନ

ଜଳବାୟୁ ପରିବର୍ତ୍ତନ ବିଦ୍ୟମାନ ଲିଙ୍ଗଗତ ଅସମାନତାକୁ ଆଖି ଆଗରେ ରଖି ମହିଳାଙ୍କୁ ବିଶେଷ ଭାବରେ ଦୁର୍ବଳ ଆଦିବାସୀ ସମ୍ପ୍ରଦାୟ ଗୁଡିକୁ ଅଧିକ ପ୍ରଭାବିତ କରିଥାଏ । ଜଳବାୟୁ ଢାଞ୍ଚାରେ ପରିବର୍ତ୍ତନ କୃଷି ଉତ୍ପାଦନ, ଜଳ ଉପଲବ୍ଧତା ଏବଂ ସ୍ୱାସ୍ଥ୍ୟ 'ଳା'ଳକୁ ପ୍ରଭାବିତ କରିଥାଏ, ଯାହାକି ମହିଳାଙ୍କ ଭୂମିକା ଏବଂ ଜୀବିକା ଉପରେ ପ୍ରଭାବ ପକାଇଥାଏ । ଇକୋଫେମିନିଷ୍ଟ ଆଭିମୁଖ୍ୟ ଜଳବାୟୁର ସ୍ଥିରତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରେ ଯାହା ଲିଙ୍ଗ ସମ୍ବେଦନଶୀଳ ଏବଂ ମହିଳାଙ୍କ ସହଯୋଗ ଏବଂ ସହଭାଗୀତା କୁ ସମର୍ଥନ କରେ ।

### ସ୍ୱଦେଶୀ ଜ୍ଞାନ ଏବଂ କୌଶଳ :

### ପାରମ୍ପାରିକ ଇକୋଲୋଜିକାଲ୍ ଜ୍ଞାନ (TEK):

ଭାରତର ଆଦିବାସୀ ମହିଳାମାନେ ପ୍ରାୟତଃ ସ୍ଥାନୀୟ ପରିବେଶ ସମ୍ବନ୍ଧୀୟ (Ecosystem)ଏବଂ ସ୍ଥାୟୀ ପାରମ୍ପରିକ ପରିଚାଳନା ବିଷୟରେ ବ୍ୟାପକ ଜ୍ଞାନ ଧାରଣ କରିଥାନ୍ତି । ପ୍ରଭାବଶାଳୀ ପରିବେଶ ପରିଚାଳନା ଏବଂ ସଂରକ୍ଷଣ ପାଇଁ ଏହି ଜ୍ଞାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଇକୋଡେମିନିଜିମ୍ TEK କୁ ମୁଖ୍ୟ ସ୍ରୋତ ପରିବେଶ ନୀତିରେ ଏକୀକୃତ କରିବା ଏବଂ ପ୍ରାକୃତିକ ସମ୍ପଦର ଅଗରସୁରକ୍ଷା କର୍ମୀ ଭାବରେ ଆଦିବାସୀ ମହିଳାମାନଙ୍କର ଭୂମିକାକୁ ସ୍ୱୀକୃତି ଦେବା ପାଇଁ ଓକିଲାତି କରେ ।

### ସମ୍ପ୍ରଦାୟ-ଆଧାରିତ ଉତ୍ସ ପରିଚାଳନା

ସମ୍ପ୍ରଦାୟ ଭିତ୍ତିକ ଉତ୍ସ ପରିଚାଳନା ମଡେଲଗୁଡିକ ଭାରତରେ ଆଦିବାସୀ ଗୋଷ୍ଠୀ ଦ୍ୱାରା କରାଯାଇଥାଏ, ସ୍ଥାୟୀ ପରିବେଶ ପରିଚାଳନା ପାଇଁ ମୂଲ୍ୟବାନ ଶିକ୍ଷା ମଧ୍ୟ ପ୍ରଦାନ କରିଥାଏ । ଏହି ମଡେଲଗୁଡିକ ପ୍ରାୟତଃ ସାମୂହିକ ନିଷ୍ପତ୍ତି ନେବାକୁ ଜଡିତ ଏବଂ ଉତ୍ସ ପରିଚାଳନା

ଏବଂ ସଂରକ୍ଷଣରେ ମହିଳାଙ୍କ ଭୂମିକାକୁ ସ୍ୱୀକୃତି ଦେଇଥାଏ । ଏହି ଅଭ୍ୟାସଗୁଡ଼ିକୁ ବ୍ୟାପକ ନୀତିଗତ ଢାଞ୍ଚାରେ ଅନ୍ତର୍ଭୁକ୍ତ କରିବା ଦ୍ୱାରା ସ୍ଥିରତା ଏବଂ ଲିଙ୍ଗଗତ ସମାନତା ବୃଦ୍ଧି କରିପାରିବ ।

## ଭାରତର କିଛି ପ୍ରମୁଖ ଇକୋଫେମିନୀଷ୍ଟ ଆନ୍ଦୋଳନ

### ୧ । ଚିପକୋ ଆନ୍ଦୋଳନ

ବାସ୍ତବରେ ଇକୋଫେମିନିଜିମର ଏକ ପ୍ରସିଦ୍ଧ ଉଦାହରଣ ହେଉଛି ଚିପକୋ ଆନ୍ଦୋଳନ ।ଭାରତରେ ଏହି ତୃଣମୂଳ ପରିବେଶ ଅଭିଯାନ ୧୯୭୦ ଦଶକରେ ଆରମ୍ଭ ହୋଇଥିଲା । ଏହି ଆନ୍ଦୋଳନର ନାମ "ଚିପକୋ" ଅର୍ଥାତ୍ ହିନ୍ଦୀରେ "ଆଲିଙ୍ଗନ କରିବା" କିମ୍ବା ଆବଦ୍ଧ କରିବା, ସେମାନଙ୍କର ଅହିଂସା ପ୍ରତିରୋଧକୁ ପ୍ରତୀକ କରି ମହିଳାମାନଙ୍କ ଦ୍ୱାରା ବୃକ୍ଷକୁ ଆଲିଙ୍ଗନ କରିବାକୁ ପ୍ରତୀକାତ୍ମକ ଭାବେ ଆରମ୍ଭ ହୋଇଥିଲା । ବାଣିଜ୍ୟିକ ଉଦ୍ଦେଶ୍ୟରେ କାଠ ଗଣ୍ଡି କଟା ହେତୁ ଜଙ୍ଗଲ ନଷ୍ଟ ହେବା ଏବଂ ପରିବେଶର ଅବକ୍ଷୟ ହେତୁ ଏହି ଆନ୍ଦୋଳନ ସୃଷ୍ଟି ହୋଇଥିଲା, ଯାହା ଗ୍ରାମାଞ୍ଚଳର ଜୀବଜନ୍ତୁ ତଥା ଜଳ ଉପରେ ନିର୍ଭରଶୀଳ ମହିଳା ମାନଙ୍କୁ ବହୁ ଭାବରେ ପ୍ରଭାବିତ କରୁଥିଲା ।

ଚିପକୋ ଆନ୍ଦୋଳନକୁ ଭାରତର ବିଶିଷ୍ଟ ପରିବେଶବିତ୍ ସୁନ୍ଦରଲାଲ ବହୁଗୁଣାଆରମ୍ଭ କରିଥିଲେ । ଜଙ୍ଗଲ ଗଛ କାଟିବାରୁ ରକ୍ଷା କରିବା ପାଇଁ ଏହା ଉତ୍ତରାଖଣ୍ଡର ହିମାଳୟ ଅଞ୍ଚଳରେ (ସେତେବେଳେ ଉତ୍ତରପ୍ରଦେଶର ଏକ ଅଂଶ) ଆରମ୍ଭ ହୋଇଥିଲା । ବହୁଗୁଣା,ଚଣ୍ଡୀ ପ୍ରସାଦ ଭଟ୍ଟ ଏବଂ ଗୌରା ଦେବୀଙ୍କ ସହ ଅନ୍ୟ ନେତା ଓ ସ୍ଥାନୀୟ ସମ୍ପ୍ରଦାୟ, ବିଶେଷକରି ମହିଳାମାନେ ଗଛ ଆଲିଙ୍ଗନ କରି ଜାବୁଡ଼ି ଧରି ଠିଆହୋଇ ରହିବା ଏବଂ ସେମାନଙ୍କୁ କାଟିବାରେ ରୋକିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଜଙ୍ଗଲ ନଷ୍ଟ ହେବା ଏବଂ ସେମାନଙ୍କର ଅର୍ଥନୈତିକ ଏବଂ ସାମାଜିକ ଜୀବନ ମଧ୍ୟରେ ଥିବା ସିଧାସଳଖ ସମ୍ପର୍କକୁ ଚିହ୍ନି ମହିଳାମାନେ ଚିପକୋ ଆନ୍ଦୋଳନର ଅଗ୍ରଭାଗରେ ଥିଲେ । ନିଜକୁ ସଂଗଠିତ କରି ଅହିଂସା ଦ୍ୱାରା ପ୍ରଦର୍ଶନ ପ୍ରଣାଳୀ ବ୍ୟବହାର କରି ଯେପରିକି ବୃକ୍ଷକୁ କୁଣ୍ଢେଇ ଧରିବା ଏବଂ ଜଙ୍ଗଲର ବ୍ୟବଶସାୟିକ ସ୍ଥାନ ଦଖଲ କରିବା ଦ୍ୱାରା ଚିପକୋ ଆନ୍ଦୋଳନର ମହିଳାମାନେ ବ୍ୟାପକ ଜଙ୍ଗଲ ନଷ୍ଟକୁ ରୋକିବାରେ ସକ୍ଷମ ହୋଇଥିଲେ ଏବଂ ଅଧିକ ସ୍ଥାୟୀ ଜଙ୍ଗଲ ସୃଷ୍ଟି ପାଇଁ ନେତୃତ୍ୱ ନେଇଥିଲେ । ଏହି ଆନ୍ଦୋଳନ ଏକ ଆଦର୍ଶ ଉଦାହରଣ ପାଲଟିଛି ଯେ କିପରି ମହିଳାମାନଙ୍କର ପରିବେଶ ସକ୍ରିୟତା ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ଯତ୍ନପ୍ରଦାନକାରୀ ଭାବରେ ସେମାନଙ୍କର ଭୂମିକା ଦ୍ୱାରା ପ୍ରେରିତ ହୋଇପାରେ ।

### ୨ । ନର୍ମଦା ବଚାଓ ଆନ୍ଦୋଳନ :

ଭାରତର ନର୍ମଦା ନଦୀରେ ବୃହତ ବନ୍ଧ ନିର୍ମାଣ ବିରୁଦ୍ଧରେ ଏହି ଆନ୍ଦୋଳନ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଇକୋଫେମିନିଷ୍ଟ ଆନ୍ଦୋଳନ ଅଧ୍ୟୟନ ଅଟେ । ସ୍ଥାନୀୟ ସମ୍ପ୍ରଦାୟର ବିସ୍ଥାପନ ଏବଂ ସମ୍ପୂର୍ଣ୍ଣ ପରିବେଶ (ecosystem)ନଷ୍ଟ ହେବା ମୁଖ୍ୟ ଚିନ୍ତାର ବିଷୟ । ଏହି ଯୋଜନା ବିରୋଧର ଆୟୋଜନରେ ମହିଳାମାନେ ବିଶେଷ କରି ସ୍ଥାନୀୟ ତଥା ଆଦିବାସୀ ସମ୍ପ୍ରଦାୟରମହିଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେମାନେ ଜମି ଏବଂ ଜଳ ସମ୍ବଳର କ୍ଷୟକୁ ସାମାଜିକ ନ୍ୟାୟ ଏବଂ ଲିଙ୍ଗଗତ ଅସମାନତାର ବ୍ୟାପକ ପ୍ରସଙ୍ଗ ସହିତ ଯୋଡିଥିଲେ, ଯାହା ବିତର୍କକୁ ଉଭୟ ପରିବେଶ ଏବଂ ନାରୀବାଦୀ ଚିନ୍ତାଧାରାକୁ ସୁଦୃଢ କରିଥିଲା ।

ଏହି ଅଧ୍ୟୟନଗୁଡ଼ିକ ପରିବେଶ ନ୍ୟାୟ ଏବଂ ଲିଙ୍ଗଗତ ସମାନତା କିପରି ଗଭୀର ଭାବରେ ଜଡିତ ତାହା ଦର୍ଶାଇ ଇକୋଫେମିନିଜିମର ଅବଦାନକୁ ସ୍ୱୀକାର କରେ । ପ୍ରତ୍ୟେକ କ୍ଷେତ୍ରରେ, ମହିଳାମାନେ ନିରନ୍ତର ପରିବେଶ ଅଭ୍ୟାସ ତଥା ଅତ୍ୟାଚାରର ଆହ୍ୱାନ ଓ ସୁରକ୍ଷା ପାଇଁ ଓକିଲାତି କରିବାରେ ନେତୃତ୍ୱ ଗ୍ରହଣ କରିଛନ୍ତି ଯାହା ଉଭୟ ପରିବେଶ ତଥା ଦଳିତ ସମ୍ପ୍ରଦାୟକୁ ଶୋଷଣ କରିବା ବିଷୟକୁ ପ୍ରାଧାନ୍ୟ ଦେଇଥାଏ ।

### ୩ ।ପିପଲି ଲାଇଭ୍ ଏବଂ ଜଳ ସଙ୍କଟ

ପିପଲି ଲାଇଭ୍ ଚଳଚ୍ଚିତ୍ର, ଯଦିଓ ଏକ ବ୍ୟଙ୍ଗ ଚଳଚିତ୍ର ,ତେବେ ଏହା ବାସ୍ତବତାକୁ ଦର୍ଶାଏ ।ଜଳର ଅଭାବ ଗ୍ରାମାଞ୍ଚଳ, ବିଶେଷକରି ମହିଳାମାନଙ୍କ ଉପରେ ସାମାଜିକ-ଅର୍ଥନୈତିକ ପ୍ରଭାବ କିପରି ପକାଏ । ଏହା ଗଣମ୍ଧ୍ୟମ ଏବଂ ସାଂସ୍କୃତିକ କାହାଣୀ ମାଧ୍ୟମରେ ଜଳ ଆବଶ୍ୟକତାକୁ ସୂଚିତ କରିଛି ତଥା ପରିବେଶ ସମସ୍ୟାର ଲିଙ୍ଗଗତ ବୈଶ୍ୟମକୁ ଦର୍ଶାଇଛି ।

### ୪ । ସ୍ୱୟଂ ନିଯୁକ୍ତ ମହିଳା ସଙ୍ଗଠନ (SEWA)

ପରିବେଶରୁ ଜୀବିକା ନିର୍ବାହ ପାଇଁ SEWA ର ପଦକ୍ଷେପ ପ୍ରଶଂସନୀୟ 'ପରିବେଶ ସୁରକ୍ଷା ଏବଂ ସମ୍ପ୍ରଦାୟର ସଂଗଠନ ମାଧ୍ୟମରେ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ଲିଙ୍ଗ ଏବଂ ପରିବେଶ ସ୍ଥିରତାକୁ ଏକୀକରଣ କରିବା ପାଇଁ ଏକ ମଡେଲ୍ ପ୍ରଦାନ କରିଥାଏ । ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଅକ୍ଷୟ ଶକ୍ତିରେ ସେମାନଙ୍କର କାର୍ଯ୍ୟ ଇକୋଫେମିନିଷ୍ଟ ନୀତିର ବ୍ୟବହାରିକ ପ୍ରୟୋଗକୁ ବର୍ଣ୍ଣନା କରେ ।

## ଓଡ଼ିଶାରେ ଲିଙ୍ଗ ଏବଂ ପରିବେଶର ସମ୍ପର୍କ

ଓଡିଶା ଏକ ଭାରତୀୟ ରାଜ୍ୟ ଜଙ୍ଗଲ, ନଦୀ ଏବଂ ଖଣିଜ ପଦାର୍ଥ ସମେତ ପ୍ରାକୃତିକ ସମ୍ପଦରେ ଭରପୂର ଅଟେ।ଅବଶ୍ୟ, ଏହି ଉତ୍ସଗୁଡିକର ଶୋଷଣ ପରିବେଶର ଅବନତି, ଆଦିବାସୀ ସମ୍ପ୍ରଦାୟର ବିସ୍ଥାପନ ଏବଂ ସାମାଜିକ-ଅର୍ଥନୈତିକ ବ୍ୟାଘାତ ସୃଷ୍ଟି କରିଛି ।

ଏହି ପରିବେଶ ପରିବର୍ତ୍ତନ ଅଧିକ ଭାବରେ ମହିଳାମାନଙ୍କୁ ପ୍ରଭାବିତ କରିଥାଏ, ବିଶେଷକରି ଗ୍ରାମାଞ୍ଚଳ ଏବଂ ଆଦିବାସୀ ସମ୍ପ୍ରଦାୟରେ, ଯେଉଁଠାରେ ସେମାନେ ଘରର ରକ୍ଷଣାବେକ୍ଷଣ ତଥା ପ୍ରାକୃତିକ ସମ୍ପଦ ପରିଚାଳନାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ।

## କ)ମହିଳାମାନେ ପ୍ରାକୃତିକ ସମ୍ପଦର ଗ୍ରାହକ

ଓଡିଶାର ଅନେକ ଭାଗରେ, ବିଶେଷ କରି ଆଦିବାସୀ ତଥା ଗ୍ରାମାଞ୍ଚଳରେ ମହିଳାମାନେ ଜଳ, ଇନ୍ଧନ କାଠ ଏବଂ ଖାଦ୍ୟର ପ୍ରାଥମିକ ସଂଗ୍ରହକାରୀ ଅଟନ୍ତି । ସେମାନେ ଜଙ୍ଗଲ, ନଦୀ ଏବଂ କୃଷି ସହିତ ଘନିଷ୍ଠ ସମ୍ପର୍କ ବଜାୟ ରଖନ୍ତି, ପ୍ରାୟତଃ ପରିବେଶର ସୁରକ୍ଷାକାରୀ ଭାବରେ ସେମାନେ ସ୍ୱତଃ କାର୍ଯ୍ୟ କରନ୍ତି ।ଜଙ୍ଗଲ ନଷ୍ଟ ହେବା କିମ୍ବା ଶିଳ୍ପ କାର୍ଯ୍ୟକଳାପ (ଯଥା ଖଣି) ହେତୁ ଜଙ୍ଗଲ ନଷ୍ଟ ହୋଇଯାଉଥିବାରୁ ମହିଳାମାନଙ୍କୁ ସମ୍ବଳ ପାଇଁ ଅଧିକ ଯାତ୍ରା କରିବାକୁ ପଡିଥାଏ ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ , ଅନ୍ୟାନ୍ୟ ଉତ୍ପାଦନକାରୀ କାର୍ଯ୍ୟ ପାଇଁ ସମୟ ହ୍ରାସ ହୁଏ ଏବଂ ଦାରିଦ୍ର୍ୟ ବୃଦ୍ଧି ପାଏ ।

## ଖ) ପରିବେଶର ଅବକ୍ଷୟ ଏବଂ ଲିଙ୍ଗଗତ ପ୍ରଭାବ

ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ନଷ୍ଟ ହେବା ଏବଂ ଶିଳ୍ପ ପ୍ରକଳ୍ପଗୁଡିକ (ଖଣି, ବନ୍ଧ ନିର୍ମାଣ ଇତ୍ୟାଦି) ବିସ୍ଥାପନ ଏବଂ ସ୍ଥାନୀୟ ଜୀବିକା ହରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ମହିଳାମାନେ ଏହି ପରିଣାମର ଅଧିକ ଶିକାର ହୁଅନ୍ତି, କାରଣ ସେମାନେ ଦୈନନ୍ଦିନ ଆବଶ୍ୟକତା ପାଇଁ ପ୍ରାକୃତିକ ସମ୍ପଦ ଉପରେ ଅଧିକ ନିର୍ଭରଶୀଳ ।ଜମି ଏବଂ ସମ୍ବଳର ସୁବିଧା ହରାଇବା ଖାଦ୍ୟ ସୁରକ୍ଷା ପ୍ରତି ମଧ୍ଯ ବିପଦ ସୃଷ୍ଟି କରିଥାଏ, ଯାହାକି ମହିଳାମାନଙ୍କୁ ନ୍ୟସ୍ତ ଥିବା ଚାଷ ଏବଂ ପରିବାରର ପୁଷ୍ଟିକର ଖାଦ୍ୟ ପାଇଁ ପ୍ରଭାବିତ କରିଥାଏ ।

## ଐତିହାସିକ ଏବଂ ସାଂସ୍କୃତିକ ପ୍ରସଙ୍ଗ ।

ଓଡିଶାରେ, ଭାରତର ଅନ୍ୟାନ୍ୟ ଅଂଶ ପରି, ପିତୃତାନ୍ତ୍ରିକ ପରମ୍ପରା ଐତିହାସିକ ଭାବରେ ଲିଙ୍ଗଗତ ସମ୍ପର୍କ ଗଠନ କରିଛନ୍ତି, ଯାହା ଉଭୟ ସାମାଜିକ ତଥା ଅର୍ଥନୈତିକ ଦୃଷ୍ଟିରୁ ମହିଳାଙ୍କୁ ଅଧୀନତାକୁ ଆଣିଛି । ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାଙ୍କ ସ୍ୱର ପ୍ରାୟତଃ ବଞ୍ଚିତ ହୋଇଛି, ବିଶେଷତଃ ଯେତେବେଳେ ଜମି ବ୍ୟବହାର, ଉତ୍ସ ଆବଣ୍ଟନ ଏବଂ ପରିବେଶ ନୀତି ବିଷୟରେ ଚର୍ଚ୍ଚା ହୋଇଛି ଏମାନଙ୍କୁ କେହି ପଚାରେ ନାହି ତଥାପି, ପାରମ୍ପାରିକ ଜ୍ଞାନ ପ୍ରଣାଳୀ, ବିଶେଷକରି ଓଡିଶାର ସ୍ଥାନୀୟ (ଆଦିବାସୀ) ସମ୍ପ୍ରଦାୟ, ପ୍ରାୟତଃ ମହିଳାମାନଙ୍କର ଭୂମିକାକୁ ପରିବେଶର ଯତ୍ନକାରୀ ଭାବରେ ଗୁରୁତ୍ୱ ଦିଅନ୍ତି । ଏହି ସମ୍ପ୍ରଦାୟଗୁଡିକ ବେଳେବେଳେ କୃଷି ଏବଂ ଜଙ୍ଗଲ ପରିଚାଳନାର ଅଧିକ ସ୍ଥାୟୀ ରୂପେ ପରିଚାଳନା କରନ୍ତି, ଏବଂ ମହିଳାମାନେ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ।

## ଓଡ଼ିଶାରେ ତୃଣମୂଳ ସ୍ତର ଏବଂ ଇକୋଫେମିନିଜିମ୍ ।

ଓଡ଼ିଶାରେ ଅନେକ ତୃଣମୂଳ ସ୍ତରର ଗତିବିଧି ଇକୋଫେମିନିଜିମର ଲେନ୍ସ ମାଧ୍ୟମରେ ଦେଖାଯାଇପାରେ, ଯେହେତୁ ସେମାନେ ପରିବେଶ ସକ୍ରିୟତା ଏବଂ ମହିଳା ଅଧିକାର ମଧ୍ୟରେ ସମ୍ପର୍କକୁ ଉଦ୍ଭାବିତ କରିଥିଲେ ।

## କ । ଖଣି ବିରୋଧୀ ଏବଂ ବିସ୍ଥାପନ ବିରୋଧୀ ଆନ୍ଦୋଳନ

ବୃହତ ଶିଳ୍ପ ପ୍ରକଳ୍ପଗୁଡିକ ପାଇଁ ଓଡିଶା ଏକ ପ୍ରମୁଖ ପ୍ରତିରୋଧର ସ୍ଥାନ ହୋଇଛି, ଯେପରିକି ନିୟମଗିରି ପାହାଡରେ, ଯେଉଁଠାରେ ବେଦାନ୍ତ ପରି କର୍ପୋରେଟ୍ ସ୍ୱାର୍ଥ ପାଇଁ ଖଣି ଅଧିଗ୍ରହଣ ବିରୋଧରେ ଆଦିବାସୀ ମହିଳାମାନେ ଆଗରେ ରହିଆସିଛନ୍ତି। ନିୟମଗିରି ଆନ୍ଦୋଳନ ଉଭୟ ପ୍ରାକୃତିକ ସମ୍ପଦ ତଥା ସ୍ୱଦେଶୀ ସାଂସ୍କୃତିକ ଅଧିକାରର ସୁରକ୍ଷା ଉପରେ ଆଲୋକପାତ କରିଥିଲା, ଯେଉଁଥିରେ ପବିତ୍ର ପାହାଡ ଓ ଜଙ୍ଗଲର ସୁରକ୍ଷା ପାଇଁ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଖ। ଜଙ୍ଗଲ ସଂରକ୍ଷଣ ଆନ୍ଦୋଳନ

ଓଡିଶାର ଅନେକ ଜଙ୍ଗଲ ସଂରକ୍ଷଣ ଆନ୍ଦୋଳନ ମହିଳାଙ୍କ ନେତୃତ୍ୱରେ କିମ୍ବା ସମର୍ଥି ରେ , ସାମ୍ପ୍ରଦାୟିକ ଜଙ୍ଗଲ ଜମିକୁ ଜଙ୍ଗଲ ନଷ୍ଟରୁ ରକ୍ଷା କରିବାକୁ ଚେଷ୍ଟା କରିଛି। ଏହି ଆନ୍ଦୋଳନରେ ମହିଳାମାନେ ଜାଳେଣି କାଠ, ଖାଇବାକୁ, ଏବଂ ଔଷଧୀୟ ଉଦ୍ଭିଦ ପାଇଁ ଜଙ୍ଗଲ ସମ୍ବଳର ନିରନ୍ତର ବ୍ୟବହାର ଉପରେ ଗୁରୁତ୍ୱାରୋପ କରନ୍ତି, ପ୍ରାୟତଃ ଏହି କ୍ଷେତ୍ରଗୁଡିକ ଉପରେ ସରକାରୀ ତଥା କର୍ପୋରେଟ୍ ନିୟନ୍ତ୍ରଣକୁ ସେମାନେ ପ୍ରତିରୋଧ କରନ୍ତି ।

## ଗ। ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାୟୀ ଜୀବିକା

ଓଡିଶାର ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHGs) ସ୍ଥାୟୀ ଜୀବିକା ନିର୍ବାହ ପାଇଁ କାର୍ଯ୍ୟ କରନ୍ତି ଯାହା ପରିବେଶ ସହିତ ଅଧିକ ସୁସଂଗତ ଭାବେ ଜଡିତ ଅଟେ । ଏଥିମଧ୍ୟରେ କ୍ଷୁଦ୍ର ଚାଷ, କୃଷି (ରେଶମ ଚାଷ) ଏବଂ ପରିବେଶ ଅନୁକୂଳ ଦ୍ରବ୍ୟ ଉତ୍ପାଦନ ଅନ୍ତର୍ଭୁକ୍ତ । ଏହିପରି ପଦକ୍ଷେପ କେବଳ ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରେ ନାହିଁ ବରଂ ସ୍ଥାୟୀ ଅଭ୍ୟାସକୁ ମ୍ଯ ଉତ୍ସାହିତ କରେ ଯାହା ପରିବେଶର ଅବକ୍ଷୟକୁ ହ୍ରାସ କରିଥାଏ ।

## ଆହ୍ୱାନ ଏବଂ ସୁଯୋଗ

ପ୍ରାକୃତିକ ସମ୍ପଦ ଏବଂ ପରିବେଶ ସକ୍ରିୟତା ପରିଚାଳନାରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସତ୍ତ୍ୱେ, ସେମାନେ ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହୁଅନ୍ତି, ଯେଉଁଥିରେ ଜମି ବ୍ୟବହାର, ଜଙ୍ଗଲ ପରିଚାଳନା ଏବଂ ଓଦ୍ୟୋଗିକ ନୀତି ସମ୍ବନ୍ଧୀୟ ଆନୁଷ୍ଠାନିକ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥାଗୁଡ଼ିକରେ ସେମାନଙ୍କର ପ୍ରତିନିଧିତ୍ୱର ଅଭାବ ରହିଛି । ପିତୃତାନ୍ତ୍ରିକ ମାନଦଣ୍ଡ ଯାହା ସେମାନଙ୍କର ସହଭାଗୀତ ଏବଂ ଜନସାଧାରଣ କ୍ଷେତ୍ରରେ ଅଂଶଗ୍ରହଣକୁ ପ୍ରତିରୋଧ କରେ, ସେମାନଙ୍କର ସକ୍ରିୟତା କିମ୍ବା ନେତୃତ୍ୱ ଭୂମିକାରେ ନିୟୋଜିତ ହେବାର କ୍ଷମତାକୁ ସୀମିତ କରେ । ସମ୍ବଳ ବିସ୍ଥାପନ ଶିଳ୍ପ ବିକାଶ ଦ୍ୱାରା ହୋଇଥାଏ, ପ୍ରାୟତଃ ମହିଳାଙ୍କ ପାଇଁ କ୍ଷତିପୂରଣ କିମ୍ବା ବିକଳ୍ପ ଜୀବିକା ନଥାଏ ।

### ପଥ ଅଗ୍ରଗାମୀ

ଇକୋଫେମିନିଜିମ୍ ଉଭୟ ପରିବେଶ ଏବଂ ଲିଙ୍ଗଗତ ଅସମାନତାକୁ ସମାଧାନ କରିବା ପାଇଁ ଏକ ନୀତିଗତ ଢାଞ୍ଚା ପ୍ରଦାନ କରେ।ସ୍ଥାନୀୟ, ରାଜ୍ୟ ଏବଂ ଜାତୀୟ ସ୍ତରରେ ପରିବେଶ ପରିଚାଳନାରେ ମହିଳାମାନଙ୍କର ଅଂଶଗ୍ରହଣ ବୃଦ୍ଧି ,ନିରନ୍ତର କୃଷି, ଜଙ୍ଗଲ ପରିଚାଳନା ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ମହିଳାମାନଙ୍କର ପାରମ୍ପାରିକ ଜ୍ଞାନର ସ୍ୱୀକୃତି, ଅଧିକ ସ୍ଥାୟୀ ପରିବେଶ ପରିଚାଳନରେ ସହାୟକ ହୋଇପାରେ ।ନୀତିଗତ ହସ୍ତକ୍ଷେପ ଯାହା ପରିବେଶର ଅବକ୍ଷୟ ଏବଂ ଉତ୍ସ ଉତ୍ତୋଳନ ପରିପ୍ରେକ୍ଷୀରେ ମହିଳାଙ୍କ ସ୍ଥାୟୀ ଜୀବିକା ନିର୍ବାହ ତଥା ଜମି ଅଧିକାରର ସୁରକ୍ଷା ସହିତ ଅନ୍ୟାନ୍ୟ ଦୁର୍ବଳତାକୁ ସମାଧାନ କରିବାରେ ସାହାଯ୍ୟ କରିଥାଏ ।

### ନୀତି ଏବଂ ଓକିଲାତି

### ଆଇନଗତ ଢାଞ୍ଚା

ଭାରତୀୟ ପରିବେଶ ନୀତିରେ ପ୍ରାୟତଃ ଲିଙ୍ଗ ସମ୍ବେଦନଶୀଳତାର ଅଭାବ ରହିଥାଏ, ଯାହା ଉଭୟ ପରିବେଶ ଏବଂ ଲିଙ୍ଗ ସମସ୍ୟା ପାଇଁ ଅପାରଗ ସମାଧାନର କାରଣ ହୋଇଥାଏ । ଇକୋଫେମିନିଷ୍ଟମାନେ ନୀତି ପାଇଁ ଓକିଲାତି କରନ୍ତି ଯାହା ସ୍ପଷ୍ଟ ଭାବରେ ଲିଙ୍ଗଗତ ବିଚାରକୁ ଅନ୍ତର୍ଭୁକ୍ତ କରେ ଯେପରିକି ଜଳ ପରିଚାଳନାର ନୀତିଗତ ଢାଞ୍ଚା , ଲିଙ୍ଗ ସମ୍ବେଦନଶୀଳତା , ଜମି ଅଧିକାର ନୀତି ଏବଂ ସଂରକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ।

### ନୀତି ନିର୍ଦ୍ଧାରଣ (Policymaking)ରେ ମହିଳାମାନଙ୍କୁ ସଶକ୍ତ କରିବା

ଲିଙ୍ଗ ଏବଂ ପରିବେଶ ସମସ୍ୟାର ସମାଧାନ ପାଇଁ ପରିବେଶ ନୀତି ନିର୍ଧାରଣରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଲିମ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମହିଳାମାନଙ୍କୁ ନୀତିଗତ ଆଲୋଚନା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ପ୍ରଭାବଶାଳୀ ଭାବରେ ଜଡିତ କରିବାରେ ସାହାଯ୍ୟ କରାଯିବ ଦରକାର ଏହା ନିଶ୍ଚିତ କରିପାରିବ ଯେ ସେମାନଙ୍କର ଆବଶ୍ୟକତା ଏବଂ ଦୃଷ୍ଟିକୋଣକୁ ସମ୍ମାନ କରାଯାଉଛି।

### ଶିକ୍ଷାଗତ କାର୍ଯ୍ୟକ୍ରମ ଏବଂ (awareness)ସଚେତନତା

ଲିଙ୍ଗ ଏବଂ ପରିବେଶ ସମ୍ବନ୍ଧୀୟ ସମ୍ପର୍କ ବିଷୟରେ ସଚେତନତା ସୃଷ୍ଟି କରୁଥିବା ଶିକ୍ଷାଗତ କାର୍ଯ୍ୟକ୍ରମ ଗୁଡିକ ଏହି ଆହ୍ୱାନ

ଗୁଡ଼ିକୁ ଇକୋଫେମିନିଜିମ୍ ଅଧିକ ପ୍ରଭାବଶାଳୀ ଭାବରେ ସମାଧାନ କରିବାକୁ ସମ୍ପ୍ରଦାୟକୁ ସଶକ୍ତ କରିପାରିବ । ବିଦ୍ୟାଳୟ, ସମ୍ପ୍ରଦାୟ ଗୋଷ୍ଠୀ, ଏବଂ ଏନଜିଓଗୁଡ଼ିକ ଇକୋଫେମିନିଷ୍ଟ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା ଏବଂ ତୃଣମୂଳ ସ୍ତରର ସକ୍ରିୟତାକୁ ଉତ୍ସାହିତ କରିବାରେ ଏକ ଭୂମିକା ଗ୍ରହଣ କରିପାରନ୍ତି ।

ଇକୋଫେମିନିଜିମ୍ ହେଉଛି ଏକ ତତ୍ତ୍ୱ ଗତ ଏବଂ କାର୍ଯ୍ୟକାରୀ ଆଭିମୁଖ୍ୟ ଯାହା ପ୍ରକୃତିର ଶୋଷଣ ଏବଂ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଯୋଡିଥାଏ, ପରିବେଶର ଅବକ୍ଷୟ ଏବଂ ଲିଙ୍ଗଗତ ଅସମାନତା ମୂଳରେ ଅନ୍ତଃ ସଂଯୋଗକୁ ଗୁରୁତ୍ୱ ଦେଇଥାଏ । ଓଡିଶା, ଭାରତ ପରିପ୍ରେକ୍ଷୀରେ, ରାଜ୍ୟର ଅନନ୍ୟ ସାମାଜିକ-ପରିବେଶ ଆହ୍ୱାନ, ପ୍ରାକୃତିକ ସମ୍ପଦ ଉପରେ ନିର୍ଭରଶୀଳତା ଏବଂ ସାମାଜିକ ତଥା ଲିଙ୍ଗଗତ ଅସମାନତା ହେତୁ ଇକୋଫେମିନିଜିମ୍ ବିଶେଷ ପ୍ରାସଙ୍ଗିକତା ଗ୍ରହଣ କରେ।

### ନିଷ୍କର୍ଷ

ଇକୋଫେମିନିଜିମ୍, ମୂଳତଃ , ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ପରିବେଶର ଅବନତିର ଆନ୍ତଃସଂଯୋଗକୁ ଉଦଜୀବିତ କରି କହିଛି ଯେ ଉଭୟ ପିତୃତାନ୍ତ୍ରିକ ସଂରଚନା ଏବଂ ପୁଞ୍ଜିପତି ଶୋଷଣରୁ ଏହା ଆସିଛି। ସର୍ବଭାରତୀୟ ପ୍ରସଙ୍ଗରେ, ଇକୋଫେମିନିଜିମ୍ ସାମାଜିକ ନ୍ୟାୟ, ଲିଙ୍ଗଗତ ସମାନତା ଏବଂ ପରିବେଶ ସ୍ଥିରତା ଉପରେ ଏକ ସାମଗ୍ରିକ ଆଭିମୁଖ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ଦଳିତ ସ୍ୱରକୁ ବିଶେଷ କରି ଗ୍ଲୋବାଲ୍ ସାଉଥ୍ ର ମହିଳାମାନେ ଯେଉଁମାନେ ପରିବେଶ ସଂରକ୍ଷଣର ଅଗ୍ରଭାଗରେ ଥାଆନ୍ତି ଏହି ବିକାଶ ମଡେଲଗୁଡିକର ପୁନର୍ବିଚାର ପାଇଁ ଆହ୍ୱାନ କରିଛନ୍ତି । ଏହି ଆନ୍ଦୋଳନ ଗୁଡିକ ସୂଚାଇ ଦେଇଛି ଯେ ପ୍ରକୃତ ପରିବେଶଗତ ସନ୍ତୁଳନ ଏବଂ ଲିଙ୍ଗଗତ ସମାନତା ହିଁ ହାସଲ କରାଯାଇପାରିବ ଯେତେବେଳେ ପୁରୁଷ ଉଚ, ନାରୀ ନୀଚ ଏହି ଶ୍ରେଣୀ ବିଲୋପ ହେବ ଏବଂ ପ୍ରକୃତି ସହିତ ଅଧିକ ସୁସମ୍ପର୍କ ସ୍ଥାପନ ହେବ। ପରିଶେଷରେ, ଇକୋଫେମିନିଜିମ୍ ଏକ ବିଶ୍ୱ ପାଇଁ ଓକିଲାତି କରେ ଯେଉଁଠାରେ ମାନବ କଲ୍ୟାଣ ଏବଂ ପରିବେଶ ସ୍ୱାସ୍ଥ୍ୟ ପରସ୍ପରକୁ ଦୃଢ କରି ଅଧିକ ସମାନତା ଏବଂ ସ୍ଥାୟୀ ଭବିଷ୍ୟତ ସୃଷ୍ଟି କରିପାରିବେ।

ଭାରତୀୟ ପ୍ରସଙ୍ଗରେ ଇକୋଫେମିନିଜିମ୍ ଲିଙ୍ଗ ଅତ୍ୟାଚାର ଏବଂ ପରିବେଶର ଅବକ୍ଷୟ ମଧ୍ୟରେ ଗଭୀର ସଂଯୋଗକୁ ଆଲୋଚନା କରେ । ଏହି ସମସ୍ୟା ଗୁଡିକୁ ସମାଧାନ କରି, ଇକୋଫେମିନିଷ୍ଟ ଆଭିମୁଖ୍ୟ ଅଧିକ ସମାନତା ଏବଂ ସ୍ଥାୟୀ ସମାଜ ଗଠନ ପାଇଁ ରଣନୀତି ପ୍ରଦାନ କରେ । ଲିଙ୍ଗଗତ ଦୃଷ୍ଟିକୋଣକୁ ପରିବେଶ ନୀତିରେ ଏକୀକୃତ କରିବା, ପାରମ୍ପାରିକ ଜ୍ଞାନର ମୂଲ୍ୟବୋଧ, ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାମାନଙ୍କୁ ସଶକ୍ତ କରିବା ଉଭୟ ପରିବେଶ ଏବଂଲିଙ୍ଗଗତ ନ୍ୟାୟ ହାସଲ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଓଡିଶାରେ ଇକୋଫେମିନିଜିମ୍ ଲିଙ୍ଗ ଏବଂ ପରିବେଶ ମଧ୍ୟରେ ଗଭୀର ସଂଯୋଗକୁ ଆଲୋଚନା କରେ, ବିଶେଷକରି ଗ୍ରାମାଞ୍ଚଳ ଏବଂ ଆଦିବାସୀ ସମ୍ପ୍ରଦାୟରେ । ଏହି କ୍ଷେତ୍ରର ମହିଳାମାନେ ପରିବେଶର ଅବକ୍ଷୟ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୁଅନ୍ତି ଏବଂ ଅଧିକ ସ୍ଥାୟୀ ଏବଂ ନ୍ୟାୟ ପ୍ରଣାଳୀ ସୃଷ୍ଟି ପାଇଁ ସମାଧାନର କେନ୍ଦ୍ରୀୟ ମହିଳାମାନଙ୍କୁ ସଶକ୍ତ କରିବା, ସେମାନଙ୍କର ଅବଦାନକୁ ଚିହ୍ନିବା ପରିବେଶ

ପରିଚାଳନା, ଏବଂ ସେମାନେ ସମ୍ମୁଖୀନ ହେଉଥିବା ଗଠନମୂଳକ ଅସମାନତାକୁ ସମାଧାନ କରିବା ଉଭୟ ପରିବେଶ ସ୍ଥିରତା ଏବଂ ଲିଙ୍ଗଗତ ସମାନତା ପାଇଁ ଜରୁରୀ ।

## ସହାୟକ ଗ୍ରନ୍ଥସୂଚୀ


୧. Merchant, Carolyn 1980: The Death of Nature: Women, Ecology, and the Scientific Revolution. Harper & Row,

2. Shiva, Vandana, 1989: Staying Alive: Women, Ecology, and Development. Zed Books

3. Mies, Maria, and Vandana Shiva , 1993. Ecofeminism. Zed Books

4. Plumwood, Val , 1993. Feminism and the Mastery of Nature. Routledge

5. Warren, Karen J., 2000. Ecofeminist Philosophy: A Western Perspective on What It Is and Why It

6. Matters. Rowman & Littlefield

7. Gaard, Greta 1998. Ecological Politics: EcofeministsThe Greens. Temple University Press,

8. Salleh, Ariel 1997,Ecofeminism as Politics: Nature, Marx, and the Postmodern. Zed Books

9. Kings, A. E. , 2017. Intersectionality and the Changing Face of Ecofeminism. Ethics & the Environment

10. Nanda, M. S. , 2001, Gender and Environment in India: Insights from Ecofeminism .

11. Economic and Political Weekly.

12. Kothari, Ashish, and R. S. P. R. S. Ghosh. , 2008.,The Chipko Movement: A Review of Literature.

13. Conservation and Society Gupta, Anil, and Dipak Gyawali. , 2013 Water Politics in India: The Struggle for Justice.

14. Routledge Chaudhuri, S., 2010,Women's Role in Environmental Movements in India. International Journal of Environment and Sustainable Development

15. Maathai, Wangari, 2003, The Green Belt Movement: Sharing the Approach and the Experience.

Lantern Books

16. Diamond, Irene, and Gloria F. Orenstein. , 1990. Reweaving the World: The

17. Emergence of Ecofeminism. Sierra Club Books

18. LaDuke, Winona,, 1999. All Our Relations: Native Struggles for Land and Life. Haymarket Books.

19. Agarwal, Bina,, 1994. A Field of One's Own: Gender and Land Rights in South Asia. Cambridge University Press.


## କିଛି ଗବେଷଣା ପ୍ରବନ୍ଧ ଏବଂ ରିପୋର୍ଟ


1. Sarkar, Sumit, 2011, "Mining Conflicts and Corporate Social Responsibility in Odisha." Economic and Political Weekly, vol. 46, no. 50pp. 39-45.

2.. Parida, Bibhu Prasad. 2016, "Development, Displacement and Gender Bias: A Study of Development-Induced Displacement in Odisha." Social Change, vol. 46, no. 2, pp. 231-248.

3. Sahu, Geetanjoy. , 2008,"Mining in the Niyamgiri Hills and Its Impact on the Tribals." Economic and Political Weekly, vol. 43, no. 9, pp. 19-23.

4.. UNDP India. 2009. Women's Role in the Management of Forest Resources in Odisha. United Nations Development Programme, A report that focuses on how women contribute to forest conservation and management in Odisha and the challenges they face.

5. Government of Odisha. , 2015. State Forest Report, Department of Forest and Environment, Odisha ö


### ୱେବସାଇଟ


Kalpavriksh Environmental Action Group. Stories of Resistance from Niyamgiri. www.kalpavriksh.org.


ଏହା ଏକ ତୃଣମୂଳ ସଂଗଠନ ଯାହା ଜଙ୍ଗଲ ସଂରକ୍ଷଣରେ ମହିଳାଙ୍କ ନେତୃତ୍ୱରେ ଗତିବିଧିକୁ ଦଲିଲ କରିଥାଏ, ଓଡିଶାର ମଧ୍ୟ ।

(ଏହି ଗ୍ରନ୍ଥସମୂହରେ ଇକୋଫେମିନିଜିମ୍, ଭାରତ ଏବଂ ଓଡିଶା ପାଇଁ ନିର୍ଦ୍ଦିଷ୍ଟ ଅନୁସନ୍ଧାନ ଏବଂ ଏହି ଅଞ୍ଚଳର ଲିଙ୍ଗ ଏବଂ ପରିବେଶ ସମ୍ବନ୍ଧୀୟ ପ୍ରାସଙ୍ଗିକ ରିପୋର୍ଟଗୁଡ଼ିକରମିଶ୍ରଣ ରହିଛି ।)

❖ ❖ ❖

DOI : https://doi.org/10.5281/zenodo.15253218

ମୂଳ ପ୍ରବନ୍ଧ

# ରାମଦାସ ହଠାତ୍ ବଦଳିଗଲା କାହିଁକି ?

**ଚିନ୍ମୟ ସାମଲ**

**ସଂକ୍ଷିପ୍ତସାର:**

ରାମଦାସ ହଠାତ୍ ବଦଳିଗଲା କାହିଁକି ? ଏହିଭଳି ଏକ ଶୀର୍ଷକ ପାଠକେ ପଢିସାରିବା ପରେ ମନରେ ଅହେତୁକ ପ୍ରଶ୍ନ ଜାଗି ଉଠିବା ସ୍ୱାଭାବିକ୍ । ଲେଖକ ଏଭଳି ଏକ ଶୀର୍ଷକରେ ଆଲୋଚନା କରିବାର ତାତ୍ପର୍ଯ୍ୟ କ'ଣ ? ପ୍ରକୃତରେ ଏହା ଏକ ଆଲୋଚନା ନା ଗଳ୍ପ ? ଏଭଳି ବିଭିନ୍ନ ପ୍ରଶ୍ନ । ତେବେ ପାଠକମାନଙ୍କ ଅବଗତି ନିମନ୍ତେ ମୁଁ ଜଣାଇବାକୁ ଚାହେଁ ଯେ, ଏହା ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଦ୍ୱାରା ୧୯୯୮ ମସିହାରେ ରଚିତ ତଥା ଅଭିନୀତ 'ଗାନ୍ଧୀ ଭୂମିକାରେ' ର ଏକ ବିଶ୍ଳେଷଣାତ୍ମକ ରୂପ । ମଣିଷ ବଦଳେ । ବଦଳିବା ପ୍ରକୃତିର ନିୟମ । ତେବେ ଏହି ବଦଳିବା ସମାଜକୁ କୌଣସି ନକରାତ୍ମକ ଦିଗ ନ ଦେଖାଇ ବରଂ ଏକ ସକରାତ୍ମକ ଦିଗ ଦେଖାଇବା ଉଚିତ୍। ଏବଂ ଏହି ବଦଳିବା ମଧ୍ୟ ଚରିତ୍ର ସଂଶୋଧନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସେହିପରି 'ଗାନ୍ଧୀ ଭୂମିକାରେ' ନାଟକର ଏକ ପ୍ରମୁଖ ଚରିତ୍ର ଗୁଣ୍ଡା ରାମଦାସ ମଧ୍ୟ ବଦଳିଥିଲା । ମାତ୍ର ଗୋଟେ ଘଣ୍ଟା ପାଇଁ ଗାନ୍ଧୀ ଭୂମିକାରେ ଅଭିନୟ କରୁଥିବା ଗୁଣ୍ଡା ରାମଦାସ ସାରା ଜୀବନ ପାଇଁ ଗାନ୍ଧୀଙ୍କ ଆଦର୍ଶକୁ ଆପଣେଇ ନେଇଥିଲା । ତେବେ ଚିରଦିନ ଗୁଣ୍ଡାଗିରି କରି ଆରାମଦାୟକ ଜୀବନ ଅତିବାହିତ କରୁଥିବା ଗୁଣ୍ଡା ରାମଦାସ ହଠାତ୍ ବଦଳିଗଲା କାହିଁକି ?

**ପ୍ରମୁଖ ଶବ୍ଦାବଳୀ :**

ଆଲିଏନେସନ୍, ଚରିତ୍ର ରୂପାନ୍ତରୀକରଣ, ସ୍ୱାର୍ଥ ସର୍ବସ୍ୱ ରାଜନୀତି, ମିଥ୍, ରୋମାଟିଂକ, ଗାନ୍ଧୀଜୀ ।

**ଆଲୋଚନା :**

ଉତ୍ତର ଅଶୀ ଓଡିଆ ନାଟକରେ ଏକ ଯୁଗସ୍ରଷ୍ଟା ନାଟ୍ୟକାର ଭାବେ ଶ୍ରୀ ଶଙ୍କର ପ୍ରସାଦ ତ୍ରିପାଠୀ ବେଶ୍ ପରିଚିତ । ଉଭୟ ମଞ୍ଚ ନାଟକ ଏବଂ ଟିଭି ନାଟକ ରଚନା କରିବାରେ ସେ ସିଦ୍ଧହସ୍ତ । ବିଂଶ ଶତାବ୍ଦୀର ଅଷ୍ଟମ ଦଶକ ଆଡକୁ ନାଟକରେ ପରିବର୍ତ୍ତନର ସ୍ୱର ଉଠାଇ ଯେଉଁ ପ୍ରତିଜ୍ଞାବଦ୍ଧ ନାଟ୍ୟକାରମାନେ ମଞ୍ଚ ନିକଟରେ ଆତ୍ମ ପ୍ରକାଶ କଲେ, ତନ୍ମଧ୍ୟରୁ ଶ୍ରୀ ଶଙ୍କର ପ୍ରସାଦ ତ୍ରିପାଠୀ ଏକ ପ୍ରତିଷ୍ଠିତ ଚେହେରା । ଉତ୍ତର ସ୍ୱାଧୀନତା କାଳରେ ଦେଶରେ ଯେଉଁ ଦ୍ରୁତ ରୂପାନ୍ତର ଘଟୁଥିଲା ଯଥା- ଜୀବନ ଦର୍ଶନରେ ଜଟିଳତାର ଅନୁଭବ, ଆଦର୍ଶବାଦର ଅବକ୍ଷୟରେ ନେତିବାଦୀ ସ୍ୱାର୍ଥସର୍ବସ୍ୱତାର କାୟା ବିସ୍ତାର, ବାସ୍ତବତା ତଥା ଆଦର୍ଶବାଦ ମଧ୍ୟରେ ସଂଘର୍ଷ ଏବଂ ତାର ପରିଣାମ- ଏ ସବୁର ପ୍ରତ୍ୟକ୍ଷ ନିଦର୍ଶନ ଶ୍ରୀ ତ୍ରିପାଠୀ ନିଶ୍ଚୟ ଦେଖିଥିବେ । ଓଡିଶାରେ ଅବସର ତତ୍ତ୍ୱର ପ୍ରବର୍ତ୍ତନ ହେବା ନିମନ୍ତେ ସମସାମୟିକ ନାଟ୍ୟକାରମାନଙ୍କ ମଧ୍ୟରେ ଯେଉଁ ହାସ୍ୟାସ୍ପଦ ଉଦ୍ୟମ- ସେ ସବୁ ନିଶ୍ଚୟ ତାଙ୍କ ଆଖିରେ ପଡିଥିବ। ପଶ୍ଚିମା ସମାଜ ସାଧାରଣତଃ ବ୍ୟକ୍ତିକୈନ୍ଦ୍ରିକ ଏବଂ ଏହି କାରଣରୁ ସେ ବେଶରେ ମଞ୍ଚରେ ବ୍ୟକ୍ତି ଚରିତ୍ରର ବିଶ୍ଳେଷଣ ଉପରେ ଗୁରୁତ୍ୱ ଦିଆଯାଏ । କିନ୍ତୁ ଭାରତବର୍ଷରେ ବ୍ୟକ୍ତି ମଧ୍ୟରେ ଯୋଗସୂତ୍ର ସ୍ଥାପନ ପାଇଁ ସଂପର୍କ ହିଁ ମୁଖ୍ୟ । ତେଣୁ ଏଥିରେ ସାମୁହିକତାକୁ ଗୁରୁତ୍ୱ ଦିଆଯାଇଥାଏ । "ଶ୍ରୀ ତ୍ରିପାଠୀ ତାଙ୍କ ନାଟକ ଗୁଡିକରେ ସମସାମୟିକତାର ପ୍ରସଙ୍ଗ ଆଲୋଚନା କରିବା

**ଯୋଗାଯୋଗ : ଶ୍ରୀମାନ୍ ଚିନ୍ମୟ ସାମଲ,** ଅଧ୍ୟାପକ
ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା
**E-MAIL :** chinmayasamal97@gmail.com
**ORCID ID:** https://orcid.org/0000-0002-0565-106X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୧.୨୦୨୪ | ୧୦.୦୧.୨୦୨୫ | ୨୫.୦୨.୨୦୨୫ | ୧.୦୩.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାମଲ, ଚିନ୍ମୟ; ୨୦୨୫ । ରାମଦାସ ହଠାତ୍ ବଦଳିଗଲା କାହିଁକି ? । ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ୦; ପୃଷ୍ଠା :୨୫-୨୮ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.15253218
Article No - BPP00274

ସହିତ ଇତିହାସ ମିଥ୍ ମଧ୍ୟରୁ ସୁଦ୍ଧା ସମସାମୟିକତା ଖୋଜିଛନ୍ତି ଏବଂ ତାହାରି ଦ୍ୱାରା ସେ ସମାଜକୁ ନିଜର ସ୍ଥିତି ଦେଖାଇ ଦେବା ପାଇଁ ଉଦ୍ୟମ କରିଛନ୍ତି ।" (୧)

ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ନାଟକ 'ଗାନ୍ଧୀ ଭୂମିକାରେ' ପ୍ରଥମେ ପ୍ରକାଶ ପାଏ ୧୯୯୮ ମସିହାରେ ଆର୍ଯ୍ୟ ପ୍ରକାଶନ ଦ୍ୱାରା । ସମାଜରେ ଏକ ଉତମ ପରିବେଶ ନିମିତ ଏକ ଉତମ ଚରିତ୍ରର ଆବଶ୍ୟକତା ରହିଛି । ଅପରାଧିର ଦଣ୍ଡ ଲାଠିରେ ନୁହେଁ, ବରଂ କ୍ଷମାରେ, ଉଦାରପଣିଆରେ । ତେବେ ଯାଇ ତା' ଚରିତ୍ରର ବିକାଶ ହେବ। ସମାଜରେ ଅପରାଧପ୍ରବଣତା କ୍ଷୟ ହେବାରେ ଲାଗିବ । ବିଶ୍ୱର ସମସ୍ତ ମହାପୁରୁଷମାନଙ୍କ ଜୀବନ ଏତେ ବି ସରଳ ନଥିଲା ଏବଂ କୁହାଯାଇପାରେ ଏତେ ବି କଷ୍ଟସାଧ୍ୟ ମଧ୍ୟ ନଥିଲା । ଜୀବନକୁ ଅତ୍ୟଧିକ କଣ୍ଟକିତ ନକରି ଅତ୍ୟନ୍ତ ସରଳ ଭାବେ କିପରି ଜୀବନଯାପନ କରାଯାଇପାରିବ, ତାଙ୍କୁ ଅଗୋଚର ନଥିଲା । ସମୟ ରୂପୀ ମହାକାଳ ସ୍ରୋତର ମୂଲ୍ୟ ତାଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ସେମାନେ ଯୁଗ ଯୁଗ ପାଇଁ ମହାପୁରୁଷ ଏବଂ ପ୍ରତି ଯୁଗର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଛାଡି ଦେଇ ଗଲେ ସେମାନଙ୍କ ପଦଚିହ୍ନ । ଚରିତ୍ରର ସଂଶୋଧନ ନିମନ୍ତେ ତଥା ଏକ ଉତମ ନିରାମୟ ସମାଜ ଗଠନ ନିମନ୍ତେ ଏହିମାନଙ୍କ ପଦାଙ୍କକୁ ଅନୁସରଣ କରିବା ହିଁ ମଙ୍ଗଳମୟ । ତେଣୁ ପ୍ରତିଟି ମହନୀୟ ଚରିତ୍ର ନିଜ ଭିତରେ ଅବତାରଣା କରି ନିଜ ଦୋଷତ୍ରୁଟିକୁ ଚିହ୍ନିବା ସହ ସମାଜର କଲ୍ୟାଣକାମୀ ହେବା, ନିତ୍ୟାନ୍ତ ପକ୍ଷେ ସାଂପ୍ରତିକ ସମାଜ ପାଇଁ ସ୍ୱାଗତଯୋଗ୍ୟ । ଯାହା 'ଗାନ୍ଧୀ ଭୂମିକାରେ' ନାଟକରେ ଗୁଣ୍ଡା ରାମଦାସ କରିଥିଲା ।

ସମାଜରେ ପରିବର୍ତ୍ତନ ଆସେ। ପରିବର୍ତ୍ତନ ଉତ୍ତମ ସମାଜ ଗଠନର ନିୟାମକ। ପରିବର୍ତନ ଅନୁଯାୟୀ ଚରିତ୍ର ମଧ୍ୟ ବଦଳେ। ସେହିଭଳି ନାଟକର ନାୟକ ଗୁଣ୍ଡା ରାମଦାସ ଗାନ୍ଧୀ ଭୂମିକାରେ। ଗାନ୍ଧୀ ଭୂମିକାରେ ଅନ୍ତତଃ ଗୋଟିଏ ଘଣ୍ଟା ପାଇଁ ହେଲେ ମଧ୍ୟ ସେ ଅଭିନୟ କରିବା ପରେ ତା' ଭିତରେ ଥିବା ସମସ୍ତ ହିଂସାମୂଳକ ଅନ୍ଧକାରମୟ ଦିଗ ଦୂରୀଭୂତ ହୋଇ ପ୍ରତିଷ୍ଠା ହୋଇପାରିଥିଲା ଅହିଂସାର ପଥ । ଅହିଂସାର ପଥ ଅନୁସରଣ ପୂର୍ବକ ସେ କେତେବେଳେ ନିଜକୁ ସଂପୂର୍ଣ୍ଣ ଗାନ୍ଧୀ କରି ଦେଇଛି ସେ ମଧ୍ୟ ଅଗୋଚର । ଏତିକିବେଳେ ସେ ନିଜକୁ ଦେଖିଛି । ଗାନ୍ଧୀ ହେବା ପୂର୍ବର ସମୟକୁ ମନେ ପକାଇଛି। କରିଯାଇଥିବା ସେଇଭଳି କିଛି ଅନୈତିକ କାର୍ଯ୍ୟ ପାଇଁ ସେ ନିଜକୁ ନିନ୍ଦା ମଧ୍ୟ କରିଛି । ଅନୁତପ୍ତ ହୋଇଛି । ଗୁଣ୍ଡା ରାମଦାସ ଶେଷରେ ବଦଳିଯାଇଛି ଗାନ୍ଧୀ ରାମଦାସରେ ।

**ଗାନ୍ଧୀ ଭୂମିକାରେ ନାଟକର ଆଲୋଚନା:**

ନାଟକ ଆରମ୍ଭରେ ତିନି ଜଣ ଅଭିନେତା ଯଥାକ୍ରମେ ୧ମ, ୨ୟ ଓ ୩ୟ ଗାନ୍ଧୀ ଜୟନ୍ତୀ ନିମିତ ଚାନ୍ଦା ମାଗିବାରେ ବ୍ୟସ୍ତ । ଅଭିନେତାମାନଙ୍କର ନିଜସ୍ୱ ପରିଚିତି ହେଲା ୧ମ ଜଣକ ପକେଟ୍ମାର ଭଳି, ୨ୟ ସିନେମା ଟିକେଟ୍ ବ୍ଲାକର ସନ୍ନି ଏବଂ ୩ୟ ଗୁଣ୍ଡା ରାମଦାସ । ଚାନ୍ଦା ମଧ୍ୟ ଠିକ୍ଠାକ୍ ଆଦାୟ ହୁଏ । ଆଦାୟ ବାର ହଜାର ଟଙ୍କା । ଟଙ୍କା ସିନା ଆଦାୟ ହୁଏ, କିନ୍ତୁ ଯେଉଁ କାର୍ଯ୍ୟ ପାଇଁ ବା ଯେଉଁ ଲକ୍ଷ୍ୟ ପାଇଁ ଏହା ହୁଏ, ସେଇ ବାବଦକୁ କେତେ ଟଙ୍କା ଖର୍ଚ୍ଚ ହୁଏ । କାମକୁ କିପରି ଖୁଚୁରାରେ ଚଳାଇ ଦେଇ ବାକି ସବୁ ମଦପାଣିରେ ଯିବ ସମସ୍ତଙ୍କ ସେହି ଲକ୍ଷ୍ୟ । ନାଟକ ତ ସମାଜର ପ୍ରତିବିମ୍ବ । ତେବେ ତାହାର ଚରିତ୍ରମାନେ ମଧ୍ୟ ଏହିଭଳି କାର୍ଯ୍ୟରୁ ବର୍ତିବେ ବା କିପରି ? ବିନା କୌଣସି ଟଙ୍କା ଖର୍ଚ୍ଚରେ ଗାନ୍ଧୀ ଜୟନ୍ତୀ କିଭଳି କରାଯାଇପାରିବ, ତା ପାଇଁ ପ୍ରସ୍ତୁତି ଚାଲେ । ଶେଷରେ ସ୍ଥିର ହୁଏ ନାଟକର ୩ୟ ଚରିତ୍ର ଅର୍ଥାତ୍ ଗୁଣ୍ଡା ରାମଦାସ ହିଁ ହେବ ଗାନ୍ଧୀମୂର୍ତି ଅନ୍ତତଃ ସଭାକାର୍ଯ୍ୟ ସରିବା ପର୍ଯ୍ୟନ୍ତ । ଏହା ଯଦି ସ'ଳ ହୁଏ ତେବେ ଟଙ୍କାକୁ ଟଙ୍କା ବଚିଂଯିବ ଏବଂ ସଭାକାର୍ଯ୍ୟ ମଧ୍ୟ ସୁରୁଖୁରୁରେ ହୋଇଯିବ । ତେବେ ଗାନ୍ଧୀ ଭୂମିକାରେ ଅଭିନୟ କରିବା କ'ଣ ସହଜ କଥା । ଖାଲି ବାହାର ଆଭରଣ ହେଲେ କ'ଣ ହେଲା । ଭିତରର ପରିବର୍ତନ ମଧ୍ୟ ଦରକାର । ନ ହେଲେ ଗାନ୍ଧୀ ହେବା କ'ଣ ସହଜ ? କିନ୍ତୁ ଆମକୁ ମନେ ରଖିବାକୁ ପଡିବ ଯେ ପୁରାଣର ଦସ୍ୟୁ ରତ୍ନାକର ମଧ୍ୟ ରାମ ନାମ ଗାଇ ବାଲ୍ମୀକି ହୋଇପାରିଥିଲେ । କ'ଣ ଥିଲା ସେ ନାମରେ , ଯାହା ରତ୍ନାକରର ଚରିତ୍ର ସଂଶୋଧନ କରିପାରିଥିଲା ? ଯେମିତି 'ରାମ' ଶଦ୍‌ଦର ପ୍ରଭାବରେ ଦସ୍ୟୁର ହୃଦୟ ପରିବର୍ତନ ସମ୍ଭବ, ତେବେ ଗାନ୍ଧୀ ହେବାର ଇଛା ରଖିଥିବା ଗୁଣ୍ଡା ରାମଦାସଙ୍କ ମଧ୍ୟ ଚରିତ୍ର ସଂଶୋଧନ ସମ୍ଭବ । ଗୁଣ୍ଡା ରାମଦାସ ନିଜକୁ ପ୍ରସ୍ତୁତ କରିଗଲେ ଗାନ୍ଧୀ ଭୂମିକାରେ ଅଭିନୟ ପାଇଁ । ନିଜକୁ ଅନ୍ୟମାନଙ୍କ ଠାରୁ ଦୂରେଇ ଦିଏ, ଗୀତା ପଢେ, ଗାନ୍ଧୀଙ୍କ ପରି ଚାଲି, ବେଶଭୂଷଣରେ ନିଜକୁ ଆଛାଦିତ କରେ । ଗାନ୍ଧୀଙ୍କ ପଥରେ ଅଗ୍ରସର ହେବାର ମାଧ୍ୟମ ଏହି ଠାରୁ ଆରମ୍ଭ ହୋଇଯାଏ । ଏହିସବୁ ଦେଖିବା ପରେ ତାର ମଡର୍ଣ୍ଣ ପ୍ରେମିକା ଚନ୍ଦ୍ରମୁଖୀ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ । ଯେ ଦିନେ ସହରରେ ଗୁଣ୍ଡାଗିରି କରୁଥିଲା, ସହରର ପ୍ରତି କୋଣ ଅନୁକୋଣରେ ତାର ପ୍ରବେଶ ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେଉଥିଲା, ନିଜ ଇଛାରେ ଯେ ନିଜେ ବଚୁଂଥିଲା, କାହାର ଉପଦେଶ ବା ଆଜ୍ଞାକୁ ପାଳନ ନ କରି ବଳପୂର୍ବକ ତାହାଠାରୁ କୌଣସି ଜିନିଷକୁ ଛଡାଇ ଆଣିବାର କ୍ଷମତା ରଖୁଥିଲା । ସେହିଭଳି ଏକ ଗୁଣ୍ଡାର ଏଭଳି ପରିବର୍ତନ କିପରି ସମ୍ଭବ ? ଚନ୍ଦ୍ରମୁଖୀ ତେଣୁ ପ୍ରଶ୍ନ କରିଛି– "... ତୁ ପାଗଳ ହେଇ ଯାଇଛୁ । ତୋର କ'ଣ ହେଇଚି, ରାମଦାସ ? ଆରେ, ପଶୁ କେବେ ମହାପୁରୁଷ ହୋଇପାରେ ? ରାମଦାସ ଗୋଟେ ବିଲୁଆ ଥରେ ନୀଳବର୍ଣ୍ଣ ହୋଇ ଜଙ୍ଗଲର ରାଜା ହୋଇଗଲା । ସମସ୍ତେ ବି ତାକୁ ମାନିଲେ । କିନ୍ତୁ ଯୋଉଦିନ ତାର

ସ୍ୱରୂପ ଜଣାପଡିଲା, ସେ ଦିନ କେହି ତାକୁ କ୍ଷମା ଦେଲେନି । ରାମ ଦାସ , ତୁ ପାଗଳ ହେଇଯାଇଛୁ ।" (୨) କିନ୍ତୁ ରାମଦାସ ଏଥିରେ ବିଚଳିତ ନହୋଇ ସ୍ମିତହାସ୍ୟ ପୂର୍ବକ ଶାନ୍ତ ହୋଇଯାଏ ।

ଗାନ୍ଧୀ ଜୟନ୍ତୀ ସମୟ ଆସିଯାଇଥାଏ । ଏବେ ରାମଦାସ ପାଇଁ ପରୀକ୍ଷାର ସମୟ । ମାତ୍ର ଘଣ୍ଟାଏ ପାଇଁ । ସେ ବି କୋଉ ଗାନ୍ଧୀ ହେଇଯାଇଛି ଯେ । ଗାନ୍ଧୀ ତ ମହାପୁରୁଷ, ଏ ତ ଜଣେ ଗୁଣ୍ଡା । ଗୁଣ୍ଡା ପୁଣି ହେବ ମହାପୁରୁଷ ? ଖାଲି ସଭାକାର୍ଯ୍ୟ ସରିଗଲେ ସେ ପୁଣି ଫେରିଯିବ ତା'ର ପୂର୍ବ ଜୀବନକୁ , ଗୁଣ୍ଡାଗିରିର ପରିବେଶକୁ । ମାତ୍ର ସେ ସୁଯୋଗ ଗାନ୍ଧୀ ମହାତ୍ମା ଦେଲେ ତ ? ସଭାକାର୍ଯ୍ୟରେ ପ୍ରଥମେ ଆସନ୍ତି ମନ୍ତ୍ରୀ ମହୋଦୟ । ... ସଭାକାର୍ଯ୍ୟକୁ ଉଦ୍ଘାଟନ କରିବେ ସେ । ଉଦ୍ଘାଟନ ହୁଏ । ସଭାକାର୍ଯ୍ୟର ଆରମ୍ଭ ମଧ୍ୟ ହୁଏ । ଭାଷଣ ଦିଅନ୍ତି ମନ୍ତ୍ରୀ । ଚିରଦିନ ସାଧାରଣ ଜନତାକୁ ଶୋଷଣ କରିବା ପରେ ମଧ୍ୟ ଆହୁରି ରକ୍ତ ଶୋଷିବାର ଇଚ୍ଛା ଥାଏ ତାଙ୍କର । ସାଧାରଣ ଜନତାଙ୍କ ପାଇଁ ମଣିଷ ଉଚ୍ଚପଦବୀକୁ ଯାଏ । ମାତ୍ର ଥରେ ସିଂହାସନ ଲାଭ ପରେ ଏହି ସାଧାରଣ ଜନତା ହୋଇଯାନ୍ତି ଅପାଂକ୍ତେୟ । ଏମାନଙ୍କ ସମସ୍ତ ସୁଖସ୍ୱାଚ୍ଛନ୍ଦ୍ୟକୁ ଦମନ କରାଯାଏ କ୍ଷମତାର ରଥଚକରେ । ପୁଣି ନିର୍ବାଚନ ପାଖେଇ ଆସିଲେ ହଜିଯାଇଥିବା ବଡବଡିଆମାନଙ୍କ ଚେହେରା ପୁଣି ଥରେ ଆତ୍ମ ପ୍ରକାଶ କରେ ସାଧାରଣ ଜନତାଙ୍କ ପାଖରେ । କେତେ ଯେ ନେହୁରା ହୁଅନ୍ତି, ହାତଗୋଡ ଧରି ପକାନ୍ତି , ସବୁକିଛି କରି ଦେବାର ମିଥ୍ୟା ଆଶ୍ୱାସନ ଦେଖାନ୍ତି । ଏହିଭଳି ମନ୍ତ୍ରୀ ମହୋଦୟଙ୍କୁ ପରଖି ସାରିବା ପରେ ଗାନ୍ଧୀ ତାଙ୍କୁ ଚାପୁଡାଟେ ମାରିଛି । ନାଟକର ଦ୍ୱିତୀୟ ଦୃଶ୍ୟରେ ଗାନ୍ଧୀ ମହାତ୍ମାଙ୍କ ଷ୍ଟାଚ୍ୟୁ ସ୍ଥାପନା କରାଯାଇଛି । ସେହି ମୂର୍ତ୍ତି ପାଖକୁ ଆସିଛନ୍ତି ତିନି ଜଣ ଚରିତ୍ର ରବି, ସୋମ ଓ ମଙ୍ଗଳ । ସେମାନଙ୍କୁ ଆଡ୍ଡା ମାରିବା ପାଇଁ କୌଣସି ନିରାପଦ ଯାଗା ମିଳୁନଥିବାରୁ , ଶେଷରେ ଏହି ସ୍ଥାନକୁ ସେମାନଙ୍କ ଆଡ୍ଡାସ୍ଥଳୀ ଭାବେ ବାଛିଛନ୍ତି । ସାଂପ୍ରତିକ ସମୟରେ ଆମେ ପ୍ରତ୍ୟେକ ଅଫିସ୍, ବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟରେ ଗାନ୍ଧୀଙ୍କ 'ଟୋପି ଥିବାର ଦେଖିବାକୁ ପାଇବା । କିନ୍ତୁ ପ୍ରକୃତରେ ଗାନ୍ଧୀଙ୍କ ପ୍ରତି ସମ୍ମାନ କେତେ ଜଣଙ୍କର ଅଛି ? କେତେଜଣ ଗାନ୍ଧୀଙ୍କ ଆଦର୍ଶକୁ ନିଜ ଜୀବନର ଆଦର୍ଶ ସ୍ୱରୂପ ଗ୍ରହଣ କରିଛନ୍ତି ? ଏ ପ୍ରଶ୍ନର ଉତର ସମୟ ପାଖରେ । ଗାନ୍ଧୀଙ୍କ ମୂର୍ତ୍ତି ସ୍ଥାପିତ ହୋଇଥିଲେ ବି ସେଥିପ୍ରତି କାହାର ସମ୍ମାନ ନାଇଁ । ଗଞ୍ଜେଇ ଟାଣିବା ପାଇଁ କିଏ ଗାନ୍ଧୀଙ୍କ ଗୀତାବହି ବିକ୍ରି କରିଦେଲାଣି ତ, ସ୍ତ୍ରୀର ଲିପଷ୍ଟିକ କିଣା ପାଇଁ ଗାନ୍ଧୀଙ୍କ ଚଷମା ବିକ୍ରି ହେଲାଣି । ଏହି ସବୁ ଦୃଶ୍ୟ ରାମଦାସଙ୍କ ପକ୍ଷରେ ଅସହ୍ୟ ହୋଇଉଠିଛି । ନିଜର ପଶୁ ପ୍ରବୃତି ପୁଣି ଥରେ ଜାଗି ଉଠିଛି । ସେହିଭଳି ଅମାନୁଷିକ କଳଙ୍କିତ ଖଳ ଚିରତ୍ରମାନଙ୍କୁ ସମାଜରୁ ମୂଳପୋଛ କରିବା ନିମିତ ତାଙ୍କୁ ଶାସ୍ତି ଦେଇଛନ୍ତି ନିଜ ବଙ୍କୁଲି ବାଡିରେ । ତାପରେ ଜଣକ ପରେ ଜଣେ ଗାନ୍ଧୀଙ୍କୁ ନେଇ ବ୍ୟବସାୟ କରିବା ଆରମ୍ଭ କରିଦେଇଛନ୍ତି । ମନ୍ତ୍ରୀ ନିଜର ସ୍ୱାର୍ଥ ହାସଲ ପାଇଁ କଳେବଳେକୌଶଳେ ନିର୍ବାଚନରେ ବିଜୟୀ ହେବା ପାଇଁ ଗାନ୍ଧୀଙ୍କୁ ବ୍ୟବହାର କରିଛନ୍ତି । ଫିଲ୍ମ ଇଣ୍ଡଷ୍ଟ୍ରି ମାଲିକ ନିଜ ଫିଲ୍ମକୁ ସୁପରହିଟ୍ କରିବାକୁ ଯାଇ ଗାନ୍ଧୀଙ୍କୁ ଏକ ହିଞ୍ଜିଡା ଚରିତ୍ରରେ ଅଭିନୟ କରିବା ପାଇଁ ଦେଇଛନ୍ତି । ତାହା ବି କେଇଟା ମାତ୍ର କଉଡିଏ ପାଇଁ । ତା'ପରେ ଆସନ୍ତି ଖଦଡ ଲୁଗା ଦୋକାନର ମାଲିକ, ଗାନ୍ଧୀଙ୍କୁ ସୋ କେସ ଭିତରେ ରଖି ନିଜ ଦୋକାନର ଚାହିଦା ବୃଦ୍ଧି ପାଇଁ । ଯେଉଁ ଗୁଣ୍ଡା ରାମଦାସକୁ ଦିନେ ସମସ୍ତେ ଭୟ କରୁଥିଲେ, ସେହି ରାମଦାସ ବର୍ତମାନ ପରିଣତ ହୋଇଯାଇଛି ଗାନ୍ଧୀ ରାମଦାସରେ । ଏବେ ତାକୁ ହାତ ପତେଇବାକୁ ପଡିଛି ଅନ୍ୟମାନଙ୍କ ଆଗରେ । ପ୍ରତାରିତ ମଧ୍ୟ ହୋଇଛି । ସମସ୍ତେ ଗାନ୍ଧୀ ରାମଦାସକୁ ନିଜ ସ୍ୱାର୍ଥ ପୂର୍ତ୍ତି ନିମିତ ଏକ ପଣ୍ୟଦ୍ରବ୍ୟ ଭଳି ବ୍ୟବହାର କରିଛନ୍ତି ମାତ୍ର ସ୍ୱାର୍ଥ ପୂରଣ ପରେ ଏବେ ଗାନ୍ଧୀ କିଏ ? ରାମଦାସର ହଠାତ୍ ଏଭଳି ପରିବର୍ତନରେ ନିଜକୁ ମଡର୍ଣ୍ଣର ପରିଚୟ ଦେଉଥିବା ରାମଦାସର ପ୍ରେମିକା ମିସ୍ ଚନ୍ଦ୍ରମୁଖୀର ମଧ୍ୟ ହୋଇଛି ରୂପାନ୍ତର । ଏହି ରୂପାନ୍ତର ସାଧାସିଧା ଏକ ଗୃହିଣୀର ରୂପାନ୍ତର । ହିଂସା ଚିନ୍ତାଧାରାରୁ ଅହିଂସାର ରୂପାନ୍ତର । ଏମିତିକି ନିଜ ସ୍ୱାମୀ ରାମଦାସକୁ ମନ୍ତ୍ରୀଙ୍କ କବଳରୁ ରକ୍ଷା କରିବାକୁ ଯାଇ ଶେଷରେ ସେ ବଳାତ୍କାରର ଶିକାର ହୋଇଛି । ୧ମ ଓ ୨ୟ ଅଭିନେତା ରାମଦାସକୁ ପୁଣିଥରେ ସେଇ ଗନ୍ଧପୂତମୟ ଅନ୍ଧକାର ଜୀବନକୁ ଆଦରି ନେବା ପାଇଁ ଅନୁରୋଧ କରନ୍ତି । ରାମଦାସ ବରଂ ସେହି ଜୀବନରେ ବହୁ ଖୁସିରେ ଥିଲା, କିନ୍ତୁ ଯେବେଠାରୁ ଗାନ୍ଧୀଙ୍କ ଜୀବନ ଓ ଦର୍ଶନକୁ ନିଜ ସହିତ ଏକାକାର କରିଦେଇଛି , ସେ ପାଇଛି କ'ଣ ? ଏପରିକି ... ନିଜ ପ୍ରାଣପ୍ରିୟାକୁ ମଧ୍ୟ ସେ ହରାଇଛି । ତଥାପି ସେ କ୍ଷଣିକ ପାଇଁ ହେଲେ ସୁଦ୍ଧା ଚେଷ୍ଟା କରିଛି , ନିଜକୁ ଏବେ ସେ ଗୁଣ୍ଡା ରାମଦାସରେ ପରିଣତ କରିବ । ଠିକ୍ ତା ପର ମୁର୍ହୂତରେ ସ୍ତ୍ରୀ ଚନ୍ଦ୍ରମୁଖୀର କଥା ମନେ ପଡିଯାଇଛି– "ତୁମକୁ ମୋ ରାଣ ଗାନ୍ଧୀ, କୌଣସି ପରିସ୍ଥିତିରେ ବି ତୁମେ ରାମ ଦାସ ହେବନି ।" (୩)

ଗାନ୍ଧୀ କୌଣସି କଳ୍ପନା ନୁହେଁ । ରକ୍ତମାଂସଧାରୀ ଜଣେ ସାଧାରଣ ମଣିଷ ଭଳି ଧୂଳିମାଟିର ପୃଥିବୀରେ ଆତଯାତ ହୋଇଥିଲେ । ଆଜିର ମଣିଷଙ୍କ ପାଇଁ ସେ ହୋଇଯାଇଛନ୍ତି ଗୋଟିଏ 'ମିଥ୍' । ଗାନ୍ଧୀ ସବୁବେଳେ ଖୋଜୁଥିଲେ , ଆଗକୁ ପାଦ ବଢାଇବା ପାଇଁ ପାହୁଣ୍ଡେ ଜମି । ରାମଦାସ ମଧ୍ୟ ସେଇଆ କରିଥିଲା । ମାତ୍ର ସେଥିରେ ସଫଳ ହେଲା ନାହିଁ । ବନଫୁଲ ପରି ଝଡିପଡିଲା । ନାଟ୍ୟକାରଙ୍କ କଳ୍ପନାଟି ରୋମାଟିଂକ୍ ହୋଇଥିଲେ ମଧ୍ୟ ଖୁବ୍ ନାଟକୀୟ ।

**ଉପସଂହାର:**

ରାମଦାସ ହଠାତ୍ ବଦଳିଗଲା କାହିଁକି ? ବଦଳିବାର ଆବଶ୍ୟକତା ଚରିତ୍ର ସଂଶୋଧନ ପାଇଁ । ବଦଳିବାର ଆବଶ୍ୟକତା ଥିଲା ସମାଜକୁ ସୁଧାରିବା ପାଇଁ ଏବଂ ବଦଳିବାର ଆବଶ୍ୟକତା ଥିଲା ନିଜ ଜୀବନକୁ ଗାନ୍ଧୀମୟ କରିଦେବା ପାଇଁ । କିନ୍ତୁ ବର୍ତମାନ ଯୁଗରେ ଗାନ୍ଧୀ ଦର୍ଶନ ତାର ସମସ୍ତ ଆବେଦନ ହରାଇ ସାରିଲାଣି । ଆତ୍ମରକ୍ଷା ପାଇଁ, ନିଜକୁ ପ୍ରତିଷ୍ଠା କରିବା ପାଇଁ, ଯଶ ଓ ଖ୍ୟାତି ପାଇଁ ଯେ ଯେତେ ଅପରାଧ କରିପାରିବ, ଦଂଶନ କରିପାରିବ, ତା'ର ସମାଜରେ ସେତେ ପ୍ରତିଷ୍ଠା । ନାଟକରେ ସମସାମୟିକ ସମାଜର ବାସ୍ତବ ରୂପଟି ପ୍ରତିଫଳିତ ହୋଇଛି । ସାଂପ୍ରତିକ ସମାଜ କିଭଳି ମଣିଷକୁ ଭଲ ହେବାର ସୁଯୋଗରୁ ବଚିଂତ କରି ତାକୁ ଅନ୍ଧାରର ଚକ୍ରବ୍ୟୂହ ମଧ୍ୟକୁ ଟାଣି ନେଉଛି, ତାହା ଦେଖାଇ ସମାଜକୁ ସର୍ତକ କରି ଦେଇଛନ୍ତି । ମୋଟ ଉପରେ ସବୁ ଯୁଗରେ ଗାନ୍ଧୀମାନଙ୍କୁ ମୃତ୍ୟୁବରଣ କରିବାକୁ ପଡେ ଆତତାୟୀ ଗୁଳିରେ । ଗାନ୍ଧୀ ଆଦର୍ଶ ତଳିତଳାନ୍ତ ହୋଇଯାଏ କ୍ଷମତା ରୂପକ ରଥଚକ ତଳେ । କେବଳ କାନ୍ଥବାଡରେ ଝୁଲୁଥିବା ଫଟୋଚିତ୍ରରେ ନିରବିଯାନ୍ତି ଗାନ୍ଧୀ । ପାଟି ଫିଟାଇବାର ଆଉ ଜୁ ନଥାଏ । ଫଟୋଚିତ୍ରରେ ଥାଇ ଆଜିର ଅବକ୍ଷୟମୁଖୀ ସମାଜକୁ ଅବଲୋକନ ପୂର୍ବକ ଆଖିରୁ ଦି ଠୋପା ଲୁହ ବୋହିଯିବା ହିଁ ସାର ହୁଏ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଦାସ, ହେମନ୍ତ କୁମାର : ଓଡିଆ ନାଟକର ଉତର ଆଧୁନିକ ପର୍ବ, ବିଦ୍ୟାପୁର, କଟକ,
ପ୍ରଥମ ପ୍ରକାଶ, ଜାନୁଆରୀ ୨୦୦୮, ପୃ. ୩୧୯

୨. ଶଙ୍କର ତ୍ରିପାଠୀ ରଚନା ସମଗ୍ର, ଆର୍ଯ୍ୟ ପ୍ରକାଶନ, କଟକ, ପ୍ରଥମ ସଂସ୍କରଣ, ୨୦୧୭, ପୃ. ୯୧

୩. ତହିଁରେ, ପୃ. ୧୫୨


❖ ❖ ❖

DOI :https://doi.org/10.5281/zenodo.15253236

ମୂଳ ପ୍ରବନ୍ଧ

# ଗଞ୍ଜାମ ଜିଲ୍ଲାର ସାହିତ୍ୟିକ ପରଂପରାରେ: ଓଡିଆ ନାଟକର ଭୂମିକା

**କୁନା ଜେନା**

**ସଂକ୍ଷିପ୍ତସାର:**

ନାଟକ ଗୁଡିକ ଆଦିବାସୀ ଓ ଦଳିତବର୍ଗ ମାନଙ୍କ ଜୀବନ, ଜୀବିକା, କଳାତ୍ମକ ପରିପ୍ରକାଶରୁ ଜନ୍ମ ନେଇଥିବା ବେଳେ ପାରଂପରିକ ଲୋକନାଟକ ଗୁଡ଼ିକ ମନ୍ଦିର, ପୂଜକ, ଗାଁ ଜମିଦାର, ପୁରୋହିତ କିମ୍ବା ଗଡ଼ଜାତ ରାଜାମାନଙ୍କ କଳାତ୍ମକ ରୁଚି ଓ ପ୍ରବୃତ୍ତିରୁ ସୃଷ୍ଟି ହୋଇ ନାଟକର ମାନ୍ୟତା ହାସଲ କରିବାରେ ସକ୍ଷମ ହୋଇପାରିଛି । ଏଥିରେ ସଂସ୍କୃତ ପ୍ରହ୍ଲାଦ ନାଟକ ଠାରୁ ଆରମ୍ଭ କରି ପରୀକ୍ଷାଧର୍ମୀ ନାଟକର ମୌଳିକତା, ବିଷୟ ଉପସ୍ଥାପନ କୌଶଳ ଓ ଏହାର ମଂଚସଫଳତାକୁ ଆଲୋଚନା କରଯାଇଛି । ଉଭୟ କ୍ଷେତ୍ରରେ କିନ୍ତୁ ଭରିରହିଛି ଅସଂଖ୍ୟ କଳାତ୍ମକତା ଯାହା ଉପରେ ଅଧିକ ଗବେଷଣା ଓ ତର୍ଜମାର ଆବଶ୍ୟକତା ରହିଛି ।

**ପ୍ରମୁଖ ଶବ୍ଦ:**

ଯୁଗପୋଯୋଗୀ, ବିମଳ ଆନନ୍ଦ, ଅବ୍ୟବହିତ, ବଳିଷ୍ଟ, ବ୍ରାହ୍ମଣିୟତା ।

**ଉପକ୍ରମ :**

ସମଗ୍ର ବିଶ୍ୱରେ ଭାରତ ଯେଉଁଭଳି କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି; କଳା ଓ ସଂସ୍କୃତି ଅପେକ୍ଷା ସାହିତ୍ୟ ଯେ ଯୁଗଯୁଗ ଧରି ମନୁଷ୍ୟ ସମାଜକୁ ପରିଚିତ କରିଛି । ଠିକ୍ ସେହିଭଳି ସମଗ୍ର ଭାରତ ବର୍ଷରେ ସାହିତ୍ୟିକ ପରଂପରାରେ ଭାରତର ପ୍ରାଚୀନ ସାହିତ୍ୟ ପାଇଁ କୋଣ ଅନୁକୋଣରେ ପରିଚିତ । ଭାରତଙ୍କ 'ନାଟ୍ୟଶାସ୍ତ୍ର' ଠାରୁ ଆରମ୍ଭ କରି ଆଧୁନିକ କାଳର ନାଟକ ପର୍ଯ୍ୟନ୍ତ ଏ ପରଂପରା ଗତିକାରୀ ଆସିଛି । ଏହି ପରଂପରା ସହିତ ଗଞ୍ଜାମ ଜିଲ୍ଲାର ସାହିତ୍ୟ(ନାଟକ) ଉନ୍ନତି ପ୍ରଥରେ ତାଳଦେଇ ଗତିକାରି ଚାଲିଛି । ଏ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଲାଭ କରିଆସିଛି ଗଞ୍ଜାମର ନାଟ୍ୟପରଂପରା ; ଏହାର ମୂଳରେ ଗଞ୍ଜାମ ଜିଲ୍ଲାକୁ ଉନ୍ନତ ସାହିତ୍ୟିକ ମର୍ଯ୍ୟାଦା ଦେଇ ଆସିଛି ଏଥିରେ ସନ୍ଦେହର ଅବକାଶ ନାହିଁ ।

ସାହିତ୍ୟ କହିଲେ ସାଧାରଣତଃ ଉପନ୍ୟାସ, ଗଳ୍ପ, ଏକାଙ୍କିକା, ନାଟକ, ପ୍ରବନ୍ଧ ଆଦି ବିଭିନ୍ନ ବିଭାଗକୁ ବୁଝାଏ କିନ୍ତୁ ଏ ସମସ୍ତ ବିଭାଗ ମଧ୍ୟରୁ ନାଟକର ସାହିତ୍ୟ କ୍ଷେତ୍ରରେ ବହୁଳଭାବରେ ପ୍ରଭାବ ପକେଇଆସିଅଛି । ନାଟକ ସମାଜକୁ ବିମଳ ଆନନ୍ଦ ପ୍ରଦାନ କରିବା ସହ ନୈତିକ ଶିକ୍ଷାର ପ୍ରମୁଖ ମାଧ୍ୟମ ଭାବରେ ଅଦ୍ୟାବଧି କାର୍ଯ୍ୟ କରିଆସୁଛି । ପ୍ରାଚୀନ ଯୁଗରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ବିଭିନ୍ନ ଧାରା ମାଧ୍ୟମରେ ପ୍ରବାହିତ ହୋଇ ଆସିଛି ଯଥା :- (୧) ସଂସ୍କୃତ ଶାସ୍ତ୍ରୀୟ ନାଟକ, (୨) ଲୋକ ନାଟକ, (୩) ପାରଂପାରିକ ଲୋକ ନାଟକ, (୪) ଆଧୁନିକ ନାଟକ । ଭାରତର ପ୍ରାଚୀନ ଯୁଗୀୟ ପ୍ରଥିତଯଶା ନାଟ୍ୟକାରମାନଙ୍କ ପ୍ରଭାବରେ ଏବଂ

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253236

Article No - BPP00275

**ଯୋଗାଯୋଗ :**
**କୁନା ଜେନା,** ଅଧ୍ୟାପକ
ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ, ଖଲ୍ଲିକୋଟ, ଓଡ଼ିଶା
**E-mail :** kunajena799@gmail.com
**ORCID ID :** https://orcid.org/0009-0003-8174-9514

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୧.୨୦୨୪ | ୧୦.୦୧.୨୦୨୫ | ୨୫.୦୨.୨୦୨୫ | ୧.୦୩.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଜେନା, କୁନା; ୨୦୨୫। ଗଞ୍ଜାମ ଜିଲ୍ଲାର ସାହିତ୍ୟିକ ପରଂପରାରେ: ଓଡିଆ ନଟକାର ଭୂମିକା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : O; ପୃଷ୍ଠା :୨୯–୩୪ ।

ନାଟ୍ୟଶାସ୍ତ୍ରର ନାଟ୍ୟରଚନା ବ୍ୟାକରଣର ଆଧାରରେ ଓଡ଼ିଶାର ସାଂସ୍କୃତିକ ପଟ୍ଟଭୂମିରେ ଯେଉଁ ନାଟ୍ୟ ପରଂପରା ଜନ୍ମ ନେଲା ତାକୁ ଶାସ୍ତ୍ରୀୟ ନାଟକ କୁହାଗଲା । ସମାଜର ସାଧାରଣ ବର୍ଗର ଲୋମାନଙ୍କର ଜୀବନ, ଜୀବିକା, ସଂସ୍କୃତି ଓ ପରଂପରାକୁ ଆଧାର କରି ଯେଉଁ ମୌଳିକ ନାଟ୍ୟ ପରଂପରା ଜନ୍ମଲାଭ କଲା ତାକୁ ଲୋକନାଟକର ପର୍ଯ୍ୟାୟଭୁକ୍ତ କରାଗଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଲୋକନାଟ୍ୟ ପରଂପରାର ଭିତ୍ତିଭୂମି ଉପରେ ଆମଧର୍ମ, ପରଂପରା, ଲୋକାଚାର ଓ ପୂରାଣ ସାହିତ୍ୟକୁ ଆଧାର କରି ନାଟ୍ୟଶାସ୍ତ୍ରର ଆଂଶିକ ପ୍ରଭାବରେ ଯେଉଁ ଧର୍ମୀୟ ଓ ପାରଂପରିକ ମୂଲ୍ୟବୋଧ ଆଧାରିତ ଲୋକନାଟକର ଅଭ୍ୟୁଦୟ ଘଟିଲା ତାକୁ ପାରଂପରିକ ଲୋକନାଟକର ମାନ୍ୟତା ପ୍ରଦାନ କରାଗଲା । ସବା ଶେଷରେ ନବଜାଗରଣର ପ୍ରତ୍ୟକ୍ଷ ପ୍ରଭାବରେ ଆଧୁନିକ ଶିକ୍ଷା ତଥା ସମାଜ ସଂସ୍କାରର ଚିନ୍ତା ଚେତନା ଭିତରୁ ଯେଉଁ ସୁସମୃଦ୍ଧ ସାମାଜିକ ନାଟ୍ୟ ପରଂପରାର ଉନ୍ମେଷ ଘଟିଲା ତାକୁ ଆଧୁନିକନାଟକ ଭାବରେ ନାମିତ କରାଗଲା । ଉପର ବର୍ଣ୍ଣିତ ଏ ସମସ୍ତ ନାଟ୍ୟ ପରଂପରା ମାନଙ୍କ ମଧ୍ୟରୁ ସଂସ୍କୃତ ନାଟକ ଓ ଅଧୁନିକ ନାଟକର ବିକାଶରେ ଗଞ୍ଜାମର ଭୂମିକାକୁ ଅସ୍ୱୀକାର କରାନଯାଇପାରେ ।

ନାଟକର ବିକାଶ ଦିଗରେ ଗଞ୍ଜାମ ଓ ବର୍ତ୍ତମାନର ପାରଳାଖେମୁଣ୍ଡି ଆଦି ନାଟ୍ୟକାରଙ୍କ ଯେଉଁଭଳି ଭାବରେ ଅବଦାନ ନିହିତ ତାକୁ ଦୃଷ୍ଟିରେ ରଖି ଗଞ୍ଜାମ ଏବଂ ପାରଳାଖେମୁଣ୍ଡିର କିଛି ନାଟ୍ୟକାରଙ୍କୁ ଏଥିରେ ସ୍ଥାନିତ କରାଯାଇଛି । ଏଥିରେ ସଂସ୍କୃତ ଶାସ୍ତ୍ରୀୟନାଟକ ଓ ଆଧୁନିକ ନାଟକକୁ ପରିସରଭୁକ୍ତ କରାଯାଇଅଛି । ତେଣୁ ପାରମ୍ପାରିକଧର୍ମୀ ଲୋକନାଟକକୁ ଏଥିରେ ଖୋଜି ବସିବା ଅପାଳପ ହେବ । ଏଥିରେ ଗଞ୍ଜାମର ନାଟକକୁ ଦୁଇ ଗୋଟି ବିଭାଗରେ ବିଭାଗ୍ୟକରଣ କରାଯାଇ ୧. ସଂସ୍କୃତ ବା ଅଷ୍ଟାଦଶ/ଉନବିଂଶ ଶତକର ନାଟକ, ୨. ଆଧୁନିକ ବା ସ୍ୱାଧୀନତା ପରବର୍ତ୍ତୀ ଓଡିଆନାଟକ । ପ୍ରଥମ ବିଭାଗରେ-ଗୌରହରି ପରିଚ୍ଛା, ଗୋବିନ୍ଦ ରାୟଗୁରୁ, ଶୀବସ୍ୱ ପଣ୍ଡା, କୃଷ୍ଣଚନ୍ଦ୍ର ଗନ୍ତାୟତ, ପଦ୍ମନାଭ ନାରାୟଣ ଦେବ, ଏବଂ ଅପନ୍ନା ପରିଚ୍ଛା । ଦ୍ୱିତୀୟ ବିଭାଗରେ-ଯତିରାଜ ଆଚାର୍ଯ୍ୟ, ସୀତାଦେବୀ ଖଡଙ୍ଗା, ନୀଳକଣ୍ଠ ପଟ୍ଟନାୟକ, ବେଣୀମାଧବ ପାଢ଼ୀ, ରାମପତି ବେହେରା, ବ୍ରହ୍ମାନନ୍ଦ ପଣ୍ଡା, କୃଷ୍ଣଚରଣ ପଟ୍ଟନାୟକ, ପ୍ରଫୁଲଚନ୍ଦ୍ର ପଟ୍ଟନାୟକ, ସତ୍ୟନାରାୟଣ ମହାନ୍ତି, ପ୍ରଫୁଲ କୁମାର ମହାନ୍ତି, ବ୍ରଜସୁନ୍ଦର ପାଢ଼ୀ, ଗୌର ପଟ୍ଟନାୟକ, ରମେଶ ପ୍ରସାଦ ପାଣିଗ୍ରାହୀ, କାଳିନ୍ଦୀ ଚରଣ ବେହେରା, ସତ୍ୟନାରାୟଣ ମହାପାତ୍ର, ଶକୁନ୍ତଳା ପଟ୍ଟନାୟକ, ମନ୍ମଥ କୁମାର ଶତପଥୀ, ନିର୍ମଳ ମିଶ୍ର, କାର୍ତ୍ତିକଚନ୍ଦ୍ର ରଥ, ରମାରମଣ ପାଢ଼ୀ, କିଶୋରଚନ୍ଦ୍ର ସାହୁ, ଏବଂ ଅଶୋକ କୁମାର ତ୍ରିପାଠୀ ।

**ଅଷ୍ଟାଦଶ/ଉନବିଂଶ ଶତକର ନାଟ୍ୟ ପରଂପରା:**

ଲୋକନାଟକ ଯେତେବେଳେ ପ୍ରାବଲ୍ୟ ବେଗରେ ଛୁଟି ଚାଲିଥିଲା ଉନବିଂଶ ଶତାର୍ଦ୍ଧିର ଶେଷ ଦଶକରେ ଗଞ୍ଜାମ ବା ଅଧ୍ୟୁଷିତ ପାରଳାଖେମୁଣ୍ଡି ଅଂଚଳରେ 'ପ୍ରହ୍ଲାଦ ନାଟକ' ମଂଚସ୍ଥ ହେବାକୁ ଲାଗିଲା । ମାତ୍ର ଏହାର ନାଟ୍ୟକାର ଓ ପରିବେଷଣର ସ୍ଥାନ ସଂପର୍କରେ ଭିନ୍ନ ମତ ରହିଛି । ଗୋଟିଏ ମତ, ଏହାର ଜନ୍ମ ପାରଳାରେ, ପ୍ରଥମ ଅଭିନୟ ଆପନ୍ନା ପରିଚ୍ଛା ପ୍ରତିଷ୍ଠିତ "ରାଣିକରାଜ ପ୍ରସାଦିକା ମନୋରଞ୍ଜନୀ ନାଟ୍ୟଦଳ' ରଙ୍ଗମଂଚରେ, ପ୍ରାୟ ୧୮୮୬ ରୁ ୮୮ ମଧ୍ୟରେ ଏବଂ ନାଟ୍ୟକାର ପଦ୍ମନାଭ ଗଜପତି ନାରାୟଣ ଦେବ, ନାଟକର ନାଁ ' ଶ୍ରୀ ସଙ୍ଗୀତ ପ୍ରହ୍ଲାଦ ନାଟକ' । ଅନ୍ୟମତ, ଜଳନ୍ତର ରାଜା ରାମଚନ୍ଦ୍ର ଛୋଟରାୟଙ୍କ ନାଁ ଭଣିତା ଥାଇ 'ପ୍ରହ୍ଲାଦ ନାଟକ' ମିଳୁଛି; ମାତ୍ର ଏହାର ପ୍ରକୃତ ନାଟ୍ୟକାର ହେଉଛନ୍ତି ଗୌରହରି ପରିଚ୍ଛା । ନାଟକର କାହାଣୀ କୃଷ୍ଣକେଶରୀ ପୁରାଣ, ନୃସିଂହ ପୁରାଣ, ବିଷ୍ଣୁ ପୁରାଣ,ପଦ୍ମ ପୁରାଣ ଓ ଶ୍ରୀମଦ ଭଗବତ ମହାପୁରାଣ ବର୍ଣ୍ଣିତ ବିଷ୍ଣୁଙ୍କ ଅବତାରକେନ୍ଦ୍ରିକ । ବସ୍ତୁତଃ, ସନାତନ ଧର୍ମ ବିଶ୍ୱାସର ଦୁଇ ଗୋଷ୍ଠୀ, ବୈଷ୍ଣବ ଓ ଶୈବ ମଧ୍ୟରେ ସଂଘର୍ଷ ଓ ବୈଷ୍ଣବ ଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ ଏହାର ଉଦ୍ଦେଶ୍ୟ । ଏହି ବିଚାର ପ୍ରତିଷ୍ଠା ପାଇଁ, ଯେଉଁ କାହାଣିର ପରିକଳ୍ପନା କରାଯାଇଛି, ତାହା ସଂକ୍ଷେପରେ ଏହିପରି; ବାପା ହିରଣ୍ୟ(ଶୈବ) ପୁଅ ପ୍ରହ୍ଲାଦ (ବୈଷ୍ଣବ)କୁ ଶିବ ବିଶ୍ୱାସୀ ହେବାପାଇଁ ପରାମର୍ଶ ନୁହଁ ଆଦେଶ ଦେଇଛନ୍ତି । ପ୍ରହ୍ଲାଦ ସ୍ୱୀକାର କରିନାହାନ୍ତି । କ୍ରୋଧାନ୍ଧ ହିରଣ୍ୟ ବିଷ୍ଣୁଙ୍କର ବର୍ତ୍ତମାନ ସଂପର୍କରେ ପ୍ରଶ୍ନ କରିବାରୁ, ପ୍ରହ୍ଲାଦ ସେହି ସବର୍ବ୍ୟାପୀ ସତ୍ତା କଥା ଖୁଂଟାରେ ଅଛନ୍ତି ବୋଲି କହିଛନ୍ତି । ହିରଣ୍ୟ ଖଡ୍ଗରେ ଖୁଂଟକୁ ଆଘାତ କରିଛନ୍ତି । ଏବଂ, ଖୁଂଟ ଭିତରୁ ବିଷ୍ଣୁ, ନରସିଂହରୂପରେ ଆତ୍ମପ୍ରକାଶ କରି ହିରଣ୍ୟ ପେଟକୁ ଦୁଇହାତରେ ବିଦାରଣ କରିଛନ୍ତି ।

ପ୍ରହ୍ଲାଦ ନାଟକର ପ୍ରଥମ ରଚୟିତାଙ୍କ ସଂପର୍କରେ ଭିନ୍ନ ମତ ରହିଛି । ଏହା ଗଞ୍ଜାମ ଓ ଦକ୍ଷିଣ ବିଛିନାଂଚଳର ଏକ ଅର୍ବାଧିକ ଲୋକପ୍ରିୟ ନାଟକ । ତତ୍କାଳୀନ ଜମିଦାର (ଗଞ୍ଜାମ ରାଜା)ମାନଙ୍କ ସ୍ୱାଭିମାନର ଅନ୍ତ ନାହିଁ । ତେଣୁ ତରଳା, ସୁରଙ୍ଗୀ, ଜରଡ଼ା, ଧରାକୋଟ, ପାରଳାଖେମୁଣ୍ଡି ରାଜ୍ୟର ରାଜାମାନେ ମଧ୍ୟ ବିଭିନ୍ନ ପଣ୍ଡିତଙ୍କ ଦ୍ୱାରା ପ୍ରହ୍ଲାଦ ନାଟକକୁ ରଚନା କରାଇ ନିଜ ନାମରେ ଚଳାଇଛନ୍ତି । ସେହି ସୂତ୍ରରେ ଧରାକୋଟ ରାଜା ମଦନ ମୋହନ ସିଂହଦେବଙ୍କ ପୃଷ୍ଟପୋଷକରେ ଏ ନାଟକ ରଚନା କରାଇଛନ୍ତି, ଯାହାର ଲେଖକ ହେଉଛନ୍ତି ଗୋବିନ୍ଦଚନ୍ଦ୍ର ରାୟଗୁରୁ ଏହି ରଚନା ପାଇଁ ସେ ରାଜାଙ୍କ ଠାରୁ ରାୟଗୁରୁ ଉପାଧିପ୍ରାପ୍ତ । ନାଟକଟି ଧରାକୋଟ ରାଜା ସଭାରେ ଅଭିନୀତ ହୋଇଅଛି । ପ୍ରହ୍ଲାଦ ଚରିତ ଏହାର ବିଷୟବସ୍ତୁ । କିନ୍ତୁ ବିଶେଷତ୍ୱ ହେଉଛି ରସ ପରିବେଷଣ, ମଂଚ କୌଶଳ ଓ ସଂଳାପ

ସଂଯୋଜନା ରୀତି ଏବଂ ହାସ୍ୟରସ ପରିବେଶନରେ ଲେଖକଙ୍କ କୃତିତ୍ୱ । ଏହି ନାଟ୍ୟକାର ସଂଳାପ ଏହିପରି ଭାବରେ-"ଅଧରତ ପଡିଗଲା, ମାତ୍ର ପୁସମସିଆ ବୋଇତାଲୁ ପରି ସାତଟି ଗୁଣ୍ଡାଖାଉଛି । ତହିଁକି ଦିମତ ଜୟର ପଇତି ହେଲେ ଏହା ରୁଚୁଛି । ନୋହିଲେ ଚଳିପାରୁ ନାହିଁ । ପୋଢଘିଅରେ ମୋର ବଡ ପ୍ରିୟ । ଗୁଆଘିଅତ ମିଳୁନାହିଁ । ମଇଁଷି, ଛେଳିମେଣ୍ଢା ଘିଅମାନେତ ଦୁର୍ମୂଲ୍ୟ । ତୁଅଳ୍ପ ହେଲେ ତ ଅନ୍ନ ରୁଚୁନାହିଁ। କାଳର ଅଳପକରେ ଦାସ ଶଗଡ କଂଚାହଳଦୀ ଆଉ ଢାଙ୍କିଆ ହୋଇଥିବା ପାଂଚପଣ, ବାଇଁଗଣ ଅଳପକରେ ଦଶ ଭାର, ୯ଟା ତ ଛାଡ ଦଶ ଶଗଡ । ଲାଉ ଦଶ ପୁଞ୍ଜା, ସାପୁଆ ଦଶ ଗୋଛା, ଜହ୍ନି ପନ୍ଦର ମଡଙ୍ଗା, ବୋଇତାଲୁ ଷାଠିଏ, ଏତକ ତରକାରୀ ହେଲେ ଅଳ୍ପ ରୁଚୁଛି, ଆଉ ଅଦା ପଚିଡି, ମେଥୀ ପଚିଡି,ମେରିସିଙ୍ଗା ପଚିଡି,ସୋରିଷ ପଚିଡି, ପୋଇଶୁଙ୍ଗା ପଚିଡି, ଏତକ ପଚିଡିରେ ଶ୍ରଦ୍ଧା । ସାକାର, ଆମ୍ବିଲ ବେଶ୍ୱର, ଘଂଟା ମହୁର, ସଂତୁଳା ଭଜା,ଚାରୁ,ଦୁଧ ଏତକ ମୋର ଇଷ୍ଟ ପ୍ରକାରେ ସାରିବାରେ ଆମ୍ଭ ବୁଦ୍ଧି ବଳକ୍ୱାର କରି ଆଉ ଏତିକି ଗିଳାଇଦେବାର । ଏଥିରୁ ଅଧିକ ଦେଲେ ରାକ୍ଷସ ଭୋଜନ । ଊଣା ହେଲେ ପଶୁ ଭୋଜନ ଏ ଉତ୍ତମ ପୁରୁଷ ପ୍ରମାଣ ହେ ରାଜନ ।" (୧) ଏହା ବ୍ୟତୀତ 'ଦେବେନ୍ଦ୍ର ସଭା ନାଟକ' ମଧ୍ୟ ରଚନା ଥିବାର ମିଳୁଛି ।

ଏହି ସମୟରେ ପୁରାଣର ବିଷୟକୁ ନେଇ ଯେଉଁ ମାନେ ନାଟକ ରଚନା କରିବାରେ ବ୍ରତୀ ହୋଇଛନ୍ତି ସେମାନଙ୍କ ମଧ୍ୟରେ ପାରଳାର ପଦ୍ମନାଭ ନାରାୟଣଦେବ ଓ ଆପନ୍ନା ପରିଚ୍ଛା ଅନ୍ୟତମ। ନୃସିଂହଙ୍କ ଦ୍ୱାରା ହିରଣ୍ୟବଦ୍ଧ ଓ ପ୍ରହ୍ଲାଦର ସିଂହାସନ ପ୍ରାପ୍ତି ବିଷୟକୁ ନେଇ ୫ ଅଙ୍କ ଓ ୨୧ ଦୃଶ୍ୟରେ 'ସଙ୍ଗୀତ ପ୍ରହ୍ଲାଦ' ଓ ୪ ଅଙ୍କ ଓ ୧୩ ଦୃଶ୍ୟ ବିଶିଷ୍ଟ ବାଣାସୁର କନ୍ୟା ଉଷା ତଥା ଶ୍ରୀକୃଷ୍ଣ ପୁତ୍ର ଅନିରୁଦ୍ଧାର ପ୍ରେମୋପାଖ୍ୟାନ ବିଷୟକୁ ନେଇ ରଚିତ 'ବାଣାଦର୍ପଦଳନ' ନାମକ ନାଟକ ଦ୍ୱୟ ୧୯୦୧ ମସିହାରେ ପ୍ରକାଶ ଲାଭ କରେ ।

ମହାଭାରତୀୟ ଓ ରାମାୟଣ ପରଂପରା ବିଭିନ୍ନ ସାହିତ୍ୟକୁ ପ୍ରଭାବିତ କରିଆସୁଥିଲେ ମଧ୍ୟ, ଓଡିଆ ସାହିତ୍ୟକୁ ଯେଉଁ ଭଳି ଭାବରେ ଏହାର ପ୍ରବାହ ନିହତ ତାହା ଅନ୍ୟକୌଣସି ପ୍ରାନ୍ତୀୟ ସାହିତ୍ୟରେ ଏତେ ମାତ୍ରରେ ପ୍ରଭାବ ପକେଇ ପାରିନାହିଁ । ଓଡିଆ ସାହିତ୍ୟରେ ଏହି ମହାଭାରତର ଦାନବୀର କର୍ଣ୍ଣଙ୍କ ଦାନତ୍ୱର ମହତ୍ୱକୁ ନେଇ ୩ ଅଙ୍କ, ୪ ଦୃଶ୍ୟ ବିଶିଷ୍ଟ 'ଦାନ ପରୀକ୍ଷା' ନାମକ ନାଟକ ରଚିତ ହୋଇଥିବାବେଳେ; ଗୌତମୀ ପତ୍ନୀ ଅହଲ୍ୟାଙ୍କ ଶାପ ମୁକ୍ତିର କାହାଣୀକୁ ନେଇ 'ଅହଲ୍ୟା ଶାପମୋଚନ' ୧୯୦୨ ମସିହାରେ ପ୍ରକାଶଲାଭ କରେ ।

ଓଡିଆ ଭାଷା ଓ ଜାତିର ବିପର୍ଯ୍ୟୟ ବେଳେ ପ୍ରସ୍ଫୁଟିତ ହୋଇଥିବା କେତେକ ପ୍ରଜ୍ଞାପୁରୁଷଙ୍କ ମଧ୍ୟରୁ ଅନ୍ୟତମ ଥିଲେ ନାଟ୍ୟକାର ଆପନ୍ନା ପରିଚ୍ଛା । ଏକାଧାରରେ କବି, ନାଟ୍ୟକାର, ସମାଜସେବୀ ଜାତିପ୍ରେମୀ ଓ ସର୍ବପରି ପ୍ରାକୃତିକ ଓଡ଼ିଶାର ପ୍ରଥମ ଭ୍ରାମ୍ୟମାଣ ରାସଦଳର ସେ ହେଉଛନ୍ତି ପ୍ରତିଷ୍ଠାତା । ୧୮୬୯ ରେ ପରଳାଖେମୁଣ୍ଡିରେ ଜନ୍ମ ଗ୍ରହଣକରିଥିଲେ; ପିତାଥିଲେ ଗାନ୍ଧୀବାଦୀ, ସଂଗ୍ରାମୀ ଓ ଏକ ବିତ୍ତଶାଳୀ ମଠର ପରିଚାଳକ ; ଏହି ମଠ ସର୍ବଦା ସଙ୍ଗୀତ, ନୃତ୍ୟ ଓ ନାଟକର ପୃଷ୍ଠଭୂମି ରୂପେ ପରିଚିତଥିଲା। ଏଭଳି ପରିବେଶ ଆପନ୍ନାଙ୍କୁ ଓଡ଼ିଶାରେ ସାମାଜିକ ନାଟ୍ୟ ପରଂପରା ଅଦ୍ୟ ଆବାହକ ରୂପେ ଗଢିତୋଳିଥିଲା । ୧୪ ବର୍ଷ ବୟସରେ ସେ ଲେଖିଥିଲେ ' ଚନ୍ଦ୍ରହାସ' ନାଟକ ଯାହା ଶ୍ୟାମସୁନ୍ଦର ରାଜଗୁରୁଙ୍କ ପୃଷ୍ଠପୋଷକତାରେ ମଂଚସ୍ଥ ହୋଇଥିଲା । ଓଡ଼ିଶାରେ ଭକ୍ତି କୈନ୍ଦ୍ରିକ ସ୍ଥଳକୁ ଉତ୍କଳୀୟ ବୈଷ୍ଣବ ଧର୍ମଧାରରେ ଜଡ଼ିତ କରି 'ବୈଷ୍ଣବାନ ଦାୟିନୀ ସମାଜ' ନାମକ ଓଡ଼ିଶାର ପ୍ରଥମ ଭ୍ରାମ୍ୟମାଣ ରାସଦଳ ସେ ଗଢିଥିଲେ । ପରିବର୍ତ୍ତିତ ସମାଜକୁ ଧରି କଳାର ପୃଷ୍ଠାଭୂମି ବଦଳାଇବାରେ ସକ୍ଷ୍ୟମ ଥିଲେ ଆପନ୍ନା ପରିଚ୍ଛା । ନିଜସ୍ୱ ଉଦ୍ୟମରେ ସେ ପ୍ରଥମେ ୧୮୯୩ ସେ ଗଢିଥିଲେ 'ଶ୍ରୀ ଶ୍ରୀ ରସିକାରାଜ ପ୍ରସାଦୈକ ସୁଜ୍ଞଜନ ମନୋରଂଜନ ନାଟ୍ୟ ମଣ୍ଡପ' ଏହା ଓଡ଼ିଶାର ଦ୍ୱିତୀୟ ଅସ୍ଥାୟୀ ରଙ୍ଗମଂଚରୂପେ ମଧ୍ୟ ପରିଚିତ । ୧୮୮୨ ମସିହାରେ ପାରଳାର ରଙ୍ଗମଂଚ ଯାହାପରେ ଆପନ୍ନାଙ୍କ ପ୍ରସ୍ତାବ କ୍ରମେ ୧୯୦୫ ମସିହାରେ ପଦ୍ମନାଭ ରଙ୍ଗାଳୟ ନାମରେ ନାମିତ ହୋଇଥିଲା; ଯେଉଁଥିରେ ଧ୍ରୁବ, ପ୍ରହ୍ଲାଦ, ଦାନ ପରୀକ୍ଷା' , ଉଷା ପରିଣୟ, ଅହଲ୍ୟା ଶାପମୋଚନ ଭଳି କାଳଜୟୀ ପୌରାଣିକ ନାଟକମାନ ଅଭିନୀତ ହୋଇଥିଲା । ଆପନ୍ନା ପରିଚ୍ଛାଙ୍କ ନାଟକ 'ବିଜୟ ବସନ୍ତ' , 'ନବାନୁରାଗ', 'ସିନ୍ଧୁ ଉପସିନ୍ଧୁ', ' ଚଂଚଳ କୁମାରୀ', 'ହେମ କୁମାରୀ', 'ହେମଚନ୍ଦ୍ର', 'ସ୍ୱର୍ଣ୍ଣଲତା', 'କନୌଜ କୁମାରୀ' 'ହେମଲତା' ଆଦି ନାଟକ ମଧ୍ୟ ଏହି ମଂଚରେ ଅଭିନୀତ । ସେହିପରି 'ମାନଭଂଜନ', 'ରାଧାକୃଷ୍ଣ ମିଳନ', 'ବିଲ୍ୱମଙ୍ଗଳ', ଓ 'ଗୋଷ୍ଠମିଳନ' ଭଳି ପୌରଣିକ ଓ ସାଂସ୍କୃତିକ ନାଟକର ପ୍ରବାହ ମାନଧାରାକୁ ମଧ୍ୟ ବଜାୟରଖିଥିଲେ । ତାଙ୍କର ବହୁ ପ୍ରସିଦ୍ଧ 'ବିଜୟ ବସନ୍ତ' ନାଟକରେ ଦୁଇ ରାଜପୁତ୍ର ବିଜୟ ଓ ବସନ୍ତର ଜିନନାଲେଖ୍ୟକୁ ଲୋକକଥା ଆଧାରିତ ଏଥିରେ ବର୍ଣ୍ଣିତ । ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ମଧ୍ୟ ସେ ଥିଲେ ନାଟ୍ୟ ଗୁରୁ ।

ବିଂଶ ଶତାବ୍ଦୀ ବେଳକୁ ନାଟକର ଆଙ୍ଗିକ ଓ ଆତ୍ମିକରେ କିଛି ପରିବର୍ତ୍ତନ ଲକ୍ଷକରାଗଲା, ଏହି ସମୟରେ ଭଞ୍ଜନଗର ନିକଟବର୍ତ୍ତିମନ୍ଦାର ଗ୍ରାମରେ ୧୮୭୦ ମସିହା ବେଳକୁ ଭୂମିଷ୍ଠ ହୁଅନ୍ତି ନାଟ୍ୟକାର ଶ୍ରୀବତ୍ସ ପଣ୍ଡା । ବାଲ୍ୟ ବିବାହ, ଅକାଳ ବୈଧବ୍ୟ, ପୁନର୍ବିବାହ ଆଦି ବିଷୟକୁ ନେଇ ୧୯୦୫ ମସିହାରେ ରଚନା କରନ୍ତି 'ଶଶିକଳା ପରିଣୟ' ନାମକ ୪ ଅଙ୍କ ଏବଂ ୧୪ ଗୋଟି

ଦୃଶ୍ୟର ଏକ ସଂସ୍କାର ଧର୍ମୀ ନାଟକ ରଚିତ । ରାମରଥା କନ୍ୟା ଶଶିକଳାର ବାଲ୍ୟ ବିବାହ, ଅକାଳ ବୈଧବ୍ୟ, ପୁନର୍ବିବାହ ନିମନ୍ତେ ରାମଦ୍ୟର ଅନୁମିତ ସଂଗ୍ରହ, ଶ୍ୟାମ ସହିତ ତାର ପୁନର୍ବିବାହ ଏବଂ ଉଭୟଙ୍କ ମଧୁର ଦାଂପତ୍ୟ ଜୀବନର ଚିତ୍ର ଏଥିରେ ପ୍ରଦତ୍ତ ହୋଇଛି । ତାଙ୍କର ନାଟକରେ ସାଧାରଣତଃ ସମାଜ ସଂସ୍କାର ଓ ଦଳିତ ମଣିଷଙ୍କ ପାଇଁ ଦରଦର ଚିତ୍ର ଫୁଟି ଉଠିଛି, – ବୈଦିକ ଧର୍ମ, ଗୋଧନ, ଜାତ୍ୟଗୀତି, ମୋ ମାତୃଭାଷା, ବିଧବାବିବାହ ନାଟକ, ଜାତୀୟ ଜୀବନ, ପୋଷ୍ୟପୁତ୍ର ହିନ୍ଦୁମାନଙ୍କର ବ୍ରାହ୍ମଣିୟତା, ପୁନର୍ମୂଷିକ ଭବ , ଆଛବ ଜାତି, ଆରୋଗ୍ୟ ବିଧାନ, ପଂଚାୟତ ଆଦି ଏହି ଧରଣର ନାଟକ ।

**ଆଧୁନିକ ବା ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆନାଟକ:**

ଏହି ଶ୍ରେଣୀରେ ନାଟକର ବିଷୟ ବସ୍ତୁ ଆଧାରରେ ପୌରଣିକ, ଗୀତିନାଟ୍ୟ/ଯାତ୍ରା ନାଟକ, ଶିଶୁ ନାଟକ, ସାମାଜିକ ନାଟକ ଆଦି ବିଭିନ୍ନ ବିଭାଗୀକରଣ କରି ଆଲୋଚନା କରାଇଯାଇଥିବାବେଳେ; ସେଥିମଧ୍ୟରୁ ସାମାଜିକ ନାଟକକୁ ପରୀକ୍ଷାଧର୍ମୀ, ଗାନ୍ଧୀବାଦ ଏବଂ ଦାର୍ଶନିକ ବୈଜ୍ଞାନିକ ନାଟକ ଆଦି ବିଭିନ୍ନ ବିଭାଗ ଆଧାରରେ ଆଲୋଚନା କରଯାଇଛି ।

ପୂର୍ବରୁ ମହାଭାରତୀୟ ଓ ରାମାୟଣ ପରଂପରା ବିଷୟରେ ଆଲୋଚନା କରାଯାଇଥିଲେମଧ୍ୟ ଏହି ପର୍ଯ୍ୟାୟରେ ଯେଉଁ ନାଟକ ଗୁଡ଼ିକ ଦେଖାଦେଇଅଛି; ସେଗୁଡ଼ିକ ଶ୍ରୀକୃଷ୍ଣଙ୍କ ଗୋପାଲୀଳା ଓ ଦ୍ୱାରିକା ଲୀଳାକୁ ଆଧାରକରି 'କଂସ ନିସୂଦନ' , ଓ ତୁଳସୀ ଉପାଖ୍ୟାନକୁ ନେଇ 'ଜଳନ୍ଧର ବଧ' ଓ ରାମାୟଣ କାହାନିକୁ ନେଇ 'ତାଡକାସୁର ବଧ' ରଚିତ । କଂସ ନିସୂଦନ ନାଟକରେ ଶ୍ରୀକୃଷ୍ଣଙ୍କ ଦ୍ୱାରା କଂସ ନିଧନର ଚିତ୍ର ଦେଖାଦେଇଥିବା ବେଳେ, ଜଳନ୍ଧର ବଧ ନାଟକରେ ବୃନ୍ଦାବତୀଙ୍କ ମାହାତ୍ମ୍ୟ ବର୍ଣ୍ଣିତ; 'ତୁଳସୀ'ଙ୍କର ଅନ୍ୟନାମ ବୃନ୍ଦାବତୀ । ବୃନ୍ଦାବତୀ ଓ ତୁଳସୀ ଯଥାକ୍ରମେ ପୂର୍ବ ଜନ୍ମ ଏବଂ ପରଜନ୍ମ ସଂପର୍କିତ ବା ସମ୍ବନ୍ଧିତ କାହାଣୀ । ବୃନ୍ଦାବତୀ ଜନ୍ମରେ ନାରାୟଣଙ୍କ ସହିତ ଏବଂ ତୁଳସୀ ପରବର୍ତ୍ତୀ ସମ୍ବନ୍ଧେ କୃଷ୍ଣଙ୍କ ସହିତ ବିବନ୍ଧିତ । ପ୍ରଥମଟି କାରଣ ଏବଂ ଦ୍ୱିତୀୟଟି ଭକ୍ତି ବା ପ୍ରେମ ଜନିତ ହେତୁ ଯଥାର୍ଥରେ କୁହାଯାଇଛି: ଆଗୋ ତୁଳସୀ ଦେବୀ, ଅଟୁ ଶ୍ରୀକୃଷ୍ଣ ପ୍ରାଣ ବଲ୍ଲଭୀ ଗୋ.. ।

ତୁଳସୀଙ୍କର ପୂର୍ବ ଜନ୍ମର ନାମ ଥିଲା ବୃନ୍ଦାବତୀ । ସେ ଥିଲେ ଜଣେ ପରମାସୁନ୍ଦରୀ, ସତୀ, ସ୍ୱାଧୀ ଏବଂ ମହତୀ ନାରୀ । ରାକ୍ଷସ ଜଳନ୍ଧର ଥିଲେ ତାଙ୍କ ସ୍ୱାମୀ । ବୃନ୍ଦାବତୀଙ୍କର ସତୀତ୍ୱ ପ୍ରଭାବରୁ ଜଳନ୍ଧର ଥିଲା ଅତ୍ୟନ୍ତ ପରାକ୍ରମଶାଳୀ ଏବଂ ଅଜେୟ । ସେ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳପୁରୀକୁ ନିଜ ପାଦତଳେ ରଖିବାକୁ ମନସ୍ଥ କଲା । ସେଥିପାଇଁ ଚଳାଇଲା ଯୁଦ୍ଧ, ଦେବ, ମାନବ ଏବଂ ତାକୁ ବିରୁଦ୍ଧ କରୁଥିବା ଦାନବଙ୍କ ବିରୁଦ୍ଧରେ । ଏଥିରେ ଦେବତାମାନେ ଅତ୍ୟନ୍ତ ଅତିଷ୍ଠହୋଇ ପଡ଼ିଲେ । ସେମାନେ ବିଷ୍ଣୁଙ୍କ ପାଖରେ ପହଂଚି ନିବେଦନ କଲେ ଯେ ସେ ଏଥିକୁ କିଛି କରନ୍ତୁ । ଏବେ ବିଷ୍ଣୁ ସ୍ୱୟଂ ଗଲେ । ଜଳନ୍ଧର ସହିତ ତାଙ୍କର ତୁମୁଳ ସଂଗ୍ରାମ ହେଲା । ସମକକ୍ଷ ଯୋଦ୍ଧା । କେହି କାହାକୁ ହରାଇ ପାରିଲେ ନାହିଁ । ବିଷ୍ଣୁ ଦେଖିଲେ, ଏମିତି ତାକୁ ବଧ କରି ହେବ ନାହିଁ । ସେ ଛଳକରି ଜଳନ୍ଧର ସହିତ ବନ୍ଧୁତ୍ୱର ପ୍ରତିଶ୍ରୁତିରେ ଲକ୍ଷ୍ମୀଙ୍କ ସହିତ ତା' ଘରେ ଏକ ପ୍ରକାର ବନ୍ଦୀ ହେଲେ । ଏପଟେ ବିଷ୍ଣୁଙ୍କ ଅନୁପସ୍ଥିତିରେ ଦେବ ଗଣଙ୍କର ଭାଳେଣି ପଡ଼ିଲା ।ବିଷ୍ଣୁ ଜାଣିଥିଲେ ଯେ ବୃନ୍ଦାବତୀଙ୍କର ସତୀତ୍ୱର ପରାକାଷ୍ଠା ଯୋଗୁଁ ଜଳନ୍ଧର ଏଯାବତ୍ ଅମର ହୋଇ ରହିଛି । ସେ ସତୀତ୍ୱ ହରାଇଲେ ଜଳନ୍ଧର ବଧ ହେବ । ସେ ନିଜେ ତାହାହିଁ କରିବେ ।

ସେପଟେ ଦୁଷ୍ଟ ଜଳନ୍ଧର ପାବର୍ତୀଙ୍କର ଅପରୂପ ଏବଂ ଅନୁପମ ସୌନ୍ଦର୍ଯ୍ୟ ସଂପର୍କରେ ସୁରାକ ପାଇଲେ । ପାବର୍ତୀଙ୍କୁ ପାଇବା ଉଦ୍ଦେଶ୍ୟରେ ଛଦ୍ମବେଶୀ ଶିବରୂପ ଧାରଣ କରି ବୃଷଭ ଚଢ଼ିଗଲେ । ତାକୁ ଦେଖୁ ଦେଖୁ ପାବର୍ତୀ ତାକୁ ଚିହ୍ନି ପାରିଲେ ଏବଂ ନିଜକୁ ବଂଚାଇବାର ଉପାୟ ଚିନ୍ତାକଲେ । ଏଣେ ପାବର୍ତୀଙ୍କୁ ଦେଖି ଜଳନ୍ଧର ଅତୀବ ଉନ୍ମାଦରୁ ହୀନବେଳ ହୋଇଗଲା ଏବଂ ସେ ବୃଷଭ ଉପରୁ ଭୂପତିତ ହୋଇ ଚେତା ହରାଇଲା ଏଥର ବିଷ୍ଣୁ ସୁଯୋଗ ନେଲେ । ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବୃନ୍ଦାଙ୍କ ସତୀତ୍ୱ ହରଣ ପାଇଁ ପ୍ରସ୍ତୁତ ହେଲେ । ଏହିସମୟରେ ଜଳନ୍ଧର ବଧ ସୁନିଶ୍ଚିତ ହେଲା ।

ଓଡ଼ିଶାରେ ଅଷ୍ଟାଦଶ-ଉନବିଂଶ ଶତକରେ ଗୀତିନାଟ୍ୟ ବା ଯାତ୍ରା ନାଟକର ଯେଉଁ ପରଂପରା ପ୍ରଚଳନ ଥିଲା; ତାହା ବିଂଶଶତକ ଶେଷ ଭାଗ ପର୍ଯ୍ୟନ୍ତ ଏହିଧାରା ପ୍ରବାହ ମାନ ବେଗରେ ଗତିକାରି ଚାଲିଛି । ଏଥିରେ ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'ଭିନ୍ନ ଏକ ରାମାୟଣ ଭିନ୍ନ ଏକ ସୀତା'(୧୯୪୪), 'ଯେ ପକ୍ଷୀ ଉଡେ ଯେତେଦୂର' (୧୯୮୪), 'ଝରଣା ଝୁରେସାଗର ପାଇଁ' (୧୯୮୫), 'ଲକ୍ଷ୍ମଣର ତିନିଗାର'(୧୯୫୫), 'ସବୁ ନଦୀର ଡଙ୍ଗା' (୧୯୮୬), 'ଶ୍ରୀକୃଷ୍ଣ ଆସୁଛନ୍ତି'(୧୯୮୭), 'ଡାଆଣୀ'(୧୯୮୮), 'ଠାକୁର ଅଛନ୍ତି ଚଉବାହାକୁ'(୧୯୮୯), 'ଧନ ମୋର କଣ ମଣିକ'(୧୯୯୦), 'ଜଗା ହଜିଗଲା ବଡ ଦାଣ୍ଡରେ'(୧୯୯୧), 'ବେଦିରୁ ଶବାରୀ ଅନେକ ଦୂର'(୧୯୯୧) ।

ଆଧୁନିକ ନାଟକ କହିଲେ ସାଧାରଣ ସାମାଜିକ ନାଟକ ଓ ଏହି ନାଟକ ମାଧରେ ଦାର୍ଶନିକ, ବୈଜ୍ଞାନିକ, ଗାନ୍ଧୀବାଦୀ ସବୁପରେ ୧୯୬୦ ପରବର୍ତ୍ତୀ ନାଟକର ମୁଖ୍ୟ ବିଭାଗ ହୋଇ ଉଠିଥିବା

ପରୀକ୍ଷାଧର୍ମୀ ନାଟକ ଆଦିକୁ ନେଇ ଓଡିଆ ସାମାଜିକ ନାଟକ ବିକାଶଲାଭ କରି ଆସିଛି । ମଧ୍ୟବିତ ପରିବାରର ସନ୍ତାନ ଓ ସ୍ୱାମୀଙ୍କ ବିଷୟକୁ ନେଇ 'ସହୋଦର', ଏବଂ 'ମନ୍ଦିର ପ୍ରବେଶ' ରେ ଜାତିପ୍ରଥା ରୂପକ ସାମାଜିକ କୁସଂସ୍କାର ଉପରେ ରଚିତ । ସମସାମୟିକ ସମାଜର କୁସଂସ୍କାର ପ୍ରତି ତାଙ୍କ ନାଟକ ଗୁଡିକ ଥିଲା ପ୍ରତିକ୍ରିୟାଶୀଳ । କେବଳ ଏହି ଦୁଇଟି ନାଟକରେ ନୁହେଁ, ସୀତାଦେବୀଙ୍କ 'ମନ୍ଦିର ପ୍ରବେଶ' ନାଟକରେ ତାଙ୍କର ଏହି ସମାଜ ସଂସ୍କାର ମନୋବୃତି ବେଶ ସ୍ୱଷ୍ଟ, ଏହାର ନାୟକ ଇନ୍ଦ୍ରନାଥ ଏହିପରି ଜଣେ ସମାଜସେବୀ, ପ୍ରଗତିଶୀଳ କଂଗ୍ରେସ ନେତା । ପିଲାଟି ଦିନରୁ ଗାନ୍ଧିଜୀଙ୍କୁ ସେ ଜୀବନର ଆଦର୍ଶ ରୂପେ ଗ୍ରହଣ କରି ସମାଜ ସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିନେଇଛନ୍ତି । ସମାଜ ସେବାରେ ବ୍ୟାଘାତ ଘଟିବବୋଲି ଅବିବାହିତ ରହିବାକୁ ନିଷ୍ପତି ନେଇଛନ୍ତି । ଗାନ୍ଧୀଜୀଙ୍କ ଡକରାରେ ଭାରତ ଛାଡ ଆନ୍ଦୋଳନରେ ଭାଗ ନେଇ ତିନିବର୍ଷ କାରାଗାର ଜୀବନ ବିତାଇଛନ୍ତି। ସେହି ସମୟରେ ଚାଲିଥିବା ବାଲ୍ୟ ବିବାହ ଭଳି କୁ ପ୍ରଥାକୁ ନେଇ ରଚନା କରନ୍ତି; ସମାଜ ସଂସ୍କାର ମୂଳକସାମାଜିକ ନାଟକ 'ନିଷ୍ପତି'। ତାଙ୍କ ନାଟକର ଆଉ ଏକ ବିଶେଷ୍ୱତ ହେଲା କିଛି ଆଦର୍ଶ ଚରିତ୍ର ମାଧ୍ୟମରେ ନିଜର ସଂସ୍କାର ଭାବନକୁ ରୂପ ପ୍ରଦାନ କରିବା , ଏଥିରେ ବିପତ୍ନୀକ ବରଜ ମହାପାତ୍ର ଏହିପରି ଏକ ଆଦର୍ଶ ଚରିତ୍ର । ଏହି ସମୟ ନୀଳକଣ୍ଠ ପଟ୍ଟନାୟକଙ୍କ ' ବିଜୟବାର୍ତ୍ତା' ଓ 'ଅଭିଶପ୍ତା' ଦ୍ୱୟ ନାରୀ ବିମୁକ୍ତ ନାଟକ ।

ଦଳିତ ନିଷ୍ପେସିତ ସମାଜରେ ବଂଚୁଥିବା ସର୍ବହରା ଶୋଷିତ ମଣିଷ ମାନଙ୍କୁ ଏକତ୍ର କରି ବୁର୍ଜୁଆ ଗୋଷ୍ଠୀ ବିରୋଧରେ ସଂଗ୍ରାମ କରିଛନ୍ତି ବ୍ରହ୍ମାନନ୍ଦ ପଣ୍ଡା ନିଜ ନାଟକ ମାଧ୍ୟମରେ 'ଚନ୍ଦ୍ର', 'ବେଳ ଓ ପରିଧି', 'ପଣ ଓ ପଣ୍ୟ', ଓ 'ସିନ୍ଦୁର' ନାଟକ ମାଧ୍ୟମରେ ।

ଖଟିଖିଆ ମୂଲିଆମାନଙ୍କ ଜୀବନର ବାସ୍ତବ ଛବିକୁ ନେଇ ସତ୍ୟନାରାୟଣ ମହାନ୍ତିଙ୍କ 'କଥାରେ କହିଲେ କଣ ହେବ' (୧୯୭୬), 'ମୂଲିଆ ବି ମଣିଷ' (୧୯୭୫) । ଶିଳ୍ପୀ ଜୀବନର ବାସ୍ତବ ଚିତ୍ରକୁ ନେଇ ୧୯୭୬ ମସିହାରେ ପ୍ରଫୁଲ କୁମାର ମହାନ୍ତିଙ୍କ ନାଟକ 'କାଳଜହ୍ନ' ରଚିତ ହୋଇଛି । କଳାକାର ଓ ଶିଳ୍ପୀକୁ ନେଇ ଏଥି ପୂର୍ବରୁ ନାଟକ ଲେଖାହୋଇ ସାରିଥିଲେ ମଧ୍ୟ ଏଥିରେ ମାନବିକତାର ପ୍ରସାର ନିମନ୍ତେ, ସ୍ନେହଁ, ଶ୍ରଦ୍ଧା ଓ ବିଶ୍ୱାସର ପ୍ରତିଷ୍ଠା ନିମନ୍ତେ ବିକାଶର ବ୍ୟାକୁଳତା ତଥା ବ୍ୟକ୍ତିକୈନ୍ଦ୍ରିକ ପରିବେଶରୁ ମୁକ୍ତି ନିମନ୍ତେ ତାହାର ଅନ୍ତଦ୍ୱନ୍ଦ ନାଟକରେ ଏଠାରେ ଦେଖାଇଛନ୍ତି ।

୧୯୬୦ ପରବର୍ତ୍ତୀ ନାଟକ ସାଧାରଣତଃ ସମସ୍ୟା ଆଧାରିତ ବା ଅପରାଧମୂଳକ ନାଟକ ଭାବରେ ବହୁ ପରୀକ୍ଷାନିରୀକ୍ଷା ଦେଖାଦେଇଆଛି; ଏହି ଅପରାଧମୂଳକ ପ୍ରେମତାତ୍ତ୍ୱିକ ନାଟକ ମଧ୍ୟରେ ମନ୍ମଥନାଥ ଶତପଥୀଙ୍କ 'ତିମିର ଜ୍ୟୋତ୍ସ୍ନା' ନାଟକକୁ ନିଆଯାଇଛି ।

ଏହି ସମୟର ଆଉ ଦୁଇଜଣ ନାଟ୍ୟକାର ଯିଏ କି ଓଡିଆ ନାଟ୍ୟ ଧାରାକୁ ପରିବର୍ତ୍ତନ କରିଦେଇଛନ୍ତି ସେମାନେ ହେଲେ ରମେଶ ପ୍ରସାଦ ପାଣିଗ୍ରାହୀ ଓ କାର୍ତ୍ତିଚନ୍ଦ୍ର ରଥ । ପାଣିଗ୍ରାହୀଙ୍କର ବିଶେଷତା, ସେ ପରଂପରାକୁ ଭିତ୍ତିକରି ନୂଆଁ ପରଂପରା ତିଆରି କରିଛନ୍ତି। "ବାହାରୁ ସେ ବେଶ ବିଦ୍ରୋହୀ, ବସ୍ତବବାଦି ଲାଗନ୍ତି ; ମାତ୍ର ଭିତରେ ରୋମାଂଟିକ, ସ୍ୱପ୍ନ ପ୍ରବଣ, ସହୃଦୟ । ତାଙ୍କ ସୃଜନ-ଦୃଷ୍ଟି କୌଣସି ନିର୍ଦ୍ଦିଷ୍ଟ କବିତା ଦର୍ଶନ, ରୁଚି ଓ କଳାବୋଧଦ୍ୱାରା ସଂରମିତ ହୋଇନାହିଁ । ପରିବର୍ତ୍ତିତ ସମୟର ସ୍ୱର ସହିତ ସେ ମିଶିଯାଇଛନ୍ତି, ଅସହାୟ ଓ ବଂଚିତମାନଙ୍କୁ ନିଜଭିତରେ ସ୍ଥାନ ଦେଇଛନ୍ତି ଏବଂ ମୋହମୁକ୍ତ ଭୂମିରେ ସେମାନଙ୍କୁ ଜୀବନ ମନ୍ତ୍ରରେ ଦୀକ୍ଷିତ କରାଇଛନ୍ତି । ଫଳତଃ, ତାଙ୍କ ନାଟକଗୁଡିକୁ ଦେଖିଲେ ଲାଗେ, ତାହା ଯେପରି ବିଶ୍ୱବୃତ୍ତର ଏକ ଏକ ପାରମାଣବିକ ପ୍ରତିରୂପ ।"(୨)

ବିପର୍ଯ୍ୟସ୍ତ ମୂଲ୍ୟବୋଧ ଜନିତ ହୀନମାନ୍ୟତା ଓ ତା'ର ଦୟନିୟ ପରିଣାମର ଚିତ୍ର 'ଜୀବନ ଜଙ୍ଘ' ନାଟକରେ ଫୁଟି ଉଠିଛି। ଆତ୍ମକେନ୍ଦ୍ରିକ ଆଜିର ମଣିଷକୁ କେଉଁ ଭଳି ଅସହାୟତା, ପରନିର୍ଭର କରିପାରିଛି, ମୁକ୍ତ ଜୀବନ ପାଇଁ ସନ୍ତୋଷ ଆଉ ଶାନ୍ତି ପାଇଁ ତାର ଜୀବନ କେଉଁଭଳି କେବଳ ଅଶାନ୍ତିର ଶେଷ ହୋଇଛି ନାଟ୍ୟକର ତାହା ଦେଖାଇଛନ୍ତି ତାଙ୍କର 'ସ୍ୱର୍ଗଦ୍ୱାର' ନାଟକରେ ; ନାରୀମନସ୍ତତ୍ୱର ଚିତ୍ର ଦେଖାଦେଇଛି ' ଯଉଘର', 'ଅନ୍ୟ ଆକାଶ' ଆଦି ବିଭିନ୍ନ ବିଭାଗରେ ନାଟକ ରଚିତ ।

**ଉପସଂହାର:**

ସାଂପ୍ରଦାୟିକ ସହାବସ୍ଥାନ ଓ ସାଂସ୍କୃତିକ ସମନ୍ୱୟ ପ୍ରତିଷ୍ଠା କ୍ଷେତ୍ରରେ ଏହି ଅଗଳର ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ତଥା ଓଡିଆ ନାଟକ ପରି ଗଞ୍ଜାମ ଅଂଚଳର ନାଟକ ଗୁଡିକ ସଙ୍ଗୀତ ବହୁଳ । ସଙ୍ଗୀତବହୁଳ କହିଲେ ଗୀତିନାଟ୍ୟ ଓ ଯାତ୍ରାନାଟକ ଆଦିକୁ ବୁଝାଏ; ଏହା ଗଞ୍ଜାମ ଅଂଚଳର ମୌଳିକ ଓ ପାରଂପରିକ ନାଟକ ପରଂପରା । କିନ୍ତୁ ବିଂଶ ଶତକର ମଧ୍ୟଭାଗ ବେଳକୁ ଯେଉଁ ନାଟକ ସମୂହ ଦେଖିବାକୁ ମିଳେ, ଆଧୁନିକ ନାଟକ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିନେଇଛି; ଏଥିରେ ପୁରାଣ କାହାଣୀ, ଶିଶୁ ଉପଯୋଗୀକାହାଣୀ, ବିଭିନ୍ନ ଧର୍ମକୁ ନେଇ କାହାଣୀ, ଦାର୍ଶନିକ ବା

ବୈଜ୍ଞାନିକ ବିଷୟମାନ ଦେଖା ଦେଇଥିଲେ ମଧ୍ୟ ୧୯୬୦ ପରବର୍ତ୍ତୀ ନାଟକରେ ଯେଉଁଭଳି ପରୀକ୍ଷା ନିରୀକ୍ଷା ଦେଖିବାକୁ ମିଳୁଥିଲା, ସର୍ବୋପରି ଗଞ୍ଜାମର ନାଟକରେ ମଧ୍ୟ ଏହି ପରୀକ୍ଷା ନିରୀକ୍ଷା ଦେଖିବାକୁ ମିଳିଛି । ତେବେ ଓଡିଆ ନାଟ୍ୟ ସାହିତ୍ୟକୁ ଗଞ୍ଜାମର ନାଟକଯେ ବହୁଭାବରେ ପ୍ରଭାବ ପକେଇଛି, ତାହା ନୁହେଁ ଗଞ୍ଜାମର ନାଟକ ପାଇଁ ଓଡିଆ ସାହିତ୍ୟ ଯେ ଧନ୍ୟ ଅହି ଅଛି, ଏହା ନିସନ୍ଦେହରେ କୁହାଯାଇପାରେ ।

**ସହାୟକ ଗ୍ରନ୍ଥସୂଚୀ:**

୧. ନାରାୟଣଦେବ, ଶ୍ରୀ ପଦ୍ମନାଭ, ଶ୍ରୀ ସଙ୍ଗୀତ ପ୍ରହ୍ଲାଦନାଟକ, ଗଜପତି ପ୍ରେସ, ପାରଳାଖେମୁଣ୍ଡି, ୧୯୧୬ ।

୨. ଦାସ, ଦାଶରଥି, ସାହିତ୍ୟକୋଷ, ଆମ ଓଡ଼ିଶା, ଭୁବନେଶ୍ୱର, ୨୦୧୮ ।

୩. ଦାସ, ହେମନ୍ତ କୁମାର, ଓଡିଆ ନଟକାର ଐତିହାସିକ ବିବର୍ତ୍ତନ, ପ୍ରଥମ ଭାଗ, କଟକ, ୨୦୦୩ ।

୪. ଦାସ, ହେମନ୍ତ କୁମାର, ଓଡିଆ ନଟକାର ଐତିହାସିକ ବିବର୍ତ୍ତନ, ଦ୍ୱିତୀୟ ଭାଗ, କଟକ, ୨୦୦୬ ।

୫. ଦାସ, ହେମନ୍ତ କୁମାର, ଓଡିଆ ଲୋକନାଟକ, ଗ୍ରନ୍ଥ ମନ୍ଦିର, ୨୦୦୬ ।

୬. ଦାସ, ହେମନ୍ତ କୁମାର, ଓଡିଆ ନଟକାର ବିକାଶଧାରା, (ଆଦି ପୂର୍ବ), ୧୯୮୭ ।

୭. ପ୍ରଧାନ, କୃଷ୍ଣଚନ୍ଦ୍ର, ସାରସ୍ୱତ ସାଧିକା ସିତାଦେବୀ ଖାଡଙ୍ଗା, ଓଡିଆ ସାହିତ୍ୟ ଏକାଡ଼େମୀ, ୨୦୦୮ ।

❖ ❖ ❖

DOI :https://doi.org/10.5281/zenodo.15253242 ମୂଳ ପ୍ରବନ୍ଧ

# ଆଧ୍ୟାତ୍ମିକ ଚେତନାର ଉତ୍ତରଣ : କବି ହରିହର ମିଶ୍ର

**ପ୍ରାଚୀପ୍ରଭା ସାଏନ୍ତ**

**ସଂକ୍ଷିପ୍ତସାର :**

'ଅଧ୍ୟାତ୍ମ' ଭାରତୀୟ ଜାତୀୟ ଜୀବନର ମେରୁଦଣ୍ଡ। ଏହି ଚେତନାକୁ ଆଧାର କରି ଆଦ୍ୟରୁ ଅଦ୍ୟାବଧି ଅନେକ କାବ୍ୟସୌଧ ନିର୍ମିତ। ନାନା ବାଗରେ ନାନା ଢ଼ଙ୍ଗରେ ପ୍ରାଚୀନରୁ ଆଧୁନିକ କବିଙ୍କ କବିତାରେ ଏହି ଚେତନା ପ୍ରସ୍ଫୁଟିତ। ଆଲୋଚ୍ୟ ପ୍ରବନ୍ଧରେ କବି ହରିହର ମିଶ୍ରଙ୍କ କବିତାରେ କିଭଳି ଏହି ଆଧ୍ୟାତ୍ମିକ ଚେତନାର ପରିପ୍ରକାଶ ଘଟିଛି ତାହା ଆଲୋଚନା କରିବାକୁ ପ୍ରୟାସ କରାଯାଇଛି। କବିଙ୍କ କବିତାର ଉପାଦାନ ହେଉଛି ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର, ସିଂହଦ୍ୱାର, ଚକା ଆଖି, ନୀଳଚକ୍ର, ଆନନ୍ଦ ବଜାର, ଅନ୍ଧାର, ଆଲୋକ, ସମୁଦ୍ର, ବଡଦାଣ୍ଡ, ନୀଳଚକ୍ର; ଯାହା ଜଗନ୍ନାଥ ଚେତନା କୈନ୍ଦ୍ରିକ। ଏହି ଉପାଦାନକୁ ଆଧାରକରି କବିଙ୍କ ଚେତନା ହୋଇଛି ଆଧାତ୍ମାନ୍ୱେଷୀ। କବିଙ୍କ ଉତ୍ତରିତ ଚେତନାର ପରିପ୍ରକାଶର କାବ୍ୟ ରୂପକୁ ଏହି ପ୍ରବନ୍ଧରେ ଆଲୋଚନା କରାଯାଇଛି।

**ପ୍ରମୁଖ ଶବ୍ଦାବଳୀ :**

ଆଧ୍ୟାତ୍ମିକ ଚେତନା, ଚେତନାର ଉତ୍ତରଣ, ଆତ୍ମଦର୍ଶନ, ଦିବ୍ୟ ଚେତନା, ଦିବ୍ୟାଲୋକ, ଜଗନ୍ନାଥ ଚେତନା, ମହାଭାବ, ମହାଶୂନ୍ୟ, ପରିପୂର୍ଣ୍ଣତା, ହରିହରଙ୍କ କବିତା।

## ବିଷୟବସ୍ତୁ ଆଲୋଚନା:

"ଜୀବନ ଜାରିରହୁ
ଭାସିଯାଉଥିବା ଦାରୁରେ
ସର୍ପ ଓ ଅସହାୟ ମଣିଷ
ଭାସୁଥାଉ ପ୍ରଳୟରେ
ନିଃଶ୍ୱାସ ପାଇଁ ଜାଗା ଖଣ୍ଡିକରେ।"(ସଂଧି ସାମୟିକ)

ସବୁ ପ୍ରତିକୂଳତା ଭିତରେ ଅନୁକୂଳତା ଓ ସବୁ ନିରାଶ ଭିତରେ ଆଶାର ସ୍ୱପ୍ନ ଦେଖି ଜୀବନ ଓ ଜଗତ ସହିତ ସନ୍ଧିକରି ଆତ୍ମିକତାର ଖିଅ ଖୋଜୁଥିବା କବି ହେଉଛନ୍ତି 'ହରିହର ମିଶ୍ର'। ଯାହାଙ୍କ ଚେତନା ଶୂନ୍ୟରୁ ମହାଶୂନ୍ୟ ତଥା ଅନ୍ଧାରରୁ ଆଲୋକ ଆଡ଼କୁ ପରିବ୍ୟାପ୍ତ। ଉଚ୍ଚାରିତ ବେଦରୁ ହୃଦୟର ଅନୁଚ୍ଚାରିତ ଶୂନ୍ୟତାକୁ ବ୍ୟକ୍ତ କରିବାକୁ ପ୍ରୟାସ କରିଥିବା କବି ହେଉଛନ୍ତି ହରିହର ମିଶ୍ର। ଏହି କ୍ରମରେ ଯାହାଙ୍କ ଲେଖନୀ ଓଡ଼ିଆ କବିତା ଭଣ୍ଡାରକୁ ଭେଟି ଦେଇଛି 'ଶଙ୍ଖନାଭି'(୧୯୭୩), 'ଅକ୍ଷମ ଦେବତା'(୧୯୭୮), 'ସୂକ୍ତ ଶତକ'(୧୯୭୮), 'ଚନ୍ଦ୍ରବିମ୍ବ'(୧୯୮୧), 'ଲାଲ କଢ଼ର ତପସ୍ୟା'(୧୯୮୨), 'ଚାହାଁଣି ମଣ୍ଡପ'(୧୯୮୭), 'ସ୍ୱପ୍ନ ବିନିମୟ' (୧୯୯୬), 'ଭିତିରି ଚନ୍ଦନ'(୧୯୯୬), 'ଶବ୍ଦ ଏକା ଏକା' (୧୯୯୫), 'ତର୍ପଣ ଶିଳା'(୧୯୯୫), 'ଅଣଅକ୍ଷର' (୧୯୯୮), 'ସଂଧ୍ୟାଦର୍ଶନ'(୧୯୯୮), 'ସ୍ୱରବର୍ଣ୍ଣ'(୧୯୯୮),

**ଯୋଗାଯୋଗ :**
**ପ୍ରାଚୀପ୍ରଭା ସାଏନ୍ତ,** ଅଧ୍ୟାପିକା,
ପର୍ଜଙ୍ଗ ମହାବିଦ୍ୟାଳୟ, ପର୍ଜଙ୍ଗ, ଢେଙ୍କାନାଳ
**Email :** prachisaint@gmail.com
**ORCID ID:** https://orcid.org/0009-0004-2711-0223

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୧.୨୦୨୪ | ୧୦.୦୧.୨୦୨୫ | ୨୫.୦୨.୨୦୨୫ | ୧.୦୩.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାଏନ୍ତ, ପ୍ରାଚୀପ୍ରଭା ; ୨୦୨୫। ଆଧ୍ୟାତ୍ମିକ ଚେତନାର ଉତ୍ତରଣ : କବି ହରିହର ମିଶ୍ର। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ୦; ପୃଷ୍ଠା :୩୫-୩୯।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253242
Article No - BPP00276

'ଅର୍ଦ୍ଧମାନବୀ'(୨୦୦୩), 'ଅନେକ ଆଶ୍ଚର୍ଯ୍ୟ'(୨୦୦୪), 'ପାହାଡ଼ର ଡେଣା'(୨୦୦୫), 'ନେତ୍ରୋତ୍ସବ'(୨୦୦୭), 'ଧୂଳିମାଟିର ସ୍ୱର୍ଗ'(୨୦୦୮) 'ଶୟନ ପ୍ରତିମା'(୨୦୦୮), 'ଦିବ୍ୟ ଅସନ୍ତୋଷ'(୨୦୦୯), 'ଅନ୍ଧାର ଦେବତା'(୨୦୨୪) ଆଦି ବତିଶ ଗୋଟି କବିତା ସଙ୍କଳନ। କବିଙ୍କ କବିତାର ଉପାଦାନ ହେଉଛି ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର, ସିଂହଦ୍ୱାର, ଚକା ଆଖି, ନୀଳଚକ୍ର, ଆନନ୍ଦ ବଜାର, ଅନ୍ଧାର, ଆଲୋକ, ସମୁଦ୍ର, ବଡଦାଣ୍ଡ, ନୀଳଚକ୍ର; ଯାହା ଜଗନ୍ନାଥ ଚେତନା କୈନ୍ଦ୍ରିକ। କବିଙ୍କ କବିସତ୍ତା କେବେ ଜିଜ୍ଞାସାରେ, କେବେ ଭକ୍ତି ଭାବରେ ଓ କେବେ ବୈରାଗ୍ୟରେ ହୋଇ ଉଠିଛି ଆତ୍ମାନ୍ୱେଷୀ। ଦୈନନ୍ଦିନ ଜୀବନର ହସ-କାନ୍ଦ, ଦୁଃଖ-ସୁଖର ଲହୁ ଲୁହର ଜୀବନ ଯେମିତି ଜଗନ୍ନାଥ ଚେତନା ସହ ଏକାକାର ହୋଇଯାଇଛି। କବିଙ୍କ ସମଗ୍ର କାବ୍ୟଜଗତରେ ଏହି ଅଧ୍ୟାତ୍ମନିଷ୍ଠା ଓ ସମର୍ପିତ ସତ୍ତାକୁ ଉପଲବ୍ଧି କରାଯାଇପାରେ।

କବିଟିଏ ସୂକ୍ଷ୍ମଦର୍ଶୀ। ତେଣୁ ତା ପରିପାର୍ଶ୍ୱରେ ଘଟି ଯାଉଥିବା ଅନେକ ସାଧାରଣ ଘଟଣା ତା ପାଇଁ ପାଲଟେ ଅସାଧାରଣ। ଜିଜ୍ଞାସାବୋଧରେ କବିସତ୍ତା ପ୍ରଶ୍ନ କରନ୍ତି ମାଟିକୁ, ଆକାଶକୁ, ଶୂନ୍ୟକୁ। ପ୍ରକୃତ ସତ୍ୟ ନିକଟରେ ପହଞ୍ଚିବାକୁ ସର୍ବଦା ଚେଷ୍ଟିତ କବିସତ୍ତା ପୁନଶ୍ଚ ଫେରନ୍ତି ନିଜ ଅନ୍ତର୍ଚେତନା ନିକଟକୁ ସେଠାରେ ସେ ଦେଖନ୍ତି ପରିବ୍ୟାପ୍ତ ଆକାଶକୁ ଓ ବ୍ରହ୍ମାଣ୍ଡକୁ। ତେଣୁ ସେ କରିଥାନ୍ତି ଶୂନ୍ୟବନ୍ଦନା। ସେ ହୋଇଥାନ୍ତି ଅଧ୍ୟାତ୍ମାନ୍ୱେଷୀ। ଏହିପରି ଜଣେ ଅଧ୍ୟାତ୍ମାନ୍ୱେଷୀ ତଥା ସୂକ୍ଷ୍ମଦର୍ଶୀ କବି ହେଉଛନ୍ତି ହରିହର ମିଶ୍ର। ଯାହାଙ୍କ କାବ୍ୟିକ ଚେତନା ଅନେକ ଜିଜ୍ଞାସାବୋଧ ଦେଇ ଖୋଜୁଥାଏ ଅନେକ ମୌଳିକ ପ୍ରଶ୍ନର ଉତ୍ତର। କବିସତ୍ତା ତେଣୁ 'ଶଙ୍ଖନାଭି' କବିତାରେ ପ୍ରକାଶ କରନ୍ତି-

"କହ ଆଗୋ ଗୋଟିପୁଅ / କିଭଳି ବିଚ୍ଛିନ୍ନ ହେଲି ଶ୍ରାବଣରୁ କହ
ବର୍ଷାରୁ, ଡୋର ସବୁ ବାନ୍ଧି ପାରିଲାନି
ସେ ସବୁ ଅଡୁଆ ସୂତା ଯଦିଓ ମୁଁ ଆଜିବି ଫିଟାଏ
କେମିତି ଅଲଗା ହେଲି ସମୁଦ୍ରରୁ ପୃଥିବୀ ଓ / ଜଳସ୍ଥଳୁ
ଆକାଶ ପରାଏ।" (ପୃ. ୩୮)

ଅନେକ ଅନୁସନ୍ଧାନ ପରେ ବି ମଣିଷ ହୃଦୟଙ୍ଗମ କରେ ମନଦ୍ୱାରା ଏସବୁ ପ୍ରଶ୍ନର ଉତ୍ତର ପାଇବା କଠିନ। ସେ ଉପଲବ୍ଧି କରେ ତା' ସତ୍ତାର ଅଭ୍ୟନ୍ତରରେ ଏପରି ଏକ ଚେତନା ଅଛି, ଯେଉଁଠି ରହିଛି ସବୁ ଜିଜ୍ଞାସାର ଉତ୍ତର। ସେ ଅନ୍ତର୍ମନ ଦେଇ ସମଗ୍ର ବ୍ରହ୍ମାଣ୍ଡକୁ ଦେଖିଥାଏ। ସେ ଉପଲବ୍ଧି କରେ ପ୍ରତ୍ୟେକେ, ପ୍ରତ୍ୟେକଙ୍କ ସହିତ ସମ୍ପର୍କିତ। ସବୁ ଜଡତା ଭିତରେ ଏକ ଶକ୍ତି ପ୍ରବାହିତ। ସେହି ଶକ୍ତି ଜଡ଼କୁ ପରିଣତ କରେ ଜୀବନରେ। ଏହି ଜୀବନୀ ଶକ୍ତିକୁ ଆତ୍ମା ଭାବରେ ନାମିତ କରି ଓ ଆତ୍ମାର ମୂଳ ଉତ୍ସ 'ବ୍ରହ୍ମ' ତଥା ପରମାତ୍ମାଙ୍କୁ ଖୋଜିଛନ୍ତି ପ୍ରାଚୀନ ମୁନିଋଷି। କବି ହରିହର ମିଶ୍ରଙ୍କ କବିସତ୍ତା ସେହିପରି ଲୌକିକରୁ ଅଲୌକିକ ଆଡ଼କୁ ଅଗ୍ରସର ହୋଇଛି। ଏହି ଚେତନାକୁ 'କେଉଁଠି ରହେ ବ୍ରହ୍ମଜ୍ୟୋତି' କବିତାରେ କବି ପ୍ରକାଶ କରନ୍ତି -

"ଶୂନ୍ୟରେ ଘେରା ରଶ୍ମିଜାଲ / ଝୁଲାଏ ମାଟି କଳେବର
ମାଟିରୁ ଖସେ ମୁଁ ଶୂନ୍ୟରେ / ଓଲଟ ପାରା ଭଳି ଉଡ଼େ
ଏ କେଉଁ ବିପଦ କହ ତ / ଐଶ୍ୱର୍ଯ୍ୟ କାହାକୁ ବିଦିତ
କେଉଁଠି ଘୁରେ ଏ ପୃଥିବୀ / କେଉଁଠି ରହେ ବ୍ରହ୍ମଜ୍ୟୋତି?"

(ପୃ. ୧୮୫)

ସମଗ୍ର ବ୍ରହ୍ମାଣ୍ଡ ଅନେକ ରହସ୍ୟ ଘେରା। ଯେତେ ଯେତେ ଚେତନାର ଉତ୍ତରଣ ଘଟେ, ସେତେ ସେତେ ଉଜ୍ଜ୍ୱଳତାର ଆଭାସ ପରିପ୍ରକାଶ ହୁଏ। ସେହି ଉଜ୍ଜ୍ୱଳତାକୁ ଜାଣିବାକୁ ହେଲେ, ନିଜ ଭିତରେ ଥିବା ଅନନ୍ତ ଆକାଶକୁ ଜାଣିବାକୁ ହେବ ବୋଲି କବିସତ୍ତା ଉପଲବ୍ଧି କରିଛନ୍ତି। ସେହି ବ୍ରହ୍ମଜ୍ୟୋତିର ଅନ୍ୱେଷଣରୁ କବିସତ୍ତା ହୋଇଛନ୍ତି ଆତ୍ମାନ୍ୱେଷୀ। ସେହି 'ଆତ୍ମ' ସତ୍ତାକୁ ସୃଷ୍ଟିର ପ୍ରତ୍ୟେକଙ୍କଠାରେ ଦେଖିଛନ୍ତି। ସେହି ଆତ୍ମଦର୍ଶନ ପାଲଟିଛି କବିଙ୍କ ଜୀବନଚର୍ଯ୍ୟା। ସେହି ବିରାଟ ବୃକ୍ଷର ବୀଜ ରୂପକୁ ଅନ୍ତର୍ଚେତନାରେ ଆବିଷ୍କାର କରିଛନ୍ତି କବିସତ୍ତା। ସେହି 'ଏକ୍'କୁ ଜାଣି ଦେଲେ ସମଗ୍ର ବ୍ରହ୍ମାଣ୍ଡକୁ ଜାଣି ହେବ। ତେଣୁ ସେହି ଉପନିଷଦୀୟ 'ତତ୍ତ୍ୱମସି', 'ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତି'ର ପ୍ରଭାବ ଲକ୍ଷ୍ୟ କରାଯାଇପାରେ କବି ମିଶ୍ରଙ୍କ କବିତାରେ। 'ନବଗୁଞ୍ଜର' କବିତାରେ ତେଣୁ କବି ପ୍ରକାଶ କରିଛନ୍ତି -

"ମୁଁ ସେଇ ଚେତନା
ଯିଏ ଯୋଡ଼ିପାରେ ନିଜ ଇଚ୍ଛାମତେ
ଯାହାସବୁ ଇତସ୍ତତଃ ରହିଥାଏ ବସ୍ତୁରୂପେ
ଅଥଚ ମୁଁ କୋଉଠି ନଥାଏ।"(ପୃ. ୩୮୫)

ସେହି ବ୍ରହ୍ମଜ୍ୟୋତିର ଅନ୍ୱେଷଣ କରୁ କରୁ କବିସତ୍ତା ଉପଲବ୍ଧି କରିଛନ୍ତି ସବୁକିଛି ଶୂନ୍ୟମୟ। ସେହି ଶୂନ୍ୟରେ ସୃଷ୍ଟି ଓ ଶୂନ୍ୟର ହିଁ ବିଲୟ। ସମଗ୍ର ସୃଷ୍ଟିରେ ସେହି ଏକ ଦିବ୍ୟଚେତନା ବିଚ୍ଛୁରିତ। ସେହି ଚେତନା ଏକ ସୂତ୍ରରେ ସବୁକୁ ବାନ୍ଧି ରଖିଛି। ଏହି ଏକତ୍ୱବୋଧ ହିଁ କରିଛି କବିଙ୍କୁ ପରମ ସତ୍ତାଙ୍କ ନିକଟତର। ସେ ହୋଇଛନ୍ତି ଈଶ୍ୱର ବିଶ୍ୱାସୀ। ତେଣୁ ଜ୍ଞାନ ଉପଲବ୍ଧି ପାଇଁ କବିଙ୍କ ଦୃଷ୍ଟି ପ୍ରସରି ଯାଇଛି ବେଦ - ଉପନିଷଦର ଆତ୍ମଦର୍ଶନବୋଧ ଆଡ଼କୁ। ସେ ଉପଲବ୍ଧି କରିଛନ୍ତି ସେହି ଶୂନ୍ୟ ହିଁ ପୂର୍ଣ୍ଣ ଆକାରରେ ବିରାଜିତ। ତେଣୁ ସେ ଶୂନ୍ୟର ବନ୍ଦନା କରିଛନ୍ତି "ଶୂନ୍ୟରେ, ହିଁ ସ୍ଥିତି ମୋର / ଶୂନ୍ୟରେ ହିଁ ଠୁଳ ସବୁ / ଶୂନ୍ୟ ମୋର ନାମ ପରିଚୟ / ଶୂନ୍ୟ ମୋ ରକ୍ତ କୋଷ

/ ଜିନ୍ସ ଓ ନିଉକ୍ଲିୟସ / ଅଳହୀନ ସମ୍ଭାବନା / ଇଲେକ୍ଟ୍ରୋନ୍ ପ୍ରୋଟନରୁ ଶକ୍ତି ଓ ପ୍ରବାହ / ଆତ୍ମ ପ୍ରସାରିତ ଯେତେ ମୋର ପୁରୁଷାକାର / କରେ ମତେ ସର୍ବବ୍ୟାପୀ ସର୍ବ ଶକ୍ତିମାନ।" (ଅଣ ଅକ୍ଷର)

ସମଗ୍ର ସୃଷ୍ଟିର ସଂରଚନାରେ ଅଭିଭୂତ କବିସତ୍ତା ସେହି ପରମ ସତ୍ତାଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ସମର୍ପି ଦେଇଛନ୍ତି। ନିଜ ଭିତରର ଈଶ୍ୱରଙ୍କ ପାଖରେ ନତମସ୍ତକ ହୋଇଛନ୍ତି ସେ। ସେହି ଈଶ୍ୱରଙ୍କ ପ୍ରାପ୍ତି ପାଇଁ ଅନ୍ତର୍ଶୁଦ୍ଧି ଆବଶ୍ୟକ। ତେଣୁ 'ଅଣଅକ୍ଷର' କବିତା ସଂକଳନର ମୁଖବନ୍ଧରେ କବି ପ୍ରକାଶ କରିଛନ୍ତି – "ମୁହଁରେ ଦାଗକୁ ନ ଲିଭାଇ ଦର୍ପଣକୁ ଭାଙ୍ଗି ଦେଲେ – ଅସୁନ୍ଦର ସୁନ୍ଦର ହୋଇ ଯିବନି। ଓଡ଼ିଆ ଶବରୁଣୀ ତା' ମୁହଁ ଦେଖୁଥିଲା ଝରଣାର ଦର୍ପଣରେ। ସେଇଥିରେ ହେଉଥିଲା ତା'ର ଆତ୍ମପ୍ରୀତି – ମୁଁ ଯାହା ଚାହେଁ ସେଇ ଏଇ।"

ସବୁ ଯନ୍ତ୍ରଣା ସବୁ ଅପୂର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଗଲେ ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ସେଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼େ। ସମର୍ପିତ ଚେତନାଟିଏ ଈଶ୍ୱରଙ୍କୁ ଦେଉଳରୁ ମନମନ୍ଦିରକୁ ଆଣିପାରେ। ତା ପାଇଁ ଦୃଶ୍ୟ-ଅଦୃଶ୍ୟ, ଆଲୋକ-ଅନ୍ଧକାର, ସବୁ ହିଁ ଏକାକାର ହୋଇଯାଏ। ସେହି ଶୂନ୍ୟତାରେ ମିଶିଯିବାକୁ ଇଚ୍ଛା ପ୍ରକାଶ କରେ। 'ଥଣ୍ଡା ପବନରେ' କବିତାରେ କବି ପ୍ରକାଶ କରନ୍ତି – "ଏଇ ଦେଖ ତ ... / ଥରେ ସବୁ ସମର୍ପି ଦେଲା ପରେ / ଆଉ ଥିଲି କେଉଁଠି ମୁଁ ନିଜେ / ଆଉ ଥିଲା କ'ଣ ମୋର / ଅଥଚ ସବୁଠି ଥିଲି ବୋଲି / କହିବାକୁ, ଭାବିବାକୁ / କି ବାସନା ଜାଗୁଛି ମୋହର।" (ପୃ. ୨୧୦) ଆତ୍ମ ସମର୍ପଣରେ, କବିସତ୍ତା ସର୍ବତ୍ର ବ୍ରହ୍ମଙ୍କୁ ଉପଲବ୍ଧି କରିଛନ୍ତି। ପଞ୍ଚଭୂତରେ ଗଢ଼ା ପ୍ରକୃତି ଓ ଶରୀର। ପଞ୍ଚଭୂତ ଈଶ୍ୱରଙ୍କ ସୃଷ୍ଟି। ତେଣୁ କବିସ । ସେହି ପରମ ସତ୍ତାଙ୍କୁ ସର୍ବତ୍ର ଉପଲବ୍ଧି କରି ତା'ଙ୍କ ଠାରେ ଆଶ୍ରୟ ଲୋଡ଼ିଛନ୍ତି।

କବି ହରିହରଙ୍କ ଜନ୍ମସ୍ଥାନ ଆଧାତ୍ମିକ କ୍ଷେତ୍ର ପୁରୀ ହୋଇଥିବାରୁ, କବିଙ୍କ ଚେତନାରେ ସେହି ଆଧାତ୍ମିକତାର ଆଭା ତାଙ୍କ ଲକ୍ଷ୍ୟ-ଅଲକ୍ଷ୍ୟରେ ପ୍ରବାହିତ। ତାଙ୍କ ସମସ୍ତ ଜୀଜ୍ଞାସା, ସମସ୍ତ ଆବେଗ ଜଗନ୍ନାଥଙ୍କ ପ୍ରତି ଉଦ୍ଦିଷ୍ଟ। ତେଣୁ ଜଗନ୍ନାଥ ଚେତନା ପାଲଟିଛି କବିଙ୍କ ଜୀବନଚର୍ଯ୍ୟା। ଦୈନନ୍ଦିନ ଜୀବନର ସୁଖ-ଦୁଃଖ, ହସ-କାନ୍ଦ, ଲହୁ-ଲୁହ ସବୁ ଜଗନ୍ନାଥଙ୍କୁ ସମର୍ପିତ। ବ୍ୟକ୍ତିଗତ ଚିନ୍ତା ପରିଣତ ହୋଇଛି ବିଶ୍ୱାତୀତ ଚେତନାରେ। 'ଶଙ୍ଖନାଭି'ଠାରୁ ଆରମ୍ଭ କରି 'ଅନ୍ଧାର ଦେବତା' ପର୍ଯ୍ୟନ୍ତ ଅଧିକାଂଶ କବିତାର କେନ୍ଦ୍ରବିନ୍ଦୁ ପାଲଟିଛି ସେହି ଜଗନ୍ନାଥ ଚେତନା। ଜଗନ୍ନାଥଙ୍କଠାରେ ଆଶ୍ରୟ ନେଇଥିବା କବିସତ୍ତା ଦୁଃଖ ଯନ୍ତ୍ରଣାରେ ବ୍ୟଥିତ ହୋଇ ନାହାନ୍ତି; ବରଂ ଝଡ, ବନ୍ୟା ବାତ୍ୟାରେ ନିଶ୍ଚଳ ହୋଇ ଦଣ୍ଡାୟମାନ ହେବାର ସାହାସ ପାଇଛନ୍ତି। ସେହି ଦିବ୍ୟ ସ୍ପର୍ଶରେ ଏକ ଭିନ୍ନ ଇଲାକାର ସଂଦର୍ଶନ କରିଛନ୍ତି ସେ। ସେହି ସ୍ପର୍ଶ ତା'ଙ୍କୁ ଅପୂର୍ଣ୍ଣରୁ ପୂର୍ଣ୍ଣାୟିତ କରିଛି। ପ୍ରଭୁର ବଳରେ ବଳୀୟାର ହୋଇଥିବା କବିସତ୍ତାଙ୍କୁ ସବୁକିଛି ବୈକୁଣ୍ଠମୟ, ପ୍ରତୀତ ହୋଇଛି। ତେଣୁ ସେହି ମହାଭାବରେ ଲୀନ ହୋଇଥିବା କବିସତ୍ତାଙ୍କୁ ଅନୁଭୂତ ହୁଏ – "ଆ ଆଲିଙ୍ଗନ କର / ଅକୁଣ୍ଠରେ ବୈକୁଣ୍ଠ ସୁଖ ନେ / ବାଉନ ଭଣ୍ଡାର ନେ / ଛପନ ପଉଟି ଦେ / ଅଣସର ବ୍ୟାଧି ନେ / ସବୁ ବେଶ, ମଇଲମ ନେ .. ଦେହ ନେ / ଦେହ ଦେ / ନବବସ୍ତ୍ର ଭଳି ତାକୁ ଢାଙ୍କିବାକୁ / ଅନ୍ୟ ଏକ ଦେହ ଦେ।" (ଅକୁଣ୍ଠରେ ବୈକୁଣ୍ଠ ସୁଖ, ପୃ. ୩୧୪) ସେହି ମହାଭାବରେ ଭକ୍ତ ଓ ଭଗବାନ ଏକାକାର ହୁଅନ୍ତି। ଜନ୍ମ ଜନ୍ମାନ୍ତର ଡେଇଁ ସେଇ ପରମ ଚେତନାରେ ବିଲୀନ ହେବାକୁ ପ୍ରୟାସ କରନ୍ତି କବିସତ୍ତା। ତେଣୁ 'ସନ୍ଧ୍ୟାଦର୍ଶନ' କବିତା ସଂକଳନର ମୁଖବନ୍ଧରେ କବି ପ୍ରକାଶ କରଛନ୍ତି – "ଦେହର ବାସ୍ତବତାକୁ ସ୍ୱୀକାର କରି ମରଣର, ଅନିବାର୍ଯ୍ୟ ସତ୍ୟକୁ ଗ୍ରହଣ କରିବା ସତ୍ତ୍ୱେ ଦେହାତୀତ ଓ ଚିରନ୍ତନ ପ୍ରତି ଆସ୍ଥାବୋଧ କେବଳ ଜୀବନ ବିକାଶର ଜୟଗାନ କରିବା ନୁହେଁ, ବରଂ ମାନବ ସ୍ଥିତିକୁ ଶୂନ୍ୟତାର, ମହାପ୍ରସାର ଭିତରେ ଅମରତ୍ୱର ଚେତନାରେ ପହଞ୍ଚାଇବା ହିଁ ଏହାର ଲକ୍ଷ୍ୟ। ଏହି ନିତ୍ୟନୂତନ ଅମୃତଦର୍ଶନ ହିଁ 'ସନ୍ଧ୍ୟାଦର୍ଶନ'।" ଏହି ସନ୍ଧ୍ୟାଦର୍ଶନକୁ ଆତ୍ମଦର୍ଶନରେ ରୂପାନ୍ତରିତ କରିବା ପାଇଁ ବହୁ ବାଟେ ଚେଷ୍ଟା କରିଛନ୍ତି କବି।

ଈଶ୍ୱର ପ୍ରେମମୟ। ଯେଉଁଠାରେ ପ୍ରେମ ନାହିଁ, ସେଠାରେ ଭଗବଦ୍ ପ୍ରାପ୍ତି ଆଶା କ୍ଷୀଣ। ତେଣୁ କବି ମିଶ୍ର ଈଶ୍ୱରଙ୍କ ପ୍ରେମରେ ତଲ୍ଲୀନ ହୋଇ ଓ ତାଙ୍କ ସ୍ୱରୂପକୁ ଉପଲବ୍ଧି କରି କବିତାରେ ଅତି ମାର୍ମିକ ଭାବେ ପ୍ରକାଶ କରିଛନ୍ତି। ପାର୍ଥିବ ସତ୍ତାରେ ଅପାର୍ଥିବ ସତ୍ତାକୁ ସ୍ପର୍ଶ କରିବାକୁ ପ୍ରୟାସ କରିଛନ୍ତି। ତେଣୁ ଧୂଳି ମାଟିରେ, ବି ସ୍ୱର୍ଗର ସଂଦର୍ଶନ କରିଛନ୍ତି କବି। କାରଣ ସେ ବିଶ୍ୱାସ କରନ୍ତି ଯେ ପ୍ରେମ ମନ ସର୍ବସ୍ୱ, ଦେହ ସର୍ବସ୍ୱ କି ନାରୀ ସର୍ବସ୍ୱ ନୁହେଁ; ଏହା ଅନିୟମ ଓ ଅଭ୍ୟୁଦୟ ମୁଖ୍ୟ ଚେତନାରୁ ଦୋଳାୟିତ ତଥା ନୈସର୍ଗିକ ଆନନ୍ଦର ଉପାସନା କରିବାର ମୁକ୍ତ ମାଧ୍ୟମ। ତେଣୁ ପ୍ରେମ ହିଁ ପାଲଟିଛି କବି ମନର, ପ୍ରାର୍ଥନାଗୃହ କବିଙ୍କ ପାଇଁ 'ନିର୍ବାଣ' ଓ 'ସନ୍ନ୍ୟାସ' ଅପେକ୍ଷା ସନ୍ନ୍ୟାସୀର ଏକାନ୍ତ ପ୍ରେମ ହିଁ ପାଲଟିଯାଏ ଜ୍ଞାନସିଦ୍ଧିର ମାର୍ଗ। ସବୁ ସାଧାରଣ ପାଲଟି ଯାଇଛି ଅସାଧାରଣରେ। କବିସତ୍ତା ତେଣୁ 'ନୈବେଦ୍ୟ' କବିତାରେ ପ୍ରକାଶ କରନ୍ତି –

"ସେ ପ୍ରେମର ନୈବେଦ୍ୟରେ ପାଣି ଛଡେଇ ଦେଲେ
ଅନ୍ନ ହେବ କୈବଲ୍ୟର ଆନନ୍ଦ
ପୁଷ୍ପ ହେବ ବସୁଧାର ନିର୍ଯ୍ୟାସ
ଚନ୍ଦନ ହେବ ତୋର ନିଃଶ୍ୱାସ ପ୍ରଶ୍ୱାସ।"

ତେଣୁ କବିସତ୍ତା ଜୀବନକୁ ପାଣି ଛଡେଇ ଆତ୍ମବିକାଶରେ, ପ୍ରେମର, ନୈବେଦ୍ୟ ବାଢ଼ିବାରେ ବିଶ୍ୱାସ କରନ୍ତି। ଯେଉଁ ନୈବେଦ୍ୟ,

ଅଶ୍ରୁକୁ ଅମୃତରେ ପରିଣତ କରିଦେବାର ସାମର୍ଥ୍ୟ ରଖେ। ସେହି ପ୍ରୀତିମନ୍ତ୍ର ହିଁ କବିଙ୍କ କବିସତ୍ତାର ଦିବ୍ୟାନନ୍ଦ ପ୍ରାପ୍ତିର ମାଧ୍ୟମ ପାଲଟିଛି। 'ଶବ୍ଦ ଏକା ଏକା ଏକତ୍ର', 'ଅଣ ଅକ୍ଷର', 'ସୂକ୍ତ ଶତକ', 'ସନ୍ଧ୍ୟା ଦର୍ଶନ' ଆଦି ବହୁ କବିତା, ଏ ଭାବଦ୍ୱାରା ବିଜଡ଼ିତ। ଯେଉଁଥିରେ କବିଙ୍କ ଆଧ୍ୟାତ୍ମିକ ନିଷ୍ଠା ଓ ସମର୍ପିତ ସତ୍ତାର ପରିପ୍ରକାଶ ଘଟିଛି।

ଅସ୍ଥିର ଜୀବନରେ ନାନା ଘାତ-ପ୍ରତିଘାତକୁ ସାମ୍ନା କରୁଥିବା ବ୍ୟକ୍ତିସତ୍ତାର ଅସନ୍ତୋଷର ଅବସାନ ନଥାଏ। ବ୍ୟାକୁଳ ବେଦନାକୁ କିନ୍ତୁ ଆଶ୍ୱାସନାରେ ଭରିଦିଏ ଦିବ୍ୟ ପ୍ରଜ୍ଞାଲୋକ। ଅହଂ ସର୍ବସ୍ୱ ବ୍ୟକ୍ତିସତ୍ତାର ବ୍ୟାକୁଳିତ ମନ ଶେଷକୁ ଉପଲବ୍ଧି କରେ ସେ କେବଳ ନିମିତ୍ତ ମାତ୍ର। ଅଦୃଷ୍ଟର ଇସାରାରେ ସେ କେବଳ କଣ୍ଢେଇ ନାଚ କରୁଥାଏ। ତେଣୁ ଉତ୍ତରିତ ଚେତନାରେ କବିସତ୍ତାଙ୍କର ସମସ୍ତ ଅସନ୍ତୋଷ ପାଲଟିଯାଏ ଦିବ୍ୟ ଅସନ୍ତୋଷରେ। ଦୁଃଖ-ଯନ୍ତ୍ରଣାକୁ ଦେଖିବାର ଦୃଷ୍ଟିଭଙ୍ଗୀ ବଦଳିଯାଏ। ଅସନ୍ତୋଷ, ସ୍ୱେଦ, ରକ୍ତ ଲୋତକକୁ ଦିବ୍ୟ ଜୀବନ ରସରେ ବଦଳେଇ ଦେବା ପାଇଁ କବିସତ୍ତା ପ୍ରୟାସୀ। ତେଣୁ 'ଦିବ୍ୟ ଅସନ୍ତୋଷ' କବିତା ସଙ୍କଳନରେ କବି ପ୍ରକାଶ କରନ୍ତି – 'ଆତ୍ମୀୟତାରେ ତରଳିଯିବ ଦୁଃଖ, ଭାସିଯିବ ପାଚେରି / ଦେହରେ ଦିଶିବ ଜଗତ ପରିବ୍ୟାପ୍ତ / ମନରେ, ସମାଧି ନେବେ / ଇନ୍ଦ୍ରିୟର ପ୍ରତି ଅନୁଭବ / ମହକ ପ୍ରସରିଯିବ ଦୁଃଖର ଇଶାରରେ / ଚେଇଁବାକୁ ନୀଳ ନିଶୀଥରେ।" (ସୀମାନ୍ତ ପ୍ରହରୀ, ପୃ. ୫୩୨)। କବି ଉପଲବ୍ଧି କରଛନ୍ତି ଆତ୍ମୀୟତାରେ ହିଁ ସମସ୍ତ ଦୁଃଖ ତରଳି ଯିବ। ଦିବ୍ୟ ଅସନ୍ତୋଷ ହିଁ ଜୀବନଯାନ ଚଳାଇବାର ପ୍ରକୃତ ଇନ୍ଧନ ପାଲଟିଯାଏ ବୋଲି ବିଶ୍ୱାସ କରନ୍ତି ସେ। ଏହା ହିଁ ତ ଆଧ୍ୟତ୍ମିକତା। ଏକ ଉତ୍ତରିତ ଚେତନାର ପରିଚାୟକ।

ଉତ୍ତରିତ ଚେତନାରେ କବିସତ୍ତାଙ୍କ ମୃତ୍ୟୁ ପ୍ରତି ଦୃଷ୍ଟିଭଙ୍ଗୀ ମଧ୍ୟ ସକାରାତ୍ମକ ପାଲଟିଯାଏ। ମୃତ୍ୟୁ ସଚେତନତା ପାଲଟିଛି କବିସତ୍ତାଙ୍କ ଆଧ୍ୟାତ୍ମିକ ଉତ୍ତରଣର ସୋପାନ। ମୃତ୍ୟୁ ଭୟରୁ ଉର୍ଦ୍ଧ୍ୱକୁ ଯାଇ ମୃତ୍ୟୁରେ 'ଅମୃତତ୍ୱ'କୁ ସଂଦର୍ଶନ କରିଛନ୍ତି କବିସତ୍ତା। ଭାରତୀୟ ଦର୍ଶନାନୁସାରେ ମୃତ୍ୟୁ ଦେହର ବିନାଶ ନୁହେଁ; 'ଆତ୍ମାର ମୁକ୍ତି'- 'ମୃତ୍ୟୁର୍ମାଂ ଅମୃତଂ ଗମୟ' ପ୍ରଭାବରେ ପ୍ରଭାବିତ କବିସତ୍ତା। ତେଣୁ ମୃତ୍ୟୁ କବି ଚେତନାକୁ ବିଚଳିତ କରି ନାହିଁ, ବରଂ ସବୁ ଦ୍ୱାର ଖୋଲା କରି ମୃତ୍ୟୁକୁ ଆଲିଙ୍ଗନ କରିବାକୁ ଅହୋରାତ୍ର ଅପେକ୍ଷାରତ କବିସତ୍ତା। ମୃତ୍ୟୁ ପାଇଁ ନିରାଶ ନହୋଇ ନିଜର ଦେହକୁ ଫୁଲ ଚାଙ୍ଗୁଡ଼ିରେ ବୁହା ହୋଇ ଯାଉଥିବାର ଅନୁଭବ କରନ୍ତି କବିସତ୍ତା। ମୃତ୍ୟୁକୁ ଜୀବନର ଏକ ପ୍ରକ୍ରିୟା ଭାବରେ ସେ ଗ୍ରହଣ କରନ୍ତି। କବି ଏହି ଭାବକୁ ଏହିପରି ପ୍ରକାଶ କରନ୍ତି –

"କହିବାକୁ ନ ଥିବ / କାହାକୁ  କିଛି ନା କାହାରି କିଛି
ଉଠି ଚାଲିଯିବ ଶେଷ ପାହାଚକୁ
ମହମବତି ହୋଇ ଲିଭିଯିବାକୁ
ଧୂଆଁର ସିଡ଼ି ଦେଇ / ଓହ୍ଲେଇ ଆସିବ ଦୀର୍ଘଶ୍ୱାସ।"(ଚନ୍ଦ୍ରବିମ୍ବ)

ରୂପାନ୍ତରିତ ଚେତନାରେ କବିସତ୍ତାଙ୍କ ପାଇଁ କୋକେଇ, କୁକୁର, ପରିବା ଟୋକେଇ, ମାଛ, ମନ୍ଦିର ଯାତ୍ରା ବା ମେଳା, ସିନେମାରୁ ଫେରୁଥିବା ଥଣ୍ଡା ମୁହଁ କିମ୍ବା ଭୋଟ ଦେଇ ଫେରୁଥିବା ତୁଷ୍ଟ ନାଗରିକ ସବୁ ସମାନ ପ୍ରତୀତ ହୁଏ। ମୃତ୍ୟୁ ଭୟରୁ ଉର୍ଦ୍ଧ୍ୱକୁ ଯାଇ ସାରିଥିବା କବି ଚେତନାକୁ ସାଂସାରିକ ଅଳିକତା ପ୍ରଲୋଭିତ କରି ନାହିଁ। ବରଂ ସେହି ପରମ ସତ୍ୟକୁ ସ୍ୱୀକାର କରି ନିଜର ମୂଳ ଉତ୍ସ ଆଡକୁ ଧାବିତ ହୋଇଛି ତାଙ୍କ ଚେତନା। ସେଇ ଦିବ୍ୟ ଆଲୋକର ସ୍ପର୍ଶରେ, ଅଗ୍ରସର ହୋଇଥିବା କବିସତ୍ତା ତେଣୁ ପ୍ରକାଶ କରିଛନ୍ତି –

"ମୁଁ ଆଉ ମୁଁ ନୁହେଁ
ମୁଁ ତା'ର ସୃଜନର ଅନ୍ତରାଳେ ମିଶିଥାଏ
ସୁଷୁପ୍ତିର ଅଧେ ମାତ୍ର ଅନ୍ଧାରରେ
ସ୍ମରଣର ଶୁଭ୍ରବିନ୍ଦୁ।"(ସ୍ୱର୍ଗଦ୍ୱାର, ପୃ. ୩୮୫)

ସବୁ ଶୂନ୍ୟତାରୁ ମୁକ୍ତ ହୋଇ ଆତ୍ମଜ୍ଞାନ ପ୍ରାପ୍ତ କରିବା ଲକ୍ଷରେ ଅଗ୍ରସର କବିସତ୍ତା। 'ପୁନର୍ଜନ୍ମ' 'ସ୍ୱର୍ଗଦ୍ୱାର', 'ନା ଜନ୍ମ ନା ମୃତ୍ୟୁ', 'ରାମରାଜ୍ୟ', 'ଲାଲ କଡ଼ର ତପସ୍ୟା', 'ନାଟକୀୟ', 'କାଠିକୁଟାର ସ୍ୱର୍ଗ' ଆଦି ଅନେକ କବିତାରେ ଆମେ କବିଙ୍କ ମୃତ୍ୟୁବୋଧରୁ ଆଧ୍ୟାତ୍ମବୋଧ ଉପଲବ୍ଧି କରିପାରିବା।

କବି ହରିହରଙ୍କ ଆଧ୍ୟାତ୍ମିକତାର ସ୍ରୋତ ସେହି ଚତୁର୍ଦ୍ଧା-ମୁରତି। ତେଣୁ ପ୍ରୀତିମନ୍ତ୍ର ପଢ଼ି ଆତ୍ମସମର୍ପଣରେ ଅଦୃଶ୍ୟ ଶୂନ୍ୟଦେହୀଙ୍କୁ ସେହି ବିଗ୍ରହରେ ସେ ଖୋଜି ପାରିଛନ୍ତି। ସେହି ଦର୍ପଣରେ ବ୍ୟକ୍ତିଗତ ଅନୁଭବ ପାଲଟିଛି ସାର୍ବିକରେ। ଦିବ୍ୟ ଡୋରର ଆକର୍ଷଣରେ ସେ ଧାବିତ। କେବେ ଆନନ୍ଦର ବେଦନାର, ବିନ୍ଦୁଟିଏ ତ କେବେ ଆନନ୍ଦ ବଜାରର କୈବଲ୍ୟ କଣିକାଟିଏ ବୋଲି କବି ଅନୁଭବ କରି ସେହି ଦିବ୍ୟଚେତନାକୁ ଆବାହନ କରିଛନ୍ତି କବି ହରିହର। ଯେଉଁ ବିଗ୍ରହରେ ଅଛି ବିଶ୍ୱଆତ୍ମାର ପ୍ରତିଫଳନ ଓ ତାଙ୍କ ସହ ଏକାକାର ହୋଇଯିବାକୁ କବିସତ୍ତାଙ୍କ ଚିତ୍ତ ଶତତ ବ୍ୟାକୁଳ। ତେଣୁ ସେ କରିଛନ୍ତି ଶ୍ରୀକ୍ଷେତ୍ରର ବନ୍ଦନା। ଯେଉଁଠାରେ ଯାତ୍ରୀ ଓ ଯାତ୍ରା ସବୁ ଏକାକାର ହୋଇଯାଏ। ତେଣୁ କବିସତ୍ତା ପ୍ରକାଶ କରନ୍ତି –

"ତମେ ହିଁ ବଡ଼ିଚାଲ ପ୍ରଭୁ ଜଣରୁ ଗଣରେ / ସେ କ୍ଷେତ୍ର ପାଖେଇ ଗଲେ ସବୁବେଳେ ଲାଗେ / ତମେ ହିଁ ପାଖେଇ ଆସ ଘୂରି ଘୂରି / ସତେ ଅବା ନୀଳଚକ୍ର ଡାକି ଡାକି ଆସେ / ତେଜମୟ, ଦିଗନ୍ତର କୋଳାହଳ ସାଙ୍ଗେ / ଯାତ୍ରୀ ମିଶେ ... ଯାତ୍ରା ମିଶେ।" (ଚାହାଣୀ ମଣ୍ଡପ, ପୃ. ୨୨୯)

ଦିବ୍ୟ ଚେତନାର ସ୍ପର୍ଶରେ ସବୁକିଛି ଜଗନ୍ନାଥମୟ ପାଲଟିଯାଏ କବିଙ୍କ ପାଇଁ। ଦେହ ଓ ଦେହାତୀତ ଭିତରେ ଏକ ପରିବ୍ୟାପ୍ତ ଅନୁଭୂତିର କ୍ଷେତ୍ର ହିଁ କବିଙ୍କ ସନ୍ଧାନ କ୍ଷେତ୍ର। କବିଙ୍କ

ଭିତରେ ସମଗ୍ର ପ୍ରକୃତି ସେହି ଶୂନ୍ୟପୁରୁଷ, ସହିତ ଲୁଚକାଳି ଖେଳି କାବ୍ୟରସରେ ନିମଜ୍ଜିତ। ଆନନ୍ଦର ମହାସଙ୍ଗୀତକୁ କବିତାରେ ପ୍ରକାଶ କରି, ସେଇ ଚିରନ୍ତନ ଉତ୍ସ ପାଖରେ ନିଜକୁ ସମର୍ପି ଦେଇଛନ୍ତି କବି।

ଶେଷରେ ଏତିକି କୁହାଯାଇପାରେ ଏକ ଆତ୍ମିକ ଅନୁଭବ ଉପରେ, ଆଧାରିତ କବି ହରିହର ମିଶ୍ରଙ୍କ ସମଗ୍ର କାବ୍ୟଜଗତ। କବି ତାଙ୍କ କବିତାରେ ବ୍ୟକ୍ତିଗତ ସ୍ତରରୁ ସାମୂହିକ ସ୍ତର ଭିତରେ ସେତୁ ନିର୍ମାଣ କରିବାର ଉପାଦାନଗୁଡ଼ିକୁ ଭାବାବେଗରେ ସମୃଦ୍ଧ କରାଇଛନ୍ତି। କବିତାରେ ଆଧ୍ୟାତ୍ମିକ ଆସ୍ପୃହା ତଥା ନୈତିକତାର ଆଦର୍ଶ ଫୁଟାଇବାରେ କବି ଶତତ ଚେଷ୍ଟିତ। ମୁଖ୍ୟତଃ ଭାବର ସମୁଦ୍ର ଦେଇ ସେହି ମହାଭାବକୁ ସ୍ପର୍ଶ କରିବାରେ କବିସତ୍ତା ପ୍ରୟାସୀ। ଯାହାଙ୍କ କାବ୍ୟିକ ଚେତନା ଶୂନ୍ୟରୁ ମହାଶୂନ୍ୟ, ପୂର୍ଣ୍ଣତାରୁ ପରିପୂର୍ଣ୍ଣତା ତଥା ଆଲୋକରୁ ଦିବ୍ୟାଲୋକ ଆଡକୁ ପରିବ୍ୟାପ୍ତ।

**ସହାୟକ ଗ୍ରନ୍ଥସୂଚୀ :**


- ମିଶ୍ର, ହରିହର, ହରିହର ମିଶ୍ରଙ୍କ କବିତା ୧୦୦୧, ପ୍ରଥମ ସଂସ୍କରଣ, କାହାଣୀ, କଲ୍ୟାଣୀ ନଗର, କଟକ, ୨୦୧୪।
- ଶତପଥୀ, ନିତ୍ୟାନନ୍ଦ, କବିତା ସେତୁ, ପ୍ରଥମ ମୁଦ୍ରଣ, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ, ୨୦୦୯।
- ଦାସ, ଚିତ୍ତରଞ୍ଜନ, ଚିଦ୍‌ବିସ୍ତାର, ପ୍ରଥମ ପ୍ରକାଶ, ମିତା ବୁକ୍ସ କଟକ, ୨୦୦୧।
- ସାହୁ, ପ୍ର. ବାସୁଦେବ, ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଚେତନା, ପ୍ରଥମ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ୨୦୧୭।


❖ ❖ ❖

DOI : https://doi.org/10.5281/zenodo.15253248 ମୂଳ ପ୍ରବନ୍ଧ

# ଗୌରହରି ଦାସଙ୍କ ଗଳ୍ପରେ ଗ୍ରାମୀଣ ଚରିତ୍ର

ସରଳା ସ୍ୱାଇଁ

**ସଂକ୍ଷିପ୍ତସାର :**

ପରମ୍ପରା ଠାରୁ ଖୁବ୍ ଦୂରେଇ ନଯାଇ କିମ୍ବା ଅତି ପ୍ରଗତିର ଆପାତତଃ ରମଣୀୟତାର ଆକର୍ଷଣରେ ନଭୁଲି ଓଡ଼ିଆ ଗଳ୍ପଜଗତକୁ ଶିଖରତାର ସ୍ପର୍ଶ ଦେବା ପାଇଁ ଏକ ଅଭିନବ ଓ ଲୋକପ୍ରିୟ ମାର୍ଗର ସନ୍ଧାନ ନିମନ୍ତେ ଆନ୍ତରିକ ଭାବେ ଉଦ୍ୟମ କରିଥିବା ତଥା ଗଭୀର ବିଶ୍ଳେଷଣ କରିଥିବା ଅନୁଭୂତି ସମ୍ପନ୍ନ ଏକ ପରିଚିତ ନାମ ହେଲା ଗୌରହରି ଦାସ। ପ୍ରେମ, କରୁଣା, ସମ୍ବେଦନଶୀଳତା ଆତ୍ମୀୟତାର ମାର୍ମିକତା ତଥା ମାନବିକତାର ଗଭୀର ଆଲୋଡନରେ ଦୋଳାୟିତ ତାଙ୍କ ଗଳ୍ପର ସୁଷମା। କେବେ ଗ୍ରାମ୍ୟ ପ୍ରକୃତିର ସନ୍ଦର୍ପଣରେ କେବେ ମାଟି ମା'ର ଆକର୍ଷଣରେ କେବେ ହଜି ଯାଇଥିବା ସଂସ୍କୃତି ଓ ପରମ୍ପରାକୁ ସାଇତି ରଖିବାରେ କେବେ ଦେହରେ କେବେ ଦାହରେ କେବେ ପାପରେ କେବେ ମୁକ୍ତିରେ ତାଙ୍କ ସ୍ୱପ୍ନସ୍ଥାପଣ ବିଭୋର। ସର୍ବୋପରି ଦେଖିବାକୁ ଗଲେ ତାଙ୍କ ଗଳ୍ପ ବିଭିନ୍ନ ଭାବସମ୍ପଦକୁ ନେଇ ରଚିତ ହୋଇଥିଲେ ମଧ ଗ୍ରାମ୍ୟ ଜୀବନର ମାର୍ମିକ ଆବେଦନ ବେଶୀ ଚିତ୍ତାକର୍ଷକ ହୋଇ ଉଠିଛି। ଗାଁର ପିଲାଦିନର ଅନୁଭୂତିକୁ ପ୍ରାପ୍ତ ବୟସରେ ସୁସ୍ଥ ମାନସିକତାରେ ଯେତେବେଳେ ରୂପ ଦେବାକୁ ବସିଛନ୍ତି ଗାଁର ସ୍ମୃତି କଥକ ଅପେକ୍ଷା ତାଙ୍କ ଗଳ୍ପରେ ଗ୍ରାମ୍ୟ ମଣିଷର ଦୁଃଖ ଦୁର୍ଦ୍ଦଶା ପ୍ରତି ସମ୍ବେଦନଶୀଳ ଅଧିକ ପ୍ରଖର ହୋଇଛି। ଗାଁ ଛାଡି ସହରକୁ ବାଛିଥିବା, ଦାରିଦ୍ର୍ୟର ତୀବ୍ର କଷାଘାତ ମଧ୍ୟରେ ପ୍ରତିନିୟତ ସଂଗ୍ରାମ କରୁଥିବା ଗ୍ରାମ୍ୟ ଜନତାଙ୍କ ଅନ୍ତର୍ଦ୍ୱନ୍ଦ୍ୱ ଓ ବହିର୍ଦ୍ୱନ୍ଦ୍ୱ ଚିତ୍ରଣରେ ତାଙ୍କ ଦକ୍ଷତା ନିଃସନ୍ଦେହ। ଗ୍ରାମୀଣ ପରିବେଶକୁ ନେଇ ତାଙ୍କର ରଚିତ ଗଳ୍ପଗୁଡ଼ିକର ଚରିତ୍ରକୁ ବିଶ୍ଳେଷଣ କଲେ ତିନିପ୍ରକାର ଚରିତ୍ର ରହିଥିବା ଦେଖାଯାଏ। (କ)ଖଳ, କୂଟ ଓ କପଟୀ ଚରିତ୍ର (ଖ) ସମାଜର ଅଭିଜାତ ଶ୍ରେଣୀ ଦ୍ୱାରା ନିର୍ଯ୍ୟାତିତ ତଥା ନିଷ୍ପେଷିତ ଚରିତ୍ର (ଗ) ଆପଣାର ବ୍ୟକ୍ତିଗତ ଚରିତ୍ର ମାଧ୍ୟମରେ ସମାଜ ମଣିଷକୁ ଦେଖାଉଥିବା ଚରିତ୍ର। ତେଣୁ ନକୁଳ ଠାରୁ ଅନନ୍ତା ପର୍ଯ୍ୟନ୍ତ ଏବଂ କୁମ ଭାଉଜ ଠାରୁ ଜୟନ୍ତୀ ପର୍ଯ୍ୟନ୍ତ ପ୍ରତ୍ୟେକଟି ଚରିତ୍ର ମଣିଷର ସମଗ୍ର ସତ୍ତାକୁ ଦୁଃଖ ଓ କାରୁଣ୍ୟରେ ଦୋହଲାଇ ଦେବାରେ ସମ୍ପୂର୍ଣ୍ଣ ସମର୍ଥ। ଏହାହିଁ ଆଲୋଚନାରତ ପରସରଭୁକ୍ତ।

**ପ୍ରମୁଖ ଶବ୍ଦାବଳୀ :**

ସ୍ୱାଧିନତା ପରବର୍ତ୍ତୀ, ଓଡ଼ିଆ କ୍ଷୁଦ୍ରଗଳ୍ପ, ଗୌରହରି ଦାସ, ଚରିତ୍ର, ଗ୍ରାମୀଣ ଚରିତ୍ର, ଗ୍ରାମ୍ୟ ଚେତନା, ପରମ୍ପରା, ସାହିତ୍ୟ, ଚରିତ୍ର ଚିତ୍ରଣ, ଖଳଚରିତ୍ର, ଅଭିଜାତ ଚରିତ୍ର।

ସମୟର ଆହ୍ୱାନରେ ଜ୍ଞାତ ବା ଅଜ୍ଞାତରେ ହେଉ ପଛେ ଲେଖକ ସମୟର ଚିତ୍ର ଓ ଚେତନାକୁ ଆଙ୍କିଥାଏ ତା'ର ଲେଖାରେ। ତାର ଲେଖାରେ ସମସାମୟିକ ଘଟଣା ମାଧ୍ୟମରେ ସମୟର ପାଦଚିହ୍ନ ରହିଯାଏ ଗଳ୍ପମାନଙ୍କରେ। ସେହିପରି ପ୍ରତି ଲେଖାରେ ଗୋଟେ ଭୂମି ଥାଏ। ଆଉ ସେଇ ଭୂମି ଉପରେ ଘଟଣାମାାନ ହୁଅନ୍ତି ଗତିଶୀଳ। ଏ ଭୂମି ସ୍ନେହ ଛେଉଣ୍ଡ ଲୁହରେ ଯେତିକି ଟଳମଳ କ୍ଷମତାମତ୍ତର ଅହମିକାରେ ସେତିକି ବର୍ବର। ଗାଁର ଜହ୍ନିଲଟା ପାଖରୁ ଜେରୁଜେଲମ ଯାଏ। ସେହି ଭୂମିରେ ପରିବେଶର ଚିତ୍ର ଯେପରି ଅକୃତ୍ରିମ

**ଯୋଗାଯୋଗ :**
**ଡ. ସରଳା ସ୍ୱାଇଁ,** ଅଧ୍ୟାପିକା
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**E-mail ID :** saralaswain1980@gmail.com
**ORCID ID :** https://orcid.org/0009-0000-2528-5362

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୧.୨୦୨୪ | ୧୦.୦୧.୨୦୨୫ | ୨୫.୦୨.୨୦୨୫ | ୧.୦୩.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସ୍ୱାଇଁ, ସରଳା; ୨୦୨୫। ଗୌରହରି ଦାସଙ୍କ ଗଳ୍ପରେ ଗ୍ରାମୀଣ ଚରିତ୍ର। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ୦, ପୃଷ୍ଠା :୪୦-୪୫।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253248
Article No - BPP00277

ଚରିତ୍ରମାନଙ୍କର ସ୍ୱଚ୍ଛନ୍ଦ ସରଳ ବିଚରଣ ବେଶ୍ ତଲ୍ଲୀନ। ଚରିତ୍ରର ମନୋଭାବ ଓ ଚାରିତ୍ରିକ ଚେତନା ସମ୍ପୃକ୍ତ ଭୂମି, ପ୍ରକୃତି ଓ ପରିବେଶ-ପରିସ୍ଥିତି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ମଣିଷ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ ଗାଳ୍ପିକଙ୍କୁ ମୁଗ୍ଧ କରେ। ସେ ଗାଁର ଗୋବର ଲିପା ଘର ହେଉ ବା ସହରୀ ସଭ୍ୟତାର ତ୍ରିତଳ ପ୍ରାସାଦ ହେଉ, ଗାଁର ସରଳ ନିରାଡ଼ମ୍ବର ଜୀବନଧାରା ହେଉ ଅଥବା ସହରର ଛଳନା ପ୍ରତାରଣାପୂର୍ଣ୍ଣ ଏକ ରୁଦ୍ଧ ଶ୍ୱାସମୟ ଜୀବନ ହେଉ ପ୍ରତ୍ୟେକ ମୁହୂର୍ତ୍ତ ଓ ଅନୁଭୂତି ଗଭୀର ଭାବେ ଧରି ରଖେ ପ୍ରତ୍ୟେକ ମଣିଷର ନିଜସ୍ୱ ସତ୍ତାକୁ। ତେଣୁ ଓଡ଼ିଆ ସାହିତ୍ୟରେ ଗ୍ରାମ୍ୟ ଜୀବନର ଆଲେଖ୍ୟ ଅଧିକ କାରଣ ଓଡ଼ିଶା ଏକ ଗ୍ରାମ୍ୟ ପ୍ରଧାନ କୃଷିଭିତ୍ତିକ ରାଜ୍ୟ। ଯଦିଓ ସହରୀ ପରିବେଶରେ କେତେକ ବାସ କରନ୍ତି କିନ୍ତୁ ଗ୍ରାମ ସହିତ ତାଙ୍କର ନାହି ନାଡ଼ର ସଂଯୋଗ ରହିଥାଏ। ସହରରେ ରହି ମ୍ଭ ଗ୍ରାମ୍ୟ ଉତ୍ସବ, ଅନୁଷ୍ଠାନ ଯାତ୍ରା, ମେଳା ମହୋତ୍ସବ ଓ ପାରିବାରିକ କ୍ରିୟା କର୍ମ ଉପାସନାଦିରେ ମଣିଷ ଗ୍ରାମକୁ ଆସେ ଓ ଗ୍ରାମ୍ୟ ପରିବେଶର ସଂସ୍ପର୍ଶରେ ବିମୁଗ୍ଧ ହୁଏ। ତାହା ଗଳ୍ପ ଭିତରେ ହୋଇଉଠେ ଅନିବାର୍ଯ୍ୟ। "କ୍ଷୁଦ୍ରଗଳ୍ପର ଚରିତ୍ର, ପରିବେଶ ଓ ମନସ୍ଥିତି ଭିତରେ ଲେଖକଙ୍କର ବ୍ୟକ୍ତିତ୍ୱର ପରିସ୍ଫୁଟ ରୂପ ଉପଲବ୍ଧି କରିହୁଏ।"(୧) (ଓଡ଼ିଆ ଗଳ୍ପର ଉନ୍ମେଷ ଓ ଉତ୍ତରଣ, ପୃ. ୫)

ଗାଳ୍ପିକ ଗୌରହରିଙ୍କ କଥା ମଞ୍ଜିଟିକୁ ଯଦି ଆମେ ଖୋଜିବା, ଦେଖିପାରିବା ତାଙ୍କର ଅଧିକାଂଶ ଗଳ୍ପ ଗ୍ରାମ୍ୟ ଜୀବନ ଚଳଣିକୁ ଅବଲମ୍ବନ କରି ହୋଇଛି ପ୍ରାଣବନ୍ତ। ତହିଁରେ ଯେପରି କୃଷି ବାଣିଜ୍ୟ, ଶିକ୍ଷା, ଆଚାର-ବିଚାର ପର୍ବପର୍ବାଣୀ ପ୍ରକୃତିର ମହାତ୍ମ୍ୟ, ଧାର୍ମିକ ନୀତି, ରୀତି ପାରିବାରିକ ସୌହାର୍ଦ୍ଦ୍ୟ ପୁଣି ଅସଙ୍ଗତି ବାତାବରଣ, ସନ୍ଦେହ, କୁସଂସ୍କାର, ଗୁଣିଗାରେଡି, ଡାହାଣୀ ଭୁତୁଣୀ ପ୍ରତି ବିଶ୍ୱାସ, ଯାତ୍ରା ଦେଖାଠାରୁ କଦଳୀ ବିକା ପର୍ଯ୍ୟନ୍ତ ସମସ୍ତ ସ୍ଥାନୀୟତାର ସ୍ୱତନ୍ତ୍ରତା ପ୍ରଦର୍ଶିତ ତାହା ହୋଇଛି ଅତ୍ୟନ୍ତ ପ୍ରାଣସ୍ପର୍ଶୀ। ସେହି ସ୍ୱତନ୍ତ୍ରତାକୁ ବହନ କରୁଥିବା ଚରିତ୍ରମାନେ ଆତଯାତ ହୁଅନ୍ତି ସେହି ଗ୍ରାମୀଣ ପରିବେଶ ଭିତରେ। ସେହି ଚରିତ୍ରମାନଙ୍କ ଲକ୍ଷଣ ଠାରୁ ଗଳ୍ପର ଚରିତ୍ରଙ୍କ ଲକ୍ଷଣ ପୃଥକ ନୁହେଁ। ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ଗଳ୍ପ ଚରିତ୍ର ମଧ୍ୟ କେତେକ ଲାକ୍ଷଣିକ ସୂକ୍ଷ୍ମ ସ୍ୱାତନ୍ତ୍ର୍ୟ ଯୋଗୁଁ ସାମାନ୍ୟ ଭିନ୍ନ ହୋଇଥାଏ। ତେବେ ଗଳ୍ପର ଶିଳ୍ପ ଧର୍ମ ଦୃଷ୍ଟିରୁ ତହିଁରେ ଅପରିହାର୍ଯ୍ୟ ଚରିତ୍ରମାନଙ୍କ ବ୍ୟତିରେକ ଅଧିକ ଚରିତ୍ରର ସମାବେଶ ଗର୍ହିତ। ଏଣୁ ମୁଖ୍ୟ ଚରିତ୍ର ହିଁ ହୋଇଥାଏ ଗଳ୍ପ ବକ୍ତବ୍ୟର ଚାବିକାଠି। "ଚରିତ୍ର ହେଉଛି କଥାସାହିତ୍ୟରେ ଚଳପ୍ରଚଳ ହେଉଥିବା ଗୋଟିଏ ଗୋଟିଏ ଜୀବନସତ୍ତା।"(୨) (କଥାତତ୍ତ୍ୱ : କଥାରୂପ, ପୃ. ୨୯)

କଥାକାର କାହାଣୀଟିଏ ବା ସମସ୍ୟାଟିଏ ଉନ୍ମୋଚନ କରିବା ପାଇଁ ଗୋଟିଏ ଚରିତ୍ରକୁ ଅବଲମ୍ବନ କରିଥାଏ। ସେ ଚରିତ୍ରକୁ ସେ ନିଜେ ନିର୍ମାଣି ଥା'ନ୍ତି। ସେ ସେହି ଚରିତ୍ରର ଜନ୍ମ "ସାରୁ ପତ୍ରର ହୃଦୟରେ ଟୋପାଏ ଶ୍ରାବଣ ଆକାଶ ଦୋଳାୟିତ ହେବା ପରେ ଗୌରହରିଙ୍କ ଅକ୍ଷରରେ ଲୁଚି ବସିଥାଏ ଲୁହଟୋପା।"(୩) (ସମକାଳୀନ ଓଡ଼ିଆ ଗଳ୍ପ, ପୃ. ୨୪) ଜାତକ ଠାରୁ ଆରମ୍ଭ କରି ତା'ର ଚାଲିଚଳଣି ହାବ ଭାବ, ରୁଚି ଅରୁଚି, ମାନସିକତା, ମନୋବୃତ୍ତି, ଇତିହାସ, ବଂଶାବଳୀ, ଚେହେରା, ଚାଲି ଚଳଣି, ପରିଧାନ ପରିପାଟୀ, ପରିହାସ ଓ ସମବେଦନାର ଭଙ୍ଗୀ; ଏପିରକି ଉଦ୍ଦେଶ୍ୟ ପର୍ଯ୍ୟନ୍ତ ଲେଖକ ସବୁ ଜାଣିଥାନ୍ତି। ଏସବୁ ଜାଣି ତାକୁ ନେଇ ଘଟଣାଟିଏ ସୃଷ୍ଟି କରନ୍ତି କିମ୍ବା କୌଣସି ଘଟଣାରେ ତାକୁ ନେଇ ଅବସ୍ଥାପନ କରାନ୍ତି। ଜଣେ ଲେଖକର ଚରିତ୍ର ଚୟନ ବା ନିର୍ମାଣରୁ ଲେଖକର ଦୃଷ୍ଟିଭଙ୍ଗୀ ଓ ସୃଷ୍ଟିକର୍ମର ସ୍ୱାତନ୍ତ୍ର୍ୟ ନିରୂପିତ ହୋଇଥାଏ। ସେହି ଚରିତ୍ରର ଅଭିଜ୍ଞାନରୁ ଲେଖକର ସାହିତ୍ୟ-ସମାଜ-ସଂସ୍କୃତି ପ୍ରତି ପ୍ରତିବଦ୍ଧତା ମଧ୍ୟ ଜଣାପଡ଼େ। ଏବେ ଗୌରହରି ଦାସଙ୍କ ଗ୍ରାମୀଣ ପରିବେଶକୁ ନେଇ ରଚିତ ଗଳ୍ପଗୁଡ଼ିକର ଚରିତ୍ରମାନଙ୍କୁ ବିଶ୍ଳେଷଣ କରି ସେହି ଚରିତ୍ରାବଳୀର ବିଭିନ୍ନତା ଓ ସ୍ୱକୀୟତା ପର୍ଯ୍ୟବେକ୍ଷଣ କରିବା ଏକାନ୍ତ ଆବଶ୍ୟକ। (କ) ଖଳ, କୂଟ ଓ କପଟୀ ଚରିତ୍ର (ଖ) ସମାଜର ଅଭିଜାତ ଶ୍ରେଣୀ ଦ୍ୱାରା ନିର୍ଯାତିତ ତଥା ନିଷ୍ପେଷିତ ଚରିତ୍ର ଏବଂ (ଗ) ଆପଣାର ବ୍ୟକ୍ତିଗତତା ମାଧ୍ୟମରେ ସମାଜ ମଣିଷକୁ ପ୍ରତୀକ କରୁଥିବା ଚରିତ୍ର।

'କଣ୍ଟା ଓ ଅନ୍ୟାନ୍ୟ ଗଳ୍ପ' ସଙ୍କଳନରେ ଭିନ୍ନ ଭିନ୍ନ କଥାବସ୍ତୁର ମୂଳଭିତ୍ତି ଓଡ଼ିଶାର କୁସଂସ୍କାର ଏବଂ ଅନ୍ଧବିଶ୍ୱାସ। ଆମ୍ଭେମାନେ ସମସ୍ତେ ଅନ୍ଧବିଶ୍ୱାସର ବେଦିରେ ବନ୍ଦି ପଡିଥିବା ନିରୀହ ମଣିଷମାନେ। ଜାତି ଧର୍ମ ଓ ଅର୍ଥନୀତି ତଥା ସମାଜକୁ କ୍ଷତବିକ୍ଷତ କରୁଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ହିଁ ପ୍ରକୃତରେ ବିଷାକ୍ତ କଣ୍ଟା। ସେହି କଣ୍ଟାକୁ ବାହାର କରିବା ଉଚିତ୍। 'କଣ୍ଟା' ଗଳ୍ପର ଚରିତ୍ର ନକୁଳ ନାୟକ। ସମାଜର ନୈତିକ ଓ ଆଦର୍ଶ ଚିନ୍ତାଧାରାର ବିରୋଧୀ ଚେତନାର ଚରିତ୍ରଟିଏ, ଯିଏ ଅନ୍ୟମାନଙ୍କ ବ୍ୟକ୍ତିତ୍ୱକୁ ଖର୍ବ ଓ ପିଷ୍ଟ କରିଦେବାକୁ ସତତ ଚେଷ୍ଟିତ। ତ ା'ର ସ୍ୱଭାବ ସ୍ୱତନ୍ତ୍ର। "ଅନ୍ୟର ଦୁଃଖ ଦେଖିଥିଲେ ସେ ଖୁସି ହୁଏ। ପୁଣି ସେହି ଲୋକଟା ଦୁଃଖୀ ହେବାର କାରଣ ଯଦି ସେ ନିଜେ ହୋଇଯାଏ ତା'ହେଲେ ତା'ର ଖୁସିଟା ବେଶୀ ହୋଇଯାଏ। ସେ କହେ ଅନ୍ୟର ଭଲ କରିବା ଯେତିକି କଷ୍ଟ ମନ୍ଦ କରିବା ତା'ଠାରୁ ଅଧିକ କଷ୍ଟ। ରାସ୍ତା ଉପରେ ନେଇ ପଥରଟିଏ ନ ପକେଇଲେ ସେ ରାସ୍ତାରେ ଆସୁଥିବା ଲୋକ ଝୁଣ୍ଟିବ ନାହିଁ। ଆଉ ପଥର ପକେଇବା ଲାଗି ପରିଶ୍ରମ କରିବାକୁ ପଡେ, ମୁଣ୍ଡ ବି ଖଟେଇବାକୁ ପଡ଼େ।"(୪) (କଣ୍ଟା ଓ ଅନ୍ୟାନ୍ୟ, ପୃ. ୧୮) ସର୍ବଦା ଅନ୍ୟକୁ କ୍ଷତି ପହଞ୍ଚାଇ ଥିବା ଚରିତ୍ରଟି ଲାଗି କାହାର ସୁନାର ସଂସାର ଧ୍ୱଂସ ହୋଇଯାଏ। କିଏ ଆତ୍ମହତ୍ୟା କରେ। କାହାକୁ ମିଛ ଜାଲ୍ ସାର୍ଟିଫିକେଟ କେସରେ ଜେଲ ପଠେଇବା, କାହାର ଶିଶୁଟିକୁ ମୃତ୍ୟୁ ମୁଖରେ ପକାଇବାର

କୌଶଳ କରେ। ଗାଳ୍ପିକ କୁହନ୍ତି – "ନକୁଳ ନାୟକର ସବୁଥିରେ ଆଗ୍ରହ, କୋଉଥିରେ ନାହିଁ। ତା' କାମ ଥିବା ପର୍ଯ୍ୟନ୍ତ ତା'ର ଆଗ୍ରହ। ତା'ପରେ ସେ ଅଚିହ୍ନା ପରଦେଶୀ ...।"(୫) (କଣ୍ଟା ଓ ଅନ୍ୟାନ୍ୟ, ପୃ. ୨୦)

ଜୀବନରେ କେତେ ଶହ ଲୋକଙ୍କୁ ଥାନା କଚେରୀ ଓ ଜେଲକୁ ପଠେଇଥିବା ନକୁଳ ନାୟକ ଶେଷରେ ପୁଅର ମିଛ କେସ ଶହେ କୋଡ଼ିଏ (ଖ) ଯୋଗୁ ଅର୍ଥ ଆତ୍ମସାତ ଓ ଦେଶଦ୍ରୋହୀ ଅପରାଧରେ ଜେଲ ଯାଏ। ତାଙ୍କୁ ଲାଗୁଥାଏ ଯେପରି କିଏ କହୁଛି କଣ୍ଟାକୁ କଣ୍ଟାରେ କଢାଯାଏ।

'ସତ' ଗଳ୍ପରେ ଦୁଇଟି ଚରିତ୍ର – ପାଟପୁର ଗାଁର – ବୃନ୍ଦାବନ ଦାସ ଓ ସରପଞ୍ଚ କାନୁନ୍‌ଗୋ ଏମାନେ ଉପରକୁ ଧୋବ ଧାଉଳିଆ ଦିଶୁଥିଲେ ମଧ୍ୟ କଙ୍କଣହସ୍ତ ବ୍ୟାଘ୍ର ପରି ସେମାନଙ୍କର ଆଚରଣ ପୋଷାକ ପରିପାଟୀ, ବାକ୍‌ବୈଦଗ୍ଧ୍ୟ, ଉପଦେଶ-ଅନୁଦେଶ ପ୍ରତ୍ୟୟ ନେଇ ସେ ଆପଣାର ପରିଚୟ ସୃଷ୍ଟି କରେ। ଅସହାୟ ନାରୀକୁ ଗର୍ଭବତୀ କରି ଅନ୍ୟ ଉପରେ ଦୋଷ ଲଦି ଦିଏ। ଏଭଳି ଚରିତ୍ର ଗ୍ରାମ୍ୟ ସମାଜରେ ପର୍ଯ୍ୟାପ୍ତ।

ଏହି ଗଳ୍ପରେ ହରିଶଙ୍କର ଯେ କି କୁଷ୍ଠରୋଗର ଶିକାର ହୋଇ ସମାଜ ଦ୍ୱାରା ଗ୍ରାମରୁ ବାସନ୍ଦ ହୋଇ ବିତାଡିତ ହୁଏ। ବାରମ୍ବାର ସେ ନିଜକୁ ସୁସ୍ଥ ପ୍ରମାଣିତ କରିବାକୁ ଯାଇ ହତାଶ ହୁଏ। ଏବେ ବି କୁଷ୍ଠରୋଗକୁ ନେଇ ଘୃଣା ଓ ତାଛଲ୍ୟଭାବ ଯାହାର ପରିଣାମ ଭୋଗେ ହରିଶଙ୍କର।

'ଡାହାଣୀ' ଗଳ୍ପର ମନୋଜ ଚରିତ୍ର। ଶିକ୍ଷିତ ହୋଇ ମଧ୍ୟ ଅନ୍ଧବିଶ୍ୱାସ ଆଉ କୁସଂସ୍କାରକୁ ଜାବୁଡି ଧରି ନିଜର ପତ୍ନୀକୁ ଡାହାଣୀ ସନ୍ଦେହରେ ନିର୍ଯ୍ୟାତନା ଦିଏ। ସେ ଶିକ୍ଷକ ମାତ୍ର ସହାନୁଭୂତି ହୀନ। ଗାଁରେ କାହା ଘରେ ନିଆଁ ଲାଗିବା, ପୋଖରୀରୁ ମାଛ ଚୋରି ହେବା, କୁକୁଡାର ଅଣ୍ଡା ଚୋରି ହେବା ଇତ୍ୟାଦି ଘଟଣାକୁ ନେଇ ନିଜେ ସେ ନିଜ ସ୍ତ୍ରୀ ଉପରେ ଦୋଷ ଲଦି ଦିଏ। ନିର୍ଯ୍ୟାତନା ପରେ ନିର୍ଯ୍ୟାତନା ଦେଇ ଘରୁ ବାହାର କରି ଦିଏ ତା' ପତ୍ନୀକୁ। ମାତ୍ର ଯେତେବେଳେ ତା' ପତ୍ନୀର ଅନୁସ୍ଥିତିରେ ଏସବୁ ଘଟଣା ଘଟି ଚାଲେ ସେତେବେଳେ ଦୁଃଖ ଓ ଶୋକରେ ଭାଙ୍ଗିପଡ଼େ। ସେହି ଆତଙ୍କ ଓ ଶୋକାନୁଭବ ତା'ର ସ୍ୱାର୍ଥ ସର୍ବସ୍ୱ ଆତ୍ମକୈନ୍ଦ୍ରିକ ଚେତନା ଭିତରେ ସୃଷ୍ଟି କରେ ଦରଦୀ ଭାବ। ପତ୍ନୀ ପ୍ରତି ଦରଦରେ ସିକ୍ତ ହୋଇଯାଏ ଚରିତ୍ରଟିର ହୃଦୟ। ସେ ଫେରେଇ ଆଣିବାକୁ ଯାଏ ତା'ର ସ୍ତ୍ରୀକୁ ମାତ୍ର ସେତେବେଳେକୁ ସବୁକିଛି ଶେଷ ହୋଇଯାଇଥାଏ।

ସେହିପରି ଅତ୍ୟନ୍ତ ନିଷ୍କପଟ ଓ ସରଳ ମଣିଷଟିଏ ଯିଏ କି ଅନ୍ୟର ଦୁଃଖରେ ଦୁଃଖୀ, ସୁଖରେ ସୁଖୀ ଦରଦୀ ମଣିଷଟିଏ 'ସୁଦାମ ଜେନା ଗଲା କୁଆଡେ' ଗଳ୍ପରେ ସୁଦାମ ଚରିତ୍ର। ଗାଳ୍ପିକ କୁହନ୍ତି – "ସୁଦାମ ଜେନାର ଘର ଜଟଣୀ ଷ୍ଟେସନ ଠାରୁ ଛଅ ମାଇଲ ଦୂର ରଙ୍ଗବଲ୍ଲଭ ଗାଁରେ ଓ ପୋଖରୀ ହୁଡାକୁ ଜାଳକାଠ ଦି ଚାରିଖଣ୍ଡ ଯୋଗାଡ କରେ। ସେତକ ତା' ସ୍ତ୍ରୀ ତାକୁ ଗୋଟେ ଟିଣ କଂସାରେ ଅଧକଂସା ଚୁଡା ବାଢ଼ିଦିଏ ଟିକିଏ ଆଗରୁ ବତୁରା ଚୁଡା ଦେହରେ ଟିକେ ଲୁଣ ଓ ଚାମଚେ ଚିନି ପକେଇ ଜୋରରେ ଚକଟି ଦିଏ ସୁଦାମ। ଡାହାଣ ହାତରେ ଚୁଡା ଓ ବାଁ ହାତରେ ଗୋଟେ ଓଲି ପିଆଜ। ସମୟେ ସମୟେ କଞ୍ଚାଲଙ୍କାଟେ ବି ତା'ର ଲୋଡା ପଡେ।"(୬) (ସୁଦାମ ଜେନା ଗଲା କୁଆଡେ, ପୃ. ୩୮) ସୁଦାମ ଜେନା ଯିଏ କମ୍ପାନୀର ତଳ କର୍ମଚାରୀଙ୍କ ଦୃଷ୍ଟିରେ ହୀନ ହେଲେ ମଧ୍ୟ କମ୍ପାନୀର ମାଲିକ ଦ୍ୱରା ମହାନ୍ ହୋଇ ଉଠେ।

'କ୍ଷେତ' ଗଳ୍ପରେ ସାମାଜିକ ନିମ୍ନସ୍ତରର ମଣିଷ ମନରେ ଥିବା ଯାବତ୍ ପାରମ୍ପରିକ ଧାରଣା ସୁଧାକର ଠାରେ ମଧ୍ୟ ସଜୀବ। ପୁଅ ଝିଅର ତାରତମ୍ୟ ତା' ପାଖରେ ବେଶୀ। ନିଇତି ମଦ ପିଇ ଆସି ମାରପିଟ କରେ କେତକୀକୁ। ତା'ର ଦୋଷ ସେ ତିନୋଟି ଝିଅର ମା'। ଗାଁଟା ଯାକର ଲୋକ ବାରକଥା କହନ୍ତି। କେତକୀ ଓ ସୁଧାକର ପୁତ୍ର ନର୍କରୁ ଉଦ୍ଧାର ପାଇବେ ନାହିଁ। ମଲା ପରେ ମଧ୍ୟ ତାଙ୍କର ଅଶାନ୍ତ ଆତ୍ମା ସେମତି ଯୁଗ ଯୁଗ ଧରି ଆକାଶରେ ଘୂରୁଥିବ। ଭୋକିଲା ଶୋଷିଲା ତାଙ୍କର ଆତ୍ମା ପାଇଁ ପିଣ୍ଡ ବାଢ଼ିବାକୁ କେହି ନାହିଁ। ତା'ର ପୁଅ ନାହିଁ। ଏ ଝିଅଗୁଡାକ ବାହା ହୋଇ ପର ଘରକୁ ଚାଲି ଯିବେ। ବାହା ନ ହେଲେ ବି ବାପ ପାଇଁ ପିଣ୍ଡ ବାଢ଼ିବାର ଅଧିକାର ସେମାନଙ୍କର ନାହିଁ। ଏସବୁ ଚିନ୍ତାରେ ସୁଧାକର ମୁଣ୍ଡ ଗରମ ହୋଇଯାଏ। ଭବିଷ୍ୟତରେ ଏସବୁ ଆତଙ୍କଜନକ ଚିତ୍ର ଆହୁରି ଭୟଭୀତ କରନ୍ତି।"(୭) (କ୍ଷେତ, ପୃ. ୧୨୧) ଶେଷରେ କେତକୀ ପୁଅ ଜନ୍ମ କରିଛି ସେ ପୁଅର ମୁହଁ ଦେଖିବାକୁ ଆଉ ରହି ନାହିଁ ଇହଧାମରେ।

"ସୁଧାକର ଇନ୍ଦୁପୁର ଗାଁର ଛୋଟିଆ ଚାଷୀଟିଏ। ଜମି ଦି'ମାଣ ତା'ର ସର୍ବସ୍ୱ। ଘର ପଛ ବାଡିରେ ବାଇଗଣ, ଭେଣ୍ଡି, ଜହ୍ନି, କିଛି ଫଳେ, ନିଜ ଘର ତରକାରୀ ଖର୍ଚ୍ଚକୁ ନିଅ।"(୮) (କ୍ଷେତ, ପୃ.୧୧୯)ଗାଈଟିଏ ଥିଲା ମରିଗଲା ଏତେ ଅଭାବ ଭିତରେ ବି ତା'ର ବିଡିଟଣା ମଦଖିଆରେ ପୂର୍ଣ୍ଣଚ୍ଛେଦ ପଡେ ନାହିଁ।

'ଘର' ଗଳ୍ପ ସଙ୍କଳନରେ ଘର ଯାହାକି ମାଟିର ହେଉ କି କାଦୁଅର, ବାଉଁଶ କିମ୍ବା କାଠ, ତିଆରି ହେଉଥାଏ ସ୍ନେହ ଶ୍ରଦ୍ଧା ଓ ବିଶ୍ୱାସ ସହଯୋଗରେ। ଜନ୍ମରୁ ମରଣ ସବୁ ମୁହୂର୍ତ୍ତ ଯାଏ ସେ ସ୍ୱପ୍ନ ଦେଖୁଥାଏ ଘରଟିଏ ପାଇଁ। କୁନି ଚଢେଇଟି ଶୁଖିଲା କୁଟା କାଠି ଏକାଠି କରି ତା'ର ବସା ବାନ୍ଧିଥାଏ। ମାନଗୋବିନ୍ଦ ବି ଘର କରିଛି। ସ୍ନେହ ଶ୍ରଦ୍ଧା ଭଲ ପାଇବାରେ ଯେଉଁ ଘର ତିଆରି ସେଥିରେ ସମସ୍ତେ ରହନ୍ତି। ସେ ସମସ୍ତଙ୍କର ଘର କିନ୍ତୁ ଦିନେ ଏମିତି ପରିସ୍ଥିତି ଆସେ

ବାପାର ଘର ପୁଅର ନୁହେଁ କି ପୁଅର ଘର ବାପର ହୋଇ ରହେ ନାହିଁ। ଭାଇର ଘର ଭଉଣୀ ପାଇଁ ପର। ସମସ୍ତଙ୍କ ଘର ସମସ୍ତଙ୍କୁ ଲାଗେ କୁଣିଆ ଘର ପରି। ବାପାଙ୍କର ମୋହ ସେ ଗାଁରେ ଘର ଖଣ୍ଡିଏ କରିବେ ମାତ୍ର ପୁଅମାନଙ୍କର ଇଚ୍ଛା ଗାଁରେ ଘର କରିବା ଯାହା, ଟଙ୍କାତକ ଗୋଟିଏ ପୁଟୁଳା ବାନ୍ଧି ପାଣିକୁ ଫିଙ୍ଗି ଦେବା ତାହା। ପୁଅମାନଙ୍କ ଇଚ୍ଛା ପାଖରେ ବାପା ମାନଗୋବିନ୍ଦର ଇଚ୍ଛା ଲୀନ ହୋଇଯାଏ। ପୁଅମାନେ ଭୁବନେଶ୍ୱରରେ ଘର ତିଆରି କରିବାକୁ କହିଲା ବେଳେ ତାଙ୍କର ବାପା ଗାଁରେ ଘର ଖଣ୍ଡିଏ ପାଇଁ ଇଚ୍ଛା କରିଥିଲେ ବି ତାହା ପୂରଣ ହୋଇପାରି ନାହିଁ। ଗ୍ରାମର ପରିବେଶକୁ ଭଲ ପାଉଥିବା ଗୋଟେ ବୁଢ଼ା ବାପାର ନିର୍ଜନତା ଏଥିରେ ପ୍ରକଟିତ। ଗ୍ରାମରେ ବିତେଇଥିବା ଜୀବକୁ ମଣିଷଟି କେମିତି ବା ପାଶୋରି ପାରିବ ସେହି ଧୂଳି ଧୂସରିତ ମାଟି ଅଗଣାକୁ ?

'ପଞ୍ଜୁରୀ' ଗଳ୍ପରେ ବିଧବା ରେଣୁର ଚରିତ୍ର ଅତି ଜୀବନ୍ତ ହୋଇ ଉଠେ। ଲୁହାର ପଞ୍ଜୁରୀ ଭିତରେ ଚଢେଇ ଯେତେ ବାଡେଇ ଛାଟି ହେଲେ ବି ଲୁହା ପଞ୍ଜୁରୀର କିଛି କରିପାରେ ନାହିଁ। ସେହିପରି ବାପା ଘରର ଖାନ୍‌ଦାନୀ ପରମ୍ପରା ଓ ଶାଶୁଘର ବୁନିଆଦିର ପ୍ରତିଷ୍ଠା ଲୁହାର ପ୍ରାଚୀର ଭିତରେ କୁଆଡେ ଯିବାର ଉପାୟ ପାଏ ନାହିଁ ରେଣୁ। ଚଢେଇ ଯେତେ ଛାଟିପିଟି ହେଇ ସେଇ ପଞ୍ଜୁରୀ ଭିତରେ ମରିଯିବ ପଛେ କୁଆଡେ ଯାଇପାରିବ ନାହିଁ। ରେଣୁ ଭାବୁଛି "ସେ ବି କ'ଣ ଦିନେ ଏଇ ବୁନିଆଦି ଓ ଖାନ୍‌ଦାନୀର ପଞ୍ଜୁରୀ ଭିତରେ ଛାଟିପିଟି ହୋଇ ମରିଯିବ।"(୯) (ଘର, ପୃ. ୪୦) ସେ ବିଧବା। ସେ ବିବାହ, ବ୍ରତ ଘର କୌଣସି ଶୁଭକାର୍ଯ୍ୟରେ ଯୋଗ ଦେଇ ପାରିବ ନାହିଁ। ଭାଇ ତାକୁ ବେଶୀ ସମୟ ପାଖରେ ରଖିବାକୁ ଡରେ, କାରଣ ସେ କାଳେ ଜମିରୁ ଭାଗ ମାଗିବ। ସେହିପରି ଶାଶୁ ଘରେ ବାହାର କରିଦେବାକୁ ଡର କାରଣ ସେ ଜମିରୁ ଭାଗ ମାଗିବ। ଶେଷରେ ପଞ୍ଜୁରୀ ଖୋଲି ପାରା ଉଡି ଯାଇଛି ବୁନିଆଦି ଘରର ଗେଟ୍‌ଟି ମୁକୁଳା ପଡିଛି। ଆଉ ରେଣୁ ସବୁଦିନ ଚାଲିଯାଇଛି। ଗ୍ରାମୀଣ ମଣିଷ ଭିତରେ, ବଳବଉର ହୋଇ ରହିଥିବା କୁସଂସ୍କାରର ଶିକାର ହୋଇଛି ରେଣୁ। ବିଧବା ବୋଲି ତାକୁ ସବୁକିଛି ଠାରୁ ଦୂରେଇ ଯାଇଛି ସେ ନିଜ ପାଇଁ ଏକ ସ୍ଥାନ ନିରୂପଣ କରି ନାହିଁ।

ଏକ ତ୍ରିଶଙ୍କୁ ଚରିତ୍ର ହେଉଛି ରେଣୁ। ନା' ସେ ସ୍ୱାମୀର ହୋଇପାରିଛି ନା ବାପା ଘରର, ନାଁ ଶାଶୁର, ନାଁ ପ୍ରକୃତିର, ନାଁ ସେ କୂଳର ହୋଇପାରିଛି। ସେ କେଉଁଠି ବି ଖୁସିରେ ରହିପାରି ନାହିଁ। ଶାନ୍ତିରେ ଜୀବନ ବିତେଇ ପାରି ନାହିଁ। ବାପ ଘରର ସ୍ନେହ ଶ୍ରଦ୍ଧା ଖୋଜିବା ବେଳେ ଭାଇ ସନ୍ଦେହ କରନ୍ତି କାଳେ ଭାଗ ମାଗିବ। ଯେତେବେଳେ ଆଗକୁ ଶାଶୁ ଘରକୁ ଫେରି ଚାହେଁ ସେତେବେଳେ ସେ ଭାବେ କ'ଣ କରିବ ? ସିଏ ତ ଲଢେଇ କରିବା ଶିଖିନି, କେବଳ ସହିବା ଶିଖିଛି। ଆଧୁନିକ ମଣିଷ ପରି ଯଦି ସେ ଲଢେଇ କରିବା ଶିଖିଥା'ନ୍ତା ସେ ନିଜ ପାଇଁ ସ୍ଥାନଟିଏ ଯୋଗାଡ଼ କରିପାରିଥା'ନ୍ତା। ଏମିତି "ଯନ୍ତ୍ରଣା, ଲାଞ୍ଛନା, ବ୍ୟର୍ଥତା ସହ ସାଲିସ କରି ନିର୍ଲିପ୍ତ ଭାବରେ ବଞ୍ଚିବାର ପ୍ରେରଣା ସେ ଲାଭ କରିଛି।"(୧୦) (ଓଡ଼ିଆ କ୍ଷୁଦ୍ରଗଳ୍ପର ଅନ୍ୟୁନତା ସମ୍ପ୍ରଦାୟ, ପୃ. ୧୯୭)

'ପୁଅ' ଗଳ୍ପରେ ଜୟନ୍ତୀର ଚରିତ୍ରରେ - ଜୟନ୍ତୀ ନିଜେ ମା' ନହେଲେ ବି ସୋମୁକୁ ମା'ଠୁ ଅଧିକ ସ୍ନେହ କରୁଥିଲେ। ଗାଳ୍ପିକଙ୍କ ଭାଷାରେ ସୋମୁର ଜେଜୀମା'ଙ୍କ ମତରେ ଯିଏ ମା'ଠୁ ଛୁଆକୁ ବେଶୀ ଆଦର କରେ ତାକୁ ବି କହନ୍ତି - ଜାଣିଛୁ ଡାଆଣୀ।"(୧୧) (ଘର, ପୃ. ୮୪) ବିଗଳିତ ଆତ୍ମା ତା'ର ବିଳାପି ଉଠୁଛି ଯେତେବେଳେ ସେ ଡାଆଣୀ ଶବ୍ଦ ଶୁଣିଛି। ଏହା ଜୟନ୍ତୀ ସହିପାରେ ନାହିଁ। ଏହି ଗଳ୍ପରେ ମା' ନହୋଇ ମଧ୍ୟ ମା'ଙ୍କ ପରି ସ୍ନେହ ଦେଉଥିବା ଚରିତ୍ରଟିକୁ ଯେ ଜୟନ୍ତୀର କେତେ ନିନ୍ଦା ଅପମାନ ସହିବାକୁ ପଡେ ତା'ର ଚିତ୍ର ଦେଖିବାକୁ ମିଳେ ଏହି ଗଳ୍ପରେ।

'ସଦ୍‌ଗତି' ଗଳ୍ପରେ ଘନଶ୍ୟାମ ହେଉଛି ଏକ ଚରିତ୍ର ଯିଏ ହୋଇଛି ଗାଁ ର ୱାର୍ଡ ମେମ୍ବର। ନିଜର ସ୍ୱାର୍ଥ ପାଇଁ ନିଜର ଭାଇର ଜମିକୁ ଚକ୍ରାନ୍ତ କରି ଭାଇ ମଲା ପରେ ତା' ଠାରୁ କେମିତି ହଡପ୍ କରି ନେବା, ସେଥିପାଇଁ ପଛାଏ ନାହିଁ। "ମଣିଷ ଆଜି କେବଳ ନିଃସଙ୍ଗ ନୁହେଁ, ତା ଜୀବନ ଆଜି ଶଙ୍କାକୁଳ ଓ ସଂଶୟାଛନ୍ନ ସମସ୍ୟାଜର୍ଜର ସମାଜରେ ସେ ଆଜି ନିଜକୁ ବଡ଼ ଦୟନୀୟ ଅନୁଭବ କରୁଛି।"(୧୨) (ଓଡ଼ିଆ ଗଳ୍ପର ଉନ୍ମେଷ ଓ ଉତ୍ତରଣ, ପୃ. ୪୨) ମୂଳ ବିଶ୍ୱାସ ଜାବୁଡି ଧରିଥିବା ନିରୀହ ନବଘନ ତା'ର ଫାସରେ ପଡେ ମାତ୍ର ସର୍ବସ୍ୱ ହରାଇବା ପୂର୍ବରୁ ତା'ର ଆଖି ଖୋଲି ଦିଅନ୍ତି ତା'ର 'ମା'।

'ମା' ଗଳ୍ପରେ ପୁରୁଷ ଅନ୍ୟ ନାରୀ ପ୍ରତି ଆକର୍ଷିତ ହୋଇ ନାରକୀୟା କରି ବସେ। ଏପରି ପୁରୁଷ ନିଜ ସ୍ତ୍ରୀ ଠାରୁ ତା'ର ସନ୍ତାନକୁ ଦୂରେଇ ରଖିଛି। ନିଜ ସ୍ତ୍ରୀକୁ ମିଛ କହିଛି ସେ ଅଶୁଭ, ତାହାର ଛାଇ ପଡିଲେ ତା'ର ପୁଅର କ୍ଷତି ହେବ। ଶେଷକୁ ତା'ର ସବୁ ଚକ୍ରାନ୍ତ ଧରାପଡି ଯାଏ। "ଜୀବନର ବହୁବର୍ଣ୍ଣୀ ରୂପକୁ ସମ୍ବଳ କରିବା ଅପେକ୍ଷା ନିର୍ଦ୍ଦିଷ୍ଟ ଅନୁଭୂତି ଥିବା ଦିଗକୁ ଅଧିକ ରସତୀର୍ଣ୍ଣ କରିବାରେ ସେ ପ୍ରୟାସୀ।"(୧୩) (ଓଡ଼ିଆ କ୍ଷୁଦ୍ରଗଳ୍ପର ଅନୁନ୍ନତ ସମ୍ପ୍ରଦାୟ, ପୃ. ୧୮୫) ଏମିତି ଏକ ଖଳ ଚରିତ୍ର ଦେଖିବାକୁ ମିଳେ ଗାଁରେ।

'ମା' ଗଳ୍ପ ସମାଜର କ୍ରୁର, ଉପହାସ, ସନ୍ଦେହ, ଅବିଶ୍ୱାସକୁ ସାରା ଜୀବନ ମୁଣ୍ଡରେ ମୁଣ୍ଡେଇ ନାରୀଟିଏ ତା'ର ପୁଅକୁ ଦେଖିବା ପାଇଁ, ପୁଅର କିଛି ଅମଙ୍ଗଳ ନହେବା ପାଇଁ, ପୁଅ ଠାରୁ ଦୂରେଇ ରହିଛି ଦୀର୍ଘ ୨୫ ବର୍ଷ। ପୁଅର ମୁହଁକୁ ଚାହିଁନି। ପୁଅକୁ ଯାଇଛି

ଦେଖା କରିବାକୁ ହେଲେ ଦେଖା ନକରି ଫେରି ଆସେ ଆହତ ବେଦନା ନେଇ। କେବଳ ପାଦଟିକୁ ଦେଖି ଚାଲି ଆସେ। କାରଣ ଦେଖିଲେ ତା' ପୁଅର କ୍ଷତି ହେବ। ମାତୃତ୍ୱର ଏହି ମହନୀୟ ରୂପ ସତରେ ଅତ୍ୟନ୍ତ ବିରଳ ଏହି ଗଳ୍ପରେ। ଗ୍ରାମୀଣ ମଣିଷଟି ହିଁ ଏ ସବୁ ତ୍ୟାଗ କରିପାରେ। କେବଳ ଗ୍ରାମୀଣ ଜୀବନରେ ହିଁ ଏହିସବୁ ସଦ୍‌ଗୁଣ ପ୍ରକଟିତ ହୋଇଥାଏ। ଏହି ଗଳ୍ପରେ ମାତୃତ୍ୱର ତ୍ୟାଗ ଓ ବଳିଦାନର ମୂର୍ତ୍ତିମନ୍ତ ଚରିତ୍ରର ପ୍ରତୀକ ହେଉଛି ସୁଲୋଚନା।

'ଭିନ୍ନରାସ୍ତା' ଗଳ୍ପରେ କୁମୁଦିନୀ ଭାଉଜ ଗଳ୍ପର ଚରିତ୍ର ଯିଏ ନରଣପୁର ଗାଁର ଝିଅ ଓ ମଧୁପୁର ଗାଁର କୁମ ଭାଉଜ ରୂପେ ପରିଚିତ। ଯାହା ବିଷୟରେ ଗାଳ୍ପିକଙ୍କ ଭାଷାରେ "ମଧୁପୁର ଗାଁ, ତା'ର ନଈକୂଳ, ଗାଁ ମୁଣ୍ଡ ଠାକୁରାଣୀ ମଣ୍ଡପରେ, ସଜାମାଟି ପୋଡା, ତୋଟାମାଳ, ଗୋହିରୀ ଓ ଖେଳପଡିଆ ସବୁ ମୋ ଶୈଶବର ଗୋଟିଏ ଗୋଟିଏ ତା'ର ପୂଣ୍ୟ ସ୍ମୃତି।"(୧୪) (ପୁନରାବୃତ୍ତି, ପୃ. ୫୨) ନରଣପୁର ଗାଁର ଝିଅ କୁମୁଦିନୀ ମଧୁପୁର ଗାଁରେ କୁମ ଭାଉଜ। କୁମ ଭାଉଜ କୃଷ୍ଣ ଭାଇକୁ ବିବାହ କରି ଆସିଥିଲେ। କିନ୍ତୁ ବାହାଘରର ଆଠମାସ ନ ପୂରୁଣୁ କୁମ ଭାଉଜ ଆତ୍ମହତ୍ୟା କରିଥିଲା ଗାଁର ମଠ ପୋଖରୀରେ। ସେଦିନ ମଧୁପୁର ଗାଁର ଲୋକ ସ୍ତବ୍ଧ ହୋଇଯାଇଥିଲେ କୁମ ଭାଉଜର କାର୍ଯ୍ୟକଳାପରେ। କୁମ ଭାଉଜ କାହିଁକି ଏ କାମ କଲେ ବୋଲି ଭାବିଥିଲେ। ସବୁ ଝିଅଙ୍କ ପରି କୁମ ଭାଉଜ ସଂସାରର ସୁଖ, ସ୍ୱାମୀ ସୋହାଗ, ଶାଶୁ ଘର ଅଗଣାରେ ପାଦ ଥାପିବାକୁ ଚାହିଁଥିଲା। ତେଣୁ ସେଥିରୁ ସେ ବଞ୍ଚିତ ହୋଇ ନାରୀ ଜୀବନର ସୌରଭ ହରାଇ ବସିଛି। ତେଣୁ ସେ ଆତ୍ମହତ୍ୟାକୁ ଆପଣେଇ ନେଇଛି। ଆଜି ଯେମିତି ମନେ ହେଉଛି "କୋଉଠି ଯେପରି କୁମ ଭାଉଜ ଠିଆ ହୋଇ ନୀରବରେ ଅଶ୍ରୁପାତ କରୁଛନ୍ତି। ନିଜର ପ୍ରବଞ୍ଚିତ ଯୌବନ, ଲୁଣ୍ଠିତ ସ୍ୱପ୍ନ ଓ ନିଷ୍ଠୁର ଭାଗ୍ୟକୁ ନେଇ ଧିକ୍କାର କରୁଛନ୍ତି। ଦିନ ଦିନ, ରାତି ରାତି ଧରି ସ୍ୱାମୀର ଉଷ୍ମ ସାନିଧ୍ୟକୁ ଅପେକ୍ଷା କରି ରହୁଥିବା ପତ୍ନୀଟିଏ ରାତିର ଉତ୍ତୀର୍ଣ୍ଣ ପହରରେ ଭୂଇଁ ଉପରେ ମୁହଁ ମାଡି ଶୋଇ ପଡୁଛି ନିରାଶରେ।"(୧୫) (ପୁନରାବୃତ୍ତି, ପୃ. ୬୫) କାରଣ ସେ ସହରୀ ମଣିଷ ପରି ସଂଗ୍ରାମ କରି ଶିଖିନି।

'ପୁନରାବୃତ୍ତି' ଗଳ୍ପର – ହୁଣ୍ଡା ହୁରୁମା ବାପଛେଉଣ୍ଡ ଚରିତ୍ର ଅନନ୍ତା ଫକୀରମୋହନ ସେନାପତିଙ୍କ ଗଳ୍ପ ରାଣ୍ଡିପୁଅ ଅନନ୍ତାର ଆତ୍ମା ନେଇ ପୁନର୍ବାର ପ୍ରକଟିତ ହୋଇଥିବା ପରି ମନେହୁଏ। ସତେ ଯେପରି ଗାଳ୍ପିକଙ୍କ ଭାଷାରେ "କାହା ଧାନକ୍ଷେତ୍ରରେ ପଶି ଯାଇଥିବା ବିଚରା ବଳଦଟିଏ ସଭିଏଁ ପାଞ୍ଚଣ ଉଠେଇ ତାକୁ ପିଟିବାକୁ ଧାଇଁ ଆସୁଛନ୍ତି।"(୧୬) (ପୁନରାବୃତ୍ତି, ପୃ. ୧୦୫) ଅନନ୍ତାର ମନେପଡେ ଗାଁ, ଭୂଇଁ କଥା ଗାଁ ମୁଣ୍ଡରେ ଝୁମ୍ପୁଡି ଘର, ଦାଣ୍ଡକବାଟ, ଚାହାପେଟି, ପତଳା କାଠର ତ ବାଡି କବାଟ ଗୁଡା ଖଟିଆର।

'ପୁନରାବୃତ୍ତି' ଗଳ୍ପରେ ଅନନ୍ତା ପରି ଏକ ସରଳ ନିରୀହ ମଣିଷର ମନରେ ବିଶ୍ୱାସ ଜନ୍ମାଏ ପ୍ରେମର ମୋହ ଦେଖାଇ ପଦିଆ ତା'ର ସବୁ ନେଇ ଶେଷରେ ତା' ସହିତ ବିଶ୍ୱାସଘାତକତା କରି ଫେରାର ହୋଇଯାଏ ପଦିଆ। ପଦିଆ ଏକ ଝିଅ ଅନନ୍ତାକୁ ଭଲ ପାଉଛି ମିଛ କହି ଅନନ୍ତା ମନରେ ପ୍ରେମ ସୃଷ୍ଟି କରେ। ପର ମୁହୂର୍ତ୍ତରେ ବାହାଘର ଖର୍ଚ୍ଚ କହି ତା'ଠାରୁ ସବୁ ପଇସା ନେଇ ଫେରାର ହୁଏ। ସେତେବେଳେ "ଅନନ୍ତାର ସ୍ୱପ୍ନ ଯେ ପାହାଡ ଠାରୁ ଆହୁରି ଉଚ୍ଚା ଥିଲା। ଉଚ୍ଚା ଥିଲା ବୋଲି ହିଁ ତ ଅନନ୍ତା କଚାଡି ପଡିଥିଲା ଘର ଅଗଣାରେ।"(୧୭) (ପୁନରାବୃତ୍ତି, ପୃ. ୧୧୩) ତେଣୁ ଏହି ଗଳ୍ପରେ ଅନନ୍ତା ପରି ଏକ ସରଳ ନିଷ୍କପଟ ଚରିତ୍ର ଦେଖିବାକୁ ମିଳେ।

'ମାଟି କଣ୍ଢେଇ' ସଙ୍କଳନର 'ସ୍ତ୍ରୀ' ଗଳ୍ପରେ ସ୍ତ୍ରୀ ଥାଉ ଥାଉ ପୁରୁଷ ଆଉ ଏକ ନାରୀକୁ ପାପଗର୍ଭ କରିବାକୁ ପଛାଏ ନାହିଁ। ଏହି ଦୋଷ ଲାଗି ଏ ସମାଜ ଓ ପରିବେଶ ତାକୁ କୌଣସି ଦଣ୍ଡରେ ଦଣ୍ଡିତ କରେ ନାହିଁ। ତା'ର ସ୍ତ୍ରୀ କମଳା ନିଜର ଚାରିଟି ଛୁଆକୁ ନେଇ ଅଲଗା ହୋଇଯାଇଛି। ପରଝିଅକୁ ଆଶ୍ରୟ ଦେବାକୁ ଯାଇ କମଳା ନିଜର ସ୍ୱାମୀକୁ ଛାଡି ନିଜେ ପରିଶ୍ରମ କରି ଛୁଆଙ୍କ ଦାୟିତ୍ୱ ନେବାକୁ ଚେଷ୍ଟା କରିଛି କିନ୍ତୁ ସ୍ୱାମୀକୁ ନିର୍ଦ୍ଦୋଷ ବୋଲି କହିଛି "ସେ ପୁରୁଷ ପୁଅ, ସେ କ'ଣ ଗୋଟାଏ ଖୁଣ୍ଟରେ ବନ୍ଧା ହୋଇ ରହନ୍ତେ? ମୁଁ ଇଁ ପୋଡା ମୁହିଁ, ମାଆକୁ ଖାଇଲି, ବାପାକୁ ଖାଇଲି। ବେମାର ପଡ଼ିଲି ... ତାଙ୍କର ଦୋଷ କ'ଣ? ରଙ୍ଗ ସାନ ପିଲାଟା ତା ଜୀବନ ମାଟି ହୋଇ ଯାଇଥାଆନ୍ତା ନେଇଁ।"(୧୮) (ମାଟିକଣ୍ଢେଇ, ପୃ.୧୭) ଏଥିରେ କମଳାର ତ୍ୟାଗର ଚିତ୍ର ଦେଖିବାକୁ ମିଳେ।

'ଚିହ୍ନା ଅଚିହ୍ନା' ଗଳ୍ପରେ ଜ୍ୱାଇଁ ପ୍ରତି ଲୁଚି ରହିଥିବା ଗ୍ରାମୀଣ ପ୍ରୀତି ଓ ସରଳ ସୌହାର୍ଦ୍ଦ୍ୟର ଅଠାପଣ ବାନ୍ଧି ରଖିବାର କୌଶଳ ଭଲ ଭାବରେ ଜଣା ଥିଲା। ଯେଉଁ ସ୍ତ୍ରୀ ଲୋକ ଦିନେ ଜ୍ୱାଇଁ ପରଷାରେ ଭାତରେ ଘିଅ ବୋଳା ହୋଇ ଚିକଣ ଗିନା ରଖିବା, ଧୋତିକୁ ପ୍ରତିଟି ଗଣ୍ଠି କରି କରି ଦେଇଥିଲେ, କେତେ ଢଗଢମାଳୀ କହୁଥିଲେ ତାକୁ ଏବେ ଜଟିଳ ଗୋଳକଧନ୍ଦାରେ କାର୍ଯ୍ୟ କରୁଥିବା ଅବସ୍ଥାରେ ଦେଖି ଚନ୍ଦ୍ର ମାଧବ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ସେହି ସ୍ତ୍ରୀଲୋକ ହେଉଛି ସପନୀ ମା' ନୂଆବୋଉ ଯାହାକୁ ତା'ର ସ୍ୱାମୀ ଛାଡି ଦେଇଯାଇଛି। ସପନୀ ପୂର୍ଣ୍ଣ ଯୌବନ ଅବସ୍ଥାରେ ବାହା ହେଇ ଘରେ ରହିଛି ହେଲେ ନିଜ ମା'କୁ ପଚାରି ନାହିଁ। ତଥାପି ସପନୀ ମା' ନୂଆବୋଉ କୁଲି କାମ କରି ନିଜ ପେଟ ପୋଷୁଥିଲେ ବି ତା' ମନରେ ଦୁଃଖ କିମ୍ବା ଗ୍ଲାନି ବା କଷଣର ସ୍ପର୍ଶ ନାହିଁ। ସପନୀ ମା' ନୂଆବୋଉ ପୁଅ ନ ପଚାରିଲେ ବି 'ସେ କହୁଛି ମୁଁ କୁଆଡେ ଯିବି। ମୋ ପୁଅ ସପନୀ ନିର୍ବୁଦ୍ଧିଆ, ଦୁଷ୍ଟଟା, ମୁଁ ଘର ଛାଡି ଗଲେ ସେ କୁଆଡେ ପଳେଇଯିବ।' ଏହି ଗଳ୍ପରେ ମା'ର ବିଶାଳ ହୃଦୟର ପରିଚୟ ମିଳେ।

## ନିଷ୍କର୍ଷ :

ଏହିସବୁ ଚରିତ୍ର, ଗ୍ରାମୀଣ ପରିବେଶରେ ଗ୍ରାମ୍ୟ ଜୀବନକୁ ଉଜ୍ଜିବୀତ କରୁଥିବା ଉପଲବ୍ଧ ହୁଏ। ଏମାନେ ନିଷ୍କପଟ ଛଳନାବିହୀନ ଚରିତ୍ର। ଏମାନେ ଗାଁର ପରିବେଶରେ ରହିଥା'ନ୍ତି। ଏହି ଚରିତ୍ରଗୁଡ଼ିକ ମୁଖ୍ୟ ଚରିତ୍ର ଆଢୁଆଳରେ ରହିଯାଉଥିଲେ ସୁଦ୍ଧା ଏହିସବୁ ଚରିତ୍ର ଗ୍ରାମୀଣ ଜୀବନକୁ ଉଜ୍ଜୀବିତ କରୁଥିବା ମହାନ ଚରିତ୍ର, ଯାହାକୁ ନେଇ ଗ୍ରାମ୍ୟ ପରିବେଶ ମହକି ଉଠେ। ଚରିତ୍ର ଦୃଷ୍ଟିରୁ ବିଚାର କଲେ ଗୌରହରିଙ୍କ ଗଳ୍ପମାନଙ୍କରେ ଚରିତ୍ରର ବୈଚିତ୍ର୍ୟ ଅନୁଭବ କରି ହୁଏ। ବିଭିନ୍ନ ପ୍ରକାର ଚରିତ୍ରର କଳରବରେ ଏଗୁଡ଼ିକ ମୁଖରିତ। ଚରିତ୍ରଗୁଡ଼ିକର ସାର୍ଥକ ରୂପାୟନ ଗଳ୍ପଗୁଡ଼ିକୁ କରିଛି ଅଧିକ ସୁଖପାଠ୍ୟ। ପାଠକୀୟ ସମବେଦନା ଆବେଗ ଓ ଭାବନାକୁ ଉଜ୍ଜିବିତ କରି ଚରିତ୍ର ସହ ଏକାତ୍ମୀୟତା ସୃଷ୍ଟି କରିଛି। ତାଙ୍କ ଚରିତ୍ର ଜଗତରେ ରହିଛନ୍ତି ଗ୍ରାମ୍ୟ ଜୀବନର ଶିକ୍ଷିତ ଠାରୁ ଅର୍ଦ୍ଧଶିକ୍ଷିତ ନିହାତି ଗାଉଁଲି ମଣିଷ ନିମ୍ନମଧ୍ୟବିତ୍ତରୁ ଦିନ ମଜୁରିଆ ପର୍ଯ୍ୟନ୍ତ। ପଲ୍ଲୀ ପ୍ରକୃତିର ନିରୀହ ଜନତାର ଅଶିକ୍ଷିତ ଛାତି ତଳେ ଲୁଚି ରହିଥିବା ଉତ୍ତୁଙ୍ଗ ମାନବିକତା। ସହରୀ ସଭ୍ୟ ମଣିଷ ଭିତରେ ଦେଖିବାକୁ ମିଳେ ନାହିଁ। ସେହି ଗାଉଁଲି ଚରିତ୍ରମାନେ ସତେ ଯେମିତି ଜୀବନ ସଂଗ୍ରାମରେ ସଙ୍ଘର୍ଷରତ ମାନବାତ୍ମାର ଦୀପ୍ତି ଓ ବ୍ୟାପ୍ତି ଅଧିକାଂଶ ଚରିତ୍ର ଅଭାବବୋଧ ଭିତରେ ପୂର୍ଣ୍ଣତାକୁ ନେଇ ପରିବ୍ୟାପ୍ତ।

## ସହାୟକ ଗ୍ରନ୍ଥସୂଚୀ:

୧. ପରିଡ଼ା, ଡ. ପ୍ରକାଶ କୁମାର – କଥାତତ୍ତ୍ୱ : କଥାରୁ, ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ୨ୟ ସଂସ୍କରଣ, ୨୦୦୫।

୨. ସ୍ୱାଇଁ, ଡ. ଦିଲ୍ଲୀପ କୁମାର – ସମକାଳୀନ ଓଡ଼ିଆ ଗଳ୍ପ, ଆଦିତ୍ୟ ଭାରତ, ସିଡ଼ିଏ, ସେକ୍ଟର-୬, କଟକ, ୧ମ ସଂସ୍କରଣ, ୨୦୨୩।

୩. ସାମଲ, ପ୍ରଫେସର ବୈଷ୍ଣବ ଚରଣ – ଓଡ଼ିଆ ଗଳ୍ପ : ଉନ୍ମେଷ ଓ ଉତ୍ତରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ – ୨ୟ ସଂସ୍କରଣ, ୨୦୧୫।

୪. ଦାସ, ଡ. ବିରାଜ ମୋହନ, ଓଡ଼ିଆ କ୍ଷୁଦ୍ରଗଳ୍ପରେ ଅନୁନ୍ନତ ସୁଦାୟ, ଓଡ଼ିଶା ବୁକ୍‌ଷ୍ଟୋର, ବିନୋଦବିହାରୀ, କଟକ, ୧ମ ପ୍ରକାଶ, ଜାନୁଆରୀ, ୧୯୯୭।

୫. ସାମଲ, ପ୍ରଫେସର ବୈଷ୍ଣବ ଚରଣ – ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ୧ମ ସଂସ୍କରଣ, ୨୦୧୯।

୬. ଦାସ, ଗୌରହରି – କଣ୍ଢା ଓ ଅନ୍ୟାନ୍ୟ ଗଳ୍ପ – ପଶ୍ଚିମା ପବ୍ଲିକେଶସନ୍ସ, ଭୁବନେଶ୍ୱର, ୧ମ ପ୍ରକାଶ, ୨୦୦୯।

୭. ଦାସ, ଗୌରହରି – ଘର, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ବାଲୁବଜାର, କଟକ, ୧ମ ସଂସ୍କରଣ, ୨୦୦୦।

୮. ଦାସ, ଗୌରହରି, ମାଟି କଣ୍ଢେଇ, ଭାରତ ଭାରତୀ, ସୂତାହାଟ, କଟକ, ୧ମ ପ୍ରକାଶ, ଦୁର୍ଗାଷ୍ଟମୀ, ୧୯୯୫।

୯. ଦାସ, ଗୌରହରି, ପୁନରାବୃତ୍ତି, ବିଦ୍ୟାପୁରୀ, ବାଲୁବଜାର, କଟକ, ୧ମ ପ୍ରକାଶ, ଡିସେମ୍ବର, ୧୯୯୫।

❖ ❖ ❖

DOI : https://doi.org/10.5281/zenodo.15253251 ମୂଳ ପ୍ରବନ୍ଧ

# ବିକଶିତ ରାଷ୍ଟ୍ର ନିର୍ମାଣରେ ଲେଖକର ବୈଜ୍ଞାନିକ ଅନୁଚିନ୍ତା : ପ୍ରସଙ୍ଗ ଗୋକୁଳାନନ୍ଦ ମହାପାତ୍ରଙ୍କ ଉପନ୍ୟାସ

ଅମରେଶ ସେନାପତି

**ସଂକ୍ଷିପ୍ତସାର :**

କେବଳ ଓଡ଼ିଆ ସାହିତ୍ୟ ନୁହେଁ ବିଶ୍ୱ ସାହିତ୍ୟର ଭୂମିକା ତା'ର ରାଷ୍ଟ୍ର ନିର୍ମାଣର ସମସ୍ତ ଦାୟିତ୍ୱ ବହନ କରିବା। ଅଧିକ ଚିନ୍ତା କଲେ ଏ କଥା ଆହୁରି ସତ୍ୟ ବୋଲି ମନେହୁଏ।ବିଂଶ ଶତାବ୍ଦୀ ହେଉଛି ବିଜ୍ଞାନ ଯୁଗ। ସାଂପ୍ରତିକ ଯୁଗରେ ବିଜ୍ଞାନ ମାନବ ଚିନ୍ତା-ଚେତନାର ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇପଡ଼ିଛି। ବିଂଶ ଶତାବ୍ଦୀରେ ଉପନ୍ୟାସ ସାହିତ୍ୟର ବିକାଶରେ ବୈଜ୍ଞାନିକ ଉପନ୍ୟାସ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ବିଜ୍ଞାନ ମାନବ ଜୀବନର ଅପରିହାର୍ଯ୍ୟ ଅଙ୍ଗ ରୂପେ ପ୍ରତିଷ୍ଠାଲାଭ କଲା ପରେ ଉପନ୍ୟାସ ବିଜ୍ଞାନକୁ ଆଦରି ନେଇଛି। ଫଳରେ ବୈଜ୍ଞାନିକ ଉପନ୍ୟାସ ସୃଷ୍ଟି ହୋଇ ଉପନ୍ୟାସ ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରପାରିଛି। ବିଜ୍ଞାନ ସହିତ ବାସ୍ତବ ସମୟର ସମନ୍ୱୟ ରକ୍ଷା କରିବା ଦୂରୁହ ବ୍ୟାପାର। ତଥାପି ବିଜ୍ଞାନ ପ୍ରକୃତିର ସ୍ୱରୂପକୁ ମାନବ ସମ୍ମୁଖରେ ଉପସ୍ଥାପିତ କରେ। ବିଜ୍ଞାନ ମାଧ୍ୟମରେ ମାନବ ପ୍ରକୃତିକୁ ବିନିଯୋଗ କରି ଅନେକ ସୁବିଧା ସୁଯୋଗ ହାସଲ କରେ। ଇତିହାସକୁ ନେଇ ଯେପରି ଐତିହାସିକ ଉପନ୍ୟାସ କରାଯାଇପାରେ। ସେହିପରି ବିଜ୍ଞାନକୁ ନେଇ ବୈଜ୍ଞାନିକ ଉପନ୍ୟାସ ରଚନା କରାଯାଇପାରେ। ଖାଣ୍ଟି ସୁନାରେ ଯେପରି ଅଳଙ୍କାର ଗଢ଼ି ହୁଏନାହିଁ ସେଥିରେ ଖାଦ ସମ୍ମିଶ୍ରଣ ହେଲେ ସୁନ୍ଦର ଅଳଙ୍କାର ଗଢ଼ି ହୁଏ ଠିକ୍ ସେହିପରି ବିଜ୍ଞାନ ସହିତ କାହାଣୀର ସମ୍ମିଶ୍ରଣ ହିଁ ବୈଜ୍ଞାନକ ଉପନ୍ୟାସ ସାର୍ଥକତା ଲାଭ କରେ। ସାହିତ୍ୟ ମାଧ୍ୟମରେ ବିଜ୍ଞାନର ତଥ୍ୟକୁ ଯୁକ୍ତି ସହକାରେ କଳ୍ପନାର କାହାଣୀରେ ରୂପ ଦେଇ ବୈଜ୍ଞାନିକ ଉପନ୍ୟାସ ସାହିତ୍ୟ ସୃଷ୍ଟି କରାଯାଏ। ମା' କୋଳର ଭାଷା ମାତୃଭାଷା ହିଁ ଶିଶୁଟିଏ ଜନ୍ମ ସମୟରୁ ଶିକ୍ଷା କରିଥାଏ। ଶିକ୍ଷା କ୍ଷେତ୍ରରେ ମାତୃଭାଷା ମାଧ୍ୟମରେ ଶିଶୁଟିଏ ସହଜରେ ଶିକ୍ଷାଲାଭ କରିଥାଏ। ବିକଶିତ ରାଷ୍ଟ୍ର ଗଠନ କରିବାକୁ ହେଲେ କଳ୍ପନାର କାହାଣୀ ନୁହେଁ ବରଂ ଯୁକ୍ତିପୂର୍ଣ୍ଣ ତଥ୍ୟର ପ୍ରୟୋଗର ଆବଶ୍ୟକତା ରହିଛି। ସାହିତ୍ୟ ମାଧ୍ୟମରେ ବିକଶିତ ରାଷ୍ଟ୍ର ନିର୍ମାଣ କରିବାରେ ଲେଖକର ବିଭିନ୍ନ ଚିନ୍ତାର ଅନୁଚିନ୍ତା ରହିଛି। ବିଜ୍ଞାନ ମାଧ୍ୟମରେ ଦେଶ ବିକଶିତ ଓ ପରିଚିତ ହୋଇଥାଏ। ପାଶ୍ଚାତ୍ୟ ଦେଶର ଉଦ୍ଭାବନ ଓ ଆବିଷ୍କାର ପ୍ରଭାବରେ ବିଜ୍ଞାନର ଗୁରୁତ୍ୱ ବଢ଼ିଲା। ଜୀବନର ପ୍ରତି ମୁହୂର୍ତ୍ତରେ ବିଜ୍ଞାନର ଆଶ୍ୟକତା ରହିଛି। ଏହାକୁ ଲକ୍ଷ୍ୟକରି ବିଭିନ୍ନ ଦେଶର ସାହିତ୍ୟିକମାନେ ନିଜ ସାହିତ୍ୟରେ ବିଜ୍ଞାନକୁ ସ୍ଥାନ ଦେଲେ। ଓଡ଼ିଆ ଭାଷା ଓ ସାହିତ୍ୟରେ ବିଭିନ୍ନ ପ୍ରକାରର ବୈଜ୍ଞାନିକ କବିତା, ଗଳ୍ପ, ନାଟକ ତଥା ଉପନ୍ୟାସ ଲେଖାଗଲା। ତନ୍ମଧ୍ୟରୁ ବିକଶିତ ରାଷ୍ଟ୍ର ନିର୍ମାଣରେ ଲେଖକର ବୈଜ୍ଞାନିକ ଅନୁଚିନ୍ତା ପ୍ରତିଫଳିତ ହୁଏ ପ୍ରଫେସର୍ ଗୋକୁଳାନନ୍ଦ ମହାପାତ୍ରଙ୍କ ସାରସ୍ୱତ ସୃଷ୍ଟିରେ। ତାଙ୍କ ସାହିତ୍ୟ ଜଗତରେ ଅନୁବାଦ, ପିଲାଙ୍କ ପାଇଁ ବିଜ୍ଞାନ, ଭ୍ରମଣକାହାଣୀ, ବିଜ୍ଞାନ ପୁସ୍ତକ, ବୈଜ୍ଞାନିକ ଗଳ୍ପ ତଥା ବୈଜ୍ଞାନିକ କବିତା ଓ ବୈଜ୍ଞାନିକ ଉପନ୍ୟାସ ଆଦି ଗୋଟିଏ ଗୋଟିଏ ବିଭାଗ ବିଜ୍ଞାନର ବିଶେଷତ୍ୱ। ବିକଶିତ ରାଷ୍ଟ୍ର ନିର୍ମାଣରେ ବୈଜ୍ଞାନିକ ଗୋକୁଳାନନ୍ଦ ମହାପାତ୍ରଙ୍କ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253251

Article No - BPP00278

**ଯୋଗାଯୋଗ :**
**ଡକ୍ଟର ଅମରେଶ ସେନାପତି,** ଅଧ୍ୟାପକ, ଓଡ଼ିଆ ବିଭାଗ
ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୃର୍ଜା, କୋରାପୁଟ
**Email :** amareshsenapati2@gmail.com
**ORCID ID :** https://orcid.org/0009-0005-9271-6739

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୧.୨୦୨୪ | ୧୦.୦୧.୨୦୨୫ | ୨୫.୦୨.୨୦୨୫ | ୧.୦୩.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସେନାପତି, ଅମରେଶ, ୨୦୨୫। ବିକଶିତ ରାଷ୍ଟ୍ର ନିର୍ମାଣରେ ଲେଖକର ବୈଜ୍ଞାନିକ ଅନୁଚିନ୍ତା : ପ୍ରସଙ୍ଗ ଗୋକୁଳାନନ୍ଦ ମହାପାତ୍ରଙ୍କ ଉପନ୍ୟାସ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ୦, ପୃଷ୍ଠା :୪୬-୫୩।

ଆଠଗୋଟି ବୈଜ୍ଞାନିକ ଉପନ୍ୟାସର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ବିଜ୍ଞାନର ଆବଶ୍ୟକତା କାହିଁକି ? ବିଜ୍ଞାନ ଓ ସାହିତ୍ୟର ସଂପର୍କ କ'ଣ ? ଦୈନନ୍ଦିନ ଜୀବନରେ ବିଜ୍ଞାନର ଭୂମିକା କ'ଣ ? ବିକଶିତ ରାଷ୍ଟ୍ର ନିର୍ମାଣରେ ବୈଜ୍ଞାନିକ ଉପନ୍ୟାସ କେତେ ମାତ୍ରାରେ ସଫଳ ହୋଇପାରିବ ? ସାହିତ୍ୟ ମାଧ୍ୟମରେ ବିଜ୍ଞାନକୁ କେତେଦୂର ଯୁକ୍ତିଯୁକ୍ତ ନ୍ୟାୟ ମିଳି ପାରିବ ? ବୈଜ୍ଞାନିକ ଉପନ୍ୟାସରେ ପ୍ରଫେସର୍ ଗୋକୁଳାନନ୍ଦ ମହାପାତ୍ର କେତେ ମାତ୍ରାରେ ବିଜ୍ଞାନକୁ ନ୍ୟାୟ ଦେଇ ପାରିଛନ୍ତି ? ଏହିପରି ବିବିଧ ପ୍ରଶ୍ନମୟତାର ସାମ୍ନାରେ ଗୋକୁଳାନନ୍ଦ ମହାପାତ୍ରଙ୍କ ବୈଜ୍ଞାନିକ ଉପନ୍ୟାସ ପ୍ରସଙ୍ଗ ଆଧାରିତ ଉପନ୍ୟାସ ସବୁର ଗ୍ରନ୍ଥି ଉନ୍ମୋଚିତ କରିଦେବା ହିଁ ଏହି ପ୍ରବନ୍ଧର ହେତୁ।

**ପ୍ରମୁଖ ଶବ୍ଦାବଳୀ :-**

ବୈଜ୍ଞାନିକ ଅନୁଚିନ୍ତା, ବିଜ୍ଞାନ, ବୈଜ୍ଞାନିକ ଉପନ୍ୟାସ, ବିକଶିତ ରାଷ୍ଟ୍ର, ରାଷ୍ଟ୍ର ନିର୍ମାଣ, ଓଡ଼ିଆ ଉପନ୍ୟାସ, ଓଡ଼ିଆ ସାହିତ୍ୟ।

କେବଳ ଓଡ଼ିଆ ସାହିତ୍ୟ ନୁହେଁ ବରଂ ବିଶ୍ୱସାହିତ୍ୟର ଭୂମିକା ତା'ର ରାଷ୍ଟ୍ର ନିର୍ମାଣର ସମସ୍ତ ଦାୟିତ୍ୱ ବହନ କରିବା। ଅଧିକ ଚିନ୍ତା କଲେ ଏ କଥା ଆହୁରି ସତ୍ୟ ବୋଲି ପ୍ରତିଭାତ ହୁଏ। ତାହା ହେଉଛି ଗୋଟିଏ ରାଷ୍ଟ୍ରର ସାହିତ୍ୟକୁ ପାର୍ଶ୍ୱ ରାଷ୍ଟ୍ରର ସାହିତ୍ୟ ପରୋକ୍ଷ ଓ ପ୍ରତ୍ୟକ୍ଷରେ ରାଷ୍ଟ୍ର ନିର୍ମାଣର ପ୍ରୟାସ ଓ ପ୍ରେରଣା ସମ୍ପର୍କରେ ପ୍ରଭାବଶୀଳ କରିଥାଏ। ଆଜି ଏହି କଥାଟି ଆମେ ଆମ ରାଷ୍ଟ୍ର ଭାରତ ପାଇଁ ସେତେବେଳେ ପ୍ରଯୁଜ୍ୟ ଭାବିବୁ ଯେତେବେଳେ ପାର୍ଶ୍ୱ ରାଷ୍ଟ୍ରରେ ବିଗତ ଦିନମାନଙ୍କରେ ଘଟିଥିବା ବିବିଧ କାରଣ ହେତୁ ଉଭୟ ନୈତିକ ଓ ଆର୍ଥନୈତିକ ସ୍ଖଳନ ଘଟିଥିଲା। ଯେପରିକି ବିଶ୍ୱଯୁଦ୍ଧର ଭୟାବହତା, ଜାପାନର ପ୍ରାକୃତିକ ବିପର୍ଯ୍ୟୟ, ଋଷିଆର ଶ୍ରେଣୀସଂଘର୍ଷ, ଫରାସୀ ରାଷ୍ଟ୍ର ବିପ୍ଳବ ଏବଂ ଆମେରିକା ସ୍ୱାଧୀନତା ଲଢ଼େଇର ଇତିହାସ। ବିଶ୍ୱର ବହୁ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ଅନୁପୂରକ ସାହିତ୍ୟ ସୃଷ୍ଟି ପାଇଁ ମାନସିକ ଭିତ୍ତିଭୂମି ଯୋଗାଇ ଥିଲା। ଏବେ ସେହି ସେହି ଚେତନା ଓ ଦୃଷ୍ଟିକୋଣକୁ ଆମ ସାହିତ୍ୟ ସ୍ରଷ୍ଟାମାନେ ଆମ ପାଣିପାଗରେ ତାକୁ ଜନ୍ମ ଦେଇ ଆମର ରାଷ୍ଟ୍ର ନିର୍ମାଣର ପ୍ରୟାସକୁ ପ୍ରବଳ ଓ ତୀକ୍ଷ୍ଣ କରିଅଛନ୍ତି।

ଆମ ରାଷ୍ଟ୍ର ନିର୍ମାଣ ସ୍ୱାଧୀନତା ଦିନଠାରୁ ଆରମ୍ଭ ହୋଇଛି। ଯେଉଁଦିନ ଆମେ ପରାଧୀନତାର ବୃନ୍ତଚ୍ୟୁତ ହୋଇ ସ୍ୱାଧୀନତାର ନୂତନ ଅମୃତ ସ୍ୱପ୍ନରେ ବିଭୋର ହୋଇଗଲୁ। ବୁଝାଗଲା ସ୍ୱାଧୀନତା କେବଳ ଏକ ହସ୍ତାନ୍ତରିତ ଦଲିଲ ନୁହେଁ। ଏହା ଏକ ସାମଗ୍ରୀକ ଓ ସାମୂହିକ ନିଷ୍ଠା ଓ ଉତ୍ସର୍ଗୀକୃତ ପ୍ରାଣର ଆହୂତ ମହାଯଜ୍ଞ। ବିକଶିତ ରାଷ୍ଟ୍ର ନିର୍ମାଣ କରିବାକୁ ହେଲେ ପାଶ୍ଚାତ୍ୟ ରାଷ୍ଟ୍ରକୁ ଅନୁକରଣ ଓ ଅନୁସରଣ କରିବାର ଅଛି। ଅନୁସରଣ ଓ ଅନୁକରଣ ହିଁ ଅନୁସୃଜନ। ବିକଶିତ ରାଷ୍ଟ୍ର ନିର୍ମାଣ କରିବାରେ ପ୍ରତ୍ୟେକ ଦେଶ ଲାଗିଥିଲେ। ବିଜ୍ଞାନ, କଳା, ସ୍ଥାପତ୍ୟ, ସାହିତ୍ୟ, ଦର୍ଶନ, ଗଣିତ, ଶାସ୍ତ୍ର, ଜ୍ୟାମିତି ତଥା ବୈଦିକ ଶାସ୍ତ୍ରର ବିକାଶ ହିଁ ଗୋଟିଏ ବିକଶିତ ରାଷ୍ଟ୍ର ନିର୍ମାଣ କରିଥାଏ। ବିକଶିତ ରାଷ୍ଟ୍ର ନିର୍ମାଣ ଗଠନରେ ଓଡ଼ିଆ ସାହିତ୍ୟର ଅବଦାନ ଅବିସ୍ମୃତ। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରେ ଉପନ୍ୟାସ ବିଭାଗ ଶ୍ରେୟତ୍ୱ ଲାଭ କରେ। କାରଣ ଉପନ୍ୟାସରେ ସମାଜରେ ବାସ୍ତବତା ପ୍ରକାଶ ପାଇଥାଏ। ଉପନ୍ୟାସ ସାହିତ୍ୟକୁ ଟିକିଏ ନିରେଖି ଦେଖିଲେ ଆମେ ଜାଣିବାକୁ ପାଇଥାଉ ବିଶ୍ୱ ସାହିତ୍ୟର ପରିଚୟ। ସମ୍ପ୍ରତି ସମଗ୍ର ବିଶ୍ୱ ସାହିତ୍ୟରେ ପଦ୍ୟ ଅପେକ୍ଷା ଗଦ୍ୟର ପ୍ରଭାବ ଓ ପ୍ରତିଷ୍ଠା ଅଧିକ। ଗଦ୍ୟସାହିତ୍ୟ ମଧ୍ୟରେ ଉପନ୍ୟାସର ପ୍ରମୁଖ ଭୂମିକା ଗ୍ରହଣ କରିଛି। ବ୍ୟକ୍ତିବିଶେଷର ଜୀବନୀ, କିମ୍ବଦନ୍ତୀ, ଇତିହାସ, ପୁରାଣ ତଥା ଲୋକକଥା ଓ ବାସ୍ତବତାକୁ ନେଇ ଉପନ୍ୟାସ ନିଜର ସ୍ୱତନ୍ତ୍ରତା ସୃଷ୍ଟି କରିପାରିଛି। ବିଶ୍ୱ ସାହିତ୍ୟରେ ଜାପାନୀଜ ଭାଷାରେ ୧୧୦୦ମସିହାରେ ପ୍ରକାଶିତ ନାରୀ ଲେଖିକା ମୁରାସାକି ଶିଖିବୁଙ୍କ 'ଦି ଟେଲ ଅଫ୍ ଗେଞ୍ଜି' ପ୍ରଥମ ଉପନ୍ୟାସ ଭାବରେ ସ୍ୱୀକୃତି ଲାଭ କରିଛି। ସେହିଭଳି ଇଂରାଜୀ ଭାଷାରେ ୧୭୪୦ମସିହାରେ ପ୍ରକାଶିତ ସାମୁଏଲ୍ ରିଚର୍ଡ୍ ସନ୍‌ଙ୍କ 'ପାମେଲା' ଉପନ୍ୟାସ ଇଂରାଜୀ ସାହିତ୍ୟର ପ୍ରଥମ ଉପନ୍ୟାସ ହେବାର ସୌଭାଗ୍ୟଲାଭ କରେ। ରିଚର୍ଡ୍‌ସନଙ୍କ ପୂର୍ବରୁ ଏହି ଶତାବ୍ଦୀରେ ସୁଇଫଟ୍ 'ଗଲିଭରସ ଟ୍ରାଭଲସ'(୧୭୨୬) କାହାଣୀ ରଚନା କରି ଲୋକପ୍ରିୟତା ହାସଲ କରିଥିଲେ। ଡିଫୋ ତାଙ୍କ 'ରବିନସନ କ୍ରୁଶୋ'(୧୭୧୯) ପୁସ୍ତକରେ ମଣିଷର ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ପ୍ରାଧାନ୍ୟ ଦେଇ ସାରିଥିଲେ। ସେ ପୁଣି ତାଙ୍କର 'ମଲ ଫ୍ଲାଣ୍ଡର୍ସ'(୧୭୨୨) ଉପନ୍ୟାସରେ ଚରିତ୍ରକୁ ପ୍ରାଧାନ୍ୟ ଦେଇଛନ୍ତି। କିନ୍ତୁ ଏ ଉପନ୍ୟାସଗୁଡ଼ିକରେ କଳାର ଉତ୍କର୍ଷତା ଦେଖିବାକୁ ମିଳେ ନାହିଁ। ସମାଜରେ ନାରୀର ସମସ୍ୟାକୁ ଅଙ୍କନ କରିବାକୁ ଯାଇ ପ୍ଲଟ୍, ଚରିତ୍ର ଚିତ୍ରଣ, ଚରିତ୍ରର ମନୋବିଶ୍ଳେଷଣ ଓ ସମାଜ ପ୍ରତି ବାସ୍ତବ ଦୃଷ୍ଟିଭଙ୍ଗୀ 'ପାମେଲା' ଉପନ୍ୟାସ ଏକ ସାର୍ଥକ ଓ ସମ୍ଭ୍ରାନ୍ତ ଉପନ୍ୟାସ ଭାବେ ଶ୍ରଦ୍ଧା ଓ ସମ୍ମାନ ଆଣି ଦେଇଛି। "୧୮୨୩ମସିହାରେ ରଚିତ ପ୍ରଥମନାଥ ଶର୍ମାଙ୍କ 'ନବବାବୁ ବିଳାସ' ଭାରତୀୟ ସାହିତ୍ୟରେ ପ୍ରଥମ ଉପନ୍ୟାସ ଭାବରେ ସ୍ୱୀକୃତିଲାଭ କରିଛି।"(୧) ୧୮୫୭ମସିହାରେ ପ୍ୟାରୀଚାନ୍ଦ ମିତ୍ରଙ୍କ ଦ୍ୱାରା ଲିଖିତ 'ଆଲାଲେର ଘରେ ଦୁଲାଲ' ଦ୍ୱିତୀୟ ଉପନ୍ୟାସ। ଭାରତୀୟ ସାହିତ୍ୟରେ ବଙ୍ଗଳା ଭାଷାରେ ପ୍ରଥମ ଉପନ୍ୟାସ ସୃଷ୍ଟି ଭାବରେ 'ନବବାବୁ ବିଳାସ' ସୁଖ୍ୟାତି ଲାଭ କରିଛି। ସଂସ୍କୃତ ସାହିତ୍ୟରେ ଦେଖା ଦେଇଥିବା ବାଣଭଟ୍ଟଙ୍କ 'କାଦମ୍ବରୀ'କୁ ସର୍ବପ୍ରଥମ ଭାରତୀୟ ଉପନ୍ୟାସ ବୋଲି ମତ ଦିଅନ୍ତି। ମାତ୍ର ତାହା ଶିଳ୍ପକଳା ଦୃଷ୍ଟିରୁ ଉପନ୍ୟାସ ହୋଇ ନ ପାରେ କିନ୍ତୁ ଗଦ୍ୟଗ୍ରନ୍ଥ ହୋଇପାରେ। ଏହିପରି ଅନେକ କାହାଣୀଧର୍ମୀ ଗ୍ରନ୍ଥ ଦେଖିବାକୁ ମିଳେ ଯେପରି ଦଣ୍ଡୀଙ୍କ 'ଦଶକୁମାର

ଚରିତମ୍', ବସୁବନ୍ଧୁଙ୍କ 'ବାସବଦତ୍ତା', ବିଷ୍ଣୁ ଶର୍ମାଙ୍କ 'ପଞ୍ଚତନ୍ତ୍ର' ଇତ୍ୟାଦି। ଏଗୁଡ଼ିକରେ ସାମାଜିକ ଚିତ୍ରରେ ଆଭାସ ମିଳେ ମାତ୍ର ଶୈଳୀଗତ ବୈଚିତ୍ର୍ୟ ନାହିଁ। ପ୍ରାଚୀନ ଓଡ଼ିଆ ସାହିତ୍ୟରେ କେତେକ କାହାଣୀ ଗ୍ରନ୍ଥ ଦେଖିବାକୁ ମିଳେ ଯଥା ନାରାୟଣ ନନ୍ଦ ଅବଧୂତ ସ୍ୱାମୀଙ୍କ 'ରୁଦ୍ର ସୁଧାନିଧି', ଶିବ ଦାସଙ୍କ 'ବତ୍ରିଶ ସିଂହାସନ କଥା' ଓ 'ବେତାଳ ପଞ୍ଚବିଂଶତି କଥା', ବ୍ରଜନାଥଙ୍କ 'ଚତୁର ବିନୋଦ' ଇତ୍ୟାଦି। ଏହି କାହାଣୀଗୁଡ଼ିକ ହିଁ ଉପନ୍ୟାସ ରଚନା କରିବା ପାଇଁ ବାଟ ଫିଟାଇ ଥିଲା। ୧୮୮୮ ମସିହାରେ କଟକ ପ୍ରିଣ୍ଟିଂ କମ୍ପାନୀରୁ ଉମେଶ ଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ' ଉପନ୍ୟାସ ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଉପନ୍ୟାସ ପ୍ରକାଶଲାଭ କଲା। ୧୮୯୮ମସିହାରେ ଉମେଶ ଚନ୍ଦ୍ର ସରକାରଙ୍କ ଦ୍ୱିତୀୟ ଉପନ୍ୟାସ ପ୍ରକାଶ ପାଏ 'କେଉଁଝର ବିଦ୍ରୋହ' ତାହା ଅସଂପୂର୍ଣ୍ଣ ଉପନ୍ୟାସ। ଭାରତୀୟ ସାହିତ୍ୟର ପ୍ରଥମ ସାମାଜିକ ଉପନ୍ୟାସ ଭାବରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ 'ଛମାଣ ଆଂଗୁଣ୍ଠ' ଉପନ୍ୟାସ ୧୮୯୭-୯୮ମସିହାରେ ଉତ୍କଳ ସାହିତ୍ୟ ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ ପାଇଲା। ୧୯୦୨ମସିହାରେ ତାହା ପୁସ୍ତକ ଆକାରରେ ପ୍ରକାଶଲାଭ କଲା। ଏହିଭଳି ଭାବରେ ନନ୍ଦକିଶୋର ବଳଙ୍କ 'କନକଲତା', ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ୧୯୨୫ମସିହାରେ 'କମଳକୁମାରୀ' ଉପନ୍ୟାସ, ଚକ୍ରଧର ମହାପାତ୍ରଙ୍କ 'ବଳାଙ୍ଗୀ' ଉପନ୍ୟାସ, କୁନ୍ତଳା କୁମାରୀଙ୍କ ଉପନ୍ୟାସରେ 'ଭ୍ରାନ୍ତି'(୧୯୨୩), ନଅତୁଣ୍ଡୀ(୧୯୨୫), ରଘୁ ଅରକ୍ଷିତ(୧୯୨୮), କାଳିବୋହୂ(୧୯୨୬) ଇତ୍ୟାଦି ପ୍ରକାଶ କରିଥିଲା। ସବୁଜ ସାହିତ୍ୟରେ 'ବାସନ୍ତୀ' ଉପନ୍ୟାସ ଏକ କ୍ଲାସିକ୍ ଉପନ୍ୟାସ। କମଳାକାନ୍ତ ଦାସଙ୍କ 'ବୋଉ' ଉପନ୍ୟାସ, ସ୍ୱାଧୀନତା ପରବର୍ତ୍ତୀ କାଳରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସମଗ୍ର ବିଶ୍ୱରେ ଦ୍ରୁତ ପରିବର୍ତ୍ତନ ଦେଖାଦେଲା। ପରୀକ୍ଷାନିରୀକ୍ଷାର ଯୁଗ ଆରମ୍ଭ ହେଲା। ଫ୍ରୟେଡ଼ୀୟ ଦର୍ଶନ, ୟୁଙ୍ଗଙ୍କ ଅବଚେତନ ବୋଧର ରହସ୍ୟ, କାମ୍ୟୁ, କାଫ୍‌କା, ସାର୍ତ୍ରେ, ସରେନ୍ କିର୍କେଗାର୍ଡ଼ଙ୍କ ବିଭିନ୍ନ ଚେତନାର ଧାରା ପ୍ରବାହିତ ହୋଇଥିଲା। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଔପନ୍ୟାସିକଙ୍କୁ ଅଧିକ ପ୍ରଭାବିତ କଲା। ସ୍ୱାଧୀନତା ପରବର୍ତ୍ତୀ କାଳରେ ଗୋପୀନାଥ ମହାନ୍ତି, କାହ୍ନୁଚରଣ ମହାନ୍ତି, ହରେକୃଷ୍ଣ ମହତାବ, ଜ୍ଞାନୀନ୍ଦ୍ର ବର୍ମା, ରାଜକିଶୋର ରାୟ, ସୁରେନ୍ଦ୍ର ମହାନ୍ତି, ଚନ୍ଦ୍ରଶେଖର ରଥ, ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, ଗୋବିନ୍ଦ ଦାସ, ବସନ୍ତ କୁମାରୀ ପଟ୍ଟନାୟକ, ପ୍ରତିଭା ରାୟ, ମନୋଜ ଦାସ, ବିଜୟନୀ ଦାସଙ୍କ ନାମ ଉଲ୍ଲେଖଯୋଗ୍ୟ।

ବିଂଶ ଶତାବ୍ଦୀ ହେଉଛି ବିଜ୍ଞାନ ଯୁଗ। ବିଂଶ ଶତାବ୍ଦୀରେ ବିଜ୍ଞାନ ଓ ଉପନ୍ୟାସକୁ ନେଇ ଦେଖାହେଲା ବୈଜ୍ଞାନିକ ଉପନ୍ୟାସ। ସାହିତ୍ୟ ବିଶ୍ୱାସ କରେ ବିଜ୍ଞାନ ଯୁକ୍ତି କରେ। ବିଶ୍ୱାସ ଓ ଯୁକ୍ତି ମଧ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୈଜ୍ଞାନିକ ଉପନ୍ୟାସ। ସାହିତ୍ୟ ସମାଜର କଥା କହେ ଓ ବ୍ୟକ୍ତିର ମନତଳର କଥା ବି କହେ। ସମାଜ ଉନ୍ନତି କରେ ନିଜର ବିଜ୍ଞାନ ଓ ସାହିତ୍ୟକୁ ନେଇ। ବିକଶିତ ରାଷ୍ଟ୍ର ନିର୍ମାଣରେ ପ୍ରତ୍ୟେକ ରାଷ୍ଟ୍ର ତା'ର ଲେଖକର ବୈଜ୍ଞାନିକ ଅନୁଚିନ୍ତା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସାହିତ୍ୟ ମାଧ୍ୟମରେ ବୈଜ୍ଞାନିକ ଅନୁଚିନ୍ତା ପ୍ରକାଶ ପାଇଲେ ସମାଜ ଉନ୍ନତି କରିଥାଏ ଓ ଅଗ୍ରଗତି କରିଥାଏ। ପାଶ୍ଚାତ୍ୟ ସାହିତ୍ୟକୁ ନିରୀକ୍ଷଣ କଲେ ତାହା ଭଲଭାବରେ ଜଣାଯାଏ। ବିଶ୍ୱସାହିତ୍ୟରେ ଇଂରାଜୀ କବି ପିବି.ସେଲୀଙ୍କ ପତ୍ନୀ ମ୍ୟାରୀ ଗଡ଼ଉଇନଙ୍କ ରଚିତ 'ଫ୍ରାଙ୍କୋନଷ୍ଟିନ୍' ଉପନ୍ୟାସଟି ହେଉଛି ବିଶ୍ୱର ପ୍ରଥମ ବୈଜ୍ଞାନିକ ଉପନ୍ୟାସ। 'ଏହି ଉପନ୍ୟାସଟି ୧୮୧୮ମସିହାରେ ଆତ୍ମପ୍ରକାଶ କରିବା ପରେ ଉପନ୍ୟାସ ଜଗତରେ ଏକ ନବଦିଗନ୍ତ ଉନ୍ମୋଚିତ ହୋଇଥିଲା।"(୨) ଉପନ୍ୟାସଟିର ନାୟକ ଫ୍ରାଙ୍କୋନଷ୍ଟିନ୍ ଜଣେ ଯୁବ ବୈଜ୍ଞାନିକ। ଏଥିରେ ରୋବଟ୍‌ର ନିର୍ମାଣ କଥା ରହିଛି। ଚେକୋସ୍ଲୋଭାକିଆର କାରେଲପେକ୍ ନାମକ ଜଣେ ପ୍ରବୀଣ ଔପନ୍ୟାସିକ 'ରୋସମସ୍‌ରୁ ୟୁନିଭରସାଲ ରୋବଟ୍‌ସ' ଶିରୋନାମାରେ ୧୯୨୧ମସିହାରେ ଆତ୍ମଲାଭ କରିଥିଲା। ପରେ ୧୯୨୩ମସିହାରେ ଇଂରାଜୀ ଭାଷାରେ ଅନୁଦିତ ହୋଇ ଚହଳ ସୃଷ୍ଟି କରିଥିଲା। ଇଂରାଜୀ ଔପନ୍ୟାସିକ ଏଚ୍.ଜି.ୱେଲସ ଅନେକ ବୈଜ୍ଞାନିକ ଉପନ୍ୟାସ ସୃଷ୍ଟି କରିଥିଲେ। ସେଥି ମଧ୍ୟରେ The Time Machine, The Invisible man, The war of the Worlds, The First man on the moon, ଅନ୍ୟତମ। ଆମେରିକୀୟ ଔପନ୍ୟାସିକ ଆଇଜାକ ଆସିମୋଭ୍ ରୋବଟୀୟ ଉପନ୍ୟାସ ରଚନା କରି ସୁଖ୍ୟାତି ଲାଭ କରିଥିଲେ। ୧୯୫୦ମସିହାରେ 'ଆଇରୋବର୍ଟ' ପରେ 'ରେଷ୍ଟ ଅଫ୍ ଦି ରୋବଟସ' ଉପନ୍ୟାସ ଦୁଇଟି ତାଙ୍କର ପ୍ରକାଶ ପାଇଲା ପରେ ବୁଦ୍ଧିଜୀବୀ ମହଲରେ ଖୁବ୍ ଆଲୋଡ଼ନ ସୃଷ୍ଟି କରିଥିଲା। ୧୯୫୦ମସିହା ପରବର୍ତ୍ତୀ କାଳରେ ଭାରତରେ ବୈଜ୍ଞାନିକ ଉପନ୍ୟାସ ସୃଷ୍ଟି ହୋଇଛି। ବଙ୍ଗଳା ଭାଷାରେ ବିଜ୍ଞାନଭିତ୍ତିକ ରଚନା କ୍ଷେତ୍ରରେ ପ୍ରଚେଷ୍ଟା ଅଧିକ ପ୍ରାଚୀନ। ୧୮୪୨ମସିହାରେ ବିଦ୍ୟାଦର୍ଶନ ନାମକ ପତ୍ରିକାରେ ବିଜ୍ଞାନ ଭିତ୍ତିକ ଲେଖା ପ୍ରକାଶ ପାଉଥିଲା। ଜାପାନ୍‌ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଆଟମ୍‌ବମ୍ ପଡ଼ିଲା ପରେ ଆସାମ୍‌ର କୃଷ୍ଣ ଦେଶର ବଡ଼ଠାକୁର ନାମକ ଜଣେ ଲେଖକ ଆଟମ୍‌ବମ୍ ନାମକ ଉପନ୍ୟାସ ରଚନା କରିଥିଲେ।

ଭାରତବର୍ଷରେ ପ୍ରଥମେ ଇଂରେଜମାନେ ବିଜ୍ଞାନ ଭିତ୍ତିକ ସାହିତ୍ୟ ସୃଷ୍ଟି କରିଥିଲେ। ଭାରତୀୟମାନଙ୍କୁ ବିଜ୍ଞାନ ସହିତ ପରିଚିତ କରାଇବା ପାଇଁ ଖ୍ରୀଷ୍ଟିଆନ୍‌ମାନେ ଧର୍ମ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କେତେକ ବିଜ୍ଞାନ ପୁସ୍ତକ ଅନୁଦାନ କରି ଭାରତରେ ବିଜ୍ଞାନର ପ୍ରଚାର ଓ ପ୍ରସାର କରିଥିଲେ। ଏହି ସମୟରେ ଡାକ୍ତର ବନବିହାରୀ ପଟ୍ଟନାୟକ ଛତ୍ରଭଙ୍ଗ ନାମକ ଏକ ବିଜ୍ଞାନ ନାଟକ ରଚନା କରି ଖ୍ୟାତିଲାଭ କରିଥିଲେ। ଶଙ୍ଖ, ଚତୁରଙ୍ଗ, ସହକାର, ନବଭାରତ ଓ ଡଗର ଆଦି ପତ୍ରିକାରେ

ଅନେକ ଯୁବଲେଖକ ବିଜ୍ଞାନଧର୍ମୀ ଲେଖାମାନ ପ୍ରକାଶ କରୁଥିଲେ। ସେମାନଙ୍କ ମଧ୍ୟରେ ଗୋକୁଳାନନ୍ଦ ମହାପାତ୍ର ଅନ୍ୟତମ। ୧୯୪୯ମସିହାରେ ଡାକ୍ତର ଗୋପାଳଚନ୍ଦ୍ର ପଟ୍ଟନାୟକ, ଡ.ରାଧାନାଥ ରଥ ଓ ଗୋକୁଳାନନ୍ଦ ମହାପାତ୍ରଙ୍କ ସମ୍ମିଳିତ ଉଦ୍ୟମରେ ଓଡ଼ିଆ ବିଜ୍ଞାନ ପ୍ରଚାର ସମିତି ପ୍ରତିଷ୍ଠିତ ହୋଇ ବିଜ୍ଞାନ ସାହିତ୍ୟ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥିଲା। ଦେବକାନ୍ତ ମିଶ୍ରଙ୍କ 'କୃତ୍ରିମ ମଣିଷ' ଏକ ବୈଜ୍ଞାନିକ ଉପନ୍ୟାସ ସୃଷ୍ଟି କଲେ। ମହାଶୂନ୍ୟ ବିଜ୍ଞାନ, କମ୍ପ୍ୟୁଟର, ଟେଲିସ୍କୋପର ପ୍ରୟୋଗ, ରସାୟନ ବିଜ୍ଞାନ ବିଦ୍ୟା ଇତ୍ୟାଦିକୁ ଭିତ୍ତି କରି ସେ ତାଙ୍କର ସର୍ବପ୍ରଥମ ଉପନ୍ୟାସ 'କୃତ୍ରିମ ମଣିଷଟିକୁ ରଚନା କରିଛନ୍ତି। ଡକ୍ଟର ଅମୂଲ୍ୟକୃଷ୍ଣ ମିଶ୍ରଙ୍କ 'ଏକ ଆଶ୍ଚର୍ଯ୍ୟନଗର' ଏକ ସାର୍ଥକ ବିଜ୍ଞାନ ଭିତ୍ତିକ ଗଳ୍ପ ସଙ୍କଳନ। ଏଥିରେ ୭ଗୋଟି ଗଳ୍ପ ସ୍ଥାନିତ। ଓଡ଼ିଆ ଭାଷାରେ ସର୍ବପ୍ରଥମ ବୈଜ୍ଞାନିକ ନାଟକ ଲେଖିବାର ଡାକ୍ତର ବନବିହାରୀ ପଟ୍ଟନାୟକ। ଓଡ଼ିଆ ଭାଷାରେ ବୈଜ୍ଞାନିକ କାବ୍ୟକବିତା ରଚନା କରିବାରେ ଡକ୍ଟର ପର୍ଶୁରାମ ମିଶ୍ର ଅନ୍ୟତମ। ବିଜ୍ଞାନ ଭିତ୍ତିକ ଶିଶୁ ସାହିତ୍ୟ ରଚନା କରିବାରେ ଗୋକୁଳାନନ୍ଦ ମହାପାତ୍ରଙ୍କ ଅଜାଙ୍କ ମଜା କଥା, ଛବି କେମିତି କଥା କୁହେ, ସ୍ୱର୍ଗକୁ ସାତୋଟି ପାହାଚ ଇତ୍ୟାଦି। ଭାରତୀୟ ବୈଜ୍ଞାନିକ ତଥା ନୋବେଲ୍ ପୁରସ୍କାର ବିଜେତା ସି.ଭି.ରମଣଙ୍କ Aspect of Scienceକୁ ୧୯୬୦ମସିହାରେ ଗୋକୁଳାନନ୍ଦ ମହାପାତ୍ର ଅନୁବାଦ କରିଥିଲେ।

୧୯୨୨ମସିହା ମେ' ମାସ ୨୪ତାରିଖରେ ଗୋକୁଳାନନ୍ଦ ମହାପାତ୍ର ଭଦ୍ରକ ସହର ନିକଟସ୍ଥ କୁଆଁସଠାରେ ଜନ୍ମଗ୍ରହଣ କରିଥିଲେ। ପିତା ବିଜୟ ଗୋବିନ୍ଦ ମହାପାତ୍ର ଓ ମାତା ଫୁଲକୁଦେବୀଙ୍କ ସନ୍ତାନ ଭାବରେ ସ୍ୱନାମ ଅର୍ଜନ କରିଥିଲେ। ପିତା ବିଜୟଗୋବିନ୍ଦ ସେତେବେଳେ ଭଦ୍ରକର ଜଣେ ଧନାଢ଼୍ୟ ବ୍ୟକ୍ତି। ତାଙ୍କର ଅନେକ ଜମିବାଡ଼ି ସହିତ ଜମିଦାରୀ ଓ ମହାଜନୀ କାରବାର ଥିଲା। କୁଆଁସ ଗ୍ରାମରେ ସ୍କୁଲ୍ ଶିକ୍ଷା ସମାପନ କରି ଆଇ.ଏସ୍.ସି. ଓ ବି.ଏସ୍.ସି.ରେ ରସାୟନବିଜ୍ଞାନ ଅନର୍ସ ନେଇ ଗୋକୁଳାନନ୍ଦ ରେଭେନ୍ସା କଲେଜରେ ପାଠପଢ଼ିଲେ। କୁଆଁସର ଜମିଦାର ବିନୋଦବିହାରୀ ରାୟଙ୍କ ଜ୍ୟେଷ୍ଠା କନ୍ୟା କୁମୁଦିନୀଙ୍କ ବିବାହ କଲେ। ପ୍ରେସିଡେନ୍ସି କଲେଜରେ ଏମ୍.ଏସି.ରେ ଏଡ଼୍‌ମିସନ ନେଇ ସୁପ୍ରସିଦ୍ଧ ହିନ୍ଦୁ ହଷ୍ଟେଲ୍‌ରେ ରହିଲେ। ଗୋକୁଳାନନ୍ଦ ବଙ୍ଗଭାଷା ପଢ଼ି ଓ ବୁଝିବାର ଦକ୍ଷତା ରହିଥିଲା। ଗୋକୁଳାନନ୍ଦ ବଙ୍ଗଳା ଭାଷା ପଢ଼ି ସେଥିରୁ ଟେକ୍‌ନିକାଲ୍ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ସଂଗ୍ରହ କଲେ। ତାଙ୍କର ପ୍ରଥମ ବୈଜ୍ଞାନିକ ଲେଖା 'ପରମାଣୁ ବୋମାର ଆବିଷ୍କାର'। ୧୯୪୫ ମସିହାରେ ବାମଣ୍ଡା ରାଜ୍ୟରୁ ଡକ୍ଟର ମାୟାଧର ମାନସିଂହଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା 'ଶଙ୍ଖ' ପତ୍ରିକାରେ ପ୍ରକାଶ ପାଇବା ପୂର୍ବରୁ ତାହା ହଜିଗଲା। ପରେପରେ ୧୯୪୬ମସିହା ଜୁଲାଇ ମାସରେ 'ଶଙ୍ଖ' ପତ୍ରିକାରେ 'ଆଧୁନିକ ବିଜ୍ଞାନକୁ ଆଲକାତରାର ସାହାଯ୍ୟ' ଶୀର୍ଷକ ଲେଖା ପ୍ରକାଶ ପାଇଲା। ଗୋକୁଳାନନ୍ଦଙ୍କ ବୈଜ୍ଞାନିକ ଉପନ୍ୟାସ ଲେଖିବାର ଆଉ ଏକ ପ୍ରେରଣା ହେଉଛି କଲିକତାର ଆକାଶବାଣୀ। ୧୯୪୫ମସିହା ଠାରୁ ଓଡ଼ିଶାରେ ରେଡ଼ିଓ ବ୍ୟବସ୍ଥା ନ ଥିବାରୁ ଭାରତସରକାରଙ୍କ ତରଫରୁ କଲିକତା ରେଡ଼ିଓ ଷ୍ଟେସନ୍‌ରୁ ପ୍ରତିଦିନ ରାତି ନ'ଟା ବେଳେ ଅଧଘଣ୍ଟାଏ ଓଡ଼ିଆ ପ୍ରୋଗ୍ରାମ୍ ପ୍ରଚାରିତ ହୁଏ। କଲିକତା ଷ୍ଟେସନ୍‌ରୁ ସ୍ୱଲିଖିତ ବୈଜ୍ଞାନିକ ଲେଖା ଦେବା ପାଇଁ ଗୋକୁଳାନନ୍ଦଙ୍କୁ ଅନୁରୋଧ କରାଯାଇଥାଏ। ଏଥିରୁ ସେ ମଧ୍ୟ ମାସିକ ଖୁବ୍ ଭଲ ଆୟ କରୁଥିଲେ। ଏହି ଅର୍ଥ ଓ ପୁରସ୍କାର ତାଙ୍କୁ ଅଧିକ ବୈଜ୍ଞାନିକ ପ୍ରବନ୍ଧ ଲେଖିବାକୁ ପ୍ରୋତ୍ସାହିତ କରିଥିଲା। କଲିକତାରୁ ଏମ୍.ଏସ୍.ସି. ପାସ୍ କରି ୧୯୪୮ମସିହାରେ ରେଭେନ୍ସା କଲେଜରେ ରସାୟନ ବିଜ୍ଞାନ ଅଧ୍ୟାପକ ଭାବରେ ନିଯୁକ୍ତ ପାଇଲେ। ଗୋକୁଳାନନ୍ଦ ମହାପାତ୍ରଙ୍କ ବୈଜ୍ଞାନିକ ଉପନ୍ୟାସ ସୃଷ୍ଟିର ମୂଳ ଉତ୍ସ ହେଉଛି ରେଭେନ୍ସା କଲେଜରେ ଅଧ୍ୟାପକ ଥିଲାବେଳେ ତାଙ୍କର ଜଣେ ଅଧ୍ୟାପକ ବନ୍ଧୁ ଆଉଜଣେ ଅଧ୍ୟାପକ ବନ୍ଧୁଙ୍କୁ ଏଚ୍.ଜି.ୱେଲସ୍‌ଙ୍କର ବୈଜ୍ଞାନିକ ଉପନ୍ୟାସ ପୁସ୍ତକ ପଢ଼ି ତାହାର ସାରକଥା ଗପ ଆକାରରେ କହୁଥିଲେ। ସେହି ଗପର କିୟଦଂଶ ଗୋକୁଳାନନ୍ଦଙ୍କୁ ଭଲ ଲାଗିଲା। ତେଣୁ ସେ ସଙ୍ଗେସଙ୍ଗେ ଲାଇବ୍ରେରୀରୁ ସେହି ଇଂରାଜୀ ପୁସ୍ତକ ଆଣି ପଢ଼ିଲେ। ପଢ଼ି ସାରି ଭାବିଲେ ଏଚ୍.ଜି.ୱେଲ୍‌ସ ଏଭଳି ସୁନ୍ଦର ଭାବରେ ଲେଖି ପାରୁଛନ୍ତି ସେ କାହିଁକି ସେହିଭଳି ଲେଖିବେ ନାହିଁ ? ଏହିସବୁ ଲେଖକଙ୍କର ଲେଖା ତାଙ୍କୁ ଏଭଳି ଭଲ ଲାଗିଲା ଯେ ସେ ମନେମନେ ଠିକ୍ କଲେ ସେମାନଙ୍କ ଭଳି ସେ ବୈଜ୍ଞାନିକ ଉପନ୍ୟାସ ଲେଖିବେ। ବୈଜ୍ଞାନିକ ଗଳ୍ପ ପୁସ୍ତକ ଭାବରେ ଉଡ଼ନ୍ତା ଥାଳିଆ, ଚତୁର୍ଥ ପରିସର, ସମୟର ଫାଟ ଓ ଗୋକୁଳାନନ୍ଦ ବିଜ୍ଞାନ ବିଚିତ୍ରା ଗଳ୍ପ ସଂକଳନ ଗୋଟିଏ ଗୋଟିଏ ମାଇଲଖୁଣ୍ଟ। ଭ୍ରମଣକାହାଣୀ ପୁସ୍ତକ ମଧ୍ୟରେ ନୀଳଚକ୍ରବାଳ ସେପାରେ, ପାଶ୍ଚାତ୍ୟ ସ୍ମୃତି। ପିଲାଙ୍କ ପାଇଁ ବିଜ୍ଞାନ ପୁସ୍ତକ ମଧ୍ୟରେ ତରଳ ବାୟୁ ଓ ତତଲା ବରଫ, କିଏ ବେଶି ଭାରୀ ? ଚିନି କୁଆଡୁ ଆସେ ? ତମକୁ ସତ, ମୋତେ ମିଛ, ଆମ ଦୂଷିତ ପରିବେଶ। ଅନୁବାଦ ସାହିତ୍ୟ ମଧ୍ୟରେ 'ବିଜ୍ଞାନର ଦୃଶ୍ୟ'(ସାର ସି.ଭି.ରମଣଙ୍କ ରଚିତ Aspect of scienceର ଅନୁବାଦ)। ସୁଖପାଠ୍ୟ ବିଜ୍ଞାନ ପୁସ୍ତକ ମଧ୍ୟରେ ଦୂରବୀକ୍ଷଣ ଯନ୍ତ୍ର, ଅଣୁବୀକ୍ଷଣ ଯନ୍ତ୍ର, ରେଡ଼ିୟମ୍ ଓ କ୍ୟୁରି, ଟେଲିଗ୍ରାଫ୍ ଓ ଟେଲିଫୋନ୍, ବିଚିତ୍ର ବିଶ୍ୱ, ଆଲକାତରା, ବିଜ୍ଞାନର ଆଦିପର୍ବ, ଆଇନଷ୍ଟାଇନ୍ ଓ ଆପେକ୍ଷିକବାଦ, କାଚର କୁହୁକ, ଆଣ୍ଟିବାୟୋଟିକ୍ସ, ଆଧୁନିକ ଚଳଚ୍ଚିତ୍ର, ଆପେକ୍ଷିକ ତଥ୍ୟ, ଟେଲିଭିଜନ, ରେଡ଼ିଓ ଓ ରାଡ଼ାର, ଗ୍ରାମଫୋନ୍ ଓ ଟେପ୍‌ରେକର୍ଡ଼ର, ପରମାଣୁବୋମା, କୃତ୍ରିମ ଉପଗ୍ରହ, ଯନ୍ତ୍ର ମଣିଷ, ଚନ୍ଦ୍ରାଭିଯାନ, ରେଡ଼ିଓ ଟେଲିଭିଜନ, ଅଣୁ ପରମାଣୁ ଇତ୍ୟାଦି। ଉପନ୍ୟାସ ମଧ୍ୟରେ

ଗୋକୁଳାନନ୍ଦ ମହାପାତ୍ରଙ୍କ ଅବଦାନ ଅବିସ୍ମରଣୀୟ। ଏହି ଆଠଗୋଟି ଉପନ୍ୟାସ ହେଉଛି ଓଡ଼ିଆ ସାହିତ୍ୟର ଉଜ୍ଜ୍ୱଳ ନକ୍ଷତ୍ର। ପ୍ରଥମ ଉପନ୍ୟାସ ୧.ପୃଥିବୀ ବାହାରେ ମଣିଷ(୧୯୫୨), ୨.କୃତ୍ରିମ ଉପଗ୍ରହ(୧୯୫୮), ୩.ମଧ୍ୟାହ୍ନର ଅନ୍ଧକାର(୧୯୫୯), ୪.ଚନ୍ଦ୍ରର ମୃତ୍ୟୁ(୧୯୬୬), ୫.ସୁନାର ଓଡ଼ିଶା(୧୯୭୩), ୬.ଗ୍ରାମଦାନ(୧୯୮୧), ୭.ମୃତ୍ୟୁ ଏକ ମାତୃତ୍ୱର(୧୯୮୩), ୮.ନିଶ୍ଚଳ ପୃଥିବୀ(୧୯୯୦)। ବିକଶିତ ରାଷ୍ଟ୍ର ନିର୍ମାଣରେ ବୈଜ୍ଞାନିକ ଗୋକୁଳାନନ୍ଦ ମହାପାତ୍ରଙ୍କ ବୈଜ୍ଞାନିକ ଉପନ୍ୟାସର ଭୂମିକା ଆବିଷ୍କୃତ। ଏହି ଆଠଗୋଟି ଉପନ୍ୟାସକୁ ନିମ୍ନରେ ପର୍ଯ୍ୟାଲୋଚନା କରାଯାଇଛି।

ଗୋକୁଳାନନ୍ଦ ମହାପାତ୍ରଙ୍କର ସର୍ବପ୍ରଥମ ବୈଜ୍ଞାନିକ ଉପନ୍ୟାସ ହେଉଛି 'ପୃଥିବୀ ବାହାରେ ମଣିଷ'(୧୯୫୨), ସୁବିଖ୍ୟାତ ଇଂରାଜୀ ବିଜ୍ଞାନ ଉପନ୍ୟାସ ରଚୟିତା ଏଚ୍.ଜି.ୱେଲସ ଓ ଫରାସୀ ବିଜ୍ଞାନ ଉପନ୍ୟାସ ରଚୟିତା ଜୁଲସ ଭର୍ଣ୍ଣଙ୍କ ବହୁ ବୈଜ୍ଞାନିକ ଉପନ୍ୟାସ ପାଠ କଲାପରେ ସେହି ଶୈଳୀରେ ପ୍ରଭାବିତ ହୋଇ 'ପୃଥିବୀ ବାହାରେ ମଣିଷ' ଉପନ୍ୟାସ ରଚନା କଲେ। ଏହି ଉପନ୍ୟାସଟିର କଥାବସ୍ତୁ ମଙ୍ଗଳଗ୍ରହକୁ କେନ୍ଦ୍ରକରି ଲିଖିତ। ମୁଖ୍ୟ ଚରିତ୍ର ଭାବରେ ଆମେ ଦେଖିବାକୁ ପାଉ ମିସ୍ ଲରା ଓ କଲମ୍ବିଆ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ତଥା ବୈଜ୍ଞାନିକ ରିଗ୍ଲର୍ଡସନ୍। ଦୁହେଁ ଯୁବକ ଯୁବତୀ। ପରସ୍ପର ପ୍ରତି ପ୍ରେମଭାବ ପ୍ରଦର୍ଶନ କରି ଅତି ନିକଟତର ସେମାନେ ହୋଇଛନ୍ତି। ଗୋକୁଳାନନ୍ଦ ମହାପାତ୍ର ଫ୍ଲାସ୍‌ବେକ୍ ମାଧ୍ୟମରେ ପୃଥିବୀ ବାହାରେ ମଣିଷ ଉପନ୍ୟାସର କାହାଣୀ ଗଠନ କରିଛନ୍ତି। ପରମାଣୁ ଶକ୍ତିକୁ ନେଇ ରକେଟ୍ ତିଆରି କରାଯାଇ ସେହି ରକେଟ୍ ସାହାଯ୍ୟରେ ଉପନ୍ୟାସର ନାୟିକା ଲରା ଓ ନାୟକ ଅଧ୍ୟାପକ ପୃଥିବୀବାସୀଙ୍କ ଅଗୋଚରରେ ପୃଥିବୀରୁ ପଳାୟନ କରି ମଙ୍ଗଳଗ୍ରହରେ ପହଞ୍ଚିଛନ୍ତି। ସେଠାକାର ବୈଜ୍ଞାନିକ ସଭ୍ୟତା ଦେଖି ସେ ସମ୍ବନ୍ଧରେ ପୃଥିବୀବାସୀଙ୍କୁ ଜଣାଇବା ପାଇଁ ଫେରିଛନ୍ତି ପୃଥିବୀକୁ ମାତ୍ର ଫେରିବା ସମୟରେ ରକେଟ୍‌ଟି ଦୁର୍ଘଟଣାର ସମ୍ମୁଖୀନ ହୋଇ ଖସିପଡ଼େ। ଲରା ଓ ଅଧ୍ୟାପକ ସ୍ମୁମଦ୍ରରେ ଭାସୁଥିବା ଅବସ୍ଥାରେ ମରଟାନିଆ ଜଳଜାହାଜର କ୍ୟାପ୍‌ଟେନ୍ ତାଙ୍କୁ ଉଦ୍ଧାର କରି ପୁଲିସ୍ ହାତରେ ଅର୍ପଣ କଲେ। ଆମେରିକାର ପୁଲିସ୍ ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଛି ଓ ମଙ୍ଗଳଗ୍ରହର ବିଜ୍ଞାନ କଥା ଜାଣିବାକୁ ପାଇ ମଧ୍ୟ ବିଶ୍ୱାସ କରିନାହାନ୍ତି। ତାଙ୍କ ପାଖରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ଦେଖି ପୁଲିସ୍‌ର ସନ୍ଦେହ ହୋଇଛି। ପୁଲିସ୍‌ର ସନ୍ଦେହ ହେଲା ଯେ ଆମେରିକାର ପରମାଣୁ ବ୍ୟବହାରର ତଥ୍ୟ ଶତ୍ରୁଦେଶ ଋଷିଆକୁ ହସ୍ତାନ୍ତର କରିଛି। ଆମେରିକା ତାକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛି। ମୃତ୍ୟୁଦଣ୍ଡ ଭୋଗ କରିବା ପୂର୍ବରୁ ଲରା ମଙ୍ଗଳଗ୍ରହରେ ନିଜର ଅନୁଭୂତିକୁ ଲିପିବଦ୍ଧ କରିଛି ଏବଂ ଶେଷରେ ତା'ର ସ୍ୱତଃ ମୃତ୍ୟୁ ଘଟିଛି। ଋକ୍ଷବକ୍ଷ ଉଦ୍ଧମଳ ଶୈଳୀରେ ରଚିତ ଉପନ୍ୟାସର ସଂଳାପ ବେଶ୍ ହୃଦୟସ୍ପର୍ଶୀ। ପରମାଣୁଯାନ ତିଆରି ସରିବା ପରେ ୧୯୫୧ମସିହା ଅଗଷ୍ଟ ମାସ ୨୦ତାରିଖରେ ମଙ୍ଗଳଗ୍ରହକୁ ଯାତ୍ରା କରିବାକୁ ସେମାନେ ସ୍ଥିର କଲେ। "ଯିବାର ଦୁଇଦିନ ପୂର୍ବରୁ ରିଗ୍ଲର୍ଡ଼ସନଙ୍କ ମାଆଙ୍କର ମୃତ୍ୟୁ ହେଲା। ମୃତ୍ୟୁ ପୂର୍ବରୁ ମୃତ୍ୟୁଶଯ୍ୟା ନିକଟରେ ରିଗ୍ଲର୍ଡ଼ସନ୍ ଓ ଲରାର ହାତ ଦୁଇଟାକୁ ମିଳାଇ କହିଲେ - ପ୍ରାଣର ପ୍ରିୟଜନ ଆଜିଠାରୁ ସଂପୂର୍ଣ୍ଣ ଦାୟିତ୍ୱ ମୁଁ ଲରା ହାତରେ ଦେଇ ନିଶ୍ଚିନ୍ତ ହେଲି।"(୩) କେବଳ ଆମେରିକା କିମ୍ୱା ଋଷ୍ ନୁହେଁ ଭାରତ ବି ମଧ୍ୟ ମଙ୍ଗଳଗ୍ରହକୁ ପରମାଣୁଯାନ ପଠାଇ ପାରେ। ଭାରତୀୟଙ୍କ ନିକଟରେ ନୂତନ ଶକ୍ତିର ଆବିଷ୍କାରର କ୍ଷମତା ରହିଛି। ଭାରତୀୟ ଜାତି କୌଣସି ଗୁଣରେ ବିଜ୍ଞାନ କ୍ଷେତ୍ରରେ କମ୍ ନୁହେଁ।

'କୃତ୍ରିମ ଉପଗ୍ରହ' ହେଉଛି ଦ୍ୱିତୀୟ ଉପନ୍ୟାସ। ୧୯୫୮ମସିହାରେ ପ୍ରକାଶ ପାଇ ସମଗ୍ର ଭାରତରେ ଚହଳ ସୃଷ୍ଟି କରିଥିଲା। ସୋଭିଏଟ୍ ଋଷ୍ ୧୯୫୭ମସିହା ପୂର୍ବରୁ ମହାଶୂନ୍ୟକୁ ସ୍ପୁଟନିକ୍ ପ୍ରେରଣ କରିବା ପୂର୍ବରୁ ଉପନ୍ୟାସଟି ଲେଖା ସରିଥିଲା ମାତ୍ର ପ୍ରକାଶନରେ ବିଳମ୍ୱ ହେବାରୁ ଏହା ୧୯୫୮ରେ ପ୍ରକାଶନ ହେଲା। ଏ ଉପନ୍ୟାସର ମୁଖ୍ୟ ଚରିତ୍ର ହେଉଛନ୍ତି ଋଷ୍‌ର ଯୁବ ବୈଜ୍ଞାନିକ ଆଲେକ୍ସି ମେଡ଼ୋଭସ୍କି, ମିସ୍ ମେରିନା ଓ ମିସ୍ ଲେନା ଏମାନେ ସମସ୍ତେ ବିଜ୍ଞାନର ଛାତ୍ରୀ। ଉପନ୍ୟାସଟି ଋଷୀୟ ପରିବେଶରେ ସୃଷ୍ଟି। ଋଷୀୟ ବୈଜ୍ଞାନିକମାନେ ମହାକାଶରେ ବିରାଟ ମହାକାଶ ଷ୍ଟେସନ୍ ତିଆରି କରି ସେଠାରେ ବୈଜ୍ଞାନିକମାନଙ୍କୁ ରଖାଇ ନାନା ଗବେଷଣା କାର୍ଯ୍ୟ କରୁଥିଲେ। ଏହି ବୈଜ୍ଞାନିକ ଦଳର ନେତା ଥିଲେ ଆଲେକ୍ସି ଓ ମେରିନା। ଏ ଦୁହେଁ ସେଠାରେ ପରସ୍ପରକୁ ଭଲପାଇ ବସିଲେ। ଠିକ୍ ଏହି ସମୟରେ ଆମେରିକାର ବୈଜ୍ଞାନିକମାନେ ମହାକାଶକୁ କୃତ୍ରିମ ଉପଗ୍ରହ ପ୍ରେରଣ କଲେ। ମାତ୍ର ତାହା ସେଠାରେ କାର୍ଯ୍ୟକ୍ଷମ ହୋଇ ନ ପାରିବାରୁ ଆମେରିକା ବୈଜ୍ଞାନିକମାନେ ସେଇ ଉପଗ୍ରହଟିକୁ ଧ୍ୱଂସ କରିବାକୁ ଋହିଁଲେ। ମାତ୍ର ଋଷୀୟ ବୈଜ୍ଞାନିକ ଆଲେକ୍ସି ସାହାଯ୍ୟ କରିବା ପାଇଁ ଯିବା ବେଳକୁ ରାଷ୍ଟ୍ର ଦ୍ରୋହରେ ଋଷ୍ ସରକାର ଆଲେକ୍ସିକୁ ନିର୍ଦ୍ଦେଶ ପଦରୁ ବିତାଡ଼ିତ କଲେ। ଆଲେକ୍ସି ମାର୍କିନ୍ ଉପଗ୍ରହଟିକୁ ଠିକ୍ କରିସାରି ଫେରିବା ବେଳକୁ ଦିର୍ଘଟଣାର ଶିକାର ହେଲେ। ଦୁର୍ଘଟଣାରେ ଦୁଇଜଣଙ୍କର ମୃତ୍ୟୁ ହୁଏ। ଆଲେକ୍ସି ଓ ମେରିନାଙ୍କ ଆତ୍ମବଳିଦାନରେ ଦୁଇଜଣଙ୍କର ମୃତ୍ୟୁ ହୁଏ। ଆଲେକ୍ସି ଓ ମେରିନାଙ୍କ ଆତ୍ମବଳିଦାନରେ ଦୁଇ ଦେଶ ମଧ୍ୟରେ ମିତ୍ରତା ସୃଷ୍ଟି ହୁଏ। ମେରିନା ଓ ଆଲେକ୍ସିଙ୍କ ଏହି ମହାନ କାର୍ଯ୍ୟ ପାଇଁ ଦୁଇ ସରକାର ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। "ଆଲେକ୍ସି ଓ ମେରିନାଙ୍କ ଶୋକସଭାରେ ସହକାରୀ ମନ୍ତ୍ରୀ ମୋରୋଜୋବ ବାଷ୍ପ ଗଦ୍‌ଗଦ୍ କଣ୍ଠରେ ମାର୍କିନ୍ ରାଷ୍ଟ୍ରଦୂତଙ୍କୁ ଭାଇ ବୋଲି କରି କୁଣ୍ଢାଇ ପକାଇଲେ। ଏହି ଦୃଶ୍ୟ ସହିତ ସମସ୍ତଙ୍କ ପାଟିରୁ ବାହାରି ଆସିଲା -

"ବିଶ୍ୱ ଜନତା ଏକ ହେଉ !
ବିଶ୍ୱ ଏକତାର ଜୟ ହେଉ !!
ବିଶ୍ୱ ଶାନ୍ତି ଅମର ହେଉ !!!"(୪)

'ମଧ୍ୟାହ୍ନର ଅନ୍ଧକାର' ତୃତୀୟ ଉପନ୍ୟାସ ଭାବରେ ୧୯୫୯ମସିହାରେ ପ୍ରକାଶ ପାଏ। ମଧ୍ୟାହ୍ନର ଦିବାଲୋକରେ ଅନ୍ଧାରି କାରବାର କରି ଖସି ଯାଇଥିବାରୁ ଉପନ୍ୟାସର ନାମ ମଧ୍ୟାହ୍ନର ଅନ୍ଧକାର ବୋଲି ରଖା ଯାଇଛି। ଏହି ଉପନ୍ୟାସର ମୁଖ୍ୟ ଚରିତ୍ର ହେଉଛନ୍ତି ରମେଶ ପଟେଲ ଓ ଶେଠ୍ ଜଗଦୀଶଲାଲ ବିଜ୍ଞାନାଲୋକରେ ଆଜିର ମଣିଷ ଆଲୋକିତ। ଉପନ୍ୟାସର ନାୟକ ହେଉଛନ୍ତି ବୈଜ୍ଞାନିକ ରମେଶ ପଟେଲ। ଆଦର୍ଶବାଦୀ ଚରିତ୍ର ରମେଶ ପଟେଲ ସରକାରୀ ଚାକିରିରୁ ବିଦାୟ ନେଇ ଜଣେ ବିଶିଷ୍ଟ ଶିଳ୍ପପତି ଶେଠ୍ ଜଗଦୀଶଲାଲଙ୍କ ଗବେଷଣା ଅନୁଷ୍ଠାନରେ ଅଧ୍ୟକ୍ଷ ଭାବରେ ରହିଛନ୍ତି। ମାତ୍ର ବଜାରରେ ସୋରିଷତେଲର ଅଭାବ ଫଳରେ ଅସାଧୁ ଉପାୟରେ କୃତ୍ରିମ ସୋରିଷ ତେଲ ତିଆରି କରିବା ପାଇଁ କହିବାରୁ ରମେଶ ବାବୁ ଚାକିରି ଛାଡ଼ି ଦେଲେ। ମାତ୍ର ନିଜର ଦେହ ଅସୁସ୍ଥ ହେବା ଓ କୃତ୍ରିମ ସୋରିଷ ତେଲ କିପରି କରାଯାଉଛି ନିଜେ ଗବେଷଣା କରି ଜାଣି ପାରିଛନ୍ତି। ଫଳରେ ପୁଲିସ୍ ପାଖରେ ଅଭିଯୋଗ କରିଛନ୍ତି ଶେଠ୍ ଜଗଦୀଶଲାଲା କିଭଳି କୃତ୍ରିମ ସୋରିଷତେଲ ତିଆରି କରି ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହେଉଛନ୍ତି। ପୁଲିସ୍ ଧରିବାକୁ ଯିବା ବେଳେ ସେମାନେ ସମସ୍ତ ସମ୍ପତ୍ତି ସହିତ ନିଜେ ଆତ୍ମଗୋପନ କରିଛନ୍ତି। ପୁଲିସ୍ ମଧ୍ୟ ସୁରାକ୍ ପାଇପାରୁ ନାହିଁ। ଉପନ୍ୟାସର ଶେଷରେ 'ରୀତା ପାଗଳିନୀଙ୍କ ଭଳି "'ରମେଶ ବାବୁ' 'ରମେଶ ବାବୁ' ଡାକି ଡାକି ସେହି ଅନ୍ଧାରରେ ଦୌଡ଼ିଲା। ହାଁ ହାଁ ଏତେ ରାତିରେ କୁଆଡ଼େ ଯାଉଛ ରୀତା କହି ମୁଁ ମଧ୍ୟ ରୀତା ପଛରେ ଦୌଡ଼ିଲି।"(୫) ସେହି ଘନ ଆଦର୍ଶର ଦୁହାଇ ଦେଇ କେତେ ଲୋକ ଯେ ସାରା ଦୁନିଆକୁ ଶୋଷିବାକୁ ପଛାଇ ନାହାନ୍ତି ତାହାର ନଗ୍ନରୂପ ପ୍ରକାଶ ପାଇଛି ଏହି ଉପନ୍ୟାସରେ। ବିଜ୍ଞାନ ଯୁଗରେ କୃତ୍ରିମ ଉପାୟରେ କାରଣ ବି ଅଛି ନିରାକରଣ ବି ଅଛି।

'ଚନ୍ଦ୍ର ମୃତ୍ୟୁ' ଉପନ୍ୟାସ ପ୍ରକାଶ ପାଏ ୧୯୬୬ମସିହାରେ। ଚନ୍ଦ୍ର ଏକ ମୃତ୍ୟୁ ଉପଗ୍ରହ, ନା ସେଠି ଅଛି ଜଳ ନା ବାୟୁ ନା ଅଛି ଜୀବଜଗତ। ଏ ଉପନ୍ୟାସର ମୁଖ୍ୟ ଚରିତ୍ର ହେଉଛନ୍ତି ସେଣ୍ଟି ଓ ରମେଶ। ରମେଶ ମୁଖରେ ଲେଖକ ଚନ୍ଦ୍ରରେ ବାସ କରୁଥିବା ଲୋକଙ୍କ କାହାଣୀ ଏଥିରେ ବର୍ଣ୍ଣିତ। ଏହି କାଳ୍ପନିକ କାହାଣୀର ଅନ୍ୟ ଏକ ମୁଖ୍ୟ ଚରିତ୍ର ଉତ୍କଳାବର୍ତ୍ତ ଯିଏ ପୃଥିବୀକୁ ଆସି ଚନ୍ଦ୍ରଲୋକରେ ଅବତରଣ କରିଥିଲେ। ପୃଥିବୀ ଯେତେବେଳେ ଅଜ୍ଞାନ ଅନ୍ଧକାରରେ ଥିଲା ସେତେବେଳେ ଚନ୍ଦ୍ରରେ ବୈଜ୍ଞାନିକ ସଭ୍ୟତା ଚରମ ଅବସ୍ଥାରେ ପହଞ୍ଚି ଥିଲା। କ୍ରମେ କ୍ରମେ ଚନ୍ଦ୍ରପୃଷ୍ଠରେ ଜଳ ଓ ବାୟୁର ଘୋର ଅଭାବ ଦେଖାଦେଲା। ଚନ୍ଦ୍ରଲୋକର ଲୋକେ ପୃଥିବୀକୁ ଆସି ବାୟୁ ଓ ଜଳ ଚୋରିକରି ନେଉଥିବାରୁ ଦୃଶ୍ୟ ସୈନ୍ଧବ୍ୟ ଉପତ୍ୟକାରେ ଉତ୍କଳାବର୍ତ୍ତ ଜନୈକ ବ୍ୟକ୍ତି ଦେଖୁଥିଲା। ଚନ୍ଦ୍ରଲୋକର ଲୋକମାନେ ତାକୁ ଫୁସୁଲା ଫୁସୁଲି କରି ଚନ୍ଦ୍ରପୃଷ୍ଠକୁ ନେଇଗଲେ ନ ହେଲେ କାଳେ ପୃଥିବୀ ଲୋକଙ୍କୁ କହିଦେବ। ସେହି ଭୟରେ ତାକୁ ନେଇଗଲେ। ଇତିମଧ୍ୟରେ ଚନ୍ଦ୍ରଲୋକର ଉନ୍ନତ ବିଜ୍ଞାନର ବ୍ୟବହାର ଓ ବ୍ୟାପକତା ଦେଖି ସେ ସ୍ତବ୍ଧ ହୋଇଯାଇଥିଲା। ଉତ୍କଳାବର୍ତ୍ତ ଚନ୍ଦ୍ରଲୋକରେ ଜନୈକ ଲଳନାକୁ ବିବାହ କରିଲା। ପୃଥିବୀର ଲୋକେ ଧୀରେଧୀରେ ସଭ୍ୟ ଓ ଶିକ୍ଷିତ ହେଲେଣି। ତେଣୁ ପୃଥିବୀରୁ ଆଉ ଜଳ ଚୋରି କରିହେବ ନାହିଁ। ତେଣୁ ଦକ୍ଷିଣାର୍ତ୍ତ ଚନ୍ଦ୍ରଠାରୁ ଲକ୍ଷଲକ୍ଷ ଦୂରକୁ ଯାଇ ଜଳର ସନ୍ଧାନ କରି ଫେରି ଆସିବା ବେଳକୁ ଚନ୍ଦ୍ରରେ ହଜାର ହଜାର ବର୍ଷ ବିତି ଯାଇଛି। ଚନ୍ଦ୍ରର ଲୋକ ଜଳ ଅଭାବରେ ମୃତ୍ୟୁବରଣ କରିଛନ୍ତି। ଭଗ୍ନମନରେ ଦକ୍ଷିଣାବର୍ତ୍ତ ପୃଥିବୀକୁ ଫେରିଛି। ଆମେରିକା ଦକ୍ଷିଣାବର୍ତ୍ତଙ୍କୁ ବନ୍ଦୀ କରିଛି କାରଣ ସେ ସଂସ୍କୃତ ଭାଷା କହୁଥିବାରୁ। ଆମେରିକା ସେ ଭାଷାକୁ ବୁଝି ନ ପାରି ସେ ଭାବିଛି ଯେ ଋଷର ଗୁପ୍ତଚର। ମାତ୍ର ବନ୍ଦୀଶାଳାରୁ ଦକ୍ଷିଣାବର୍ତ୍ତ ଖସି ଯାଇ ମହାକାଶକୁ ପଳାଇ ଯାଇଛି। "ଋକ୍‌ବେଦର ଏକ ଅଧ୍ୟାୟରୁ ଜଣାଯାଏ ଚନ୍ଦ୍ରଲୋକରୁ ଦୁଇଜଣ ମଣିଷ ଗୋଟିଏ ଅଦ୍ଭୁତ ପ୍ରକାର ଯାନରେ ଚଢ଼ି ପୃଥିବୀକୁ ଆସିଥିଲେ।"(୬) ବାସ୍ତବରେ ଆମ ପ୍ରାଚୀନ ଶାସ୍ତ୍ର ବିଜ୍ଞାନରେ ଭରପୂର ହୋଇ ରହିଛି। ପାଶ୍ଚାତ୍ୟରେ ନୁହେଁ ପ୍ରାଚ୍ୟରେ ବିଜ୍ଞାନ ରହିଛି।

'ସୁନାର ଓଡ଼ିଶା' ଉପନ୍ୟାସ ୧୯୭୩ମସିହାରେ ପ୍ରକାଶ ପାଏ। ଏହି ଉପନ୍ୟାସରେ କେନ୍ଦୁଝରର ଏକ ବିରାଟ ସୁନାଖଣିର ଆବିଷ୍କାର କଥା ବର୍ଣ୍ଣିତ। ଓଡ଼ିଶା ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ। ଓଡ଼ିଶାର ପ୍ରାକୃତିକ ସଂପଦର ଯଥାଯଥ ବିନିଯୋଗ କରାଯାଇପାରିଲେ ଓଡ଼ିଶାର ଲୋକମାନଙ୍କର ସ୍ଥିତି ସୁଧୁରି ଯାଇପାରନ୍ତା। 'ସୁନାର ଓଡ଼ିଶା' ଉପନ୍ୟାସର ମୁଖ୍ୟ ଚରିତ୍ର ହେଉଛି ଶିଳ୍ପପତି ଅରୁଣ ଓରଫ ଅରୁଣ କୁମାର ପଟ୍ଟନାୟକ ଓ ବିଦେଶିନୀ ଆଭା। ଉଚ୍ଚତର ଅଧ୍ୟୟନ ପାଇଁ ଅରୁଣ ଲଣ୍ଡନ ଯାତ୍ରା କରିବା ସେଠାରେ ଶିଳ୍ପପତିଙ୍କ ଏକମାତ୍ର କନ୍ୟାକୁ ଭଲପାଇବା ମଧ୍ୟରେ ଫୁଟି ଉଠେ ସୁନ୍ଦର ପ୍ରେମର ଚିତ୍ରଟିଏ। ଉଭୟଙ୍କ ମଧ୍ୟରେ ଭଲପାଇବା ଖୁବ୍ ଗାଢ଼ ହୁଏ। ଶେଷରେ ଦୁଇଜଣଙ୍କର ବିବାହ ହୁଏ। ସୁନାର ବ୍ୟବହାର ନେଇ ନାନା ପ୍ରକାରର ପ୍ରଳାପ କରିଛନ୍ତି ସ୍ୱପ୍ନରେ ଅରୁଣ। ପାଖ ରୁମ୍‌ରେ ଥିବା ଲୋକ ଅର୍ଥାତ୍ ଅରୁଣଙ୍କୁ କମ୍ୟୁନିଷ୍ଟ ବୋଲି ଭାବି ଲଣ୍ଡନ ପୁଲିସ୍‌କୁ ଖବର ଦେବା ଓ ଶେଷରେ ଅରୁଣ ଜେଲ୍ ଯାଇଛନ୍ତି। ମାତ୍ର ଅରୁଣଙ୍କ ଶଶୁର ପୁଲିସ୍‌ଠାରୁ ମୁକ୍ତ କରିଛନ୍ତି ଓ ଅର୍ଥ ନେଇ ଓଡ଼ିଶାରେ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ପଠାଇଛନ୍ତି। "ଆଁ, ତୁମ ଦେଶ କଥା ? ହଠାତ୍ ଉଠି ବସିଲା ଆଭା,

କ'ଣ ହୋଇଛି ତୁମ ଦେଶର ଅରୁଣ। ଭାରତ ତ ଖୁବ୍ ବେଗରେ ଆଗେଇ ଚାଲିଛି ନିଜ ଉନ୍ନତି ପଥରେ।"(୭) ଓଡ଼ିଶାର ଅସୁମାରୀ ପ୍ରାକୃତିକ ସଂପଦକୁ ବ୍ୟବହାର କରି ତାହାକୁ କିପରି ଏକ ଧନଶାଳୀ ରାଷ୍ଟ୍ରରେ ପରିଣତ କରିହେବ, ତହିଁର ଏକ ବାସ୍ତବ ରୂପରେଖ ଦେବା 'ସୁନାର ଓଡ଼ିଶା' ଉପନ୍ୟାସର ପ୍ରଧାନ ଉଦ୍ଦେଶ୍ୟ।

'ଗ୍ରାମଦାନ' ଉପନ୍ୟାସ ପ୍ରକାଶ ପାଏ ୧୯୮୧ମସିହାରେ। "ସାର୍, ସାର୍, ମୁଁ ଭିତରକୁ ଯାଇପାରେ କି ? ଅମରେଶର ଗବେଷଣା କକ୍ଷର ଦୁଆର ମୁହଁରେ ଠିଆ ହୋଇ ଭିତରକୁ ଯିବା ପାଇଁ ଅନୁମତି ଭିକ୍ଷା କରୁଥିଲା ଷଷ୍ଠବାର୍ଷିକ ବିଜ୍ଞାନଶ୍ରେଣୀର ଛାତ୍ରୀ କୁମାରୀ ସ୍ମିତା ପ୍ରସାଦ।(୮) କହିବାର ତାତ୍ପର୍ଯ୍ୟ ଔପନ୍ୟାସିକ ଗୋକୁଳାନନ୍ଦ ମହାପାତ୍ରଙ୍କ ପ୍ରତ୍ୟେକ ଉପନ୍ୟାସ ଆକସ୍ମିକତାରୁ ଆରମ୍ଭ ହୁଏ। ନା ଏଥିରେ ବର୍ଣ୍ଣନା ନା ଅଛି ବିସ୍ତୀର୍ଣ୍ଣତା। ଗ୍ରାମଦାନ ଉପନ୍ୟାସରେ ମୁଖ୍ୟ ଚରିତ୍ର ଭାବରେ ଅମରେଶ, ବୈଜ୍ଞାନିକ ଶୁଭ୍ରା ମାଲହୋତ୍ରା, ବାସନ୍ତୀ। ଏ ଉପନ୍ୟାସରେ ବିନୋବାଙ୍କ ଭୂଦାନ ପ୍ରସଙ୍ଗ ବର୍ଣ୍ଣିତ। ମୟୂରଭଞ୍ଜ ଓ କେନ୍ଦୁଝର ତଥା ଚାଇଁବସା କଥା ବର୍ଣ୍ଣିତ। ଅମରେଶ ଅଧ୍ୟାପକ ଭାବରେ ଚାକିରି କରିଛି। ଶୁଭ୍ରା ସାର୍‌ଙ୍କ ଅଧୀନରେ ପିଏଚ.ଡ଼ି. ଗବେଷଣା କାର୍ଯ୍ୟ କରିବା ପାଇଁ ରେଜିଷ୍ଟ୍ରେସନ୍ କରିଛି। ସମାଜରେ ଦୁର୍ନୀତିଖୋର ମଣିଷଙ୍କ ଦ୍ୱାରା ବାସନ୍ତୀ ହଇରାଣ ହୋଇଛି। ସମାଜରେ ଘଟୁଥିବା କଳାବଜାରୀ କଥା ବର୍ଣ୍ଣିତ। ଏ ଉପନ୍ୟାସରେ ଗୋଟିଏ ସୁନ୍ଦର ଗ୍ରାମର ପରିକଳ୍ପନା ତଥା ଶୁଭ୍ରାର ଭାଷାର ମହାତ୍ମାଗାନ୍ଧିଙ୍କ ପରେ ଅମରେଶ ହେଉଛି ଦ୍ୱିତୀୟ ଗାନ୍ଧି। ଏବେବି ଯେଉଁମାନେ ସେହି ରାସ୍ତା ହେଇ ଚାଇଁବସା ଯାଆନ୍ତି ବା ଚାଇଁବସା ଆଡୁ ଓଡ଼ିଶା ଆସନ୍ତି, ସେମାନେ ସେହି ସ୍ମୃତିମନ୍ଦିରଟିର ଅପରୂପର ସୌନ୍ଦର୍ଯ୍ୟରେ ମୁଗ୍ଧ ନ ହୋଇ ରହିପାରନ୍ତିନି।" ଏ ଉପନ୍ୟାସରେ ବିଜ୍ଞାନ ମାଧ୍ୟମରେ ଗୋଟିଏ ସୁନ୍ଦର ଗ୍ରାମର ନିର୍ମାଣର କଥା କୁହାଯାଇଛି।

'ମୃତ୍ୟୁ ଏକ ମାତୃତ୍ୱର' ଉପନ୍ୟାସ ୧୯୮୩ମସିହାରେ ରଚିତ। ଏ ଉପନ୍ୟାସର ମୁଖ୍ୟ ଚରିତ୍ର ହେଉଛନ୍ତି ଅତନୁ ଓ ତନୁଶ୍ରୀ। ଆଜିର ସବୁଠାରୁ ଦୁରାରୋଗ୍ୟ କ୍ୟାନସର୍‌କୁ ଭଲ କରିବା ବିଜ୍ଞାନ ଦ୍ୱାରା ସମ୍ଭବ ହୋଇପାରୁଛି। ହରମୋନ ଯୋଗୁଁ ନାରୀ ପୁରୁଷ ହୋଇପାରୁଛି। ଏହି କଥା ପ୍ରକାଶ କରିବା ପାଇଁ 'ମୃତ୍ୟୁ ଏକ ମାତୃତ୍ୱର' ଉପନ୍ୟାସର କାହାଣୀ ଗଠନ କରାଯାଇଛି। ରଣେନ୍ଦ୍ର ପ୍ରତାପ ଓ ନମିତା ଆମେରିକାରେ ପ୍ରସୂତି ବିଭାଗରେ ଗବେଷିକା ଅଧ୍ୟାପିକା ମିସ୍ ଫ୍ରିଡ଼୍‌ମେନଙ୍କ ଅଧୀନରେ ଗବେଷଣା କରୁଥିବା ସମୟରେ ସେମାନେ ପରସ୍ପରକୁ ଭଲପାଇ ବିବାହ କରନ୍ତି। ସେମାନଙ୍କର ଅତନୁ ବୋଲି ପୁତ୍ରସନ୍ତାନ ଜାତ ହେଲା। ଅତନୁ ଜନ୍ମ ହେବାପରେ ନମିତାଙ୍କ ଲିଙ୍ଗ ପରିବର୍ତ୍ତନ ହେବା ଓ ମାତୃତ୍ୱ ପ୍ରତି ମମତା କମିଯିବା। ନମିତା ପୁରୁଷ ହୋଇଯିବା ଫଳରେ ନରେନ୍ଦ୍ର ନାମରେ ନାମିତ ହୋଇ ପୁଅକୁ ଲାଳନପାଳନ କରି ଲଣ୍ଡନ ଚାଲି ଯାଆନ୍ତି। ଫଳରେ ଅତନୁ ଉପରେ ଅତ୍ୟାଚାର ହୁଏ। ଅତନୁ ଘରୁ ବାହାରି ଯାଇ ପରବର୍ତ୍ତୀ ସମୟରେ ବଡ଼ କ୍ୟାନ୍‌ସର ରୋଗର ଡାକ୍ତର ହୁଅନ୍ତି। "ଘରେ ସମସ୍ତଙ୍କର ଯେଉଁ ଆନନ୍ଦ ସେ କଥା ନ କହିଲେ ନ ସରେ। ଆନନ୍ଦରେ ତନୁଶ୍ରୀର ଗୋଡ଼ ତଳେ ଲାଗୁ ନ ଥାଏ। ଅତନୁର ମଧ୍ୟ ଆନନ୍ଦର ସୀମା ନାହିଁ। ସେ ନିଜର ଜନ୍ମଦାତ୍ରୀ ମା'ଙ୍କୁ ବଞ୍ଚାଇ ପାରିଛି।"(୯) ଏ ଉପନ୍ୟାସର ଅନ୍ତଃସ୍ୱର ହେଉଛି ବିଜ୍ଞାନ ବଳରେ ସବୁକିଛି ସମ୍ଭବ।

'ନିଶ୍ଚଳ ପୃଥିବୀ' ଉପନ୍ୟାସ ୧୯୯୦ମସିହାରେ ରଚିତ। ଏ ଉପନ୍ୟାସର ମୁଖ୍ୟ ଚରିତ୍ର ହେଉଛନ୍ତି ଦେବକିଶାନ, ରୀତା ଦେବୀ ଏବଂ ଶାମ କିଶାନ। ବିଜ୍ଞାନର ଅଗ୍ରଗତି ଆଜି କିପରି ମଣିଷର ଲାକ୍ଷଣିକ ମୃତ୍ୟୁ କରାଇ ରୋଗର ଔଷଧ ବାହାରିଲା ପର୍ଯ୍ୟନ୍ତ ରଖାଯାଇ ପୁଣି ଔଷଧ ବାହାରିଲେ ତାକୁ ବଞ୍ଚାଇ ରୋଗର ନିରାକରଣ କରାଯାଇପାରିବ, ଏହା ହିଁ ଉପନ୍ୟାସର ମୂଳ କଥା। ଏଥି ସହିତ ବିଜ୍ଞାନ ପଦ୍ଧତି ଦ୍ୱାରା ମସ୍ତିଷ୍କ ରୋପଣ କରାଯାଇ ମଣିଷକୁ ବଞ୍ଚାଇ ଦିଆଯାଇ ପାରିବ। ଏହାକୁ ପ୍ରଦର୍ଶନ କରି ଏକ ପାରିବାରିକ ସ୍ୱର୍ଗର ଚିତ୍ର ଉପସ୍ଥାପନ କରାଯାଇଛି। ଗୋଟିଏ ଦୁର୍ଘଟଣାରେ ନିଜ ପୁଅର ପୁଅ ବୟସ ତଥା ରୂପରେ, ନାୟକ ସମାନ ହୋଇଥିବାରୁ ଜେଜେ ଓ ନାତି ଅବିକଳ ସମାନ ଦିଶନ୍ତି। ମସ୍ତିଷ୍କ ରୋପଣ କରି ନାତିକୁ ମୃତ୍ୟୁମୁଖରୁ ଫେରାଇ ଆଣିବା ହେଉଛି ବିଜ୍ଞାନର ବାହାଦୁରୀ। ପୁନର୍ବାର ନାୟକ ଲାକ୍ଷଣିକ ମୃତ୍ୟୁର ୫୦ବର୍ଷ ପରେ ଏହି ରୋଗର ଔଷଧ ବାହାରିବା ପରେ ନାୟକ ମୃତ୍ୟୁମୁଖରୁ ବଞ୍ଚି ପାରୁଛି। ଏଥିରୁ ଅନୁମେୟ ହୁଏ ଯେ ବିଜ୍ଞାନର ଉନ୍ନତି ହେଲେ ସମାଜରେ ଉନ୍ନତି ହେବ।

## ନିଷ୍କର୍ଷ :

ଭାବର ଭାଷାରେ, ଶିଶୁର ସରଳତାରେ, ବିଚାରର ବିଦଗ୍ଧତାରେ, ନିଶ୍ୱାସର ନିର୍ଜନତାରେ, ନ୍ୟାୟିକର ନ୍ୟାୟିକତାରେ, ଆତ୍ମର ଆତ୍ମିକତାରେ, ସେବାର ସାମୟିକତାରେ ବିଜ୍ଞାନ ଆଗେଇ ଚାଲିଛି ପ୍ରଗତିର ପ୍ରଶସ୍ତିରେ। ଶାନ୍ତିଶୃଙ୍ଖଳା ତଥା ସମାଜରେ ସେବା ପ୍ରତିଷ୍ଠା କରିବା ହେଉଛି ବିଜ୍ଞାନର ମୂଳ ଲକ୍ଷ୍ୟ। ଆଧୁନିକ ସମାଜରେ ବିଶୃଙ୍ଖଳା ମଧ୍ୟରେ ଶୃଙ୍ଖଳା, ଅନ୍ୟାୟ ମଧ୍ୟରେ ନ୍ୟାୟ, ଯୁଦ୍ଧ ମଧ୍ୟରେ ଶାନ୍ତି, ହିଂସା ମଧ୍ୟରେ ସେବାର ସ୍ଥାନ ଓ ଅନ୍ଧାର ମଧ୍ୟରେ ଆଲୋକର ପ୍ରଦାନ ହେଉଛି ବିଜ୍ଞାନର ବିଶେଷତ୍ୱ। ଗ୍ରୀକ୍ ବୈଜ୍ଞାନିକମାନଙ୍କ ମଧ୍ୟରେ ନୁହେଁ ବରଂ ବିଶ୍ୱର ଆଦି ବୈଜ୍ଞାନିକ ହେଉଛନ୍ତି ଥେଲସ। ଗ୍ରୀକ୍ ଦେଶର ଆୟୋନିଆ ଜିଲ୍ଲାର ମିଲଟସ୍ ଦ୍ୱୀପରେ ଜନ୍ମଗ୍ରହଣ ସେ ବିଶ୍ୱକୁ ଏକ ନୂତନ କିରଣ ପ୍ରଦାନ କରିଛନ୍ତି। ଓଡ଼ିଆ ସାହିତ୍ୟ ବିଜ୍ଞାନକୁ ନେଇ ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ କରିଛି। ବିକଶିତ ରାଷ୍ଟ୍ର ନିର୍ମାଣରେ ଲେଖକର ବୈଜ୍ଞାନିକ ଅନୁଚିନ୍ତାରେ ଦେଶ ବିକଶିତ ହୋଇଥାଏ। ବିକଶିତ ରାଷ୍ଟ୍ର ନିର୍ମାଣରେ ପ୍ରଫେସର୍

ଗୋକୁଳାନନ୍ଦ ମହାପାତ୍ରଙ୍କ ବୈଜ୍ଞାନିକ ଉପନ୍ୟାସ ବେଶ୍ ଭାବରେ ସହାୟକ ।

**ସହାୟକ ଗ୍ରନ୍ଥସୂଚୀ :**


୧. ପ୍ରଧାନ, କୃଷ୍ଣଚନ୍ଦ୍ର – ଓଡ଼ିଆ ସାହିତ୍ୟର ଇତିହାସ, ପ୍ରକାଶକ : ବିଦ୍ୟାପୁରୀ, ସଂସ୍କରଣ : ଚତୁର୍ଥ, ମସିହା : ୨୦୧୬, ପୃଷ୍ଠା– ୨୯୬ ।

୨. ମିଶ୍ର, ଦେବକାନ୍ତ – ଫ୍ରାଙ୍କେନ ଷ୍ଟିନଭୋର ରୋବଟ – ଚିନ୍ତାଧାରାଶ୍ରୟୀ ବୈଜ୍ଞାନିକ ଉପନ୍ୟାସ ଇତିବୃତ୍ତ, ପୃଷ୍ଠା–୧୦୯

୩. ମହାପାତ୍ର, ଗୋକୁଳାନନ୍ଦ – ପୃଥିବୀ ବାହାରେ ମଣିଷ, ପ୍ରକାଶକ ବିଦ୍ୟାପୁରୀ, ସଂସ୍କରଣ : ତୃତୀୟ, ମସିହା – ୧୯୯୯, ପୃଷ୍ଠା – ୧୩

୪. ମହାପାତ୍ର, ଗୋକୁଳାନନ୍ଦ – କୃତ୍ରିମ ଉପଗ୍ରହ, ପ୍ରକାଶକ : ଗ୍ରନ୍ଥମନ୍ଦିର, ସଂସ୍କରଣ – ଚତୁର୍ଥ, ମସିହା – ୧୯୮୪, ପୃଷ୍ଠା– ୧୪୩

୫. ମହାପାତ୍ର, ଗୋକୁଳାନନ୍ଦ – ମଧ୍ୟାହ୍ନର ଅନ୍ଧକାର, ପ୍ରକାଶକ ବିଜୟ ସ୍ମୃତି ପାଠାଗାର ଭଦ୍ରକ, ସଂସ୍କରଣ : ପ୍ରଥମ, ମସିହା– ୧୯୫୯, ପୃଷ୍ଠା – ୧୭୨

୬. ମହାପାତ୍ର, ଗୋକୁଳାନନ୍ଦ – ଚନ୍ଦ୍ରର ମୃତ୍ୟୁ, ପ୍ରକାଶକ : ବିଦ୍ୟାପୁରୀ, ସଂସ୍କରଣ : ତୃତୀୟ, ମସିହା – ୧୯୮୮, ପୃଷ୍ଠା– ୨୧୬

୭. ମହାପାତ୍ର, ଗୋକୁଳାନନ୍ଦ – ସୁନାର ଓଡ଼ିଶା, ପ୍ରକାଶକ : ନିୟୁ ଷ୍ଟୁଡେଣ୍ଟସ୍ ବୁକ୍‌ଷ୍ଟୋର, କଟକ, ସଂସ୍କରଣ – ପ୍ରଥମ, ମସିହା– ୧୯୮୧, ପୃଷ୍ଠା – ୩୧୯

୮. ମହାପାତ୍ର, ଗୋକୁଳାନନ୍ଦ – ମୃତ୍ୟୁ ଏକ ମାତୃଦ୍ୱର, ପ୍ରକାଶକ : ଗ୍ରନ୍ଥମନ୍ଦିର, ସୂତାହାଟ, କଟକ, ସଂସ୍କରଣ – ପ୍ରଥମ, ପ୍ରକାଶ ମସିହା – ୧୯୮୩, ପୃଷ୍ଠା – ୨୨୧


❖ ❖ ❖

DOI : https://doi.org/10.5281/zenodo.15253256 ମୂଳ ପ୍ରବନ୍ଧ

# ଜୀବନର ସୂକ୍ଷ୍ମ ବିଶ୍ଳେଷଣ – 'ତଟନିରଞ୍ଜନା' ଏକ ଅନୁଶୀଳନ

**ମମତା ରାଣୀ ବାରିକ**

**ସଂକ୍ଷିପ୍ତସାର :**

ଜୀବନ ସର୍ବଦା ବିସ୍ମୟପୂର୍ଣ୍ଣ। ଏହାକୁ ଜୀବନ ତମାମ୍ ପୃଷ୍ଠା ପରେ ପୃଷ୍ଠା ଓଲଟାଇ ପଢିବାକୁ ଓ ବୁଝିବାକୁ ହୁଏ, ତଥାପି ତାହା ରହିଯାଏ ଅପୂର୍ଣ୍ଣ। କିନ୍ତୁ ବ୍ୟକ୍ତି ଭେଦରେ ଏହାକୁ ସର୍ବଦା ବିଶ୍ଳେଷଣ କରିବା ଉଚିତ୍। ନଚେତ୍ ଅନ୍ଧାନୁସରଣ ଯୋଗୁଁ ବ୍ୟକ୍ତି ପଥଭ୍ରଷ୍ଟ ହୋଇପାରେ। ଏହିପରି ବହୁ ତତ୍ତ୍ୱନିଷ୍ଠ ସୂକ୍ଷ୍ମଚିନ୍ତାକୁ ଆଧାର କରି ନବନାଟ୍ୟ ଆନ୍ଦୋଳନର ଅନ୍ୟତମ ବଳିଷ୍ଠ ନାଟ୍ୟକାର ବିଜୟ ମିଶ୍ରଙ୍କ 'ତଟନିରଞ୍ଜନା' ନାଟକ ରଚିତ। ସଂଘ ଏବଂ ବ୍ୟକ୍ତି ମଧ୍ୟରେ ଥିବା ସମ୍ପର୍କ ଏବଂ ସଂଘର୍ଷର ସନ୍ଦେଶ ମଧ୍ୟରେ ଜୀବନର ଯେଉଁ ସୂକ୍ଷ୍ମତତ୍ତ୍ୱ ନାଟକରେ ରୂପାୟିତ ହୋଇଛି ତାହାକୁ ଆଲୋଚନା କରିବାର ପ୍ରୟାସ କରାଯାଇଛି।

**ପ୍ରମୁଖ ଶବ୍ଦାବଳୀ :**

ସତ୍ୟ , କାମନା , ବିନାଶ , ଅନ୍ୱେଷଣ , ଜୀବନ , ଦୁଃଖ , ଉଦ୍ଦେଶ୍ୟ, ନିର୍ବାଣ।

ଚିରାଚରିତ ପରଂପରାର ଶଗଡଗୁଳାରୁ ମୁକ୍ତ ହୋଇ ନୂତନତାର ଅନ୍ୱେଷଣ ଏବଂ ଆବାହନ କରୁଥିବା ଜାତି , ବ୍ୟକ୍ତି ସର୍ବଦା ଏକ ଆଲୋକ ସ୍ତମ୍ଭ ହୋଇ ଦଣ୍ଡାୟମାନ ରହନ୍ତି ଏବଂ ସେମାନଙ୍କ ପ୍ରୟାସରୁ କ୍ରାନ୍ତିର ଶୁଭାରମ୍ଭ ହୋଇଥାଏ। ଏପରି କ୍ରାନ୍ତିର ଆହ୍ୱାନ ସମାଜ ଠାରୁ ଜୀବନ , ସାହିତ୍ୟ ଠାରୁ ବିଜ୍ଞାନ ସମସ୍ତ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ। ସାରସ୍ୱତ ଜଗତରେ ଏହି ନୂତନତାର ଆବାହନ ଯୁଗରୁଚିର ପରିବର୍ତ୍ତନ ସହ ବହୁ ପରୀକ୍ଷାଧର୍ମୀତା ଯୋଗୁଁ ସମ୍ଭବ ହୋଇଥାଏ। ତେବେ ନାଟ୍ୟ ସାହିତ୍ୟ କ୍ଷେତ୍ରରେ ଏହିପରି ଏକ ପରିବର୍ତ୍ତିତ ଧାରା ଓଡିଆ ସାହିତ୍ୟରେ ଦେଖିବାକୁ ମିଳେ। ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ଏବଂ ସର୍ବଭାରତୀୟ ସାହିତ୍ୟରେ ଏହାର ରୂପାୟନ ହୋଇଥିବା ହେତୁ ଓଡିଆ ସାହିତ୍ୟ ଜଗତ ମଧ୍ୟ ଏଥିରେ ପଶ୍ଚାତ୍‌ପଦ ହୋଇନାହିଁ। ତେବେ ଯେଉଁ ଆବାହକମାନଙ୍କ ପାଇଁ ନାଟ୍ୟ ଜଗତରେ କ୍ରାନ୍ତିକାରୀ ପରିବର୍ତ୍ତନ ପରିଲକ୍ଷିତ ତନ୍ମଧ୍ୟରୁ ଜଣେ ବଳିଷ୍ଠ ନାଟ୍ୟକାର ହେଉଛନ୍ତି ବିଜୟ ମିଶ୍ର। ମନୋରଞ୍ଜନ ମିଶ୍ରଙ୍କ ଦ୍ୱାରା ପ୍ରୟାସ ହୋଇଥିବା ନବନାଟ୍ୟ ଆନ୍ଦୋଳନର ଧାରାକୁ ଏକ ପରିପୁଷ୍ଟ ରୂପଦେବାରେ ମିଶ୍ରଙ୍କ ପ୍ରୟାସ ଉଲ୍ଲେଖଯୋଗ୍ୟ। ଶବବାହକମାନେ(୧୯୬୮) , ଦୁଇଟି ସୂର୍ଯ୍ୟଦଗ୍ଧ ଫୁଲକୁ ନେଇ(୧୯୭୨), ତଟନିରଞ୍ଜନା(୧୯୭୮) ଆଦି ପରୀକ୍ଷାମୂଳକ ନାଟକଗୁଡିକରେ ନାଟ୍ୟକାରଙ୍କ ବୌଦ୍ଧିକତା ତଥା ଅନ୍ୱେଷଣଧର୍ମୀ ଜିଜ୍ଞାସାର ପରିଚୟ ମିଳେ।

ପାଶ୍ଚାତ୍ୟ ସାରସ୍ୱତ ଧାରାର ପ୍ରଭାବରେ ଓଡିଆ ସାହିତ୍ୟରେ ନବନାଟ୍ୟ ଧାରା ଗତିଶୀଳ ହେବା ସମୟରେ ୧୯୭୮ ମସିହାରେ

**ଯୋଗାଯୋଗ :**
**ମମତା ରାଣୀ ବାରିକ୍, ଭାଷା ଓ ସାହିତ୍ୟ ବିଭାଗ,**
**ଫକୀର ମୋହନ ବିଶ୍ୱ ବିଦ୍ୟାଳୟ, ବ୍ୟାସ ବିହାର, ବାଲେଶ୍ୱର**
**Email :** barikmamata2001@gmail.com
**ORCID ID :** https://orcid.org/0009-0001-2204-8481

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୧.୨୦୨୪ | ୧୦.୦୧.୨୦୨୫ | ୨୫.୦୨.୨୦୨୫ | ୧.୦୩.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବାରିକ୍, ମମତା ରାଣୀ, ୨୦୨୫। ଜୀବନର ସୂକ୍ଷ୍ମ ବିଶ୍ଳେଷଣ – 'ତଟନିରଞ୍ଜନା' ଏକ ଅନୁଶୀଳନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ୦, ପୃଷ୍ଠା : ୫୪-୫୬।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253256

Article No - BPP00279

ଆଲୋଚ୍ୟ ତଟନିରଞ୍ଜନା ନାଟକର ଉନ୍ମେଷ ଘଟିଥିଲା। ସେହି ବର୍ଷପାଇଁ ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ନାଟକ ଭାବେ ଆକାଶବାଣୀ ପୁରସ୍କାର ପ୍ରାପ୍ତ ଉକ୍ତ ନାଟକରେ ପାରମ୍ପରିକ ଇତିହାସର କଥାବସ୍ତୁରେ ସାର୍ବକାଳିକ ତଥା ସାର୍ବଜନୀନ ଭାବସତ୍ୟର ଜିଜ୍ଞାସା ପରିଲକ୍ଷିତ ହୋଇଛି। ନାଟ୍ୟକାର ସ୍ପଷ୍ଟଭାବେ ସୂଚାଇଛନ୍ତି ଯେ , ଏହାର ଚରିତ୍ର କୌଣସି ଧର୍ମ ଆଧାରିତ ବ୍ୟକ୍ତିସତ୍ତା ନୁହଁନ୍ତି , ସେମାନେ କେବଳ ଏକ ଏକ ପ୍ରତୀକ ରୂପେ ବ୍ୟବହୃତ। ବ୍ୟକ୍ତି ଏବଂ ଅନୁଷ୍ଠାନ ମଧ୍ୟରେ ଥିବା ସମ୍ପର୍କ ଓ ପ୍ରଭାବ ନାଟକର ମୁଖ୍ୟ ଭାବବସ୍ତୁ ହୋଇଥିଲେ ମଧ୍ୟ ଜୀବନର ସୂକ୍ଷ୍ମ ବିଶ୍ଳେଷଣ ନାଟକର ପ୍ରତି ଛତ୍ରେ ଛତ୍ରେ ହୃଦବୋଧ କରିହୁଏ।

## ବିଷୟାନୁସାରୀ ବିଶ୍ଳେଷଣ

ଜୀବନ ବଡ ବୈଚିତ୍ର୍ୟମୟ। ବ୍ୟକ୍ତିଭେଦରେ ଓ ଦୃଷ୍ଟିଭେଦରେ ଏହାର ସ୍ଥିତି ତଥା ରୂପରେଖର ଭିନ୍ନତା ଦୃଶ୍ୟମାନ ହୁଏ। ମାତ୍ର ଏହା ଏକ ପରିବର୍ତ୍ତିତ ପ୍ରକ୍ରିୟା। ସମୟାନୁସାରୀ ଏହା ନିଜର ସ୍ୱରୂପର ପରିବର୍ତ୍ତନ ଘଟାଇଚାଲେ। ତେଣୁ ଚିରନ୍ତନ ସତ୍ୟ ବୋଲି ଯାହା ସାମ୍ପ୍ରତିକ କାଳରେ ସ୍ୱୀକୃତ ହୁଏ, ପରବର୍ତ୍ତୀ କାଳରେ ତାର ରୂପ ଭିନ୍ନ ହୋଇଥାଏ। ଏହି ସୂକ୍ଷ୍ମତତ୍ତ୍ୱକୁ ହୃଦୟଙ୍ଗମ କରିବା ତତୋଧିକ କଷ୍ଟସାପେକ୍ଷ। ଆଲୋଚ୍ୟ ନାଟକରେ ଏହିପରି ବହୁ ପ୍ରସଙ୍ଗରେ ଅବତାରଣା ହୋଇଥିବା ଦୃଶ୍ୟମାନ ହୁଏ।

ସତ୍ୟର ଅନ୍ୱେଷଣ ନିମନ୍ତେ ଏକ ନିସ୍ତବ୍ଧ ରାତ୍ରିରେ କପିଳାବସ୍ତୁର ରାଜପ୍ରସାଦକୁ ପରିତ୍ୟାଗ କରି ଏକଦା ମହାନୁଭବ ଗୌତମ ଶରୀରକୁ ଅନେକ କଷ୍ଟ ଦେଇଥିଲେ। ଜରା, ରୋଗ , ମୃତ୍ୟୁ ପରି ଦୁଃଖଠାରୁ ମୁକ୍ତି ପାଇଁ ମନରେ ଯେଉଁ ଆଲୋଡନ ଜାତ ହୋଇଥିଲା ତାର ଉତ୍ତର ଲାଗି ସେଦିନ ପଛରେ ରହିଯାଇଥିଲା ରାଜତ୍ୱ , ପତିତ୍ୱ , ଏବଂ ପିତୃତ୍ୱ। ନିରଞ୍ଜନା ନଦୀତଟର ଅଶ୍ୱତ୍ଥ ବୃକ୍ଷମୂଳରେ ସାଧନାରତ ଗୌତମ ବହୁଦିନପରେ ଯେଉଁ ଜ୍ଞାନ ପ୍ରାପ୍ତ ହୋଇଥିଲେ। ତାହା ପରବର୍ତ୍ତୀ କାଳରେ ସମଗ୍ର ବିଶ୍ୱରେ ଏକ ନୂତନ ଆଲୋଡନ ସୃଷ୍ଟି କରିଥିଲା। ତାଙ୍କ ମତରେ ଜୀବନ ହେଉଛି ଦୁଃଖପୂର୍ଣ୍ଣ ଏବଂ ଦୁଃଖର କାରଣ କାମନା। ତେଣୁ ଦୁଃଖରୁ ଉର୍ଦ୍ଧ୍ୱତର ଯିବା ପାଇଁ ହେଲେ କାମନାର ବିନାଶ ହେବା ଅବଶ୍ୟମ୍ଭାବୀ। ହେଲେ ଏହି ସତ୍ୟକୁ ଚିରକାଳ ପାଇଁ ସମସ୍ତେ ଅନ୍ଧାନୁସରଣ କରିବେ ଅଥବା ଏହା ହିଁ ସର୍ବଶେଷ ସତ୍ୟ ବୋଲି ଗ୍ରହଣ କରିବା ନିମନ୍ତେ ଅନେକ ହୃଦୟରେ ଉଠିଛି ପ୍ରଶ୍ନ। ଇଚ୍ଛାମତୀ ସୁଜାତା ପରି ବ୍ୟକ୍ତିଙ୍କ ହୃଦୟରେ ଆଜି ଅନେକ ଦ୍ୱନ୍ଦ୍ୱ। ତଥାଗତଙ୍କ ସତ୍ୟ ପ୍ରତି ଏମାନଙ୍କ ମନରେ ପ୍ରଶ୍ନ ଉଠିଛି ଏବଂ ଅତୃପ୍ତି ଆସିଛି। ଇଚ୍ଛାମତୀ ତେଣୁ ପ୍ରଶ୍ନ କରେ ଯେ, ଦୁଃଖଠାରୁ ମହତ୍ ଏବଂ ସ୍ୱର୍ଣ୍ଣତର କଣ ? ସୁରେନ୍ଦ୍ର ମହାନ୍ତିଙ୍କ 'ରୁଟି ଓ ଚନ୍ଦ୍ର' ଗଳ୍ପରେ ଯେପରି ଲଳିତା ପ୍ରାଚୁର୍ଯ୍ୟ ଠାରୁ ବୃହତ୍ତର ଲକ୍ଷ୍ୟର ସନ୍ଧାନ କରିଥିଲା ଠିକ୍ ସେପରି ନିର୍ବାଣ ଏବଂ ଦୁଃଖ ଠାରୁ ମହତ୍ତର ଲକ୍ଷ୍ୟକୁ ସେ ଖୋଜି ଚାଲିଛି। ଉତ୍ପାଦନ ଓ ବଂଟନ , ପୁରା ମଜୁରୀ ଓ ପୁରା ପେଟ ମାର୍କ୍ସବାଦୀମାନଙ୍କର ଲକ୍ଷ୍ୟ ହୋଇଥିଲେ ହେଁ ତାହା ଯେପରି କେବଳ ଜୀବନର ଏକ ପ୍ରୟୋଜନ , ତାହା ଲକ୍ଷ୍ୟ ନୁହେଁ ଠିକ୍ ସେହିପରି କାମନା ଠାରୁ ଦୂରକୁ ଯିବା ପାଇଁ ପ୍ରୟାସ କରି ମଣିଷ ହୋଇପଡିଛି ଭୀରୁ, ପଙ୍ଗୁ ଏବଂ ଅଥର୍ବ। ସେ ଏକ ପରିଚାଳିତ ଜୀବ ପାଲଟି ଯାଇଛି। ସୁରେନ୍ଦ୍ର ମହାନ୍ତିଙ୍କ 'ମହାନିର୍ବାଣ' ଗଳ୍ପରେ

ଶରୀରକୁ କେବଳ ଅସ୍ଥିଖଣ୍ଡ ବୋଲି କୁହାଗଲା ପରି ଏଠାରେ ମଧ୍ୟ ଶରୀରକୁ କେବଳ ଏକ ଚର୍ମର ଦୁର୍ଗରୂପେ ଅଭିହିତ କରାଯାଇଛି। ମାତ୍ର ପ୍ରଶ୍ନ ଏହାକି ଏହି ଅସ୍ଥି ଏବଂ ସର୍ବସ୍ୱ ଶରୀର ପାଇଁ ତେବେ ନିର୍ବାଣର ପ୍ରୟୋଜନ କଣ ? କାହିଁକି ଉତ୍ତରଣ ନାମରେ ବ୍ୟକ୍ତିର ସ୍ୱାଧୀନତା ଅପହୃତ କରାଯାଏ ଏବଂ କର୍ତ୍ତୃତ୍ୱ କାଢି ନିଆଯାଏ ? 'ସାରିପୁତ୍ତ' ଗଳ୍ପରେ ରୂପଶ୍ରୀ ଯେପରି ନିର୍ବାଣ ପରିବର୍ତ୍ତେ ଜୀବନ ଆକାଂକ୍ଷାରେ ମଧ୍ୟ ସେହିପରି ଦୁଃଖକୁ ବାସ୍ତବିକ ସତ୍ୟ ରୂପେ ସ୍ୱୀକାର କରିଛି। ତାର ମତରେ ସତ୍ୟର ଅନ୍ୟ ଏକ ରୂପ ହେଉଛି ଦୁଃଖ। ତେଣୁ ସେ କାମନାର ସ୍ୱରୂପକୁ ଜାଣିବାକୁ ଇଚ୍ଛୁକ। କାମନା କାହିଁକି ତାର ରୂପ କଣ ଆଦି ଅନେକ ପ୍ରଶ୍ନ ଉଙ୍କିମାରୁଛି ତାର ମନରେ। କାମନାର କଣ ସତରେ ବିନାଶ ହୋଇଥାଏ। କାମନା ବିନାଶର ଉଦ୍ଦେଶ୍ୟ ମଧ୍ୟ ଏକ କାମନା। ତେଣୁ ବ୍ୟକ୍ତି ପାର୍ଥିବ ଜୀବନକୁ ଶୁଦ୍ଧପୂତ କରିବା ପାଇଁ ଆଶା ,ଆକାଂକ୍ଷାକୁ ଅସ୍ୱୀକାର କରିବ କାହିଁକି ? ମୃତ୍ୟୁପରି ସତ୍ୟ କାମନାକୁ ବିନାଶ କରି ଅହଙ୍କାର , ଦୁଃଖ , ପରୀକ୍ଷାକୁ ପରିତ୍ୟାଗ କରି ମଣିଷ କଣ ବାସ୍ତବରେ ମଣିଷ ହୋଇ ରହିପାରିବ ? ଏପରି ଜିଜ୍ଞାସା ଏବଂ ପରିହାସ ମହାନୁଭବ ତଥାଗତଙ୍କୁ ମଧ୍ୟ ପୁନଃ ସତ୍ୟର ଅନ୍ୱେଷଣ ପାଇଁ ଉତ୍ସାହିତ କରିଛି। ତାଙ୍କର ହୃଦବୋଧ ହୋଇଛି ସ୍ଥିର ହୋଇ ବସି ରହିବା ଦ୍ୱାରା ମୋହ ବସାବାନ୍ଧିବା ଆରମ୍ଭ କରେ। ତେଣୁ ଗତି ଚିରନ୍ତନ ଭାବେ ଚାଲିବା ପ୍ରୟୋଜନ। ତଦ୍ୱାରା ନୂତନ ଅଭିଜ୍ଞତା ଆହରଣ ହେବ ତଥା ସତ୍ୟର ଉପରେ ପ୍ରଶ୍ନ ଆଣିଥିଲେ। ଜୀବନରେ ବୋଧହୁଏ ତାହା ହିଁ ଘଟେ, ନିଜର ବକ୍ତବ୍ୟ ଉପରେ ଅନ୍ୟ କେହି ସନ୍ଦେହ କଲେ ବ୍ୟକ୍ତି ମନରେ ଭୟ ସଂଚାର ହୁଏ ଠିକ୍ ଯେପରି ତଥାଗତ।

ଯେଉଁ ପ୍ରଶ୍ନର ଦ୍ୱନ୍ଦ୍ୱରେ ତଥାଗତ ଆଦି ଉପସ୍ଥିତ ତାର ସମାଧାନ କରିବାକୁ ଆସି ସେ ହୃଦବୋଧ କରିଛନ୍ତି ଯେ ଜୀବନର ସ୍ୱରୂପ ଭିନ୍ନ। ଜୀବନ କେବଳ ପ୍ରଶ୍ନର ପରିକ୍ରମା ଏବଂ ସାରା ଜୀବନ ଖାଲି ସେହି ପ୍ରଶ୍ନର ସମାଧାନ ପାଇଁ ପ୍ରୟାସ କରାଯାଏ। କିନ୍ତୁ ସେ ପ୍ରଶ୍ନ କେବେ ସମାଧାନ ହୁଏନା। ପୁଣି ସେହି ସ୍ମୃତି ତାଙ୍କୁ ବିଚଳିତ କରେ ଯେଉଁଦିନ ସେ ସୁଜାତାଙ୍କୁ ଉପଦେଶ ଦେଇଥିଲେ ଯେ ଆହାର , ନିଦ୍ରା , ମୈଥୁନ ମଣିଷ ଜୀବନ ଧାରଣର ଉପାଦାନ ହୋଇପାରେ

କିନ୍ତୁ ଜୀବନର ମାନଦଣ୍ଡ ନୁହେଁ। ସେତେବେଳେ ତାଙ୍କ ମନରେ ରୋଗ, ଜରା, ମୃତ୍ୟୁକୁ ନେଇ ଅନେକ ଜିଜ୍ଞାସା ଆନ୍ଦୋଳିତ ହେଉଥିଲା। ଏବେ ସେ ଘଟଣା ତାଙ୍କର ଦୁର୍ବଳତା ବା ପରାଜୟ ପରିମନେ ହେଉଛି। ସେ ନିଜର ଅବିମୃଷ୍ୟକାରିତା ପାଇଁ ନିଜେ ଧିକ୍କାରୁଛନ୍ତି ନିଜକୁ କାରଣ ସେ ଶୂନ୍ୟ ଉତ୍ତରରେ ଫେରାଇ ଦେଇଥିଲେ ସେଦିନ ସୁଜାତାଙ୍କୁ। କିନ୍ତୁ କାହିଁକି ସେହି ଉତ୍ତର ଦେବାରେ ସେ ଅକ୍ଷମ ହେଲେ ତାର ଉତ୍ତର ଆଜି ସେ ସୁଜାତାଙ୍କ ଠାରୁ ଜ୍ଞାତ ହେଲେ। ଏକକାଳୀନ ଯେପରି ସବୁ ପ୍ରଶ୍ନ ମନକୁ ଆସି ନ ଥାଏ, ସବୁ ଉତ୍ତର ମଧ୍ୟ ସେହିପରି ଏକକାଳୀନ ମିଳି ନ ଥାଏ। ସବୁ ପ୍ରଶ୍ନର ଉତ୍ତର ସାଜିଥିବା ସ୍ୱୟଂ ଶାକ୍ୟ ମୁନି ଆଜି କ୍ଳାନ୍ତ , ବାଟବଣା ଏବଂ ଅନେକ ପ୍ରଶ୍ନରେ ଛନ୍ଦାୟିତ। ଯାହାଙ୍କୁ ସବୁ ପ୍ରାପ୍ତିର ପୂର୍ଣ୍ଣତା ଏବଂ ସବୁ ରାତିର ଶେଷ ବୋଲି ଘୋଷଣା କରାଯାଇଥିଲା ସେ ପୁଣି ଆଜି ନୂତନର ଅନ୍ୱେଷଣ ପାଇଁ ବ୍ୟଗ୍ର। ହେଲେ କିଛି ଆବିଷ୍କାର କରିବା ପୂର୍ବରୁ ସେ ନିଜେ ଆବିଷ୍କୃତ ହୋଇଛନ୍ତି। ପ୍ରତି ଜୀବନରେ ବୋଧହୁଏ ଏହିପରି ଆକୁଳତା ଓ ସ୍ୱପ୍ନ ରହିଯାଏ , ଯାହାକୁ ପୂର୍ଣ୍ଣ କରିବା ପୂର୍ବରୁ ସେ ଫାନ୍ଦରେ ବନ୍ଦୀ ହୋଇଯାଏ ଯେପରି ତଥାଗତ। ବ୍ୟକ୍ତିଭେଦରେ ଭିନ୍ନ ଭିନ୍ନ ଆକାଂକ୍ଷା ରହିଥାଏ ସମସ୍ତଙ୍କ ଠାରୁ ଯେପରି ସୁଜାତା , ଇଚ୍ଛାମତୀ , ଗୋପା ଆଦିଙ୍କର କଥାଭିନ୍ନ ଜଣଙ୍କଠାରୁ ଅନ୍ୟ ଜଣଙ୍କର। ତେଣୁ ଆକାଂକ୍ଷା ଭିନ୍ନ ଏବଂ ବକ୍ତବ୍ୟ ଭିନ୍ନ ହେତୁ ଉତ୍ତର ମଧ୍ୟ ଗୋଟିଏ ନ ହୋଇ ହେବ ଭିନ୍ନ। ତେଣୁ ଗୌତମ ଶେଷ ନୁହନ୍ତି ଏବଂ ତାଙ୍କ କାହାଣୀ ମଧ୍ୟ ଶେଷ କାହାଣୀ ନୁହେଁ। ତେଣୁ ସତ୍ୟର ଶେଷ ଆବିଷ୍କାର କେବେ ସମ୍ଭବ ନୁହେଁ। କାରଣ ଚାଲିବାର ଶେଷ ଏଠାରେ ହୁଏ ନାହିଁ ଏବଂ ଯେଉଁଠାରେ ଶେଷ ହୁଏ ସେଠାରେ ପୁଣି ଆରମ୍ଭ ହୁଏ ନୂତନତାର ସ୍ୱପ୍ନ।

ସମୟ ଅତିକ୍ରାନ୍ତ ହୁଏ ଏବଂ ବୟସ ସ୍ୱତଃସ୍ଫୂର୍ତ ଭାବରେ କାମନାକୁ ଜୟ କରେ । ଦେହର ଗ୍ରନ୍ଥ ଶିଥିଳ ହୁଏ ଏବଂ ଉତ୍ତାପ ହୋଇଯାଏ ଶୀତଳ କିନ୍ତୁ କେବଳ ରହିଯାଏ ସ୍ମୃତି। ଏ ଜୀବନ ବୃକ୍ଷଟି ସେତେବେଳକୁ ବହୁ ଫଳରେ ଅବନତ ହୋଇପଡେ ଏବଂ ତାର ଶାଖା ଭୁଇଁକୁ ଛୁଇଁଥାନ୍ତି। ଅଶାନ୍ତ ସମୁଦ୍ର ପରି ଅସଂଖ୍ୟ ଢେଉ ଆସୁଥାଏ ଜୀବନରେ, ହେଲେ କେହି କୂଳ ଲଂଘି ପାରନ୍ତିନି। ହେଲେ କୂଳକୁ ଅତିକ୍ରମ କରି ପୁଣି ଗୌତମ ନୂତନ ସ୍ୱପ୍ନ ଦେଖିଛନ୍ତି। କାରଣ କୂଳରେ ଅଟକିଗଲେ ସତ୍ୟ ହୁଏ ପରିତ୍ୟକ୍ତ। ପୁଣି ସତ୍ୟ ବ୍ୟକ୍ତିର ପଥ ଅନୁଯାୟୀ ଭିନ୍ନ। ତେଣୁ ନିଜ ପଥକୁ ନିଜେ ଆବିଷ୍କାର କରିବାକୁ ହୁଏ ଯାହା ପ୍ରତ୍ୟେକ ତଥାଗତ ରାହୁଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଂଘର ଉଦ୍ଦେଶ୍ୟ ନିମନ୍ତେ ତଥାଗତଙ୍କୁ ମୌନବ୍ରତ ଧାରଣ କରିବାକୁ ବାଧ୍ୟ କଲାପରି ବ୍ୟକ୍ତିଙ୍କୁ ମଧ୍ୟ ବାଧ୍ୟବାଧକତାରେ ଚୁପ୍ ରହିବାକୁ ହୁଏ। ହେଲେ ଶେଷ ମୁହୂର୍ତ୍ତରେ ତାଙ୍କ ବକ୍ତବ୍ୟ ଏକ ନୂତନ ଦିଶା ଦିଖାଇଥାଏ ଜୀବନକୁ। ମଣିଷର ବିବର୍ତ୍ତନ ପରି ସତ୍ୟ ସମୟ ପରିପ୍ରେକ୍ଷୀରେ ବିକଶିତ ହୁଏ। ତେଣୁ ସର୍ବଶ୍ରେଷ୍ଠ ସତ୍ୟ ବୋଲି କିଛି ନ ଥାଏ। କାମନାର କେବେ ବିନାଶ ହୁଏନା , ତେଣୁ ଦୁଃଖର ମଧ୍ୟ ବିନାଶ ହୁଏନା। ମନରୁ ଉର୍ଦ୍ଧ୍ୱରେ ଯେଉଁ ଜଗତ ଅଛି ସେଇଠି ପାପ, ପୁଣ୍ୟ , ମିଛ , ସତରେ ଅସ୍ତିତ୍ୱ ନଥାଏ। ଆଶାର ଅନ୍ୟନାମ କାମନା ନୁହେଁ। ଦୁଃଖସୁଖ ବିପରୀତ ନୁହଁନ୍ତି। ନିର୍ବାଣ ଜୀବନର ଶେଷ ଉଦ୍ଦେଶ୍ୟ ନୁହେଁ।

ନିରନ୍ତର ଅନ୍ୱେଷଣ କରିବା ହେଉଛି ଜୀବନର ବାସ୍ତବ ଉଦ୍ଦେଶ୍ୟ।ଏହି ଜୀବନକୁ ବୁଝିବା ଏବଂ ବୁଝାଇବା କେତେ କଠିନ ତାହା ଆଲୋଚ୍ୟ ତଟ ନିରଞ୍ଜନା ନାଟକରୁ ହୃଦବୋଧ କରିହୁଏ। ଇଚ୍ଛାମତୀର ପ୍ରଶ୍ନ ଏବଂ ତଥାଗତଙ୍କ ନୂତନ ବାର୍ତ୍ତାର ଅନ୍ୱେଷଣ ମଧ୍ୟଦେଇ ଜୀବନର ବହୁ ଜଟିଳ ଦିଗ ତାତ୍ପର୍ଯ୍ୟ ପୂର୍ଣ୍ଣରୂପେ ଆଲୋଚିତ ହୋଇଛି ଉକ୍ତ ନାଟକରେ। ସର୍ବଶ୍ରେଷ୍ଠ ଏବଂ ସର୍ବଶେଷ ସତ୍ୟ କେବେ ପ୍ରକାଶ କରାଯାଇପାରେନା ଏବଂ ଜୀବନ କେବେ ଦୁଃଖଶୂନ୍ୟ ମଧ୍ୟ ହୁଏନା। କାମନାର ବିନାଶ ପାଇଁ ପ୍ରୟାସ ମଧ୍ୟରେ ଲୁଚି ରହିଥାଏ କାମନା। ତେଣୁ କାମନାର ବିନାଶ ଅସମ୍ଭବ। ବ୍ୟକ୍ତି ଭେଦରେ ଗତି ଭିନ୍ନ ଯୋଗୁଁ ଲକ୍ଷ୍ୟକୁ ମଧ୍ୟ ଆବିଷ୍କାର କରି ଜୀବନକୁ ଅଗ୍ରଗାମୀ କରିବାକୁ ହୁଏ ଏବଂ ସମୟ ସ୍ରୋତରେ ତାହା ମଧ୍ୟ ନିଷ୍ପ୍ରଭ ହୋଇପାରେ। ଏହି ସୂକ୍ଷ୍ମତତ୍ତ୍ୱ ଆଦିକୁ ଜୀବନଧର୍ମୀ ରୂପଦେଇ ସାର୍ବକାଳିକ ଏବଂ ସାର୍ବଜନୀନ ଭାବସତ୍ତାରେ ଏହାକୁ ହୃଦବୋଧ କରାଇବାରେ ତଟନିରଞ୍ଜନା ନାଟକଟି ବାସ୍ତବିକ୍ ସଫଳତାର ଶିଖରକୁ ସ୍ପର୍ଶ କରିଛି।

### ସହାୟକ ଗ୍ରନ୍ଥସୂଚୀ :


୧. ମିଶ୍ର ବିଜୟ , ତଟ ନିରଞ୍ଜନା , ଇଣ୍ଡିଆନ୍ ବୁକ୍ ଡିଷ୍ଟ୍ରିବ୍ୟୁଟର୍ସ , ବାଦାମ୍ବାଡି , କଟକ , ତୃତୀୟ ସଂସ୍କରଣ , ୧୯୯୯।

୨. ତ୍ରିପାଠୀ ସନ୍ତୋଷ , ଆଧୁନିକ ଓଡିଆ ସାହିତ୍ୟର ବିକାଶଧାରା , ଫ୍ରେଣ୍ଡସ୍ ପବ୍ଲିସର୍ସ , ବିନୋଦ ବିହାରୀ କଟକ , ପ୍ରଥମ ସଂସ୍କରଣ, ୨୦୨୦।

୩. ଦାସ ହେମନ୍ତ କୁମାର , ଓଡିଆ ନାଟକ ଓ ରଙ୍ଗମଂଚ , ଓଡିଆ ବୁକ୍‌ଷ୍ଟୋର୍ , ବିନୋଦ ବିହାରୀ , କଟକ , ଦ୍ୱିତୀୟ ସଂସ୍କରଣ, ୨୦୨୨।


❖ ❖ ❖

DOI :https://doi.org/10.5281/zenodo.15253263 ମୂଳ ପ୍ରବନ୍ଧ

# କବି ଦାଶରଥି ଦାସ ଓ 'ବ୍ରଜବିହାର' କାବ୍ୟ : ଏକ ଅନୁଶୀଳନ

**ପ୍ରଦ୍ୟୁମ୍ନ ସାହୁ**

**ସଂକ୍ଷିପ୍ତ ସାର :**

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଗୌଡୀୟ ବୈଷ୍ଣବ ପରମ୍ପରାର ଜଣେ ପ୍ରମୁଖ କବି ହେଲେ ଦାଶରଥି ଦାସ। ତାଙ୍କ ନାମରେ ରଚିତ ବ୍ରଜବିହାର ନାମକ ଏକ ବିଶିଷ୍ଟ କାବ୍ୟ ରହିଛି। ଏହା ଏକ କୃଷ୍ଣରସାତ୍ମକ ଦୀର୍ଘ କାବ୍ୟ। ଏହାର ନାୟକ ହେଲେ ସ୍ୱୟଂ ଶ୍ରୀକୃଷ୍ଣ ଓ ନାୟିକା ହେଲେ ଶ୍ରୀରାଧା ଓ ଗୋପାଙ୍ଗନା। ତେଣୁ ରାଧାକୃଷ୍ଣଙ୍କର ଲୀଳାଖେଳା ହିଁ କାବ୍ୟର ମୁଖ୍ୟ ବିଷୟବସ୍ତୁ। ପୁଣି କୃଷ୍ଣ ଦ୍ୱାରକାରେ ପୂର୍ଣ୍ଣ, ମଥୁରାରେ ପୂର୍ଣ୍ଣତର ଓ ଗୋକୁଳରେ ପୂର୍ଣ୍ଣୋତମ ଅଟନ୍ତି। ତେଣୁ ତାଙ୍କର ବିଭିନ୍ନ ଲୀଳା ମଧ୍ୟରେ ଗୋପଲୀଳା ବା ବ୍ରଜଲୀଳା ହେଉଛି ଶ୍ରେଷ୍ଠ। କବି କୃଷ୍ଣଙ୍କର ଏହି ବ୍ରଜଲୀଳାକୁ ତାଙ୍କର ସମଗ୍ର କାବ୍ୟରେ ବିଶେଷ ଗୁରୁତ୍ୱ ଦେଇ ବିସ୍ତୃତ ଭାବେ ବର୍ଣ୍ଣନା କରିଛନ୍ତି। ଏବଂ ଏହି ଦୃଷ୍ଟିକୋଣରୁ କାବ୍ୟର ନାମକରଣକୁ ବ୍ରଜବିହାର ରଖିଛନ୍ତି। ତେଣୁ କବି ଦାଶରଥି ଦାସ ଓ ତାଙ୍କର କାବ୍ୟ ବ୍ରଜବିହାରକୁ ଆଲୋଚନା କରିବା ସହ ଏଥିରେ ବ୍ୟବହୃତ ଗୌଡୀୟ ବୈଷ୍ଣବ ପରମ୍ପରାର ବିଭିନ୍ନ ତତ୍ତ୍ୱକୁ ଉପସ୍ଥାନା କରିବା ହେଉଛି ଏହି ପ୍ରବନ୍ଧର ମୁଖ୍ୟ ଆଭିମୁଖ୍ୟ ।

**ପ୍ରମୁଖ ଶବ୍ଦାବଳୀ :**

ବ୍ରଜବିହାର, ଗୌଡୀୟ ବୈଷ୍ଣବ ପରମ୍ପରା, ଭଗବତ୍ ତତ୍ତ୍ୱ, ଗୋପୀତତ୍ତ୍ୱ, ଭକ୍ତି ଓ ପ୍ରେମତତ୍ତ୍ୱ, ଗୁରୁବାଦ।

(ଏକ)

ଓଡ଼ିଆ ସାହିତ୍ୟ ଜଗତରେ ପଞ୍ଚସଖା ଯୁଗର ଅବସାନ ପରେ ଆବିର୍ଭାବ ହେଲା ମଧ୍ୟଯୁଗ। ଏହାର ସମୟସୀମା ପ୍ରାୟ ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧଠାରୁ ଆରମ୍ଭ କରି ଉନବିଂଶ ଶତାବ୍ଦୀର ମଧ୍ୟକାଳୀନ ବା ଶେଷ ପର୍ଯ୍ୟନ୍ତ ବିସ୍ତୃତ। ଏହାକୁ ମୂମ୍ନଯୁଗ ବ୍ୟତୀତ ରୀତି ଯୁଗ ବୋଲି ମଧ୍ୟ କୁହାଯାଇଥାଏ। କାରଣ,ଏହି ସମୟରେ ସୃଷ୍ଟ କାବ୍ୟ କବିତାମାନ ସ୍ୱତନ୍ତ୍ର ଏକ ଶୈଳୀ ବା ରୀତିରେ ରଚିତ । ପୁଣି ଉକ୍ତ ଯୁଗର କବିମାନେ ତାଙ୍କ କାବ୍ୟରେ ବିଶେଷ ଭାବରେ ବିଭିନ୍ନ ଅଳଙ୍କାରକୁ ଗୁରୁତ୍ୱ ଦେଇଥିବାରୁ କେହି କେହି ଏହାକୁ ଆଳଙ୍କାରିକ ଯୁଗ ନାମରେ ମଧ୍ୟ ଅଭିହିତ କରିଥାନ୍ତି। ସଂସ୍କୃତ ସାହିତ୍ୟର କାବ୍ୟପରମ୍ପରା ହେଉଛି ରୀତିଯୁଗୀୟ କବିମାନଙ୍କ ଆଦର୍ଶ। ତେଣୁ ରୀତିଯୁଗୀୟ କବିମାନେ ସଂସ୍କୃତ ସାହିତ୍ୟର ପ୍ରତିସ୍ପର୍ଦ୍ଧାରେ ମାତୃଭାଷାରେ ସାହିତ୍ୟ ସର୍ଜନା କରୁଥିବାରୁ ସଂସ୍କୃତ ରୀତି, ଶୈଳୀ ଓ କାବ୍ୟ ଧର୍ମକୁ ବଂଚାଇ ରଖି ଅନୁରୂପ ସାହିତ୍ୟ ରଚନା କରୁଥିଲେ । ଏବଂ ସ୍ଥଳ ବିଶେଷରେ ସଂସ୍କୃତ କବିମାନଙ୍କ ଶୈଳୀ ଓ ଆଦର୍ଶକୁ ଅତିକ୍ରମ କରିବାକୁ ମଧ୍ୟ ଚେଷ୍ଟିତ ଥିଲେ। ତେଣୁ ଏହି ଯୁଗ ଓଡ଼ିଆ ସାହିତ୍ୟରେ ଏକ ନୂତନ ଧାରାର ସୂତ୍ରପାତ ଘଟାଇଲା। ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ପୌରାଣିକ କାବ୍ୟ ସହ କାଳ୍ପନିକ କାବ୍ୟର ଉନ୍ମେଷ ହେଲା। ରାଜପୁତ୍ର ଓ ରାଜକନ୍ୟାଙ୍କୁ ନେଇ କାଳ୍ପନିକ କାବ୍ୟ ଓ ପୁରାଣ ପ୍ରସଙ୍ଗକୁ ଆଧାର କରି ଅନେକ ପୌରାଣିକ କାବ୍ୟ ରଚିତ ହୋଇଥିଲା। ଫଳସ୍ୱରୂପ ମଧ୍ୟଯୁଗୀୟ ସାହିତ୍ୟ ଉଭୟ ପ୍ରକାର କାବ୍ୟଦ୍ୱାରା ସମୃଦ୍ଧଶାଳୀ ହୋଇପାରିଥିଲା। ଏହି ଯୁଗର ସାହିତ୍ୟକୁ ନିଜ କାବ୍ୟପ୍ରତିଭା ଦ୍ୱାରା

**ଯୋଗାଯୋଗ :**
**ପ୍ରଦ୍ୟୁମ୍ନ ସାହୁ,** (ଗବେଷକ)
ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**Email :** pradyumnasahu814@gmail.com
**ORCID ID:** https://orcid.org/0009-0004-8587-5777

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୧.୨୦୨୪ | ୧୦.୦୧.୨୦୨୫ | ୨୫.୦୨.୨୦୨୫ | ୧.୦୩.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ପ୍ରଦ୍ୟୁମ୍ନ; ୨୦୨୫। କବି ଦାଶରଥି ଦାସ ଓ 'ବ୍ରଜବିହାର' କାବ୍ୟ : ଏକ ଅନୁଶୀଳନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ୦, ପୃଷ୍ଠା :୫୭-୬୫।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.15253263
Article No - BPPP00280

ପରିପୁଷ୍ଟ କରିଥିବା କବିମାନଙ୍କ ମଧ୍ୟରେ ହେଲେ, ଧନଞ୍ଜୟ ଭଞ୍ଜ, ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ, ଲୋକନାଥ ବିଦ୍ୟାଧର, ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତି । ଏମାନଙ୍କ ବ୍ୟତୀତ ଏହି ଯୁଗର ଆଉ ଜଣେ ଯୁଗଜନ୍ମା କବି ହେଲେ ଦାଶରଥି ଦାସ । ଯିଏକି ନିଜ କାବ୍ୟକୃତି ମାଧ୍ୟମରେ ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଥିଲେ । ତାଙ୍କ ନାମ ଭଣିତା ଥାଇ 'ବ୍ରଜବିହାର' ନାମକ ଏକ କୃଷ୍ଣକାବ୍ୟ ରହିଛି । ବହୁ ଦୃଷ୍ଟିକୋଣରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ରଚନା ।

## କବି ପରିଚୟ :

ପ୍ରାଚୀନ ଓ ମଧ୍ୟଯୁଗୀୟ ସମୟର ଅନେକ କବିଙ୍କ ଜନ୍ମ ସମୟ ବା ପରିଚୟ ସଠିକ୍ ଭାବେ ନିରୁପଣ କରିବା ଏକ କଷ୍ଟସାଧ୍ୟ ବ୍ୟାପାର । କେତେକ କବି ନିଜ ସୃଷ୍ଟି ମଧ୍ୟରେ ନିଜର ଜନ୍ମ ସମୟ ସ୍ପଷ୍ଟ ଭାବେ ଉଲ୍ଲେଖ କରିଯାଇଥିବା ବେଳେ ପୁଣି କେତେ କବି ନିଜ କାବ୍ୟ ମଧ୍ୟରେ କୌଣସି ସୂଚନା ହିଁ ପ୍ରଦାନକରି ନଥାନ୍ତି। ଯାହା ଫଳରେ ସେମାନଙ୍କ ରଚନାର ବିଭିନ୍ନ ଉପାଦାନ ଯଥା- ତତ୍କାଳୀନ ରାଜା ବା ବିଶିଷ୍ଟ ବ୍ୟକ୍ତିଙ୍କ ବିଷୟ, କୌଣସି ଐତିହାସିକ ଘଟଣା, ଯୁଦ୍ଧ, ତତ୍କାଳୀନ ଧାର୍ମିକ ଚିତ୍ର, ଭାଷା, ବର୍ଣ୍ଣନାଶୈଳୀ ଇତ୍ୟାଦିକୁ ଅବଲମ୍ବନ କରି କବିଙ୍କ ଜନ୍ମଜାତକ ବା ପରିଚୟ ନିରୂପଣ କରାଯାଇଥାଏ। ବ୍ରଜବିହାରରେ କବି ନିଜ ଜନ୍ମଜାତକ ତଥା ପିତାମାତାଙ୍କ ସଂମ୍ପର୍କରେ ବିଶେଷ କିଛି ସୂଚନା ଦେଇନାହାନ୍ତି। କେତୋଟି ମାତ୍ର ପଂକ୍ତିରେ ନିଜ ଜନ୍ମସ୍ଥାନ ଓ ନିଜ ଗୋତ୍ର ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏହି ପଂକ୍ତିକୁ ଆଧାରକରି କୁହାଯାଏ ପାରେ ଯେ, ସେ ଜଣେ ସିଠି କରଣ ବା ଶିଷ୍ଟ କରଣ ବଂଶର ଦାୟାଦ ଓ ଗୋତ୍ର ଥିଲା କାଶ୍ୟ । ତାଙ୍କର ଜନ୍ମସ୍ଥାନ ରଣପୁର ମଣ୍ଡଳ। କାବ୍ୟର ୯ମ ଓ ୧୦ମ ବୋଲିରେ କବି ଏହା ଉଲ୍ଲେଖ କରିଛନ୍ତି । ଯଥା –

"କାଶ୍ୟପ ଗୋତ୍ରେ ହୋଇ ଜାତ ।
ସିଠି କରଣ କୂଳେ ଖ୍ୟାତ ॥ (୯ମ ବୋଲି)
ରଣପୁର ମଣ୍ଡଳେ ମୋର ବାସ ।
ନାମ ବିଦିତ ଦାଶରଥି ଦାସ ॥"(୧୦ମ ବୋଲି)

ତେଣୁ ସେ ଜୀବନର ପରିଣତ ବୟସରେ ସେ ଶ୍ରୀକ୍ଷେତ୍ରରେ ହିଁ ଅତିବାହିତ କରିଛନ୍ତି । ସେଠାରେ ଅବସ୍ଥାନ କାଳରେ ହିଁ ତାଙ୍କର ଦେହାନ୍ତ ହୋଇଛି । ସେ ତାଙ୍କ ରଚିତ ବିଶାଳ କାବ୍ୟଗ୍ରନ୍ଥରେ ବା ମଙ୍ଗଳାଚରଣ ଅଂଶଗୁଡ଼ିକରେ ଥରେ ହେଲେ ଶ୍ରୀଜଗନ୍ନାଥଙ୍କ ବନ୍ଦନାଗାନ କରି ନାହାନ୍ତି, ଏଥିରୁ ଜଣାପଡ଼େ ଯେ ତାଙ୍କ ମନ ରାଧାକୃଷ୍ଣ ପ୍ରେମରସ ସାଗରରେ ଗଭୀର ଭାବେ ନିମଜ୍ଜିତ ଥିଲା। ତେଣୁ କବି ଓ ତାଙ୍କ କାବ୍ୟଧାରାଟି ଗୌଡୀୟ ବୈଷ୍ଣବ ଧର୍ମଧାରାରେ ଅନୁପ୍ରାଣିତ। ପୁଣି କବିଙ୍କୁ ବ୍ରଜ ଶିରୋମଣି ରୂପେ ଏକ ଆଦର୍ଶ ଶ୍ରୀଚୈତନ୍ୟ ପନ୍ଥୀ ରୂପେ ଗଢି ତୋଳିବାରେ ମୂଳପୁରୁଷ ଥିଲେ ତାଙ୍କ ଗୁରୁ କଣ୍ଠ ଦାସ । ତେଣୁ କାବ୍ୟର ବହୁ ସ୍ଥାନରେ ତାଙ୍କୁ ଭକ୍ତି ଅର୍ଘ୍ୟ ଅର୍ପଣ ସ୍ୱରୂପ ନିଜ ଗୁରୁଦେବଙ୍କ ନାମକୁ ଉଲ୍ଲେଖ କରିଛନ୍ତି। ଯଥା–

"ଗୁରୁଦେବ କଣ୍ଠଦାସ ଗୋସାଇଁ ।
ପାଦ ଆଶ୍ରେ ଏହୁ ରସ ବସାଇ ॥ (୧ମ ବୋଲି)
ଗୁରୁଦେବ କଣ୍ଠଦାସ ପଦେ ସେବି।
ଦେଶ ଭାଷାରେ ଗୋକୁଳ ଲୀଳା ଭାବି ॥ (୨ୟ ବୋଲି)
ଜୀବକାରଣ ଶ୍ରୀକଣ୍ଠ ଦାସ ଗୋସାଇଁ।
ମହାରସ ଦେଶଭାଷା ପାଦେ ବସାଇ ॥ (୩ୟ ବୋଲି)

ଆଦିକବି ସାରଳା ଦାସ ଯେମିତି ତାଙ୍କ ମହାଭାରତ ଗ୍ରନ୍ଥରେ ନିଜକୁ ଅଜ୍ଞ,ମୂର୍ଖ,ଅଣ୍ଡିତ ଭାବେ ପ୍ରମାଣିତ କରି ନିଜର ଅହଂକାର ଶୂନ୍ୟ ଭାବକୁ ପ୍ରକାଶ କରିଛନ୍ତି, ଠିକ ସେହିପରି କବି ଦାଶରଥି ଦାସ ମଧ୍ୟ ନିଜକୁ କାବ୍ୟର ଅନେକ ସ୍ଥଳରେ ଏହିରୂପେ ବର୍ଣ୍ଣନା କରିଛନ୍ତି। ଏଥି ସହିତ ନିଜ ଗୁରୁଙ୍କ ଆଶୀର୍ବାଦ ହିଁ ତାଙ୍କ ହୃଦୟରେ କବିତ୍ୱ ଭାବ ସ୍ଫୁରିତ ହୋଇଛି, ଯାହା ଫଳରେ ସେ ଏହି ବ୍ରଜବିହାର କାବ୍ୟ ରଚନା କରିବାରେ ସକ୍ଷମ ହୋଇଛନ୍ତି।

ଏଥିରୁ ଜଣାପଡ଼େ ତାଙ୍କର ଅହଂକାର ଶୂନ୍ୟ ତଥା ଉଦାରବାଦୀ ମନୋଭାବ। ଏହାସହ ସେ ଜଣେ ଚୈତନ୍ୟପନ୍ଥୀ ବୈଷ୍ଣବ ଥିବାରୁ ତାଙ୍କ କାବ୍ୟରେ ଗୁରୁଙ୍କ ମହିମା ବଖାଣିବା ସହ ସେମାନଙ୍କର ଆଶ୍ରିବାଦ ଭିକ୍ଷା କରିଛନ୍ତି । ପୁଣି ବୈଷ୍ଣବୀୟ ଗୁରୁ ପରମ୍ପରା ରୀତିରେ ତାଙ୍କ କାବ୍ୟର ଷଷ୍ଠ ବୋଲିର ଆଦ୍ୟରେ ଅଷ୍ଟ ଚତୁଃଷଷ୍ଠୀ ଗୁରୁଙ୍କୁ ବନ୍ଦନା କରିଛନ୍ତି। ଏବଂ ସଂସାର ସାଗରେ ନିଜ ଜୀବନ ରୂପକ ନୌକାକୁ ଗୁରୁଙ୍କ ମାଧ୍ୟମରେ ହିଁ ପାରି ହେବାର ଉଲ୍ଲେଖ କରିଛନ୍ତି ।

## (ଦୁଇ)

## ବ୍ରଜବିହାର କାବ୍ୟର ସମୟ ଖଣ୍ଡ

ଓଡ଼ିଆ ଭାଷାରେ ପ୍ରାୟତଃ ଦୁଇଖଣ୍ଡ ବ୍ରଜବିହାର କାବ୍ୟ ରଚନା କରାଯାଇଥିବାର ସୂଚନା ମିଳେ। ଖଣ୍ଡିଏ 'ବ୍ରଜବିହାର' କଟକ ଜିଲାର ଡାଳିଯୋଡ଼ାବାସୀ ଭାଗିରଥି ଖରସୁଧା ପଟ୍ଟନାୟକଙ୍କ ପୁତ୍ର କୃପାସିନ୍ଧୁ ଦାସ(ପଟ୍ଟନାୟକ)ଙ୍କଦ୍ୱାରା ରଚିତ ଓ ଅନ୍ୟଟି ଦାଶରଥି ଦାସଙ୍କ ଦ୍ୱାରା ରଚିତ । କୃପାସିନ୍ଧୁ ଦାସଙ୍କଦ୍ୱାରା ରଚିତ ଗ୍ରନ୍ଥଟିର ମୋଟ ପଦସଂଖ୍ୟା ୯୯୮ଟି ବୋଲି। କବି ତାଙ୍କ ବ୍ରଜବିହାର ଗ୍ରନ୍ଥରେ ରାଧା କୃଷ୍ଣଙ୍କ ପ୍ରଣୟ କଳହ ମାନ ଓ ମିଳନାଦିର ବର୍ଣ୍ଣନା କରିଛନ୍ତି। ତାଙ୍କ ଗ୍ରନ୍ଥ ବୀରକେଶରୀ ଦେବ(୧୭୩୭-୯୨)ଙ୍କ ୧୩ଅଙ୍କ କନ୍ୟା ମାସ ୫ମୀ ଗୁରୁବାର ଦିନ ଶେଷ ହୋଇଥଲା ବୋଲି ପ୍ରମାଣ ମିଳେ। ଦାଶରଥି ଦାସଙ୍କଦ୍ୱାରା ରଚିତ 'ବ୍ରଜବିହାର' କାବ୍ୟଟି କୃପାସିନ୍ଧୁ ଦାସଙ୍କ 'ବ୍ରଜବିହାର'ର ପ୍ରାୟ ୨୫/୩୦ ବର୍ଷ ପୂର୍ବରୁ ରଚିତ ହୋଇଥିଲା। ବ୍ରଜବିହାର କାବ୍ୟ ବ୍ୟତୀତ ତାଙ୍କ ନାମ ଭଣିତା ଥାଇ ଅନ୍ୟ କୌଣସି ରଚନା ଦୃଷ୍ଟିଗୋଚର ହୁଏନାହିଁ। ତେଣୁ କୁହାଯାଇ ପାରେ ଯେ

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ସମୃଦ୍ଧି କ୍ଷେତ୍ରରେ ଏହା ତାଙ୍କର ଏକମାତ୍ର ବିଶିଷ୍ଟ ଅର୍ଘ୍ୟ। ଦାଶରଥିଙ୍କ ଏହା ଏକ କୃଷ୍ଣରସସମ୍ବଳିତ କାବ୍ୟ । ତତ୍କାଳୀନ ଜନ ମାନସରେ ବହୁ ଆଦୃତ ହୋଇପାରିଥିଲା; ଯାହାକି ତାହାର ଅନେକ ପ୍ରତିଲିପିରୁ ଜଣାପଡେ। ପୁଣି ଯଦି କାବ୍ୟର କଳେବରକୁ ଦେଖାଯାଏ ବ୍ରଜବିହାର ଗ୍ରନ୍ଥଟି ଦଶଟି ବୋଲିରେ ସଂପୂର୍ଣ୍ଣ। କବି କାବ୍ୟରେ ଯଦିଓ ନିଜ ଜନ୍ମସମ୍ବତ ବା ଗ୍ରନ୍ଥରଚନା ବେଳକୁ ତାଙ୍କର ବୟସ ଆଦିର ସୂଚନା ଦେଇ ନାହାନ୍ତି; ତଥାପି ମଧ ତାଙ୍କ କାବ୍ୟର ତୃତୀୟ, ଚତୁର୍ଥ ଓ ଦଶମ ବୋଲିର ଶେଷରେ ଉକ୍ତ ବୋଲି ଗୁଡ଼ିକର ସମାପ୍ତି କାଳ ଉଲ୍ଲେଖ କରିଛନ୍ତି। ଯାହା ଫଳରେ ତାଙ୍କ କାବ୍ୟ ରଚନାର ସମୟସୀମା ଜଣା ପଡ଼ିଥାଏ । ତାଙ୍କ କାବ୍ୟରୁ କବି ଗୋପୀନାଥ ଦେବ(ଖ୍ରୀ ୧୭୨୦-୨୭) ଓ ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବ(୧୭୨୭-୩୬)ଙ୍କ ସମସାମୟିକ ଥିବା ଜଣାପଡ଼େ । ଯଥା-

"ଗୋପୀନାଥ ଦେବ ତ୍ରିଅଙ୍କ ମାର୍ଗଶୀର ।
ପାତ୍ର ଭଗବାନ ପାଦ ଭ୍ରମରବର ॥
ସଦାବ୍ରତୀ ସଦାମତି ହରି ଭକତି ।
ଭୋଗ ପହଣ୍ଡ ଗୁଣ୍ଡିଚା ମୋହନ କୀର୍ତ୍ତି ॥
ଏହି ସମୟେ ଏ ବୋଲି ହେଲା ସଂପୂର୍ଣ୍ଣ ।
ଦାଶରଥି ଦାସ ସେବେ ପଦମଚରଣ । (୩ୟ ବୋଲି)
ସଂପୂର୍ଣ୍ଣ ଚତୁର୍ଥ ବୋଲି ସହସ୍ର ପଦରେ ।
ଗୋପୀନାଥ ଦେବଙ୍କ ତିନି ଅଙ୍କ ଭାଦ୍ରବରେ ॥"(୪ର୍ଥ ବୋଲି)

କବି ବ୍ରଜବିହାର କାବ୍ୟର ତୃତୀୟ ଓ ଚତୁର୍ଥ ବୋଲିକୁ ଗୋପୀନାଥ ଦେବଙ୍କ ୩ୟ ଅଙ୍କର ମାର୍ଗଶୀର ଓ ଭାଦ୍ରବ ମାସ ଅର୍ଥାତ୍ ୧୭୨୬-୨୭ରେ ଶେଷ କରିଥିବାର ଜଣାଯାଏ। ସେହି ସମୟରେ ଭଗବାନ ଭ୍ରମରବର ତାଙ୍କର ପାତ୍ର ଥିଲେ।

ତାହାଙ୍କର ପୃଷ୍ଠପୋଷକତା ଲାଭକରି କବି ଗ୍ରନ୍ଥରଚନା କରିଥିବାର ଅନୁମାନ କରାଯାଇପାରେ । ଏହାପରେ ପୁଣି ଗ୍ରନ୍ଥର ଶେଷରେ ବର୍ଣ୍ଣନା କରିଛନ୍ତି ଯଥା-

"ଚାରି ସହସ୍ର ଆଠଶ ବତିଶ । କଳିଯୁଗ ଭୋଗ ଏତେ ବରଷ ॥
ଶକାବ୍ଦ ଜାଣ ଷୋଳଶ ତେପନ । ରାମଚନ୍ଦ୍ର ଦେବ ମହାରାଜନ ॥
ଆଠ ଅଙ୍କ କୁମାର ପୂର୍ଣ୍ଣିମାରେ । ବ୍ରଜବିହାର ଗ୍ରନ୍ଥ ସମ୍ପୂର୍ଣ୍ଣରେ ॥"
(୧୦ମ ବୋଲି)

ନିଃସନ୍ଦେହରେ କୁହାଯାଇପାରେ ଯେ କବି ତାଙ୍କ କାବ୍ୟ ରଚନା ଗୋପୀନାଥ ଦେବ(ଖ୍ରୀ ୧୭୨୦-୨୭)ଙ୍କ ସମୟରୁ ଆରଂଭ କରି ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବ(୧୭୨୭-୩୬)ଙ୍କ ସମୟରେ ୮ମ ଅଙ୍କ କୁମାରପୂର୍ଣ୍ଣିମା(ଆଶ୍ୱିନ ମାସ) ଶକାବ୍ଦ ୧୬୫୩ ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୧୭୩୧ରେ କାବ୍ୟ ରଚନା ପାରିସମାପ୍ତି କରିଥିବାର ମନେହୁଏ।

ବ୍ରଜବିହାର କାବ୍ୟରେ କବି ବୋଲି, ସ୍କନ୍ଧ, ଛାନ୍ଦ ତଥା ଅଧ୍ୟାୟକୁ ଏକ ଅର୍ଥରେ ଗ୍ରହଣ କରିଛନ୍ତି। ତେଣୁ ତାଙ୍କ କାବ୍ୟରେ ପ୍ରତ୍ୟେକ ଛାନ୍ଦକୁ 'ବୋଲି' ନାମରେ ଅଭିହିତ କରିଥିବାର ଦେଖାଯାଏ। କାବ୍ୟର କିଛି ବୋଲି ଭିତରେ ପ୍ରଥମଭାଗ, ଦ୍ୱିତୀୟ ଭାଗ କିମ୍ବା ଉତ୍ତର ଭାଗ ଭାବରେ ବିଭକ୍ତ କରିଛନ୍ତି। ଏପରି ବିଭାଗୀକରଣ କରିବାର ଉଦ୍ଦେଶ୍ୟ ହେଲା ବୋଲିରେ ଥିବା 'ପଦବିଶେଷ' ଲକ୍ଷଣଜନିତ କ୍ଳାନ୍ତିକୁ ଅଳ୍ପ ମାତ୍ରାରେ ଦୂର କରିବା। ବ୍ରଜବିହାର କାବ୍ୟର ପ୍ରତ୍ୟେକ ବୋଲି ପ୍ରାୟତଃ ଏକ ସହସ୍ର ବା ତହିଁରୁ ଊର୍ଦ୍ଧ୍ୱ ପଦରେ ରଚିତ। ଯଥା ପଦଗୁଡ଼ିକର ସଂଖ୍ୟା ହେଲା - ୧ମ ବୋଲି -୧୦୦୯ ପଦ, ୨ୟ ବୋଲି-୨୦୨୩ ପଦ, ୩ୟ ବୋଲି -୨୦୦୪ ପଦ, ୪ର୍ଥ ବୋଲି-୧୦୧୦ ପଦ, ୫ମ ବୋଲି -୧୦୦୫, ୬ଷ୍ଠ ବୋଲି – ୯୯୫, ୭ମୀ ବୋଲି – ୧୦୩୬, ୮ମ ବୋଲି-୧୦୦୬, ୯ମ ବୋଲି– ୧୦୫୩, ୧୦ମ ବୋଲି – ୨୦୦୦ । ଏହିପରି ଭାବରେ ଦେଖିଲେ ଦଶଟି ବୋଲିର ପଦ ସଂଖ୍ୟା ୧୩୧୪୨ରୁ ଊର୍ଦ୍ଧ୍ୱ ଭଳି ଜଣାପଡେ। ପ୍ରତ୍ୟେକ ବୋଲି ଭିନ୍ନ ଭିନ୍ନ ରାଗ ଓ ଅକ୍ଷର ସଂଖ୍ୟାରେ ରଚନା କରିଛନ୍ତି। ଯଥା- ପ୍ରଥମ ବୋଲି-ଚକ୍ରକେଳି(ଏକାଦଶାକ୍ଷରୀ),ଦ୍ୱିତୀୟ ବୋଲି-ଲୀଳାସାଗର ବାଣୀ(ଦ୍ୱାଦଶାକ୍ଷରୀ),ତୃତୀୟ ବୋଲି-ଦେଶାକ୍ଷବାଣୀ(ତ୍ରୟୋଦଶାକ୍ଷରୀ), ଚତୁର୍ଥ ବୋଲି-ଭୂତକେଳି ବାଣୀ(ଚର୍ତୁଦଶାକ୍ଷରୀ), ପଞ୍ଚମ ବୋଲି–ଖେମଟା ବୃତ୍ତ (ଦଶାକ୍ଷରୀ), ଷଷ୍ଠ ବୋଲି– ଗୋବିନ୍ଦ୍ରଚନ୍ଦ୍ର ବାଣୀ(ଷୋଡ଼ଶାକ୍ଷରୀ), ସପ୍ତମ ବୋଲି ଦୁଇ ଭାଗରେ ବିଭକ୍ତ ପୂର୍ବାର୍ଦ୍ଧ– ଗୋପକେଳି(ଅଷ୍ଟାଦଶାକ୍ଷରୀ) ଓ ଉତ୍ତରାର୍ଦ୍ଧ(ବିଂଶାକ୍ଷରୀ), ଅଷ୍ଟମ ବୋଲିର ମଧ ଉଭୟ ଭାଗ-କୁଂଚିତକେଶୀ ବାଣୀ(ଦଶାକ୍ଷରୀରେ), ନବମ ବୋଲି– ଭାଗବତ ବୃତ୍ତ (ନବାକ୍ଷରୀ) ଓ ଦଶମ ବୋଲି– ରସସାଗର ବାଣୀ(ଏକାଦଶାକ୍ଷରୀ)ରେ ରଚିତ । ଏହା ବ୍ୟତୀତ କବି ପ୍ରାୟତଃ ବୋଲି ଭିତରେ ସଂସ୍କୃତ ଶ୍ଳୋକ, ସ୍ୱରଚିତ ହିନ୍ଦୀ ଓ ଓଡିଆ ଭାଷାର କ୍ଷୁଦ୍ରଗୀତ ମଧ ଦେଇଛନ୍ତି।

ରୀତି ଯୁଗୀୟ ପ୍ରତ୍ୟେକ କାବ୍ୟ ବା ଗ୍ରନ୍ଥର ଆରମ୍ଭରେ ଗୋଟିଏ ଗୋଟିଏ ମଙ୍ଗଳାଚରଣ ଥିବାର ଦେଖାଯାଏ। ଗ୍ରନ୍ଥାକାର ନିଜ ଗ୍ରନ୍ଥକୁ ନିର୍ବିଘ୍ନରେ ସମାପ୍ତି କରିବା ପାଇଁ ଇଷ୍ଟ ଦେବାଦେବୀଙ୍କଠାରେ ପ୍ରାର୍ଥନା କରିଥାନ୍ତି। କେହି କେହି ଆର୍ଶୀବାଦମୂଳକ ବା ବସ୍ତୁନିର୍ଦ୍ଦେଶାତ୍ମକ ବର୍ଣ୍ଣନା କରି ଗ୍ରନ୍ଥ ଆରମ୍ଭ କରିଥିବାର ଦେଖାଯାଏ । କବି ଦାଶରଥି ଦାସ ବ୍ରାଜବିହାର କାବ୍ୟର ପ୍ରତ୍ୟେକ ବୋଲିରେ ଗୋଟିଏ ଲେଖାଏଁ ଦୀର୍ଘ ମଙ୍ଗଳାଚରଣର ବର୍ଣ୍ଣନା ଏକ ନୂତନ ପନ୍ଥାର ଅବଲମ୍ବନ କରିଛନ୍ତି। ଏହି ଦଶଟି ବୋଲିରେ ପ୍ରତ୍ୟେକ ମଙ୍ଗଳାଚରଣ ମଧ୍ୟରୁ କେତୋଟି ନମସ୍କାରାତ୍ମକ ଓ ଅନ୍ୟ କେତୋଟି ବସ୍ତୁନିର୍ଦ୍ଦେଶାତ୍ମକ। ଏହି ମଙ୍ଗଳାଚରଣରୁ ଜଣାଯାଏ, କବି ଜଣେ ଆଦର୍ଶ କୃଷ୍ଣଭକ୍ତ ଥିଲେ।

ତାଙ୍କର ହୃଦୟ ସତତ ରାଧାକୃଷ୍ଣ ପ୍ରେମରେ ଓତଃପ୍ରୋତ ହୋଇ ରହିଥିଲା । କବିଙ୍କ ବର୍ଣ୍ଣନାରୁ ଯାହା ଜଣାପଡେ ଯେ ଗୋକୁଳସୁନ୍ଦର, ଅଖିଳମୋହିନୀ, ନବକିଶୋରୀ, କୃଷ୍ଣବାନ୍ଧବି ଶ୍ରୀରାଧାଙ୍କର ଅନନ୍ୟ ଉପାସକ ଥିଲେ। କବି ଦାଶରଥି ଗ୍ରନ୍ଥରଚନା ସମୟରେ ପୁରୁଷୋତ୍ତମ କ୍ଷେତ୍ରରେ ଥିଲେ ମଧ୍ୟ, ତାଙ୍କ ମଙ୍ଗଳାଚରଣରେ ଥରେ ହେଲେ ଶ୍ରୀ ଜଗନ୍ନାଥଙ୍କ ନାମ ଧରି ନାହାନ୍ତି। ତାଙ୍କ ମନ ରାଧାକୃଷ୍ଣ ପ୍ରେମରେ ଏପରି ମଜ୍ଜିଥିଲା ଯେ, ସେ ବ୍ରଜବିହାର ଗ୍ରନ୍ଥର ମଙ୍ଗଳାଚରଣରେ ଶ୍ରୀ ରାଧାକୃଷ୍ଣଙ୍କର ପ୍ରତ୍ୟେକ ଲୀଳାସ୍ଥଳର ବର୍ଣ୍ଣନା ମଧ୍ୟ ଅତି ଆଗ୍ରହରେ କରିଛନ୍ତି ।

ବ୍ରଜାବିହାର କାବ୍ୟରୁ ଜଣାପଡେ କବି ଦାଶରଥି ଦାସ ଥିଲେ ଜଣେ ଗୌଡୀୟ ବୈଷ୍ଣବ ପନ୍ଥୀ। ତେଣୁ କବି ବ୍ରହ୍ମବୈବର୍ତ୍ତପୁରାଣ, ଗୀତଗୋବିନ୍ଦ ଓ ଶ୍ରୀଭାଗବତ ପ୍ରଭୃତିର ନାମୋଲ୍ଲେଖ କରି ପ୍ରସଙ୍ଗର ଅବତାରଣା କରି ପ୍ରାମାଣିକତା ପ୍ରତିପାଦନ କରିଛନ୍ତି। ଜୟଦେବଙ୍କ ଗୀତଗୋବିନ୍ଦ, ଜଗନ୍ନାଥ ଦାସଙ୍କ ଭାଗବତ, ସନାତନ ରୂପ-ଗୋସ୍ୱାମୀମାନଙ୍କର ସଂସ୍କୃତ ରାଧାକୃଷ୍ଣଲୀଳା-ରସ ବିଷୟକ ଗ୍ରନ୍ଥରାଜିରୁ କବି ବହୁ ତଥ୍ୟ ସଂଗ୍ରହ କରିଛନ୍ତି। ସେ 'ବ୍ରହ୍ମବୈବର୍ତ୍ତ ପୁରାଣ' ଓ ସଂସ୍କୃତ 'ଗୀତଗୋବିନ୍ଦ'କାବ୍ୟ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିବାର ଅନୁମିତ ହୁଏ ବ୍ରଜବିହାର କାବ୍ୟରୁ। ଏହା ସହ ଗୀତଗୋବିନ୍ଦ କାବ୍ୟର ବିଷୟବସ୍ତୁ ସମାବେଶ, ପ୍ରକାଶଭଙ୍ଗୀ, ଭାଷାଶୈଳୀଦ୍ୱାରା ବହୁ ରୂପରେ ଅନୁପ୍ରାଣୀତ। ତେଣୁ ସେ ସେହି ଗ୍ରନ୍ଥରୁ ଅନେକ ସଂସ୍କୃତ ଶ୍ଳୋକକୁ ଉଦ୍ଧାର କରିବା ସହ କାବ୍ୟର ଏକାଧିକ ସ୍ଥଳରେ ଗୀତଗୋବିନ୍ଦର ନାମୋଲ୍ଲେଖ କରିଛନ୍ତି,ଯଥା-

"ବ୍ରହ୍ମବଇବର୍ତ୍ତ ପୁରାଣ ବାଣୀ ।
ସଂଶୟ ମନରୁ ତେଜିଲେ ଶୁଣିର" (୧୦ମ ବୋଲି)
"ଗୀତଗୋବିନ୍ଦ ପ୍ରଥମ ଶ୍ଳୋକେ ଜୟଦେବ କହେ ।
ଏହିଦିନ ନନ୍ଦ ରାଧାସଙ୍ଗେ କୃଷ୍ଣ ପେଷେ ଗୃହେ॥"(୬ଷ୍ଠବୋଲି)
"ଗୀତଗୋବିନ୍ଦ ଚରିତ ଭେଦ।
ବିଚାର ଜନେ କର ଆସ୍ୱାଦ ॥
ଶ୍ରୀ ଜୟଦେବ କହେ ଯା ପୂର୍ବେ ।
ସେହି ଅବଶେଷ ରଚଇ ଏବେ"॥ (୮ମ ବୋଲି)

ଉପରୋକ୍ତ ସଂସ୍କୃତ ଗ୍ରନ୍ଥ ବ୍ୟତୀତ ଜଗନ୍ନାଥ ଦାସଙ୍କ ଓଡିଆ ଭାଗବତର ଦଶମସ୍କନ୍ଧର ଗୋପଲୀଳାରୁ ମଧ୍ୟ ରାଧାକୃଷ୍ଣ ପ୍ରେମତତ୍ତ୍ୱ ସାର ସଂଗ୍ରହ କରିଛନ୍ତି । ଏହାକୁ ମୂଳ ହେମସୂତ୍ର ରୂପେ ଗ୍ରହଣ କରି, ଏହି ସୂତ୍ରରେ ରତ୍ନ ଗୁନ୍ଥି ବୈଷ୍ଣବୀୟ ପ୍ରେମତତ୍ତ୍ୱ ରୂପକ ରତ୍ନମାଳା ସୃଷ୍ଟି କରିଛନ୍ତି । ଯାହାକି ବ୍ରଜବିହାର କାବ୍ୟର ବିଭିନ୍ନ ସ୍ଥାନରେ ବର୍ଣ୍ଣିତ, ଯଥା-

"ଭାଗବତ ଦଶମମୂଳ ହେମସୂତ୍ର ।
ରତ୍ନ-ରୂପକୃତ-ଲୀଳାମୃତ ଚରିତ୍ର ॥" (୩ୟ ବୋଲି)
"ଶ୍ରୀ ଭଗବତ କ୍ଷୀର ପୂରିତ ମନ୍ଥି ଉଦ୍ଧରି ଲବଣୀ ।
ସାଧୁ ମୁଖରେ ପରିପାକରେ ସର୍ବସାର ଘୃତ ପୁଣି ॥" (୭ମ ବୋଲି)
"ଶ୍ରୀ ଭଗବତ ସର୍ବରସ ଠୂଳ ।
ଭକତଜନ ଭାବ ଯହିଁ ମୂଳ॥" (୧୦ମ ବୋଲି)

ଏହି କାବ୍ୟର ରଚନା କାଳ, ଓଡିଶାରେ ବୈଷ୍ଣବବିଚାର ପ୍ରାବଲ୍ୟର ସମୟଖଣ୍ଡ। ବିଷ୍ଣୁଙ୍କଠାରେ ଉପାସନା ରଖୁଥିବା ବ୍ୟକ୍ତିଙ୍କୁ ବୈଷ୍ଣବ ଓ ତାଙ୍କ ପ୍ରଭାବିତ ଚିନ୍ତା ଚେତନାକୁ ବୈଷ୍ଣବ ଦର୍ଶନ କୁହାଯାଇଥାଏ। ପ୍ରାୟ ଅଷ୍ଟମ ଶତାବ୍ଦୀର ପରବର୍ତ୍ତୀ କାଳରେ ଏହି ଦର୍ଶନ ଭାରତରେ ବହୁଳ ପ୍ରସାର ହୋଇଛି। ଜୟଦେବଙ୍କ ଦଶାବତାର ପରିକଳ୍ପନା ଏହାର ଉଦାହରଣ। ସମୟକ୍ରମେ ଓଡ଼ିଶାରେ ଏହି ଦର୍ଶନ ଉତ୍କଳୀୟ ଓ ଗୌଡୀୟ ବୈଷ୍ଣବ ଭେଦରେ ଦୁଇ ଭାଗରେ ବିଭକ୍ତ ହୋଇଥିଲେ ହେଁ ଉଭୟ ଦର୍ଶନର ମୂଳଭାବ ଭକ୍ତି ଓ ସମର୍ପଣା। ଜୀବ-ପରମ ଭାବର ମୂଳମନ୍ତ୍ର ମଧ୍ୟ ସମର୍ପଣ। ପୁଣି ଶ୍ରୀକୃଷ୍ଣଙ୍କର ମହିମା ଗାନ ଓ ଶ୍ରବଣ ବୈଷ୍ଣବମାନଙ୍କର ଚରମ ବିଧି। ଶ୍ରୀକୃଷ୍ଣ ହେଉଛନ୍ତି ସଚ୍ଚିଦାନନ୍ଦ ଓ ତ୍ରିଶକ୍ତି ଆଧାର- ସନ୍ଧିନୀ, ସମ୍ବିଦିନୀ ଓ ହ୍ଲାଦିନୀ।

ବୈଷ୍ଣବମାନେ କୃଷ୍ଣଙ୍କର ହ୍ଲାଦିନୀ ରୂପ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ଏହି ହ୍ଲାଦିନୀ ରୂପ ହେଉଛି କୃଷ୍ଣଙ୍କର ଆନନ୍ଦ ଲୀଳା। ଲୀଳାର ଭୂମି ଦ୍ୱାପର ଯୁଗର ଗୋପପୁର। ବୈଷ୍ଣବମାନେ ସେଥିପାଇଁ ଗୋପଲୀଳାକୁ ଗୁରୁତ୍ୱ ଦିଅନ୍ତି। କୃଷ୍ଣ ପରଂବ୍ରହ୍ମ ଓ ଐଶର୍ଯ୍ୟବନ୍ତ ହେଲେ ମଧ୍ୟ ଲୀଳାମୟ ପୁରୁଷ। ମୁଖ୍ୟତଃ ଚୈତନ୍ୟଙ୍କ ଭାବାଦର୍ଶ, ପ୍ରତ୍ୟେକ ବ୍ୟକ୍ତିର ଅସ୍ତିତ୍ୱ ରାଧାତ୍ୱ ଓ ଗୋପୀତ୍ୱର ସମାବେଶ, ସେହି ଜୀବନାଦର୍ଶକୁ ଆଧାରକରି ଓଡ଼ିଶାରେ ବହୁ ସାହିତ୍ୟ ଲେଖା ଯାଇଛି। ସେହି ଧାରାର ଅନ୍ୟତମ ଉଦାହରଣ, ଦାଶରଥିଙ୍କ ବ୍ରଜବିହାର କାବ୍ୟ।

## (ତିନି)

### ବ୍ରଜବିହାର କାବ୍ୟର ସଂକ୍ଷିପ୍ତ ବିଷୟବସ୍ତୁ

କବିଙ୍କ 'ବ୍ରଜବିହାର' ହେଉଛି କୃଷ୍ଣଙ୍କର ବ୍ରଜଲୀଳାର କାବ୍ୟାୟନ। ତେଣୁ ଏଥିରେ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳାକୁ ସଂକ୍ଷିପ୍ତ ରୂପେ ଓ ଶ୍ରୀରାଧା ଓ ଗୋପୀମାନଙ୍କ ସହ କୁଞ୍ଜ ଲୀଳାଦି ବିସ୍ତୃତ ଭାବରେ ବର୍ଣ୍ଣିତ । ଏହାର ନାୟକ ହେଉଛନ୍ତି ସ୍ୱୟଂ ଶ୍ରୀକୃଷ୍ଣ। ନାୟିକା, ଶ୍ରୀରାଧା ଏବଂ ଗୋପପୁରବାସୀ। ବୈଷ୍ଣବ ଦର୍ଶନରେ କୃଷ୍ଣଙ୍କର ତିନିଗୋଟି ଲୀଳା ସଂକ୍ରାନ୍ତରେ ସୂଚନା ରହିଛି, ତାହା- ବ୍ରଜ ବା ଗୋପଲୀଳା, ମଥୁରା ଲୀଳା ଓ ଦ୍ୱାରକା ଲୀଳା। କୁହାଯାଏ, ବ୍ରଜରେ କୃଷ୍ଣ ପୂର୍ଣ୍ଣତମ, ମଥୁରାରେ ପୂର୍ଣ୍ଣତର ଓ ଦ୍ୱାରକାରେ ପୂର୍ଣ୍ଣ। ଏଣୁ ବୈଷ୍ଣବମାନେ ଲୀଳାପୁରୁଷୋତ୍ତମ କୃଷ୍ଣଙ୍କୁ ମର୍ଯ୍ୟାଦାବନ୍ତ ପୁରୁଷ ଭାବରେ ଗ୍ରହଣ କରି ପୂର୍ଣ୍ଣତମ କୃଷ୍ଣଙ୍କୁ ହିଁ ସମ୍ମାନ ଦିଅନ୍ତି। ପୁଣି ବ୍ରଜର କୃଷ୍ଣ ମାଧୁର୍ଯ୍ୟ, ମଥୁରାରେ କୃଷ୍ଣ ମାଧୁର୍ଯ୍ୟ ଓ ଐଶର୍ଯ୍ୟ ଏବଂ

ଦ୍ୱାରକାରେ କୃଷ୍ଣ ଐଶର୍ଯ୍ୟର ପ୍ରତୀକ । ଦାଶରଥି ଦାସ ଏହି ଭାବାଦର୍ଶର ଅନ୍ୟତମ ପ୍ରତୀକ । ତେଣୁ ଏହାର କଥାବସ୍ତୁକୁ ବିଚାର କରାଯାଇ ପାରେ ।

କବି ଦାଶରଥି ଦାସ ବ୍ରଜବିହାର କାବ୍ୟକୁ ପରମ୍ପରାକ୍ରମେ ପ୍ରସରି ଆସିଥିବା ପୂର୍ବସୁରୀଙ୍କ ପ୍ରଶ୍ନୋତ୍ତର ସମ୍ବାଦ ଶୈଳୀକୁ ଗ୍ରହଣ କରିଛନ୍ତି । ତେଣୁ କାବ୍ୟଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନାରଦ ଓ ନଳକୂବର ବକ୍ତା-ଶ୍ରୋତା ଛଳରେ ରଚିତ । ଏଥିରେ ବକ୍ତା ଭାବରେ ଉତ୍ତର ଦାତା ହେଉଛନ୍ତି ମହର୍ଷି ନାରଦ ଓ ଶ୍ରୋତା ଭାବରେ ପ୍ରଶ୍ନକର୍ତ୍ତା ହେଲେ ନଳକୂବର । ତେଣୁ ପ୍ରଥମେ ପ୍ରଥମ ବୋଲିରେ ବର୍ଣ୍ଣିତ ଅଛି ଯେ, ଗୋଟିଏ ଦିନରେ ମହର୍ଷି ନାରଦ ତପୋବନ୍ତ ଥିବାବେଳେ କୁବେରର ପୁତ୍ର ନଳକୂବର ପୁରରେ ଆବିର୍ଭାବ ହୋଇଛନ୍ତି । ପୂର୍ବେ ନାରଦଙ୍କଦ୍ୱାରା ନଳକୂବର ଅଭିଶପ୍ତ ହୋଇ ଗୋପରେ ଯାମଳାର୍ଜୁନ ବୃକ୍ଷଭାବେ ରୂପ ଧାରଣ କରିଥିଲା । ସେ କିପରି ଭାବରେ ଶ୍ରୀକୃଷ୍ଣଙ୍କ ଅଙ୍ଗଲାଗି ବୃକ୍ଷରୂପୀ ଅଭିଶାପରୁ ମୁକ୍ତ ହେଲା ତାହା ଜାଣିବା ପାଇଁ ନଳକୂବର ପୁରକୁ ଆସିଥିଲେ । ବୀଣାବାଦ୍ୟ କରି ନାରଦ ଅଳକା ଭୁବନରେ ପ୍ରକଟ ହେଲାବେଳେ ସେଠାରେ ନଦୀ କୂଳରେ ନଳକୂବର ବନ ଭ୍ରମଣ କରୁଥିଲେ । ନଳକୂବର ମୁନୀଙ୍କୁ ଦେଖି ପ୍ରଣାମ କରି ତାଙ୍କ ପାଦଧୂଳି ନେଇ କପାଳରେ ମାରି ମୁକ୍ତିପାଇଲି ବୋଲି କହିଲା । ଏବଂ ଆନନ୍ଦ ଗଦଗଦ ଭାବରେ ମୁନିଙ୍କୁ ଦିବ୍ୟ ଆସନରେ ବସାଇ ଅତିଥିଚର୍ଚ୍ଚା କଲେ ନିଜ ଜୀବନ ଧନ୍ୟ ହେଲା ବୋଲି କହିଲେ । ମୁନି ନଳକୂବରର ଏହି ନିର୍ମଳ ଭାବ ଦେଖି ତାଙ୍କୁ କୋଳେ ଲଗାଇ ଆଲିଙ୍ଗନ କଲେ । ମୁନି ତାହାର ପ୍ରଶଂସା କରି କହିଲେ ଭକ୍ତଜନ ଯାହାଙ୍କୁ ମନପ୍ରାଣେ ଇଚ୍ଛାକରି ସୁଦ୍ଧା ସହଜରେ ଲାଭକରି ପାରିନଥାନ୍ତି, ତୁ ତାହା ବ୍ରଜରେ ଯାମାଳାର୍ଜୁନ ବୃକ୍ଷ ଭାବରେ କୃଷ୍ଣଙ୍କ ଅଙ୍ଗଲାଗି ପବିତ୍ର ହେଲୁ । ତୋର ଏହି ସ୍ୱଭାଗ୍ୟ ପାଇଁ ଜଗତର ପାପୀ, ଦୁଃଖୀ, ରଙ୍କୀ ତୋତେ ଦର୍ଶନ କରି ମୋକ୍ଷ ପ୍ରାପ୍ତହେବେ । ତେଣୁ ମୁନି ନଳକୂବର ପ୍ରତି ପ୍ରସନ୍ନ ହୋଇ ବର ଯାଚିଛନ୍ତି । ଏହି ବର ସ୍ୱରୂପ ଭାବରେ ନଳକୂବର ମୁନିଙ୍କ ପାଦରେ ଲମ୍ବଭାବରେ ପଡ଼ି କହିଛି ସବୁ ତୋର କରୁଣା । ଯାହା ସାଧୁଜନମାନେ ଶାପ ଦେଇଥାନ୍ତି ତାହା ପ୍ରସାଦ ପରି ଅମୂଲ୍ୟ ହୋଇଥାଏ । ଏବଂ ପୂର୍ବେ ମୋର ଅପରାଧ ପାଇଁ ଦଣ୍ଡ ସ୍ୱରୂପ ଭାବରେ ଯାହା ଦେଇଥିଲୁ ତାହା ମୋପାଇଁ ଅମୃତତୁଲ୍ୟ ହେଲା । ଯାହାଙ୍କର ପାଦକୁ ବ୍ରହ୍ମା ଶଙ୍କର ଇଚ୍ଛାକରି ମଧ ଲାଭ କରିପାରି ନଥାନ୍ତି, ତାହା ତୋ କୃପାରୁ ମୁଁ ଲାଭକଲି । ତେଣୁ ତୁ ଯଦି ବର ଦେବାକୁ ଚାହୁଁଛୁ ତାହାଲେ ମୁଁ ବରରୂପେ ମାଗୁଛି ମୋତେ ବ୍ରଜବିହାର ଚରିତ କୁହ ।

ମୋପାଇଁ ଅମୃତତୁଲ୍ୟ ହେଲା । ଯାହାଙ୍କର ପାଦକୁ ବ୍ରହ୍ମା ଶଙ୍କର ଇଚ୍ଛାକରି ମଧ ଲାଭ କରିପାରି ନଥାନ୍ତି, ତାହା ତୋ କୃପାରୁ ମୁଁ ଲାଭକଲି । ତେଣୁ ତୁ ଯଦି ବର ଦେବାକୁ ଚାହୁଁଛୁ ତାହାଲେ ମୁଁ ବରରୂପେ ମାଗୁଛି ମୋତେ ବ୍ରଜବିହାର ଚରିତ କୁହ ।

କାରଣ ମୁଁ ନିଶିଦିବସ ବ୍ରଜରେ ରହି ସୁଦ୍ଧା କିଛି ଜାଣିପାରିଲି ନାହିଁ । ଏହାପରେ ନାରଦ ମୁନି ବକ୍ତାଭାବରେ ବ୍ରଜବିହାର ଚରିତ କହିଛନ୍ତି ଓ ନଳକୂବର ଶ୍ରୋତା ଭାବରେ ଶୁଣିଛି । ଏହିପରି ଭାବରେ ପ୍ରଶ୍ନଉତ୍ତର ଶୈଳୀରେ କାବ୍ୟାରମ୍ଭ ଘଟିଛି ।

ବ୍ରଜବିହାର କାବ୍ୟର ପ୍ରଥମରୁ ପଂଚମ, ପାଂଚୋଟି ଛାନ୍ଦ କୃଷ୍ଣଙ୍କର ଜନ୍ମଠାରୁ ରାଧାଙ୍କସହ ମିଳନ ପର୍ଯ୍ୟନ୍ତ ବର୍ଣ୍ଣିତ ଯଥା- ୧ମ ବୋଲିରେ କଂସରାଜାର ମଥୁରା ନଗର ଓ ଯମୁନା ନିକଟବର୍ତ୍ତୀ ନନ୍ଦରାଜାର ଗୋପାପୁର, ବୃଷଭାନୁର ଦଧିଗ୍ରାମ, ଚନ୍ଦ୍ରସେଣାରା ଯାବଟ ଗ୍ରାମର ନାମ ଉଲ୍ଲେଖ । ବଳରାମ ଓ ଶ୍ରୀକୃଷ୍ଣଙ୍କ ଜନ୍ମ, ପୁତନା ବଧ, ଶକଟାଶୂରର ବଧ, ଏକବିଂଶ ଦିନରେ ଗର୍ଗ ମହାମୁନିଙ୍କ ଦ୍ୱାରା ଉଭୟ ଶିଶୁଙ୍କର ନାମକରଣ, ତୃଣାବର୍ତ୍ତ ଦୈତ୍ୟକୁ ବଧ କରି ଶ୍ରୀକୃଷ୍ଣଙ୍କ ଦଇତାରି ନାମ ଧାରଣ, ଯଶୋଦାଙ୍କର ବିଶ୍ୱରୂପ ଦର୍ଶନ, ଗୋପୀମାନଙ୍କର ବନ୍ଧାହୋଇ ଶ୍ରୀକୃଷ୍ଣଙ୍କର ଦାମୋଦର ନାମ ଧାରଣ, ଗୋପରେ ଅତ୍ୟଧିକ ଅରିଷ୍ଟି ଯୋଗୁଁ ନନ୍ଦଯଶୋଦା ସମତେ ଗୋପବାସୀ କାଳିନ୍ଦୀନଦୀ ନିକଟବର୍ତ୍ତୀ ବୃନ୍ଦାବନ ଗ୍ରାମ ନବନିର୍ମାଣ କରି ଅବସ୍ଥାନ କରିବା, କୃଷ୍ଣଙ୍କ ରୂପରେ ଯୁବତୀଜନ ମୋହିତ ହେବ ଆଦି ପ୍ରସଙ୍ଗ ସହ ତାଙ୍କ ବାଲ୍ୟଲୀଳା ବର୍ଣ୍ଣିତ । ୨ୟ ବୋଲିରେ ଯମରାଜାର ଭଉଣୀ ଯମୁନା ଜନ୍ମର ରହସ୍ୟ, ଶ୍ରୀକୃଷ୍ଣଙ୍କ ଗୋବତ୍ସା ଚାରଣ, ଗୋବର୍ଦ୍ଧନ ମଲ୍ଲଠାରୁ ଶ୍ରୀକୃଷ୍ଣଙ୍କ ଗୋବିଦ୍ୟା ଶିକ୍ଷା, କୃଷ୍ଣଙ୍କର ଚନ୍ଦ୍ରବଳୀ ଦର୍ଶନ, ମହାଦେବଙ୍କ ପଂଚମୁଖରୁ ଗୋବର୍ଦ୍ଧନ ମଲ୍ଲଙ୍କୁ ପଂଚବର- ବାନା, ଶିଂଘା,କଠାଉ,ବାଡ଼ି,ଘର ପ୍ରଦାନ ଓ ମଲ୍ଲଠାରୁ ତାହା ଶ୍ରୀକୃଷ୍ଣ ପ୍ରାପ୍ତ, ଶ୍ରୀକୃଷ୍ଣ ନିଜ ବିଭିନ୍ନ ସଖାମାନଙ୍କ ସହ ଗୋଚାରଣ ନିମନ୍ତେ ଗମନ, ସଖାଙ୍କ ସହ ବିଭିନ୍ନ କ୍ରୀଡ଼ା, ଭୋଜନ, ବକାସୁରର ବଧ, ବଟୁ ଓ ମଧୁମଙ୍ଗଳ ସହ ହାସ ପରିହାସ, ଗୋଯୁବତୀଙ୍କ ଗଉରୀତୀର୍ଥରେ ସ୍ନାନ ଓ ପୂଜାର୍ଚ୍ଚନା, କୃଷ୍ଣଙ୍କ ଚନ୍ଦ୍ରାବଳୀ ମୁଖ ସ୍ମରଣ ଓ କାମଜ୍ୱାଳା ଆଦି ବିଷୟ ବର୍ଣ୍ଣିତ । ୩ୟ ବୋଲିରେ କବି ସମସ୍ତ ଦେବୀଙ୍କୁ ସୁମରଣା କରି କାବ୍ୟାରମ୍ଭ କରିଛନ୍ତି । ଉକ୍ତ ଛାନ୍ଦରେ ବିଘ୍ନସେନି ପୂଜା ନିମନ୍ତେ ଚନ୍ଦ୍ରାବଳୀଙ୍କର ଗୋପି ଯୁବତୀମାନଙ୍କ ସହ ଗଉରୀତୀର୍ଥକୁ ଗମନ, ଚନ୍ଦ୍ରାବଳୀର କୃଷ୍ଣ ପ୍ରାପ୍ତି ନିମିତ୍ତ ଇଚ୍ଛାପ୍ରକାଶ, ଗୌରୀ ପୂଜାବେଳେ ବୃନ୍ଦାବନରେ କୃଷ୍ଣଙ୍କ ସହ ଚନ୍ଦ୍ରାବଳୀର ପ୍ରଥମ ସାକ୍ଷାତ, କୃଷ୍ଣଙ୍କର ରୂପ ବର୍ଣ୍ଣନା, ଚନ୍ଦ୍ରବଳୀ ସହ କୃଷ୍ଣଙ୍କର ମିଳନ, ପୂଜାସ୍ଥଳିରୁ ଚନ୍ଦ୍ରାବଳୀର ବିଳମ୍ବ ଦେଖି ଶାଶୁ ମୁଖରାର କ୍ରୋଧ, ଚନ୍ଦ୍ରାବାଳୀ ଅଙ୍ଗରେ ସୁରତି ଚିହ୍ନ ଦେଖି ସନ୍ଦେହ ଓ ସଖୀମାନଙ୍କ କୌଶଳରେ ତାହାର ମୋଚନ, କୃଷ୍ଣ ଓ ଚନ୍ଦ୍ରବଳୀଙ୍କର ବିରହ, ରାତ୍ରରେ ଚନ୍ଦ୍ରାବଳୀ ପୁରକୁ ଶ୍ରୀକୃଷ୍ଣଙ୍କ ଗମନ, ମଧୁମଙ୍ଗଳର ବ୍ରାହ୍ମଣ ବେଶ ଧାରଣ, ଶ୍ରୀକୃଷ୍ଣଙ୍କ ବିରହରେ

ଚନ୍ଦ୍ରାବଳୀକୁ ବ୍ୟାଧି, ଚନ୍ଦ୍ରାବଳୀର ସ୍ୱାମୀ ଗୋବର୍ଦ୍ଧନ ମଲ୍ଲର ଆଗମନ, ରୋଗଶାନ୍ତି ନିମତ୍ତ ଶ୍ରୀକୃଷ୍ଣଙ୍କୁ ନିମନ୍ତ୍ରଣ, ତାଙ୍କ ଉପଚାରରେ ଚନ୍ଦ୍ରାବଳୀର ରୋଗ ଶାନ୍ତି, ରାଧାଙ୍କର ଜନ୍ମ, କୃଷ୍ଣ ଓ ଚନ୍ଦ୍ରାବଳୀଙ୍କର ଦୁର୍ବାଦ ଶୁଣି କୀର୍ତ୍ତିଦା ଓ ବୃଷଭାନୁର ଅନ୍ୟଗ୍ରାମକୁ ଚାଲିଯିବାର ଚିନ୍ତା ଓ ତାହା ପୌର୍ଣ୍ଣମାସୀଦ୍ୱାରା ସମାଧାନ, କୀର୍ତ୍ତିଦା ଜଟିଳାକୁ ରାଧାଙ୍କର ବିବାହ ପ୍ରତିଶ୍ରୁତି ପ୍ରଦାନ, ଅର୍ଘାସୁର ବଧ, ବ୍ରହ୍ମାଙ୍କର ମାୟାବଳରେ ବଛା ଓ କୃଷ୍ଣଙ୍କ ସଖାମାନଙ୍କୁ ହରଣ। ଶ୍ରୀକୃଷ୍ଣଙ୍କ କାମଧେନୁ ବଳରେ ବଛା ଓ ନିଜ ସଖାମାନଙ୍କୁ ଉଦ୍ଧାର।୪ର୍ଥ ବୋଲିରେ ଶ୍ରୀକୃଷ୍ଣଙ୍କର ଶବରୀଠାରୁ ଧାନ ବଦଳରେ କୋଳି କିଣିବା, ଶ୍ରୀରାଧାଙ୍କ ବାଲ୍ୟ ଯୌବନ ଓ ବିବାହ, ଶ୍ରୀକୃଷ୍ଣଙ୍କ ଭୟରେ ଅଭିମନ୍ୟୁ ସୁନ୍ଦରୀ ରାଧାଙ୍କୁ ନେଇ ଅନ୍ୟତ୍ର ଯିବାକୁ ଉଦ୍ୟତ, ଗୋପବାସୀ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ପଶାଖେଳ, ଶ୍ରୀକୃଷ୍ଣ ସହ ଶ୍ରୀରାଧାଙ୍କ ମିଳନ ଲାଗି ପୌର୍ଣ୍ଣମାସୀର ଇଚ୍ଛା। ଦୁର୍ବାସାଙ୍କ ଆଗମନ ଓ ଶ୍ରୀରାଧାଙ୍କୁ ବୃନ୍ଦାବନରେ ସୂର୍ଯ୍ୟପୂଜା କରିବାକୁ ନିର୍ଦ୍ଦେଶ। ଶ୍ୟାମକୁଣ୍ଡ ନିକଟରେ ଶ୍ରୀରାଧାଙ୍କୁ ଦେଖି ଶ୍ରୀକୃଷ୍ଣଙ୍କ ବିରହ, ବୃନ୍ଦାଠାରୁ ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନା ଶୁଣି ଶ୍ରୀରାଧାଙ୍କ ବିରହ। ରାଧାକୃଷ୍ଣଙ୍କ ମଧ୍ୟରେ ତପ୍ର ବିନିମୟ, ରାଧାକୃଷ୍ଣଙ୍କ ଜଳକେଳି ଓ ବୃନ୍ଦାବନରେ କ୍ରୀଡ଼ା, ବ୍ରହ୍ମାଙ୍କଦ୍ୱାରା ଗୋପବାଳକ ଓ ବସ୍ତାହରଣ, ଶ୍ରୀକୃଷ୍ଣଙ୍କ ଦ୍ୱାରା ଉଦ୍ଧାର, ଶ୍ରୀକୃଷ୍ଣଙ୍କର ଗୋପାଳ ଗୋପାଳୁଣୀଙ୍କ ସହ ବନରେ ବଣରେ ଭୋଜୀ, ଏହିପରି ଭାବରେ ଚତୁର୍ଥ ବୋଲି ଯାଏଁ ଶ୍ରୀକୃଷ୍ଣଙ୍କ ଲୀଳାଖେଳା ବର୍ଣ୍ଣିତ। ୫ମ ବୋଲିରେ ଶ୍ରୀକୃଷ୍ଣଙ୍କର ଗୋଚାରଣ ଉଦ୍ଦେଶରେ ବନ ଗମନ। ରାଧା ସଖିଙ୍କ ସହ ଅର୍କମୀ ପୂଜା ଉଦ୍ଦେଶ୍ୟରେ ବନ ଗମନ, ସୂର୍ଯ୍ୟପୂଜାରେ କୃଷ୍ଣଙ୍କର ବ୍ରାହ୍ମଣ ବେଶ ଧାରଣ, ଜଟିଳା କୃଷ୍ଣଙ୍କୁ ଚିହ୍ନି ନ ପାରି ରାଧାଙ୍କର ସନ୍ତାନସନ୍ତତି ନିମନ୍ତେ ତାଙ୍କଠାରେ କାମନା, ଶ୍ରୀକୃଷ୍ଣଙ୍କ ରାଧାଙ୍କ ସହ ମିଳନ ହେବା ନିମିତ୍ତ ନାନ୍ଦୀମୁଖୀ ଇନ୍ଦୁମତୀ ସଖିଦ୍ୱୟ ଆଗରେ ଆକାଂକ୍ଷା ପ୍ରକାଶ, ସଖିଦ୍ୱୟ କୃଷ୍ଣଙ୍କର ବିରହାବସ୍ଥାକୁ ରାଧାଙ୍କ ଆଗରେ ପ୍ରକାଶ ଓ ତାଙ୍କୁ କୃଷ୍ଣଙ୍କ ନିକଟକୁ ନେଇଯିବା ପାଇଁ ଉଦ୍ୟମ, ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନା, ପ୍ରଲମ୍ବାସୁର ବଧ, ରାଧାଙ୍କର ରୂପବର୍ଣ୍ଣନା, ରାଧାକୃଷ୍ଣଙ୍କର ମିଳନ, ଶୃଙ୍ଗାର ରସର ବର୍ଣ୍ଣନା, ପ୍ରକୃତି ବର୍ଣ୍ଣନା, ରାସକ୍ରୀଡ଼ା ଓ ସମସ୍ତ ସଖିଙ୍କ ଗହଣରେ ବିଭିନ୍ନ ଲାସ୍ୟନୃତ୍ୟ ବର୍ଣ୍ଣନା, ମୀନକେତନର ନାମକରଣ, ପଶୁପକ୍ଷୀ, ଫୁଲଫଳ ବୃକ୍ଷାଦିର ମନୋରମ ଚିତ୍ର ଓ ପ୍ରାତଃ କାଳୀନ ରତିକ୍ରୀଡ଼ାଦି ବିଷୟ ବର୍ଣ୍ଣିତ।

ପରବର୍ତ୍ତୀ ପାଂଚୋଟି ଷଷ୍ଠରୁ ଦଶମ ଛାନ୍ଦ ଯାଏ ବୈଷ୍ଣବତତ୍ତ୍ୱର ବର୍ଣ୍ଣନା ସହ ଶରଦରାସ, ବସନ୍ତରାସ, ଜଳକ୍ରୀଡ଼ା ତଥା ବିଭିନ୍ନ ଋତୁଆଦି ବର୍ଣ୍ଣିତ। ଯଥା- ୬ଷ୍ଠ ବୋଲିରେ କବି ପ୍ରଥମେ ଶ୍ରୀଚୈତନ୍ୟଂକୁ ସ୍ମରଣ କରି ତାଙ୍କର ଜନ୍ମ ବିବରଣୀ ଓ ଶ୍ରୀକୃଷ୍ଣଙ୍କର ଚୈତନ୍ୟରୂପୀ ଅବତାର, ଚୈତନ୍ୟଙ୍କର ଲୀଳା, ପୁଣି ଉକ୍ତ ଛାନ୍ଦରେ କବି ଦାଶରଥି ଦାସ ତାଙ୍କ ଅଷ୍ଟ ଚତୁଷଷ୍ଠୀ ଗୁରୁଙ୍କର ମହିମା ବର୍ଣ୍ଣନା କରି (ଚୈତନ୍ୟ, ନିତ୍ୟାନନ୍ଦ, ଅଦ୍ୱୈତ ଆଚାର୍ଯ୍ୟ, ଗୌରଭକ୍ତ, ଶଚୀ ଜଗନ୍ନାଥ ମିଶ୍ର, ଶଙ୍କରାର୍ଣ୍ଣବ, ହାଡାଇପଣ୍ଡିତ, ଈଶ୍ୱରପୁରୀ, ଗଦାଧରସ୍ୱାମୀ, ରାୟ ରାମାନଂଦ, ଶିବାନନ୍ଦ, ବାସୁଦେବ ଘୋଷ, ବକ୍ରେଶ୍ୱର ପଣ୍ଡିତ, ଚନ୍ଦ୍ରଶେଖର ଆଚାର୍ଯ୍ୟ, ଶ୍ରୀନିବାସ ପଣ୍ଡିତ, କେଶବ ଭାରତୀ ଆଦିଙ୍କର) ବନ୍ଦନା ଗାନ ଓ ଗୌଡୀୟ ବୈଷ୍ଣବ ଭକ୍ତିତତ୍ତ୍ୱ ସହ ନିଜକୁ ଦାସରୂପେ ଗ୍ରହଣ ବିଷୟ ବର୍ଣ୍ଣିତ। ତେଣୁ କୁଞ୍ଜରେ ରାଧାକୃଷ୍ଣ ଓ ଗୋପୀମାନଙ୍କର ପ୍ରଶ୍ନୋତ୍ତର ସଭା, କୃଷ୍ଣଙ୍କର ଏକାଦିକ୍ରମେ ରାତ୍ର ଉଜାଗର,ଶରୀରରେ ଆୟାସ,ମାତା ଯଶୋଦାଙ୍କର ଦୁଃଖ, କାଳୀୟ ନାଗର ଗର୍ବ ଭଞ୍ଜନ, ଓ କୃଷ୍ଣ ସମେତ ସମସ୍ତ ଗୋପାଳ ଗୋପାଳୁଣୀଙ୍କ ଯମୁନା କୂଳରେ ସେହି ରାତ୍ର ଶୟନ, ଗୋପାଳୁଣୀମାନଙ୍କ କୃଷ୍ଣଙ୍କ ବିଭିନ୍ନ ଭୋଗରାଗ, ରାଧା କୃଷ୍ଣଙ୍କର ଉଚ୍ଛିଷ୍ଟାନ ଭୋଜନ, ବଳରାମଙ୍କଦ୍ୱାରା ପ୍ରଲମ୍ବାସୁରର ବଧ, ରାତ୍ରରେ ବନବିହାର ପ୍ରସଙ୍ଗ। ୭ମ ବୋଲିକୁ କବି ଦୁଇ ଭାଗରେ ବିଭକ୍ତ କରିଛନ୍ତି। ପ୍ରଥମ ଭାଗକୁ ଗୋପକେଳି ବାଣୀରେ ଓ ଦ୍ୱିତୀୟ ଭାଗକୁ ଗୁଣସାଗର ବାଣୀରେ ଗାଇବାକୁ ନିର୍ଦେଶ କରିଛନ୍ତି। ପ୍ରଥମ ଭାଗରେ ରାଧାକୃଷ୍ଣଙ୍କ ପ୍ରେମ ଓ ବିରହ ବର୍ଣ୍ଣନା, କୃଷ୍ଣଙ୍କର ରାଧାପ୍ରତି ପ୍ରେମଭାବ ଦେଖି ଚନ୍ଦ୍ରବଳୀର ଈର୍ଷା, କାମ ବିଧୁରା ଶ୍ରୀକୃଷ୍ଣ ସହ ରାଧାଙ୍କ କୁଞ୍ଜରେ ରତିକ୍ରୀଡ଼ା, କୃଷ୍ଣ ଗୋପଯୁବତୀମାନଙ୍କ ସହ ଶାପଖେଳ, ଜଟିଳା ରାଧାଙ୍କର ସତୀତ୍ୱକୁ ନେଇ ସନ୍ଦେହ ଓ ଏହାର ମୋଚନ ଆଦି ପ୍ରସଙ୍ଗ, ଦ୍ୱିତୀୟ ଭାଗରେ ଜୀବ-ପରମ ତତ୍ତ୍ୱର ବର୍ଣ୍ଣନା, ଶରଦରାସ, କୃଷ୍ଣଙ୍କର ବସ୍ତ୍ରହରଣ, ରାଧାକୃଷ୍ଣଙ୍କ ରାସ-କ୍ରୀଡ଼ା, ହିମଋତୁ ଆଦି ବିଭିନ୍ନ ବିଷୟ ବର୍ଣ୍ଣିତ। ୮ମ ବୋଲିକୁ ମଧ୍ୟ କବି ଦୁଇଗୋଟି ଭାଗରେ ବିଭକ୍ତ କରିଛନ୍ତି। ପ୍ରଥମ ଭାଗଟି ଏକ ବିଂଶାକ୍ଷରେ ରଚିତ। ଏଥିରେ ବସନ୍ତରାସ, ଗୋପୀଙ୍କ ସହ କୃଷ୍ଣଙ୍କର ଫଗୁ ଖେଳ, ଗୋପରେ ରାଧା,ଚନ୍ଦ୍ରାବଳୀ ସହ ସମ୍ଭୋଗ କ୍ରୀଡ଼ାର କ୍ଷତଚିହ୍ନ ଦେଖି କୃଷ୍ଣଙ୍କ ପ୍ରତି ରାଧାଙ୍କର ଅଭିମାନ, କୃଷ୍ଣଙ୍କୁ ରାଧାଙ୍କର ଶଠନାୟକ ଭାବେ ଭର୍ତ୍ସନା, ରାଧାକୃଷ୍ଣଙ୍କର ବିରହ, ରାଧାଙ୍କର ମାନଭଞ୍ଜନ ନିମନ୍ତେ କୃଷ୍ଣଙ୍କର ଦୂତୀ ପ୍ରେରଣ, ଶଙ୍ଖାସୁର ବଧ, ଲଳିତା ରାଧାଙ୍କୁ ପରକୀୟା ପ୍ରୀତିର ମହତ୍ୱ ପ୍ରତିପାଦନ କରିବାକୁ ଯାଇ ବିଭିନ୍ନ କାହାଣୀ କଥନ,କୃଷ୍ଣ ରାଧାଙ୍କର ପାଦ ବନ୍ଦନ ଓ କୁଞ୍ଜରେ ମିଳନ, ଦ୍ୱିତୀୟ ଭାଗଟି ବିଂଶାକ୍ଷରେ ରଚିତ। ଏହି ଛାନ୍ଦରେ ଗ୍ରୀଷ୍ମଋତୁ ବର୍ଣ୍ଣନା, ଗୋପାଙ୍ଗନାଙ୍କ ସହ କୃଷ୍ଣଙ୍କର ଜଳକ୍ରୀଡ଼ା। ପ୍ରାତଃ କାଳରୁ କୃଷ୍ଣ ଗୋଚରଣାର୍ଥେ ସଖାଙ୍କ ସହ ଅଶୋକ ବନକୁ ଗମନ,ସେଠାରେ ଗୋପବାଳମାନଙ୍କର ଉଦର ଜ୍ୱାଳା, ବ୍ରାହ୍ମଣମାନଙ୍କର କୃଷ୍ଣଙ୍କ ପ୍ରତି ଅନାଦର ଓ ବ୍ରାହ୍ମଣୀମାନଙ୍କର କୃଷ୍ଣଙ୍କ ପ୍ରତି ଆଦର ଭାବ, ଅନ୍ତରେ ବ୍ରାହ୍ମଣଙ୍କର ଅନୁଶୋଚନା ଆଦି ବିଷୟ ବର୍ଣ୍ଣିତ। ୯ମ ବୋଲିଟି ନବାକ୍ଷରୀ ବୃତ୍ତରେ

ରଚିତ । ଏଥିରେ ବର୍ଷାରତୁ ବର୍ଣ୍ଣିତ, ବର୍ଷାରତୁର ଆଗମନରେ ରାଧାକୃଷ୍ଣଙ୍କ ମିଳନର ଆକାଂକ୍ଷା । ରାଧାଙ୍କ ଶାଶୁ ଜଟିଳାର ରାଧାଙ୍କୁ କଡ଼ା ନଜର ବନ୍ଦୀ ଓ ଏଥିରୁ ମୁକ୍ତି ଉଦ୍ଦେଶ୍ୟରେ ଗୋପାଙ୍ଗନାମାନଙ୍କର ଉପାୟ ସ୍ଥିର, ବିଶ୍ୱାବସୁ ଶବର ଓ ନୀଳମାଧବ ପୂଜା, ରାଧାଙ୍କର ସୁଦଶା ବ୍ରତ ପାଳନ, ଗୋବର୍ଦ୍ଧନରେ ସିଦ୍ଧଶୀଳା ପୂଜା ପାଇଁ ରାଧା ସଖିଙ୍କ ସହ ଗମନ, ଗିରିରେ ରାଧାକୃଷ୍ଣଙ୍କର ମିଳନ, ବଳଦେବ, ଶ୍ରୀକୃଷ୍ଣ ଓ ରାଧିକାଙ୍କର ଜନ୍ମଦିବସ ପାଳନ, ଗୋପରେ ଇନ୍ଦ୍ରୋତ୍ସବ ପାଳନ ବିରୋଧରେ କୃଷ୍ଣଙ୍କର ମତ, ଇନ୍ଦ୍ରଙ୍କର କ୍ରୋଧ, କୃଷ୍ଣ ଇନ୍ଦ୍ରଙ୍କ ଗର୍ବ ଭଞ୍ଜନ ଉଦ୍ଦେଶ୍ୟରେ ଗୋବର୍ଦ୍ଧନ ଗିରି ଧାରଣ କରି ଗୋବିନ୍ଦ ନାମ ବହନ, ଇନ୍ଦ୍ରଙ୍କର ଗର୍ବ ଖଞ୍ଜନ, ଶ୍ରୀକୃଷ୍ଣ ବରୁଣପୁରରୁ ନିଜ ପିତାଙ୍କୁ ଉଦ୍ଧାର, ଆରିଷ୍ଟାସୁର(ଶଣ୍ଢ)ର ବଧ, ବ୍ୟୋମାସୁର ବଧ ଆଦି ବିଷୟ ବର୍ଣ୍ଣନା କରି କବି ଶେଷରେ ନିଜ ଜନ୍ମ ପରିଚୟ ପ୍ରଦାନ କରି ଛାନ୍ଦଟିକୁ ସମାପ୍ତ କରିଛନ୍ତି । ୧୦ମ ବୋଲିରେ ଶରତରତୁ ବର୍ଣ୍ଣନା, ବନବିହାର, ରାଧାଙ୍କ ଗର୍ବ ଓ ତାଙ୍କର ଗର୍ବ ଗଞ୍ଜନ, ରାଧାକୃଷ୍ଣଙ୍କର ମିଳନ,ଜଳକ୍ରୀଡ଼ା, କୃଷ୍ଣଙ୍କ ମଥୁରା ଓ ଦ୍ୱାରକା ଲୀଳାର ସଂକ୍ଷିପ୍ତ ବର୍ଣ୍ଣନା କରିଛନ୍ତି ।

## (ଚାରି)

## ବ୍ରଜବିହାର କାବ୍ୟରେ ଗୌଡ଼ୀୟ ବୈଷ୍ଣବଧାରା

ବିଷ୍ଣୁଙ୍କର ଉପାସକଙ୍କୁ ବୈଷ୍ଣବ, ଓ ସେମାନଙ୍କ ଦ୍ୱାରା ରଚିତ ଗ୍ରନ୍ଥ ସମୂହକୁ ବୈଷ୍ଣବୀୟ ସାହିତ୍ୟ କୁହାଯାଇଥାଏ । ପ୍ରାଚୀନ ସମୟରୁ ଓଡ଼ିଶାରେ ବୈଷ୍ଣବୀୟ ଚେତନା ଅଳ୍ପ ବହୁତେ ଥିଲେ ହେଁ, ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ହିଁ ଏଠାରେ ଏହାର ବିକାଶ ସୁଦୃଢ ଲାଭ କରିପାରିଛି । ସେ ଗୌଡ଼ ପ୍ରଦେଶରୁ ଉତ୍କଳକୁ ଆସିଥିଲେ, ତେଣୁ ତାଙ୍କ ପ୍ରଚଳିତ ଧର୍ମ ଧାରାକୁ ଚୈତନ୍ୟ ପନ୍ଥୀ ବା ଗୌଡୀୟ ବୈଷ୍ଣବ କୁହାଯାଇଥାଏ । ଏହି ଧାରାର ଲକ୍ଷ୍ୟ ହେଲେ ପ୍ରେମ ଓ ଭକ୍ତି ମାଧ୍ୟମରେ ରାଧାକୃଷ୍ଣଙ୍କ ଠାରେ ନିଜକୁ ସମର୍ପଣ କରିଦେବା । ତେଣୁ ଏହାର ଅନ୍ୟ ନାମ ଥିଲା ରାଗାନୁଗା । ଶ୍ରୀ ଚୈତନ୍ୟଙ୍କ ଓଡ଼ିଶା ଆଗମନ ସମୟରେ ଉତ୍କଳରେ ଏକ ସନ୍ଥ ଗୋଷ୍ଠୀଙ୍କର ଆବିର୍ଭାବ ଘଟିଥିଲା ଯାହାକି ପଞ୍ଚସଖା ଗୋଷ୍ଠୀ ନାମରେ ସୁପରିଚିତ । ସେମାନେ ଶ୍ରୀ ଚୈତନ୍ୟଙ୍କୁ ଗୁରୁ ରୂପେ ସ୍ୱୀକାର କରିଥିଲେ ହେଁ, ପ୍ରେମ ଭକ୍ତି ମାର୍ଗ ଅପେକ୍ଷା ଜ୍ଞାନମିଶ୍ରାଭକ୍ତି, ଅର୍ଥାତ୍ ଜ୍ଞାନ ତଥା ଯୋଗ ମାଧ୍ୟମରେ ଭଗବାନଙ୍କୁ ଲାଭ କରିବା ଥିଲା ଏମାନଙ୍କର ଲକ୍ଷ୍ୟ । ତେଣୁ ତାଙ୍କ ପ୍ରତ୍ୟେକ ସାହିତ୍ୟରେ ଏହି ଜ୍ଞାନମିଶ୍ରାଭକ୍ତି ମାର୍ଗକୁ ବିଶେଷ ଗୁରୁତ୍ୱ ଦେଇଥିଲେ । ଏହିପରି କାରଣରୁ ଓଡ଼ିଆ ସାହିତ୍ୟରେ ବୈଷ୍ଣବ ଗୋଷ୍ଠୀ ଦୁଇ ଭାଗରେ ଯଥା ଗୌଡ଼ୀୟ ଓ ଉତ୍କଳୀୟ ବୈଷ୍ଣବ ଭାବରେ ପରିଣତ ହୋଇଗଲା । ତେଣୁ କେତେକ କବି ରାଗାନୁଗା ଭକ୍ତିକୁ ନେଇ କାବ୍ୟ କବିତା ରଚନା କରିଥିବା ବେଳେ, ପୁଣି କେତେକଙ୍କ କାବ୍ୟ କବିତା ଜ୍ଞାନମିଶ୍ରାଭକ୍ତି ଚେତନାରେ ପରିପୁଷ୍ଟ । ଯେଉଁମାନେ ରାଗାନୁଗା ଭକ୍ତିକୁ ନେଇ କାବ୍ୟ କବିତା ରଚନା କଲେ ତାଙ୍କ ସାହିତ୍ୟରେ ଗୌଡୀୟ ବୈଷ୍ଣବର ଭଗବତ୍ ତତ୍ତ୍ୱ, ଶ୍ରୀରାଧା, ଗୋପୀତତ୍ତ୍ୱ, ଗୁରୁବାଦ, ସଖୀତତ୍ତ୍ୱ, ରାସକ୍ରୀଡ଼ା, ଭକ୍ତି ଓ ପ୍ରେମତତ୍ତ୍ୱ, ରସତତ୍ତ୍ୱ, ଧାମତତ୍ତ୍ୱ, ନାମତତ୍ତ୍ୱ, ସୃଷ୍ଟିତତ୍ତ୍ୱ ପ୍ରଭୃତି ପରିଦୃଶ୍ୟମାନ । କବି ଦାଶରଥି ଦାସ ଜଣେ ବିଶିଷ୍ଟ ଚୈତନ୍ୟ ପନ୍ଥୀ ଥିବାରୁ ତାଙ୍କ ବ୍ରଜବିହାର କାବ୍ୟରେ ଏହି ଗୌଡୀୟ ବୈଷ୍ଣବତତ୍ତ୍ୱ ସମୂହ ପରିଲକ୍ଷିତ ହୁଏ ଯେପରି–

**(କ) ଭଗବତ୍ ତତ୍ତ୍ୱ:** ଶ୍ରୀରାଧା ଓ ଶ୍ରୀକୃଷ୍ଣ ହେଉଛନ୍ତି, ଶ୍ରୀଚୈତନ୍ୟ ସମ୍ପ୍ରଦାୟର ଉପାସ୍ୟ ଦେବତା । ଏହି ସମ୍ପ୍ରଦାୟରେ ଶ୍ରୀକୃଷ୍ଣ ଈଶ୍ୱର ପରଂବ୍ରହ୍ମଙ୍କ ସ୍ୱୟଂରୂ,ଭଗବାନ, ସ୍ୱତନ୍ତ୍ର, ଇଚ୍ଛାମୟ, ସର୍ବଶକ୍ତିବନ୍ତ, ନିତ୍ୟ, ସନାତନ ଓ ବ୍ୟକ୍ତାବ୍ୟକ୍ତ ଭାବରେ ଗୃହୀତ । ପୁନଶ୍ଚ ସେ ଆଦି ଓ ଅନାଦି, ନିର୍ଗୁଣ ଓ ସଗୁଣ । ଚୈତନ୍ୟପନ୍ଥୀ ବୈଷ୍ଣବମାନେ ତାଙ୍କୁ ବ୍ରହ୍ମରୂପେ ନିରୂପଣ କରିଥାନ୍ତି । ତେଣୁ ସେ ସେବକ ଓ ସେବ୍ୟ । ସେ ସୃଷ୍ଟି, ପାଳନ ଓ ସଂହାରର କର୍ତ୍ତା । ଏହା ତାଙ୍କର ଲୀଳାମାତ୍ର । ଗୌଡ଼ୀୟ ବୈଷ୍ଣବରେ ଶ୍ରୀକୃଷ୍ଣଙ୍କର ଲୀଳାଖେଳାକୁ ତ୍ରିଧା ବିଭକ୍ତ କରାଯାଇଛି । ସେ ଦ୍ୱାରକାରେ ପୂର୍ଣ୍ଣ, ମଥୁରାରେ ପୂର୍ଣ୍ଣତର ଓ ଗୋକୁଳରେ ପୂର୍ଣ୍ଣୋତମ ଲୀଳା ପ୍ରକାଶ କରିଥାନ୍ତି । କୃଷ୍ଣଙ୍କର ଗୋପଲୀଳାରେ ବାତ୍ସଲ୍ୟ(ଯଶୋଦା-କୃଷ୍ଣ), ସପକ୍ଷ ଭାବ(ସୁଦାମ,ସୁବଳ) ଇତ୍ୟାଦି ଗୋପବାଳକଙ୍କ ସହ, ପ୍ରେମ(ରାଧା ଓ ଗୋପୀଙ୍କ ସହ), ବୀର ଭାବ(ଅଘା, ବକା, କଂସ ଆଦି ନିଧନ)ରେ ଫୁଟିଉଠିଛି । ବ୍ରଜବିହାର କାବ୍ୟରେ ମଧ୍ୟ କବି କୃଷ୍ଣଙ୍କର ଗୋପଲୀଳାକୁ ବିଶେଷ ଭାବରେ ଗୁରୁତ୍ୱ ଦେଇଛନ୍ତି ।

**(ଖ) ଗୋପୀତତ୍ତ୍ୱ:** ଗୋପୀତତ୍ତ୍ୱ କହିଲେ ମୁଖ୍ୟତଃ ଗୋପୀଭାବକୁ ହିଁ ବୁଝାଇଥାଏ । ଏହି ଗୋପୀ ଭାବ ହେଉଛି ଚୈତନ୍ୟ ପନ୍ଥୀ ବୈଷ୍ଣବ ଧର୍ମର ମୁଖ୍ୟ ବିଭବ । ଗୋପୀମାନଙ୍କର କୃଷ୍ଣଙ୍କ ପ୍ରତି ପ୍ରେମ କାମଗନ୍ଧହୀନ ସ୍ୱାଭାବିକ ପ୍ରେମ । ନିର୍ମଳ ଉଜ୍ଜ୍ୱଳ ଦଗ୍ଧ ହେମ ସଦୃଶ । ତେଣୁ ଶ୍ରୀକୃଷ୍ଣଙ୍କ ସହିତ ଗୋପାଙ୍ଗନାମାନଙ୍କର କାନ୍ତା ସଦୃଶୀ ଲୀଳାକୁ କାମଲୀଳା କୁହାଯାଇ ନ ପାରେ । ଶ୍ରୀରାଧା ଯେପରି କୃଷ୍ଣଙ୍କର ହ୍ଲାଦିନୀ ପ୍ରଧାନ ସ୍ୱରୂପଶକ୍ତି ତାଙ୍କ କାୟବ୍ୟୂହ ଅଂଶ ହୋଇଥିବାରୁ ସଖୀମାନେ ମଧ୍ୟ ସେହିପରି ରୂପଗତ ହ୍ଲାଦିନୀ ପ୍ରଧାନ ଶକ୍ତି । ପୁଣି ରାଧାଙ୍କର ଯେପରି ଏକମାତ୍ର କାମ୍ୟ ହେଉଛି ସର୍ବତୋଭାବେ ଶ୍ରୀକୃଷ୍ଣଙ୍କ ପ୍ରୀତିବିଧାନ ସେହିପରି ସ୍ୱସୁଖ ବାସନା ଲେଶ ଏହି ଗୋପୀମାନଙ୍କର କାମ୍ୟ ମଧ୍ୟ ରାଧାକୃଷ୍ଣଙ୍କର ମିଳନଗତ ଆନନ୍ଦ ଉପଲବ୍ଧି କରିବା ।

**(ଗ) ରାସଲୀଳା ତତ୍ତ୍ୱ :** ଗୌଡୀୟ ବୈଷ୍ଣବ ସାହିତ୍ୟରେ ରାସଲୀଳାର ବର୍ଣ୍ଣନାକୁ କବି ମାନେ ବିଶେଷ ଭାବରେ ଗୁରୁତ୍ୱ ଦେଇଥାନ୍ତି । ଏଥିରେ ବର୍ଣ୍ଣିତ 'ରାସ' ଶବ୍ଦଟି 'ରସ' ଶବ୍ଦରୁ ଉତ୍ପତ୍ତି ।

'ରାସ' ହେଉଛି ଏକପ୍ରକାର ନୃତ୍ୟ। ଅର୍ଥାତ୍ ବହୁ ନର୍ତ୍ତକୀ ବିଶିଷ୍ଟ ବିଶେଷ ନୃତ୍ୟକୁ ରାସ କୁହାଯାଇଥାଏ। ବିଷ୍ଣୁପୁରାଣରେ ବର୍ଣ୍ଣିତ ଅଛି ଯେ, କୃଷ୍ଣଙ୍କ ଦ୍ୱାରା ପ୍ରସ୍ତୁତ ଗୋପୀମାନଙ୍କର ମଣ୍ଡଳାକୃତି ନୃତ୍ୟ ହେଉଛି ରାସ। ଏହାକୁ ହଲ୍ଲୀଶକ ନୃତ୍ୟ ବୋଲି ମଧ୍ୟ କୁହାଯାଇଥାଏ। ତେଣୁ ଶ୍ରୀକୃଷ୍ଣ ରାଧା ତଥା ଗୋପାଙ୍ଗନାଙ୍କ ସହ ବିଭିନ୍ନ ଢଙ୍ଗରେ ଏହି ନୃତ୍ୟ ରୂପକ ଲୀଳା କରିଥାନ୍ତି, ତେଣୁ ଏହାର ନାମ ରାସଲୀଳା ବା ରାସକ୍ରୀଡ଼ା। ଉକ୍ତ ନୃତ୍ୟ ମଧ୍ୟରେ ଚୁମ୍ବନ, ଆଲିଙ୍ଗନ, ସ୍ତନ ମର୍ଦ୍ଦନ ଆଦି କାମକଳା ଚର୍ଚ୍ଚାର ଆବଶ୍ୟକତା ରହିଥାଏ। ତେଣୁ ରାସଲୀଳା କାଳରେ ଶ୍ରୀକୃଷ୍ଣ ଅଙ୍ଗ, କର ଓ ପଦ ବିକ୍ଷେନ ସହିତ ଗୋପାଙ୍ଗନାମାନଙ୍କ ସହ ଅତ୍ୟନ୍ତ ଚତୁରତା ସହ ନୃତ୍ୟ କରିଥାନ୍ତି। ପୁଣି ଏହି ରାସଲୀଳା ମଧ୍ୟରେ ବସନ୍ତରାସ ଓ ଶରଦରାସ ହେଉଛି ସର୍ବୋତ୍ତମ। ଋତୁ ମଧ୍ୟରେ ବସନ୍ତ ଋତୁରାଜ ହୋଇଥିବାରୁ ଏହି ସମୟରେ କୃଷ୍ଣ ଗୋପାଙ୍ଗନାମାନଙ୍କ ସହ ଯେଉଁ କ୍ରୀଡ଼ା କରନ୍ତି ତାହାକୁ ବସନ୍ତରାସ କୁହାଯାଏ। ଏଠାରେ ବସନ୍ତରାସର ଏକ ଉଦାହରଣ ନିଆଯାଇପାରେ। ଯଥା-

"କାମିନୀ ମଧ୍ୟେ କେଳି ବିନୋଦେ ।
ବସନ୍ତେ ଫଗୁ ଉତ୍ସବ ଗୋବିନ୍ଦେର ॥
ନୃତ୍ୟ ବଶରେ ରାସ ରସରେ ।
ମନୋହର ନଟବର ବେଶରେ ॥"(୮ମ ବୋଲି)

ବସନ୍ତ ରାସ ପରି ଶରତ ଋତୁ କାଳୀନ ରାସକ୍ରୀଡ଼ାକୁ ଶରଦରାସ ବା ଶରଦରାହାସ କୁହାଯାଇଥାଏ। ଏହି ଉଭୟ ରାସକ୍ରୀଡ଼ାର ମହତ୍ତ୍ୱକୁ କବି ଦାଶରଥି ତାଙ୍କ କାବ୍ୟର ସପ୍ତମ ଓ ଅଷ୍ଟମ ବୋଲିରେ ବିଶେଷ ଭାବରେ ବର୍ଣ୍ଣନା କରିଛନ୍ତି।

**(ଘ) ଭକ୍ତି ଓ ପ୍ରେମତତ୍ତ୍ୱ :** ପ୍ରାଚୀନ ସମୟରୁ ସାଧନାର ତିନୋଟି ମାର୍ଗ ରହିଆସିଛି ଜ୍ଞାନ, କର୍ମ, ଭକ୍ତି। ଏଥି ମଧ୍ୟରୁ ଭକ୍ତି ହେଉଛି ଅନ୍ୟତମ, କାରଣ ଏହା ସରଳ ଓ ସହଜ ଅଟେ। ପୁଣି ସତ୍ତ୍ୱେ, ରଜ ଓ ତମ ଏହି ଗୁଣଯୁକ୍ତ ଭକ୍ତି ଭେଦରେ ସାଧନା ଭକ୍ତି ତ୍ରିବିଧ। ଏଥିରୁ ଉତ୍ତମା ଭକ୍ତି ସାଧନଭକ୍ତି, ଭାବଭକ୍ତି ଓ ପ୍ରେମଭକ୍ତିର ଉତ୍ପତ୍ତି ହୋଇଥାଏ। ଉତ୍ତମା ଭକ୍ତି ଇନ୍ଦ୍ରିୟଦ୍ୱାରା ଅନୁଷ୍ଠିତ ହେଲେ ତାହାକୁ ସାଧନ ଭକ୍ତି କୁହାଯାଇଥାଏ। ସାଧନ ଭକ୍ତିର ସାଧ୍ୟ ବା ଲକ୍ଷ୍ୟ ହେଉଛି ଭାବ ବା ପ୍ରେମ। ଏହି ଉତ୍ତମା ସାଧନା ଭକ୍ତିର ନଅଟି ଲକ୍ଷଣ ସମ୍ପର୍କରେ ଶ୍ରୀମଦଭାଗବତରେ କୁହାଯାଇଛି। ସେଗୁଡ଼ିକ ହେଲା-

ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମନିବେଦନ। ଏହା ବୈଧୀ ଓ ରାଗାନୁଗା ଭେଦରେ ଦୁଇ ଭଗରେ ବିଭକ୍ତ ହେଲେ ହେଁ, ରାଗାନୁଗା ଭକ୍ତିକୁ ସର୍ବଶ୍ରେଷ୍ଠ ଭାବେ ଗ୍ରହଣ କରାଯାଇଥାଏ। ଭକ୍ତି ପରି ପ୍ରେମର ସ୍ୱରୂପ ଲକ୍ଷଣ ହେଉଛି ସାନ୍ଦ୍ରତା ବା ଗାଢତା।

ପ୍ରେମ ଗାଢତର ହେଲେ ରତି ଭାବ ଜାଗ୍ରତ ହୋଇଥାଏ। ତେଣୁ ରତି ଭେଦରେ ପ୍ରେମକୁ ବୈଷ୍ଣବ ସାହିତ୍ୟରେ ସ୍ୱକୀୟା ଓ ପରକୀୟା ଭାବରେ ବିଭକ୍ତ କରାଯାଇଛି। ପରକୀୟା ଅପେକ୍ଷା ସ୍ୱକୀୟାକୁ ସର୍ବୋତ୍ତମ ବୋଲି କୁହାଯାଇଅଛି। ଯାଥା କବିଙ୍କ ଭାଷାରେ-

"ପରକୀୟା ରସ ସୁଖ ବିଶେଷ । ବେନିମନ କେଭେ ନୁହଇ ତୋଷ ର
ଚୋରି ସୁରତି ଲାଳସ ମତି । ସ୍ୱକୀୟାରେ କାହିଁ ହେବ ସେ ପ୍ରୀତି ର " (୮ମ ବୋଲି)

ଏଥିରୁ ପରକୀୟା ପ୍ରେମ ପରାକାଷ୍ଠାକୁ ଗୌଡୀୟ ବୈଷ୍ଣବ ସାହିତ୍ୟରେ ସର୍ବଶ୍ରେଷ୍ଠ ଭାବରେ ଗ୍ରହଣ କରାଯାଇଥାଏ। କବି ସେଥିପାଇଁ ଅଷ୍ଟମ ବୋଲିରେ ଏହାର ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି।

**(ଙ) ଗୁରୁବାଦ-** ଗୌଡୀୟ ବୈଷ୍ଣବ ଗ୍ରନ୍ଥମାନଙ୍କରେ ଗୁରୁଙ୍କୁ ଶ୍ରେଷ୍ଠ ସ୍ଥାନର ଅଧିକାର ଦିଆଯାଇଥାଏ। ତେଣୁ 'ଶ୍ରୀଚୈତନ୍ୟ ଚରିତାମୃତ' ଗ୍ରନ୍ଥରେ କୁହାଯାଇଛି-"କୃଷ୍ଣ, ଗୁରୁ, ଭକ୍ତ, ଶକ୍ତି, ଅବତାର, ପ୍ରକାଶ । କୃଷ୍ଣ ଏଇ ପଛୟ ରୂପେ କରେନ ବିଳାସ।"(ଆଦ୍ୟଲୀଳା,ପ୍ରଥମ ପରିଚ୍ଛେଦ, ପୃ-୮)। ଅର୍ଥାତ୍ ଗୁରୁ ହେଉଛନ୍ତି ସ୍ୱୟଂ ଶ୍ରୀକୃଷ୍ଣଙ୍କ ତୁଲ୍ୟ। ତାଙ୍କର ପୂଜାର୍ଚ୍ଚନା କରିବାଦ୍ୱାରା ସାଧକର ଭକ୍ତି ଯୋଗରେ ସିଦ୍ଧିତ୍ୱ ଆସିଥାଏ। ତେଣୁ ମହାତ୍ମାମାନେ ଦେବତା ଓ ଗୁରୁଙ୍କ ମଧ୍ୟରେ କୌଣସି ପ୍ରଭେଦ ନ ଦେଖି ତାଙ୍କୁ ଦେବତା ତୁଲ୍ୟ ପୂଜା କରିଥାନ୍ତି। ଏହି ବୈଷ୍ଣବ କବିମାନେ ସେମାନଙ୍କର ପ୍ରାୟତଃ କାବ୍ୟରେ ଗୁରୁଙ୍କର ବନ୍ଦନା କରିବା ସଙ୍ଗେ ସଙ୍ଗେ ଗୁରୁଙ୍କର ମହତ୍ତ୍ୱକୁ ସ୍ୱୀକାର କରିଥାନ୍ତି। କବି ଦାଶରଥି ଦାସ ମଧ୍ୟ ବ୍ରଜବିହାର କାବ୍ୟର ଷଷ୍ଠ ବୋଲିରେ ତାଙ୍କ ଅଷ୍ଟ ଚତୁଷଷ୍ଠୀ ଗୁରୁଙ୍କର ମହିମା ବର୍ଣ୍ଣନା ପ୍ରକ୍ଷାନପୂର୍ବକ ବନ୍ଦନା ଗାନ କରିଛନ୍ତି। ଗୌଡୀୟ ବୈଷ୍ଣବ ଭକ୍ତିତତ୍ତ୍ୱ ଅନୁଯାୟୀ ନିଜକୁ ଦାସରୂପେ ଗ୍ରହଣ କରିଛନ୍ତି।

ଶେଷରେ ଏତିକି କୁହାଯାଇପାରେ ଯେ, ପ୍ରତିଟି ଦୃଷ୍ଟିକୋଣରୁ ଦାଶରଥି ଦାସଙ୍କ ବ୍ରଜବିହାର ଏକ ବହୁ ଗୁରୁତ୍ୱପୂର୍ଣ୍ଣକାବ୍ୟ। କବିଙ୍କର କାବ୍ୟରେ ଥିବା ବିଷୟବସ୍ତୁ, ବର୍ଣ୍ଣନାପାଟବତା, ଆଳଙ୍କାରିକତା, ଚମତ୍କାର ପଦ ସଂଯୋଜନା, ବିଭିନ୍ନ ରାଗରାଗିଣୀ ତଥା ବୃତ୍ତର ବ୍ୟବହାର, କାବ୍ୟରେ ବିଭିନ୍ନ ରସର ଅବତାରଣା, ଅନେକ ସ୍ଥଳରେ ଗ୍ରାମୀଣ ଭାଷାର ପ୍ରୟୋଗ, ରୂଢ଼ି ତଥା ଲୋକବାଣୀର ପ୍ରୟୋଗ, ବିଭିନ୍ନ ଛାନ୍ଦରେ କ୍ଷୁଦ୍ର କ୍ଷୁଦ୍ର କବିତାର ସଂଯୋଜନା, ସଂସ୍କୃତ ପଂକ୍ତିଗୁଡ଼ିକର ଅବତାରଣା, ପ୍ରକୃତି ଚିତ୍ରଣଆଦିକୁ ପୁଙ୍ଖାନୁପୁଙ୍ଖ ଭାବେ ବର୍ଣ୍ଣନା କରିଯାଇଛନ୍ତି। ବ୍ରଜବିହାର କାବ୍ୟ ତତ୍କାଳୀନ ସମୟରେ ମଧ୍ୟଯୁଗୀୟ ସାହିତ୍ୟରେ ଏହା ଏକ ବିଶେଷ ସ୍ଥାନ ଅଧିକାର ଲାଭ

କରିପାରିଥିଲା । କାବ୍ୟର ଅବୟବ ଯଦିଓ ବୃହତ୍ ତଥାପି ମଧ୍ୟ ଏହାର ରଚନାଶୈଳୀ ଯୋଗୁଁ ଅନ୍ୟ କାବ୍ୟଗୁଡ଼ିକ ପରି ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କରିପାରିଛି । ପୁଣି ଗୌଡ଼ୀୟ ବୈଷ୍ଣବ ଧାରାର ଏକ ବିଶେଷ ଦିଗ ହେଉଛି ନିଜର ଦାସତ୍ୱ ଭାବ ପରିପ୍ରକାଶ କରିବା ତେଣୁ କବି ବ୍ରଜବିହାର କାବ୍ୟର ଅନେକ ସ୍ଥଳରେ ନିଜକୁ ଦାସ ରୂପେ ବର୍ଣ୍ଣନା କରିଛନ୍ତି । ଏଥିରୁ ଅନୁମିତ ହୁଏ ଯେ, ସେ ଜଣେ ବିଶିଷ୍ଟ ଚୈତନ୍ୟପନ୍ଥୀ ବୈଷ୍ଣବ ଥିଲେ । ପୁଣି କବିଙ୍କ ଜୀବଦ୍ଦଶାରେ ଏହି ଗୋଟିଏ କାବ୍ୟ ରଚନା କରିଥିବାର ସୂଚନା ମିଳେ । କାରଣ ତାଙ୍କ ନାମରେ ରଚିତ ଅନ୍ୟ କୋଣସି ଗ୍ରନ୍ଥ ଏଯାବତ୍ ମିଳିପାରି ନାହିଁ । ତେଣୁ ଏହି ଗୋଟିଏ କୃତି ମ୍ନାମରେ କବି ଅନେକ ଲୋକପ୍ରିୟତା ଅର୍ଜନ କରିପାରିଥିଲେ । ଯାହାର ପ୍ରମାଣ ମିଳେ ବିଭିନ୍ନ ସାମ୍ପ୍ରତିକ ସମୟର ପଠାଗାର ତଥା ଅଭିଲେଖାଗାରରେ ରହିଥିବା ଅନେକ ପ୍ରତିଲିପି ବା ଅନୁଲିପିମାନଙ୍କଗୁଡ଼ିକରୁ । କାବ୍ୟ ବର୍ଣ୍ଣିତ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ବିଭିନ୍ନ ତତ୍ତ୍ୱକୁ ଅନୁଧ୍ୟାନ କଲେ ଓଡ଼ିଆ ସାହିତ୍ୟରେ ବ୍ରଜବିହାର ଏକ ଶ୍ରେଷ୍ଠ ଗୌଡୀୟ ବୈଷ୍ଣବ କାବ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଦାସ 'କୀରମୋହନ- (ସମ୍ପାଦନା) 'ବ୍ରଜବିହାର' ୧ମ ଓ ୨ୟଖଣ୍ଡ (କବି- ଦାଶରଥି ଦାସ), ପ୍ରକାଶକ – ଶ୍ରୀହରି ସଂକର୍ତ୍ତନ ପ୍ରକାଶନୀ, ଓଡ଼ିଆ ବଜାର କଟକ, ପ୍ରଥମ ସଂସ୍କରଣ- ୧୯୮୩। (ଓଡ଼ିଆ ବିଭବ)

୨. ଦାସ ସୂର୍ଯ୍ୟନାରାୟଣ - ଓଡିଆ ସାହିତ୍ୟର ଇତିହାସ(ତୃତୀତ ଭାଗ), ପ୍ରକାଶକ- ଗ୍ରନ୍ଥମନ୍ଦିର, ବାଲୁବଜାର, କଟକ, ୧୯୬୬।

୩. ପଟ୍ଟନାୟକ ଆଶୁତୋଷ – ବୈଷ୍ଣବ ସାହିତ୍ୟତତ୍ତ୍ୱ, ପ୍ରକାଶକ- ବିଦ୍ୟା ପ୍ରକାଶନ, ବାଲୁବଜାର କଟକ, ତୃତୀୟ ସଂସ୍କରଣ- ୨୦୧୭।

୪. ବଳ ଗଙ୍ଗାଧର- ବୈଷ୍ଣବ ସାହିତ୍ୟ, ପ୍ରକାଶକ- ଅପୂର୍ବା, ୟୁନିଟ୍ – ୩, ଖାରବେଳ ନଗର, ଭୁବନେଶ୍ୱର, ନୂତନ ସଂସ୍କରଣ- ୨୦୨୧।

୫. ମହାନ୍ତି ସୁଧୀର ଚନ୍ଦ୍ର- ବୈଷ୍ଣବ ଦର୍ଶନ ଓ ତତ୍ତ୍ୱ, ପ୍ରକାଶକ- ବିଦ୍ୟାପୁରୀ, ବାଲୁବଜାର, କଟକ, ପ୍ରଥମ ସଂସ୍କରଣ- ୨୦୧୮।


❖ ❖ ❖

DOI : https://doi.org/10.5281/zenodo.15253267

ମୂଳ ପ୍ରବନ୍ଧ

# ମହାପାତ୍ର ନୀଳମଣି ସାହୁଙ୍କ ରମ୍ୟରଚନାରେ ହାସ୍ୟରସ

**କାମାକ୍ଷା ବେହେରା**

**ସଂକ୍ଷିପ୍ତସାର :**

ସାହିତ୍ୟ ସମାଜ ସହ ମାନବ ଜୀବନକୁ ପ୍ରତିଫଳନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମଣିଷକୁ ନୀତି, ଆଦର୍ଶର ଶିକ୍ଷା ଦେବା ସହ ତାର ଜୀବନକୁ ଏହା ଶୃଙ୍ଖଳିତ କରେ। ଠିକ୍ ସେହିପରି ମଣିଷ ଜୀବନରେ ଆନନ୍ଦର ଲହରୀ ସୃଷ୍ଟି କରିବା ପାଇଁ ଏହାଠାରୁ ଅନ୍ୟ କୌଣସି ଶ୍ରେଷ୍ଠ ମାଧ୍ୟମ ନାହିଁ। ଆଧୁନିକ ଯୁଗ ଆରମ୍ଭରେ ଗଦ୍ୟ ସାହିତ୍ୟର ଯେଉଁ ନୂତନ ବିଭାଗଗୁଡ଼ିକ ଆତ୍ମପ୍ରକାଶ କରିଥିଲା, ତନ୍ମଧ୍ୟରୁ ହାସ୍ୟରସଧର୍ମୀ 'ରମ୍ୟରଚନା' ବିଭାଗଟି ଅନ୍ୟତମ। ଏଥିରେ ହାସ୍ୟ, ବ୍ୟଙ୍ଗ ଓ ବିଦ୍ରୂପ ମାଧ୍ୟମରେ ଗୂଢ଼ ତଥ୍ୟ ତଥା ମଣିଷ ଜୀବନର ବିଭିନ୍ନ ଦିଗ ସମ୍ବନ୍ଧୀୟ ସମସ୍ୟା ବିଷୟରେ ଉପସ୍ଥାପନ କରଯାଇଛି। ମୁଖ୍ୟ ଭାବେ ଏହା ମଧ୍ୟରେ ଥିବା ହାସ୍ୟ ଉପାଦାନକୁ ପ୍ରୟୋଗ କରି ସ୍ୱାଧୀନତା ପରବର୍ତ୍ତୀ ସମୟରେ ରମ୍ୟରଚକ ମହାପାତ୍ର ନୀଳମଣି ସାହୁ କିପରି ଏହି ରମ୍ୟରଚନା ବିଭାଗଟିକୁ ପରିପୁଷ୍ଟ କରିଛନ୍ତି ତାହାକୁ ଆଲୋଚନା କରାଯାଇଛି।

**ପ୍ରମୁଖ ଶବ୍ଦାବଳୀ :**

ବିଦୂଷକ(ହାସ୍ୟ ଅଭିନେତା), ଦୁଆରୀ(ହାସ୍ୟ ଅଭିନେତା), ହସନ୍ତିକା(ହାସ୍ୟ ରଚନା), ବ୍ୟଙ୍ଗ( ଆକ୍ଷେପ ବାଣୀ), ଲାଳିକା (ହାସ୍ୟରସଧର୍ମୀ ରଚନା), ମସ୍କରିଆ(ରସିକିଆ ବ୍ୟକ୍ତି), ପ୍ରଜ୍ଞା(ଜ୍ଞାନ), ବିଦଗ୍ଧତା(ପାଣ୍ଡିତ୍ୟ) ଇତ୍ୟାଦି।

## ଉପକ୍ରମ :

ମହାପାତ୍ର ନୀଳମଣି ସାହୁ ଓଡ଼ିଆ ରମ୍ୟରଚନା ସାହିତ୍ୟର ଏକ ପ୍ରସିଦ୍ଧ ନାମ। ତାଙ୍କ ରମ୍ୟରଚନାଗୁଡ଼ିକରେ ନୂତନ ଚିନ୍ତାଧାରାର ଉନ୍ମେଷ ଓ ସାମଜିକ-ମାନବିକ ମୂଲ୍ୟବୋଧର ସ୍ପଷ୍ଟ ପ୍ରତିଫଳନ ହୋଇଥାଏ। ପୁନଶ୍ଚ ତାଙ୍କ ରଚନାଗୁଡ଼ିକରେ ପ୍ରାଚୀନ ସଂସ୍କୃତି ଓ ଐତିହ୍ୟର ପ୍ରାଣସ୍ପନ୍ଦନକୁ ଅନୁଭବ କରିହୁଏ। ସାମ୍ପ୍ରତିକ ସମସ୍ୟାକୁ ବିଶ୍ଳେଷଣ କରିବା ସମୟରେ ପ୍ରାଚୀନ ନୀତିକଥା, ଇତିହାସ ଓ ପୁରାଣର ଉଦ୍ଧୃତିମାନଙ୍କୁ ସେ ପ୍ରୟୋଗ କରିଛନ୍ତି। ଏହା ସହ ବିଭିନ୍ନ ଧର୍ମର ବିଚାର ପରିପ୍ରେକ୍ଷୀରେ ତାଙ୍କର କୃତୀତ୍ୱ ଅବିସ୍ମରଣୀୟ। ଶ୍ରୀଯୁକ୍ତ ସାହୁ ତାଙ୍କ ରଚନାଗୁଡ଼ିକରେ ମୁଖ୍ୟତଃ ମାନବିକ ସମ୍ବେଦନଶୀଳତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ରଚନାରେ ସ୍ୱକୀୟ ଶୈଳୀ, ପ୍ରକାଶ ଭଙ୍ଗୀରେ ଆଭିଜାତ୍ୟ ଭାବ ଓ ପ୍ରାଣବନ୍ତ ଭାଷା ତାଙ୍କୁ ରମ୍ୟରଚନା ସାହିତ୍ୟ ଜଗତରେ ଏକ ଉଚ୍ଚ ଆସନରେ ପ୍ରତିଷ୍ଠିତ କରାଇପାରିଛି।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253267

Article No - BPP00281

ଶ୍ରୀଯୁକ୍ତ ସାହୁଙ୍କ ରମ୍ୟରଚନାର ବିଷୟ ତଥା ପ୍ରସଙ୍ଗ ଯେତେ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ସେ ପାଠକମାନଙ୍କୁ ହାସ୍ୟରସର ସମୁଦ୍ରରେ ବୁଡ଼ାଇବାକୁ ଭୁଲନ୍ତି ନାହିଁ। ଭାଗ୍ୟ ଦୁଃଖମୟ ସଂସାର ସାଗରରୁ ମଣିଷକୁ ସେ ବାହାର ନକରିପାରିଲେ ହେଁ, ଦୁଃଖ ସାଗରର ସାତତାଳ ପଙ୍କ ଭିତରୁ ହସର ପଦ୍ମଟିଏ ଫୁଟାଇବା ପାଇଁ ସେ ସଦା ପ୍ରଚେଷ୍ଟା କରିଛନ୍ତି। ସେ ଜାଣିଛନ୍ତି ମଣିଷର ଜୀବନରେ ଏ ହସ ବା ହାସ୍ୟରସର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ। ତେଣୁ ଦୈନନ୍ଦିନ ଜୀବନ ପ୍ରବାହ ମଧ୍ୟରେ ଯେଉଁ ସବୁ ହାସ୍ୟ ଅନୁଭୂତିଗୁଡ଼ିକୁ ସେ ସାଉଁଟିଛନ୍ତି, ତାହାକୁ

**ଯୋଗାଯୋଗ : କାମାକ୍ଷା ବେହେରା** ଗବେଷିକ, ସ୍ନାତକୋତ୍ତର, ଓଡ଼ିଆ ଭାଷା ସାହିତ୍ୟ ଓ ଅନୁବାଦ ବିଭାଗ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି
**E-mail :** beherakamakhya@gmail.com
**ORCID ID:** https://orcid.org/0009-0004-6821-5670

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୧.୨୦୨୪ | ୧୦.୦୧.୨୦୨୫ | ୨୫.୦୨.୨୦୨୫ | ୧.୦୩.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, କାମାକ୍ଷା ; ୨୦୨୫। ମହାପାତ୍ର ନୀଳମଣି ସାହୁଙ୍କ ରମ୍ୟରଚନାରେ ହାସ୍ୟରସ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ୦, ପୃଷ୍ଠା :୬୬-୭୦।

ଅତି ଚମତ୍କାର ଭାବେ ନିଜ ରଚନାରେ ପ୍ରକାଶ କରିଛନ୍ତି ।

ମଣିଷର ବ୍ୟସ୍ତମୟ ଜୀବନ ଭିତରେ ହସିବାର ମୂହୁର୍ତ୍ତ ଖୁବ ଅଳ୍ପ ଆସେ, ଏହା ଭିତରେ ହସର ଉପାଦାନକୁ କେଉଁଠୁ ପାଠକଟିଏ ପାଇଲେ ତା ମନ ଓ ଶରୀର ଉତ୍‌ଫୁଲିତ ହୋଇଉଠେ। ହସ ମଣିଷକୁ ସାହାସ ଦିଏ, ବଂଚିବାକୁ ନୂଆ ପ୍ରରଣା ଯୋଗାଏ। ହସ ଏକପକ୍ଷେ ଶାରୀରିକ ସୁଦୃଢତା ଆଣେ ତ, ଅନ୍ୟପକ୍ଷେ ମନକୁ ନିର୍ମଳ ରଖେ। ଏହା ବ୍ୟତିତ ନିତିଦିନିଆ ଜୀବନରେ ଆମର ଚଳଣୀକୁ ଏହା ସୁନ୍ଦର ତଥା ସଙ୍ଗତ କରାଇଥାଏ। ଏତେ ମହତ୍ତ୍ୟପୂର୍ଣ୍ଣ ଓ ଉପାଦେୟ ଉପାଦାନଟି ପୁଣି ମାନବେତର ଜୀବ ଦ୍ୱାରା ବ୍ୟବହୃତ ହୋଇପାରେ ନାହିଁ ଅବା ମାନବେତର ଗୋଷ୍ଠୀରେ ଏହାର କୌଣସି ମୂଲ୍ୟ ନାହିଁ। ତେଣୁ ଆମ ମାନବ ସମାଜରେ ଏହାର ଏକ ଅପୂର୍ବ ଭୂମିକାକୁ ମର୍ମେ ଅନୁଭବ କରିହୁଏ।

ମଣିଷ ଯେଉଁ ହସ ହସେ ତାହା ପୁଣି ସହଜ ଓ ସାଧାରଣ କାର୍ଯ୍ୟ ବୋଲି ପ୍ରତୀତ ହେଉଥିଲେ ହେଁ, ଏତେ ସହଜ ନୁହେଁ। ଏହା ଭିତରେ ବହୁ ବିଭାଗ ଅଛି, ଅଛି ଅତି ସୂକ୍ଷ୍ମ ଓ ଜଟିଳ ରହସ୍ୟ; କାରଣ ମଣିଷ ଖୁସିରେ ବି ହସେ, ପୁଣି ମନ ଦୁଃଖ ସମୟରେ ବି ହସେ। ନିଜେ ହସିବା ସହ ଅନ୍ୟକୁ ହସାଇବାର କ୍ଷମତାକୁ ଆଜିସୁଦ୍ଧା କେବଳ ମଣିଷ ହିଁ ହାସଲ କରିପାରିଛି। ପୁଣି ଏ ହସାଇବାର କୌଶଳ ସମସ୍ତଙ୍କ ଆୟତ୍ତାଧୀନ ନୁହେଁ; ଯେଉଁ ବ୍ୟକ୍ତି ହୃଦୟବାନ, ବୁଦ୍ଧିବାନ ଓ ଯାହାର ମୁକ୍ତ ଏବଂ ନିର୍ମଳ ହୃଦୟଟିଏ ଅଛି ସେ କେବଳ ଏହାକୁ ଆୟତ୍ତ କରିପାରିବ। କେବଳ ହସ କାହିଁକି, ହସ ପରି କାନ୍ଦ ମଧ୍ୟ ଏହି ଧରଣର ବ୍ୟକ୍ତିମାନଙ୍କ ଦ୍ୱାରା କେବଳ ଆୟତ୍ତ। ସୁସ୍ଥ, ନିର୍ମଳ ଓ ଉଦାର ବ୍ୟକ୍ତିଠାରୁ ହିଁ ଆମେ ଉଭୟ ଏହି ନିର୍ମଳ ହସ ଓ କାନ୍ଦ ପାଇପାରିବା।

ଯେଉଁ ଲୋକମାନେ ସାମାନ୍ୟ କଥାରେ ହସିପକାନ୍ତି କିମ୍ବା କାନ୍ଦି ପକାନ୍ତି ସେମାନଙ୍କ ହସ ଅବା କାନ୍ଦରେ ସେତେଟା ଗଭୀରତା ନଥାଏ, ନଥାଏ ବ୍ୟାପକ ବୁଝାବଣା। ଜଗତରେ ହସ ହେଉ ବା କାନ୍ଦ ହେଉ ତାକୁ ଗଭୀର ଭାବରେ ବୁଝିବାକୁ ସରଳ ହୃଦୟ ସହ ତୀକ୍ଷ୍ଣ ମାର୍ଜିତ ବୁଦ୍ଧିର ପ୍ରୟୋଜନ ରହିଛି। ଏଠାରେ ଏକ ଦୃଷ୍ଟାନ୍ତଟିଏ ନେବା, ସାଧାରଣ କଥାରେ କୁହାଯାଇଥାଏ – ବୋକା ସବୁବେଳେ ତିନିଥର ହସେ। ପ୍ରଥମ ଥର ଯେତେବେଳେ ସେ କଥାର ଭାବକୁ ନଜାଣି ମଧ୍ୟ ସମସ୍ତେ ହସୁଛନ୍ତି ବୋଲି ହସୁଥାଏ। ଦ୍ୱିତୀୟ ଥର ଯେତେବେଳେ ସେ ତା ବୁଦ୍ଧିକୁ ପ୍ରୟୋଗ କରି ହସର କାରଣଟିକୁ ଧରିନିଏ ଏବଂ ତୃତୀୟ ଥର ଯେତେବେଳେ ସେ ଶେଷରେ ଭାବେ କଥାଟା ଏଇଠି କିନ୍ତୁ ମୁଁ ବୋକା କିଛି ନବୁଝି ସେତେବେଳେ ହସୁଥିଲି। ଏଠାରେ ତୃତୀୟ ଥରର ହସ ଓ ପ୍ରଥମ ଥରର ହସ ଭିତରେ ବହୁତ ପାର୍ଥକ୍ୟ ରହିଛି, ପ୍ରଥମ ହସରେ ଥିବା ବୋକା ତୃତୀୟ ଥର ହସ ବେଳକୁ ଆଉ ବୋକା ନରହି ବିଜ୍ଞରେ ପରିଣତ ହୋଇସାରିଥାଏ।

ଭାରତୀୟ ତଥା ଓଡ଼ିଆ ସାହିତ୍ୟର ଅନେକ ଉପାଦାନ ଓ ସାହିତ୍ୟିକ ବିଭବ ଭଳି ଏ 'ହାସ୍ୟରସ' ବିଦେଶ ସାହିତ୍ୟ ବା ପାଶ୍ଚାତ୍ୟ ସାହିତ୍ୟରୁ ଆଗତ ହୋଇଛି। ପାଶ୍ଚାତ୍ୟ ସାହିତ୍ୟ ପରି ଆମ ସାହିତ୍ୟର ମଧ୍ୟ ଉତ୍କୃଷ୍ଟ ଧରଣର ହାସ୍ୟଧର୍ମୀ ପୁସ୍ତକଗୁଡ଼ିକ ରହିଛି। ବିଦେଶରୁ ଏହି ହାସ୍ୟରସ ଆଗତ ହେଲେହେଁ ଆମ ପ୍ରାଚୀନ ସାମାଜ ଓ ସାହିତ୍ୟରେ ଆମେ ଏହାର କିଛି ପୂର୍ବ ଝଲକ ଦେଖିବାକୁ ପାଇଥାଉ। ପ୍ରାଚୀନ ନାଟ୍ୟସାହିତ୍ୟରେ 'ବିଦୂଷକ', ଯାତ୍ରା ସୁଆଙ୍ଗରେ 'ଦୁଆରୀ' ଆଦି ପ୍ରକୃଷ୍ଟ ହାସ୍ୟାଭିନେତାଗଣ ଏହାକୁ ପ୍ରସାରିତ କରିଥିଲେ। ବିଭିନ୍ନ ଗ୍ରାମଗୁଡ଼ିକରେ ଆୟୋଜିତ ହେଉଥିବା 'ପାଲା', 'ଦାସକାଠିଆ' ଆଦି ଲୋକନାଟକରେ ଅଦ୍ୟାବଧି ଏହି ହାସ୍ୟରସର ପ୍ରବାହକୁ ଅନୁଭବ କରିହୁଏ।

ଅନ୍ୟ ଉପରେ ହସିବା ଅପେକ୍ଷା ନିଜକୁ ନେଇ ହସିବା ସବୁଠାରୁ ବିଜ୍ଞତାର ପରିଚୟ। ଏହା ହୋଇଥାଏ 'ନିର୍ମଳ ହାସ୍ୟ', ଯାହାକୁ ଅନ୍ୟ ଭାବରେ କୁହାଯାଇଥାଏ 'ରସିକତା', 'ବିଦଗ୍ଧତା' ବା 'ସେନସ୍ ଅଫ ହ୍ୟୁମର'। ନିର୍ମଳ ହାସ୍ୟ ସୃଷ୍ଟି କିନ୍ତୁ ସମସ୍ତଙ୍କ ଦ୍ୱାରା ସମ୍ଭବ ନୁହେଁ, ଯେଉଁ ବ୍ୟକ୍ତି ନମନୀୟ, ଦୟାବାନ୍ ଓ ରସିକ ସେମାନେ ହିଁ ଏହାର ମୂଳଉତ୍ସ। ତେଣୁ 'ବିବେକାନନ୍ଦ', 'ଅରବିନ୍ଦ', 'ମହାତ୍ମାଗାନ୍ଧି' ଓ 'ସାଇବାବା' ଆଦି ମହାନ୍ ବ୍ୟକ୍ତିମାନଙ୍କର ବ୍ୟକ୍ତିତ୍ୱରେ ଏହି ଦିଗଟିକୁ ଅନୁଭବ କରିହୁଏ। ଏହି ହାସ୍ୟରସଧର୍ମୀ ସାହିତ୍ୟ ରଚନା ସମୟରେ ଆମକୁ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେଇଥାଏ। ଆମ ଜୀବନରେ ମୁଖ୍ୟ ଭାବରେ ଦୁଇ ପ୍ରକାର ହାସ୍ୟ ରହିଥାଏ। ପ୍ରଥମରେ ଯେଉଁ ହାସ୍ୟ ଦ୍ୱାରା ଅନ୍ୟକୁ ଆନନ୍ଦ ପ୍ରଦାନ କରାଯାଏ, ଯାହା ଦ୍ୱାରା ମଧ୍ୟ ଅନ୍ୟର ଭୁଲ ସଂଶୋଧିତ ହୋଇଥାଏ। ଦ୍ୱିତୀୟଟି ହେଲା ଅନ୍ୟକୁ ଦଂଶନ କରିବାର ହାସ୍ୟ, ଯେଉଁଥିରେ ଅସହିଷ୍ଣୁ ବ୍ୟକ୍ତିମାନେ ଅନ୍ୟକୁ ନିଷ୍ଠୁରତାରେ ବା ହିଂସାରେ ଜାଳିଦିଅନ୍ତି।

ହାସ୍ୟ ଜଗତରେ ଏହି ଦ୍ୱିତୀୟ ଧରଣର ହିଂସାମୂଳକ ହାସ୍ୟର କୌଣସି ସ୍ଥାନ ନାହିଁ; କାରଣ ପ୍ରକୃତ ହାସ୍ୟ ତାହା ଯାହା ମଧ୍ୟରେ ବ୍ୟଙ୍ଗ ବିଦ୍ରୂପ ବା ପରିହାସ ଥାଉ ପଛକେ, କୌଣସି ହିଂସା ବା ଅସହିଷ୍ଣୁତା ନଥିବ। ଯେପରି ହାସ୍ୟରସ ପ୍ରୟୋଗରେ ଉଭୟ ଯେ ହାସ୍ୟରସ ସୃଷ୍ଟି କରନ୍ତି ଓ ଯାହାକୁ ନେଇ ହାସ୍ୟରସ ସୃଷ୍ଟି ହୋଇଛି ହାସ୍ୟଟିକୁ ଉପଭୋଗ କରିପାରିବେ। ନିର୍ମଳ ହାସ୍ୟର ମୁଖ୍ୟ ଲକ୍ଷ୍ୟ ହେଲା ଅନ୍ୟକୁ ହସାଇବା ସହ ନିଜେ ହସିବା। ସାହିତ୍ୟ କ୍ଷେତ୍ରରେ ନିର୍ମଳ ହାସ୍ୟ ବିଭିନ୍ନ ରୂପ ପରିଗ୍ରହଣ କରି ପ୍ରକାଶ ପାଇଛି ଯଥା– 'ବ୍ୟଙ୍ଗ', 'ବିଦ୍ରୂପ', 'ବକ୍ରୋକ୍ତି', 'ପ୍ରଜ୍ଞାବାଣୀ', 'ଲାଳିକା' ଓ 'ଶ୍ଳେଷ' ଇତ୍ୟାଦି। ତେଣୁ ବୁଝିବାକୁ ହେବ ଯେ ହାସ୍ୟରସ ସୃଷ୍ଟି କରୁଥିବା ବ୍ୟକ୍ତିର ମନ ଓ ହୃଦୟ ଯେପରି ନିର୍ମଳ, ବୁଦ୍ଧି ଓ ଜ୍ଞାନ ସେପରି

ପାକଳ। ସାହିତ୍ୟ କାହିଁକି ଆମ ଦୈନନ୍ଦିନ ଜୀବନରେ ମଧ୍ୟ ଏହି ନିର୍ମଳ ହାସ୍ୟରସର ପ୍ରବାହକୁ ଅନୁଭବ କରିହୁଏ। ସମାଜରେ କେତେକ ରସିକିଆ ବ୍ୟକ୍ତି ଯାହାଙ୍କୁ ଆମେ 'ଭାଣ୍ଡ' ବା 'ମସ୍କରିଆ'ର ଆଖ୍ୟା ପ୍ରଦାନ କରିଛୁ ସେ ଏହାକୁ ସାମାଜିକ ଜୀବନରେ ମିଶାଇ ଦେଇ ସୁସ୍ଥ ସମାଜ ଗଢିବାରେ ଅପୂର୍ବ ଭୂମିକା ଗ୍ରହଣ କରିଥାନ୍ତି। ସମାଜରେ ଅଜା-ନାତି, ଶଳା- ଭିଣୋଇ, ଦିଅର ଓ ଭାଉଜଙ୍କ ମଧ୍ୟରେ ଏ ଧରଣର ଥଟ୍ଟା ତାମ୍‌ସା ପ୍ରାୟ ସବୁଦିନ ଲାଗି ରହିଥାଏ।

ସଂପ୍ରତି ମଣିଷ ଏକ ଜଟିଳ ଜୀବନଧାରା ମଧ୍ୟ ଦେଇ ଗତି କରୁଛି। ଏହି ସ୍ୱାର୍ଥକେନ୍ଦ୍ରିକ ଓ ଅଂହଭାବନା ବିଚ୍ଛିନ୍ନବାଦୀ ସମାଜରେ ହାସ୍ୟରସର ମଧୁର ପ୍ରବାହର ଧାରା ଧୀରେ ଧୀରେ କମି ଯାଉଛି। ଲୋକମାନେ ନିଜ ସ୍ୱାର୍ଥ ଓ ଦେଖାଣିଆ ଜୀବନ ଭିତରେ ଏତେ ବ୍ୟସ୍ତ ହୋଇପଡ଼ିଲେଣି ଯେ ଏହାର ଅଭାବକୁ ମଧ୍ୟ ସେମାନେ ଅନୁଭବ କରିବାକୁ ଅସମର୍ଥ। ସାଧାରଣ ଜନତା ଏ କ୍ଷେତ୍ରରେ ସଚେତନ ନଥିଲେ ମଧ୍ୟ ଆମ ଜାତିର ମହାପୁରୁଷଗଣ ପୁଣି ଥରେ ସମାଜକୁ ନୂଆ କରି ଗଢି ତୋଳିବାକୁ ତଥା ସମାଜରେ ହାସ୍ୟରସର ତରଙ୍ଗ ଖେଳାଇ ଦେବାକୁ ଆପ୍ରାଣ ଉଦ୍ୟମ କରିଛନ୍ତି। ପାଶ୍ଚାତ୍ୟ ସାହିତ୍ୟ ସହ ତାଳ ମିଳାଇ ଓଡ଼ିଆ ସାହିତ୍ୟ ଆଜି ବଡ଼ବଡ଼ ହାସ୍ୟାତ୍ମକ ରଚନାକୁ ଜନ୍ମ ଦେଇଛି। ବିଭିନ୍ନ ପତ୍ରପତ୍ରିକା, ଯଥା- 'ଡଗର', 'ପଂଚାମୃତ' ଏ ଦିଗରେ ସକ୍ରିୟ ନେତୃତ୍ୱ ନେଇଛନ୍ତି।

ଆଧୁନିକ ସାହିତ୍ୟରେ ଏଭଳି ହାସ୍ୟରସ ସୃଷ୍ଟି କରିବାରେ ପ୍ରଥମ ପର୍ଯ୍ୟାୟରେ 'ଫକୀରମୋହନ ସେନାପତି', 'ଗୋପାଳଚନ୍ଦ୍ର ପ୍ରହରାଜ', 'ଲକ୍ଷ୍ମୀକାନ୍ତ ମହାପାତ୍ର', 'ଫତୁରାନନ୍ଦ', 'ବ୍ରଜନାଥ ବଡ଼ଜେନା' ଓ 'ଚୌଧୁରୀ ହେମକାନ୍ତ ମିଶ୍ର' ଅଗ୍ରଣୀ ଥିଲେ। ଏମାନେ ନବଚେତନା ଯୁଗ(୧୮୮୦) ଠାରୁ ସ୍ୱାଧୀନତା ପରବଂଗଂଗୀ ସମୟ(୧୯୪୭) ପର୍ଯ୍ୟନ୍ତ ଏହି ଧାରାକୁ ବଜାୟ ରଖିଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ 'ଭୁବେନଶ୍ୱର ବେହେରା', 'ଚିଂଗଂରଂଜନ ଦାସ', 'ଅରବିନ୍ଦ ପଟ୍ଟନାୟକ', 'ବିଦ୍ର ମିଶ୍ର', 'ଚନ୍ଦ୍ରଶେଖର ରଥ', 'ଗୋପିନାଥ ମହାନ୍ତି', 'ଶରତ କୁମାର ମହାନ୍ତି' ଆଦି ଏହି ଧାରାକୁ ବଜାୟ ରଖିଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ହାସ୍ୟରସଧର୍ମୀ ସାହିତ୍ୟ ରଚନା କରିବାରେ ମହାପାତ୍ର ନୀଳମଣି ସାହୁ ବଳିଷ୍ଠ ଭୂମିକା ଗ୍ରହଣ କରିଛନ୍ତି।

ରମ୍ୟରଚକ ସାହୁ ସାହିତ୍ୟ କ୍ଷେତ୍ରରେ ପାଦ ଦେବା ସମୟରେ ଲକ୍ଷ୍ୟ କରିଥିଲେ ଯେ ଆମ ସାହିତ୍ୟରେ ହାସ୍ୟରସାତ୍ମକ ରଚନା ଥିଲେ ହେଁ ବିଶ୍ୱର ଅନନ୍ୟ ସାହିତ୍ୟ ପରି ସମୃଦ୍ଧ 'ହସନ୍ତିକା'ମାନ ନାହିଁ। ତେଣୁ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଅନେକ ମୁହୂର୍ତ୍ତରେ ସେ ଯେଉଁ ହାସ୍ୟ ଅନୁଭୂତିଗୁଡ଼ିକୁ ପାଉଥିଲେ, ତାହାକୁ ନେଇ ପ୍ରଜ୍ଞାବାଣୀମୂଳକ ହସନ୍ତିକାଗୁଡ଼ିକୁ ନିଜ ରମ୍ୟରଚନାରେ ସ୍ଥାନିତ କରୁଥିଲେ। ଏହି ବିଷୟଗୁଡ଼ିକର ପରିସର ସ୍ୱାମୀ-ସ୍ତ୍ରୀଙ୍କ କଳହଠାରୁ ଆରମ୍ଭ କରି ରାଜନୈତିକ ନେତା ପର୍ଯ୍ୟନ୍ତ, ଛାତ୍ର-ଶିକ୍ଷକଙ୍କ ସମ୍ପର୍କଠାରୁ ଆରମ୍ଭ କରି ଅଫିସର ଓ ମାତାଲ ସେକ୍ରେଟେରୀଙ୍କ ପର୍ଯ୍ୟନ୍ତ ବ୍ୟାପ୍ତ। ସେହପରି ଦେଶର ଓ ଜାତିର ବୈଶିଷ୍ଟ୍ୟ ଯଥା – ଓଡ଼ିଆଙ୍କର ଅଳସୁଆମି, ବଙ୍ଗଳାବାସୀଙ୍କ ଆତ୍ମବଡ଼ିମା, ଇଂରେଜମାନଙ୍କ ଗାମ୍ଭୀର୍ଯ୍ୟ ଓ ରକ୍ଷଣଶୀଳତା ଆଦି ଏଥିରେ ଅତି ଚମତ୍କାର ଭାବେ ଆତ୍ମପ୍ରକାଶ କରିଛି।

ମହାପାତ୍ର ନୀଳମଣି ସାହୁଙ୍କ 'ସେକାଳ ପଖାଳ', 'ଲୌକିକ-ଅଲୌକିକ', 'କିଛି ହସ କିଂଚିତ୍ ପ୍ରଜ୍ଞା' ଆଦି ରମ୍ୟ ସଙ୍କଳନରେ ହାସ୍ୟରସର ବିଭବଗୁଡ଼ିକୁ ଦେଖିବାକୁ ମିଳିଥାଏ। 'ସେକାଳ ପଖାଳ' ମଧ୍ୟରେ ସ୍ଥାନିତ 'ଭୌତିକ ରଜନୀର ଟ୍ରାଜେଡ଼ି'ରେ ସେ ଯେଉଁ ଭୂତ ପ୍ରେତର ବର୍ଣ୍ଣନା ଦେଇଛନ୍ତି ତା ଯେତିକି ଭୟ ସୃଷ୍ଟି କରୁଛି, ସେମାନଙ୍କ ବେଶଭୂଷା ଓ କାର୍ଯ୍ୟକଳାପ ସେତିକି ହାସ୍ୟାତ୍ମକ। 'ଡାକ୍ତରଙ୍କ ଡକେଇତି'ରେ ଡାକ୍ତରଙ୍କ ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି, "ଡାକ୍ତରଙ୍କ କଥାରେ ଭିଟାମିନ୍ ଜାଲରେ ଯେ ପଡ଼ିଲା, ସେ ବିଚରା ମଲା।"(୧) 'ଧନ୍ୟକହିବା' ରମ୍ୟରଚନାରେ ଆମ ସମାଜର ଗୁରୁଜନମାନଙ୍କର ମନୋବୃତ୍ତି ? ତଦନୁରୂପ ହାସ୍ୟ ସୃଷ୍ଟି କରେ (ଦୃଷ୍ଟାନ୍ତ - ଯଦି ଏ ସ୍କୁଲ କଲେଜର ଏ ମାଷ୍ଟ୍ରେ ଅଧ୍ୟାପକମାନେ ପାଠ ପଢାଉଥାନ୍ତେ- ପିଲାମାନଙ୍କ ଉପରେ ଦୃଷ୍ଟି ରଖୁଥାନ୍ତେ, ଏ ପିଲାମାନେ କଣ ଏମିତି ହୁଅନ୍ତେ)।

ମହାପାତ୍ର ବାବୁ ନିଜ ରମ୍ୟରଚନାରେ ଯେତେ ହସେଇ ମଜେଇ କଥା କହିଲେ ହେଁ ତାହା ମଧ୍ୟରେ ଲୁଚି ରହିଥାଏ ମଣିଷ ଜୀବନ ଓ ଜଗତ ସମ୍ପର୍କୀୟ ଗୂଢ଼ ରହସ୍ୟ; ଯାହା ଆମକୁ ପରିଚିତ କରାଏ ଏକ ବିସ୍ତୃତ ଜ୍ଞାନର ପରିସୀମା ସହ। ଶ୍ରୀ ସାହୁଙ୍କ 'ଲୌକିକ -ଅଲୌକିକ' ସଙ୍କଳନରେ ସ୍ଥାନିତ 'କହି ଜାଣିଲେ କଥା ସୁନ୍ଦର', 'ଅନ୍ଧ ଦେଶକୁ ଗଲି ଦର୍ପଣ ବିକି' ଓ 'କବି ତୁଣ୍ଡ ମେଣ୍ଢା ମୁଣ୍ଡ' ଆଦି ରଚନାର ପ୍ରସଙ୍ଗ ଅତି ଜଟିଳ ଓ ଗମ୍ଭୀର ହେଲେ ହେଁ ରଚନାର ନାମକରଣ ଠାରୁ ଆରମ୍ଭ କରି ଉପସ୍ଥାପନ ଶୈଳୀ ପର୍ଯ୍ୟନ୍ତ ଆମେ ହାସ୍ୟର ପ୍ରବାହକୁ ଭେଟିଥାଉ। ଲାବଣ୍ୟବତୀର ଜଳକ୍ରୀଡା ସମୟରେ ଅଙ୍ଗର ଅସମ୍ଭବୀ ସ୍ଥିତି, ଆକାଶ କଇଁଆର ପରିକଳ୍ପନା ଆଦି ବିଷୟ ଏହି ଧରଣର। ସଙ୍କଳନର ଶ୍ରେଷ୍ଠ ହାସ୍ୟରସଧର୍ମୀ ରଚନା 'ଗାଲୁଆଙ୍କ ବାରବାଟୀ ଚାଷ'ରେ ସମାଜରେ ଗାଲୁଆଙ୍କ ସ୍ଥିତି, ସଂଖ୍ୟା ଓ କାର୍ଯ୍ୟକଳାପ ସମ୍ବନ୍ଧୀୟ ଆଲୋଚନା ପାଠକ ମନରେ ହାସ୍ୟ ଉଦ୍ରେକ କରାଇଥାଏ, ଲେଖକଙ୍କ ଭାଷାରେ- "ସମାଜରେ ଗାଲୁଆ ଲୋକମାନଙ୍କର ସଂଖ୍ୟା କ୍ରମଶଃ ବଢିବାରେ ଲାଗିଛି, ଏବଂ ସମକାଳୀନ ସମାଜର ସ୍ଥିତି ଏପରି ଯେ, କିଏ ଗାଲୁଆ ଓ କିଏ ନୁହେଁ ତାହା ନିର୍ଣ୍ଣୟ କରିବା କଷ୍ଟକର ହୋଇପଡୁଛି।"(୨)

'କିଛି ହସ କିଂଚିତ ପ୍ରଜ୍ଞା' ରଚନାଟି ତାଙ୍କର ହାସ୍ୟରସ ଓ ନିଗୂଢ ତତ୍ତ୍ୱର ଏକ ଅପୂର୍ବ ସମନ୍ୱୟ। ସେ ଏହି ଗ୍ରନ୍ଥର ମୁଖବନ୍ଧରେ କହିଛନ୍ତି– "ଇଂରାଜୀ ଓ ଅନ୍ୟାନ ଭାଷାରେ କିନ୍ତୁ ଏଇ ଛୋଟଛୋଟ ହସନ୍ତିକାଗୁଡ଼ିକର ବହୁ ସଂକଳନ ରହିଛି। ସେଇ ଉଦ୍ଦେଶ୍ୟରେ ମୁଁ ଆମ ଭାଷାରେ ଏଇ ସଙ୍କଳନଟିରେ ହାତ ଦେଲି। ଏଗୁଡ଼ିକ ଭିତରୁ କେତେକ ମୁଁ ସଂଗ୍ରହ କରିଛି ଓ କେତେକ ନିଜେ ସୃଷ୍ଟି କରିଛି। ଏଥିରେ ହସନ୍ତିକା ସହିତ କେତେକ ପ୍ରଜ୍ଞାବାଣୀ ମଧ ରହିଛି। ତେଣୁ ଏ ବହିଟିର ନାମ ରଖିଲି- 'କିଛି ହସ, କିଂଚିତ ପ୍ରଜ୍ଞା'।"(୩) ଏଥିରେ ଶ୍ରୀ ସାହୁ ହସି ରସେଇ ମଣିଷ ଜୀବନର ବିଭିନ୍ନ ସ୍ତର ତଥା ଦିଗଗୁଡ଼ିକରେ ପରିଲକ୍ଷିତ ହେଉଥିବା ବିଭିନ୍ନ ଅସଂଗତିକୁ ଅତି ଆକର୍ଷଣୀୟ ହାସ୍ୟଭଙ୍ଗୀରେ ଉପସ୍ଥାପନ କରିଛନ୍ତି।

ସଂକଳନଟିରେ ଆମ ଦେଶର ସାମାଜିକ, ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ, ଧାର୍ମିକ ଓ ଶିକ୍ଷା କ୍ଷେତ୍ରରେ ଦେଖା ଯାଉଥିବା ଅସଂଗତି ତଥା ମାନବିକ ମୂଲ୍ୟବୋଧର ହ୍ରାସ ବିଷୟକୁ ଏଥିରେ ସ୍ଥାନ ଦେଇଛନ୍ତି। ଏହି ଦିଗ ଧର୍ମୀ ହସନ୍ତିକାଗୁଡ଼ିକ ବାହ୍ୟକୁ ଯେପରି କୌତୁକମୟ, ଭିତରକୁ ସେପରି ତତ୍ତ୍ୱଧର୍ମୀ। ହସନ୍ତିକାର ବ୍ୟବହାରରେ ସାଂପ୍ରତିକ ଯୁବତୀଙ୍କ ମନସ୍ତତ୍ତ୍ୱକୁ ଉପସ୍ଥାପନ କରିଛନ୍ତି –

"ସୁରେଖା କହିଲା – ଦେଖ ଲତା; ତୁ ସେ ଟୋକାଠାରୁ କ'ଣ ପାଉ ? କୋଉଥିଲାଗି ତୁ ସବୁବେଳେ ତା' ପିଛା ଲାଗିଛୁ ? ମୋର ତ ମନେହୁଏ ସେଇଟା ଗୋଟିଏ ସବୁଦିନିଆ ଟୋକା ଭଳିଆ ଟୋକା।

ଲୀତା ହସି ହସି କହିଲା- ସେଇତ ! ମୋ ଭଳି ଗୋଟିଏ ଝିଅ ଆଉ ଅଧିକା କ'ଣ ଗୋଟାଏ ଟୋକାଠାରୁ ଆଶା କରନ୍ତା !"(୪)

ଅନ୍ୟଭାବରେ ସରକାରୀ କର୍ମଚାରୀଙ୍କ ଅବହେଳତା ତଥା କର୍ତ୍ତବ୍ୟହୀନତାକୁ ଉପସ୍ଥାପନ କରିବାକୁ ଯାଇ –

"ଜେଲର ମୁଖ୍ୟ ଓ୍ୟାଡ଼େନ କ୍ରୁଦ୍ଧ କଣ୍ଠରେ ପଚାରିଲେ- ହେୟ ଚୌକିଦାର ! ସେ ଆଠନମ୍ବର ମର୍ଡ଼ର କେସ୍ ଦାଗୀଟା ଜେଲରୁ ଖସି ପଳାଇଲା କୋଉବାଟେ ? ତୁ ପଛପଟ ଦରଜାଟା ବନ୍ଦ ରଖିଥିଲୁ ନା ନାଇଁ ?

- ରଖିଥିଲି ହଜୁର।
- ତା'ହେଲେ ସେ କେଉଁବାଟେ ପଳାଇଲା ?
- ଆଗପଟ ଦରଜାବାଟେ ହଜୁର।
- କେତେବେଳେ ଗଲା ?
- ଆପଣ ଯେତେବେଳେ ଆସୁଥିଲେ ହଜୁର !"(୫)
- ଧାର୍ମିକ ଅବକ୍ଷୟତାକୁ ଉପସ୍ଥାପନ କରିବାକୁ ଯାଇ-

"ଧର୍ମପ୍ରାଣ ବୃଦ୍ଧଲୋକଟି ମରିବାର ଠିକ୍ ପନ୍ଦର କୋଡ଼ିଏ ମିନିଟ୍ ପୂର୍ବରୁ ତାଙ୍କର ନାତିନାତୁଣୀମାନେ ଚିତ୍କାର କରି ପଚାରିଲେ-

ଜେଜେ ! ଆମ ପାଇଁ କ'ଣ ରଖିଛ ?

ଅର୍ଦ୍ଧ ନିମୀଳିତ ନେତ୍ରରେ ଚାହିଁ ବୃଦ୍ଧ ଘଡ଼ଘଡ଼ କଣ୍ଠରେ କହିଲେ- ଧର୍ମ, ଧର୍ମ !

କୋଉଁଠି ରଖିଛ ? କୋଉ ଆଲମାରିରେ ? ଚାବିଟା ଦେଇଦିଅ।

ନାତି ନାତୁଣିମାନେ ଚିତ୍କାର କରିଉଠିଲେ।" (୬)

- ରାଜନୈତିକ କଳୁଷତାର ଚିତ୍ର ପ୍ରଦାନ କରିବାକୁ ଯାଇ-

"ମନ୍ତ୍ରୀଙ୍କ ପୁଅ- ବାପା ! ଏଥରକୁ ମିଶାଇ ଆପଣ କେତେ ଥର ମନ୍ତ୍ରୀ ହେଲେଣି ?

ମନ୍ତ୍ରୀ- ସତେଇଶି ଥର।

ମନ୍ତ୍ରୀଙ୍କ ପୁଅ- ଆପଣ ବଡ଼ ଭାଗ୍ୟବାନ। କ'ଣ ସବୁଥର ଆପଣଙ୍କ ପାର୍ଟି ଜିତୁଛି ?

ମନ୍ତ୍ରୀ- ନା !ଯୋଉ ପାର୍ଟି ଜିତେ, ମୁଁ ସେଥିରେ ଯୋଗ ଦେଇଦିଏ।

ମନ୍ତ୍ରୀଙ୍କ ପୁଅ- କ'ଣ ସବୁ ନିର୍ବାଚନରେ ଆପଣ ଜୟଯୁକ୍ତ ହେଉଛନ୍ତି ?

ମନ୍ତ୍ରୀ- ହଁ।

ପୁଅ- କେମିତି ?

ମନ୍ତ୍ରୀ- ଆମ ନିର୍ବାଚନ ମଣ୍ଡଳୀରେ ମୋ ଛଡ଼ା ଆଉ ସମସ୍ତେ ଆଜି ପର୍ଯ୍ୟନ୍ତ ନାବାଳକ ଅବସ୍ଥାରେ ଅଛନ୍ତି।"(୭)

- ମାନବିକ ମୂଲ୍ୟବୋଧର ଅବକ୍ଷୟ-

"ଦୁଇଜଣ ନିମ୍ନବେତନଭୋଗୀ କିରାଣୀ ଦୁଃଖ ସୁଖ ହେଇଥିଲେ।

- ବୁଝିଲ ତପନବାବୁ ! ମୋ ମନ ସକାଳୁ ଖରାପ।
- କାହିକିଁ ?
- କାଲି ରାତିରେ ମୋ ସ୍ତ୍ରୀ ସ୍ୱପ୍ନ ଦେଖିଲା ଯେ, ସେ କୁଆଡ଼େ ଆମ ସେକ୍ରେଟାରୀ ମେହେର ସାହବେଙ୍କୁ ବାହାହେଉଛି !
- ଆରେ ଯାଃ ! ସେ ତ ଯାହାହେଉ ରାତିଟେ ଏ ସ୍ୱପ୍ନଟା ଦେଖିଛନ୍ତି। ମୋ ସ୍ତ୍ରୀ ତ ଅବିକଳ ସେଇ ସ୍ୱପ୍ନଟା ଦିନରେ ଦେଖିଛି।"(୮)

ଏ ସବୁ ଦିଗ ବ୍ୟତୀତ ତାଙ୍କ ହାସ୍ୟକଥାଗୁଡ଼ିକ ମଧ୍ୟରେ ଦାର୍ଶନିକ ଅଭିବ୍ୟକ୍ତିର ସୁଧାରା ପ୍ରତିଫଳିତ ହୋଇଥାଏ। ଯଥା –

"ପ୍ରସିଦ୍ଧ ଗ୍ରୀକ୍ ଦାର୍ଶନିକ ଓ ଋଷି 'ଡାଇଓଜିସ୍' ଥରେ ଗୋଟିଏ ବିରାଟ ଅସ୍ଥିଗଦା ପାଖେ ଠିଆ ହୋଇ ନଇଁପଡ଼ି କ'ଣ ଖୋଜୁଥିଲେ। ସମ୍ରାଟ 'ଆଲେକ୍‌ଜାଣ୍ଡର' ତାଙ୍କୁ ସେଠାରେ ସେପରି

ଅବସ୍ଥାରେ ଦେଖି ପଚାରିଲେ– କ'ଣ ସେଠି ଖୋଜା ଚାଲିଛି ଦାର୍ଶନିକ ପ୍ରବର ?

ଡାଇଓଜିନିସ୍ ସାଙ୍ଗେ ସାଙ୍ଗେ ଉତ୍ତର ଦେଲେ ମୁଁ ସମ୍ରାଟଙ୍କର ମହାନ୍ ପିତାଙ୍କର ଖଣ୍ଡିଏ ଅସ୍ଥି ଖୋଜୁଛି । କିନ୍ତୁ ଦେଖୁଛି – ଏଠି ସବୁ ଅସ୍ଥି ସମାନ ।"(୯)

**ଉପସଂହାର :**

ମହାପାତ୍ର ନୀଳମଣି ସାହୁ କେବଳ ଯେ ହାସ୍ୟରସର ପ୍ରୟୋଗରେ ରମ୍ୟରଚନା ସାହିତ୍ୟକୁ ବିକଶିତ କରିଥିଲେ ତାହା ନୁହେଁ, ଏହା ସହ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ 'ହସନ୍ତିକା'ଧର୍ମୀ ରଚନାର ବୃଦ୍ଧି ତଥା ସମୃଦ୍ଧି ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ହସ କଥାଟିଏ ଭିତରେ ମଣିଷର ଚିତ୍ର, ସ୍ଥିତି ତଥା ସମସ୍ୟାକୁ ଅତି ଚମତ୍କାର ଭାବେ ଉପସ୍ଥାପନ କରିବା ସହ ଜୀବନର ଗୁଢତତ୍ତ୍ୱକୁ ପ୍ରକାଶ କରିଛନ୍ତି । ଭାଷା ପ୍ରୟୋଗ କ୍ଷେତ୍ରରେ ତାଙ୍କ ରଚନାରେ ଉଭୟ ଲୋକ ଓ ବିଦଗ୍ଧ ଭାଷାର ଅପୂର୍ବ ସମନ୍ୱୟକୁ ଦେଖିବାକୁ ମିଳିଥାଏ । ଶବ୍ଦ ସଂଯୋଜନା, ବର୍ଣ୍ଣନାଚାତୁରୀ ଓ ବିଭିନ୍ନ ରସର (ମୁଖ୍ୟଭାବେ ହାସ୍ୟରସ) ଅବତାରଣାରେ ତାଙ୍କର ପାଣ୍ଡିତ୍ୟକୁ ଅନୁଭବ କରିହୁଏ । ଭାଷା ଅନୁରୂପୀ ଶୈଳୀ ମଧ୍ୟ ସହଜ ଓ ଆକର୍ଷଣୀୟ ହେବାରୁ ତାଙ୍କ ରମ୍ୟରଚନାଗୁଡ଼ିକ ପାଠକ ମହଲରେ ବେଶ ଆଦୃତି ଲାଭ କରିପାରିଛି । ଅନ୍ୟପକ୍ଷରେ ତାଙ୍କର ବଳିଷ୍ଠ କୃତିଗୁଡ଼ିକ ଓଡ଼ିଆ ରମ୍ୟରଚନା ସାହିତ୍ୟ ଭଣ୍ଡାରକୁ ପରିପୂର୍ଣ୍ଣ କରିପାରିଛି ।

**ସହାୟକ ଗ୍ରନ୍ଥସୂଚୀ :**


- ସାହୁ, ମହାପାତ୍ର ନୀଳମଣି – ସେକାଳ ପଖାଳ, ସେକାଳ ପଖାଳ । ଫ୍ରେଣ୍ଡସ୍ ପବ୍ଲିଶର୍ସ, ତୃତୀୟ ସଂସ୍କରଣ, ୧୯୮୮, ପୃ-୭୯ ।
- ସାହୁ, ମହାପାତ୍ର ନୀଳମଣି – ଗାଲୁଆଙ୍କ ବାରବାଟୀ ଚାଷ, ଲୌକିକ-ଅଲୌକିକ । ଅଗ୍ରଦୂତ(କଟକ), ପ୍ରଥମ ସଂସ୍କରଣ, ୧୯୯୧, ପୃ-୧୩୭ ।
- ସାହୁ, ମହାପାତ୍ର ନୀଳମଣି – କିଛି ହସ କିଂଚିତ ପ୍ରଜ୍ଞା । ଗ୍ରନ୍ଥମନ୍ଦିର, ପ୍ରଥମ ସଂସ୍କରଣ, ୧୯୮୫, ପୃ-ଘ ।
- ସାହୁ, ମହାପାତ୍ର ନୀଳମଣି – କିଛି ହସ କିଂଚିତ ପ୍ରଜ୍ଞା । ଗ୍ରନ୍ଥମନ୍ଦିର, ପ୍ରଥମ ସଂସ୍କରଣ, ୧୯୮୫, ପୃ-୬ ।
- ସାହୁ, ମହାପାତ୍ର ନୀଳମଣି – କିଛି ହସ କିଂଚିତ ପ୍ରଜ୍ଞା । ଗ୍ରନ୍ଥମନ୍ଦିର, ପ୍ରଥମ ସଂସ୍କରଣ, ୧୯୮୫, ପୃ-୮ ।
- ସାହୁ, ମହାପାତ୍ର ନୀଳମଣି – କିଛି ହସ କିଂଚିତ ପ୍ରଜ୍ଞା । ଗ୍ରନ୍ଥମନ୍ଦିର, ପ୍ରଥମ ସଂସ୍କରଣ, ୧୯୮୫, ପୃ-୧୭ ।
- ସାହୁ, ମହାପାତ୍ର ନୀଳମଣି – କିଛି ହସ କିଂଚିତ ପ୍ରଜ୍ଞା । ଗ୍ରନ୍ଥମନ୍ଦିର, ପ୍ରଥମ ସଂସ୍କରଣ, ୧୯୮୫, ପୃ-୧୮ ।
- ସାହୁ, ମହାପାତ୍ର ନୀଳମଣି – କିଛି ହସ କିଂଚିତ ପ୍ରଜ୍ଞା । ଗ୍ରନ୍ଥମନ୍ଦିର, ପ୍ରଥମ ସଂସ୍କରଣ, ୧୯୮୫, ପୃ-୪୪ ।
- ସାହୁ, ମହାପାତ୍ର ନୀଳମଣି – କିଛି ହସ କିଂଚିତ ପ୍ରଜ୍ଞା । ଗ୍ରନ୍ଥମନ୍ଦିର, ପ୍ରଥମ ସଂସ୍କରଣ, ୧୯୮୫, ପୃ-୩୨ ।


❖ ❖ ❖

**ଖୁସିର ସହିତ ଜଣାଉଛୁ ଯେ,**
**ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ**
**ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।**








## PRACHEE SAHITYA SAMAJ PUBLICATION

At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ * HELP A DIBYANGA**

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

**Back Cover (Colour)**
**Rs. 2,000/-**

**2nd Inner Cover (Colour)**
**Rs. 1,000/-**

**3rd Inner Cover (Colour)**
**Rs. 1,000/-**

**Ordinary Colour Page**
**Rs. 500/-**

**Black & White**
**(News Print)**
**Full Page : Rs. 2,000/-**
**Half Page : Rs. 1000/-**
**Quarter page:Rs. 500/-**

**For Space booking please contact :**
**The Advertising Manager**
**Niladri Vihar, Naya Bazar, Cuttack - 753004**
**Whatsapp : 8895707011**

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com

**Web Site: https://pracheenews.com/**

All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name.............................................................................................................................

Address..............................................................................................Pin code ..........................

Mobile No.........................................E-Mail...................................................................................

I am sending, Rs......................,(Bank Draft) Postal extra

Check Number..................................................................Date...........................................

Bank.........................................................Place..................................................................

Date...............................................Signature..........................................................................

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
“ଜାଗରେ ନବୀନ ତରୁଣ” ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ